
# ସମାରୋହ

ଅଗଷ୍ଟ ୨୦୨୫ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Magnum Auto
Passion for Cars
CALL NOW- 9937067609 / 9937062627
A PIT STOP FOR CAR LOVERS
WASHING
CLEANING
REPAIRS
SERVICE
DETAILING
FOAM WASH
UNDER- BODY
SOUND-SYSTEM
SEATS
ALLOYS
ALIGNMENTS
LIGHTS BULB
HORNS TYRES
TSERV
TOTAL CAR SERVICE
We are now authorised TOYOTA Channel Partners
Plot No: 891/1046, Pahala, Bhubaneswar, Behind PAL Heights Mantra
20°20'32.8"N 85°52'56.3"E


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

Postal Regd. No. CK (C)/91/2024-2026
The Samaroha August - 2025, Vol. - 34, Issue - 11
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

Our Strength is- Unity & Teamwork with





Commitment and Dedication

Our Motto – No Words but Deeds





Aiming for Excellence in Achievement with Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 20/-

Date of Publication : 14.08.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 11**
**August - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**କୃଷ୍ଣାୟ ବାସୁଦେବାୟ ଦେବକୀ ନନ୍ଦନାୟଚ**
ପୂର୍ଣ୍ଣେନ୍ଦୁ କୁମାର ନନ୍ଦ............... ୬
**ଗଣେଶ ଜନ୍ମ ପରର ପୁରାଣ** ପ୍ରବୀର ମହାନ୍ତି............... ୮
**ଅଲୌକିକ ଦେବଭୂମି ଶ୍ରୀକ୍ଷେତ୍ର** ଜୟଶ୍ରୀ ପଟ୍ଟନାୟକ......... ୧୧


### କଥା ଓ କାହାଣୀ


**ଲୋକାର୍ପଣ** ରାମଚନ୍ଦ୍ର ସାହୁ...................... ୧୩
**ଅସଲ ଖୁସି** ଲେଖକ - ସରୋଜ ବର୍ମା
ମୂଳଭାଷା - ହିନ୍ଦୀ
ଅନୁବାଦ : ସମ୍ବେଦନା ମିଶ୍ର..................... ୧୬
**ତୁହେଁ ନୁହନ୍ତି ତୁହିଁଙ୍କ ପାଇଁ** ମୂଳ ଇଂରାଜୀ ଗଳ୍ପ-ସୁଧା ମୂର୍ତ୍ତି
ଅନୁବାଦ- ଡ.ବିନୋଦିନୀ ପାତ୍ର................ ୧୮
**ରଙ୍ଗଣୀ ଫୁଲର ରଙ୍ଗ** ବିଜୟ ପଟ୍ଟନାୟକ................. ୨୧
**ବାମା** ମୂଳ ବଙ୍ଗଳା-ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ
ରୂପାନ୍ତର:- ନଗେନ୍ଦ୍ର ନାଥ ପଟ୍ଟନାୟକ.......... ୨୫
**ଲେଟ୍ ସଂଘମିତ୍ରା ଆଚାର୍ଯ୍ୟ**
ଲିପିକା ଦାସପଟ୍ଟନାୟକ............. ୨୯
**ସ୍ୱଦେଶେ ପ୍ରବାସୀ** ରୈଦ୍ଧୁରୀ ବରଦାପ୍ରସନ୍ନ ଦାସ.........୩୧
**ଅପରାହ୍ନର ସମ୍ପର୍କ** ଡକ୍ଟର ମହେଶ୍ୱର ଜେନାସାମନ୍ତ......୩୩


### କବିତା


**ଶୋଷ କେମିତି ଧରେ ପାଣିକୁ** ଡଃ ଗୋପବନ୍ଧୁ ଦାଶ......... ୩୭
**କେମିତି ଦୁନିଆ ଇଏ !** ଚୈତନ୍ୟ ପ୍ରସାଦ ବେହେରା.........୩୭
**ସର୍ପ ଜଣାଣ** ନରହରି ମିଶ୍ର.......................୩୮
**ଅବୋଲକରା** ସିଦ୍ଧେଶ୍ୱର ପଣ୍ଡା.................... ୩୮
**କିଏ ଜାଣେ କାହା କଥା** କୌଶିକ ନାୟକ...................୩୯
**ଛାଇ** ଡଃ ସଞ୍ଜୀୟ କୁମାର ତ୍ରିପାଠୀ.........୩୯
**ଚିତ୍ର ପ୍ରତିମା** ପଲ୍ଲବୀ ଦାସ...................... ୩୯
**କୁହୁଡ଼ି** ବି. ସତ୍ୟମ୍ ଆଚାରୀ................୪୦
**ଦୁଇ ବାତାୟନ** ମନ୍ମଥ କୁମାର ସାହୁ............... ୪୧
**ଦୌଡ଼** ଡ. ଦୀପକ କୁମାର ମିଶ୍ର............୪୧
**ଆମେରେ ଶାନ୍ତିପ୍ରିୟ** ବାବାଜୀ ଚରଣ ଜେନା............ ୪୨
**ପ୍ରିୟ ମାତୃଭାଷା** ସୌଦାମିନୀ ମିଶ୍ର................... ୪୨
**ଆସିଲା ଶ୍ରାବଣ** ଦିଲ୍ଲୀପ ଶତପଥୀ................... ୪୩
**ମଣିଷ ପଣିଆ** ସନ୍ତୋଷିନୀ ଦାଶ (ଗିରି)........... ୪୩

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

ପରିଚାଳନା ସଂପାଦିକା


**ସମାରୋହ ଆଜୀବନ ପୃଷ୍ଠପୋଷକ**

- ଶ୍ରୀ ଦେବ ପଟ୍ଟନାୟକ
- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର
- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
- ଡା. ଅମରେନ୍ଦ୍ରନାଥ ଦାସ


## ତନ୍ମାତ୍ର


**ବୋଉ ବୁଟୁ ଭୁତ**......................................................୪୪


## ଖେଳ ଓ ଖେଳାଳୀ


**ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି**..୪୫


## ଜ୍ୟୋତିଷ ବିଚାର


**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୪୭



ପଢ଼ନ୍ତୁ ! ପଢ଼ନ୍ତୁ !

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com



| **ସମାରୋହର ଦେୟ** | |
|---|---|
| | ବାର୍ଷିକ................ଟ. ୩୦୦.୦୦    ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦    ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* |

# ସଂ ପା ଦ କୀ ୟ

ଋହୁଁ ଋହୁଁ ସମୟ ଗୁଡ଼ାକ କେତେବେଳେ ଆଙ୍ଗୁଠି ସନ୍ଧିଦେଇ ଖସି ଋଲିଯାନ୍ତି। ଏଇ ଆଖି ଓ ମନ ତା'କୁ ଧରି ରଖିବାରେ ସମର୍ଥ ହୁଅନ୍ତି ନାହିଁ। ପୁଣି ଆସିଗଲା ଦୁଇ ହଜାର ପଚିଶି ମସିହାର ଅଗଷ୍ଟ ମାସ ଏବଂ ତାର ପନ୍ଦର ତାରିଖର ବାର୍ତ୍ତା କଣ ହେବ ବୁଝି ହେଲା ନାହିଁ। ତେବେ ଏଣୁ ତେଣୁ କିଛି ଗୋଟାଏ ଗାରେଇ ଦେଇ, ନିଜକୁ ଜୀବିତ ବୋଲି ପ୍ରମାଣ କରିଦେବାକୁ ପଡ଼ିବ। କଥାରେ ଅଛି ଅଳସୁଆର ବାରବାଟୀ ଋଷ। କିନ୍ତୁ ଅଳସୁଆ ପ୍ରକୃତି ଯାହାର ନଥିଲା, ଏବେ କେଉଁ ପରିସ୍ଥିତି ବା ପରିବର୍ତ୍ତନ ଏପରି ଘଟି ଗଲାଯେ ! ଆଉ ଧାଡ଼ିଏ ଆଗକୁ ଆଗେଇବାକୁ ମନ ଋହିଁଲା ନାହିଁ। "ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧ ମୋକ୍ଷାୟ।" ମନ ତ ପବନ ଗତିରେ ଚତୁର୍ଦ୍ଦିଗକୁ ଉଡ଼ିଋଲିଛି ? ଦେଖୁ ନଦେଖୁ, ପଢୁ ନ ପଢୁ ଜାଣି ହେଉଛି ରାଜ୍ୟ, ଦେଶ କେବଳ ନୁହେଁ, ସାରାଜଗତର ଚତୁର୍ଦ୍ଦିଗରେ ପ୍ରଳୟର ପରାକାଷ୍ଠା ଜାରୀ ହୋଇଯାଇଛି। ଶାନ୍ତିର ଦୂତ ହୋଇ କେହି ସେଠାରେ ଉଦ୍‌ଭାସିତ ହେଉ ନାହାଁନ୍ତି। ବରଂ ଅଶାନ୍ତିକୁ ଆଗକୁ ବଢ଼େଇବାରେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ଆଗେଇ ଋଲିଛନ୍ତି। ତେଣୁ ଖଣ୍ଡ ପ୍ରଳୟ ଠାରୁ ଆରମ୍ଭ କରି ବିରାଟ ବିରାଟ ଦୁର୍ଘଟଣା ମାନ ଘଟିବାରେ ଲାଗିଛି। ଯେଉଁଥିରେ ମନୁଷ୍ୟ ଜାତିର ହାତ ରହିଛି, କିମ୍ବା ଅଦୃଶ୍ୟ ଶକ୍ତିର କରାମତି ଋଲୁ ରହିଛି ବୁଝିବାର ସାମର୍ଥ୍ୟ ମିଳୁନାହିଁ। ବିଶ୍ୱାସ ବୋଲି ଶବ୍ଦଟିକୁ ସମସ୍ତେ ଭୁଲି ଯିବାକୁ ବସିଲେଣି। ତେଣୁ ସେ ଶବ୍ଦଟି ଆଉ ଶବ୍ଦକୋଷରେ ଦେଖିବାକୁ ମିଳିବ ନାହିଁ। ତେବେ ଧର୍ମ ! ଧର୍ମ ରକ୍ଷତି ଧାର୍ମିକ ? ଧାର୍ମିକ କିଏ ? କ୍ରିୟା କର୍ମ ଗୁଡ଼ିଏ କରି ନିଜକୁ ବାହାବା ଦେବା ବ୍ୟକ୍ତି ପ୍ରମାଣ କ'ଣ ଧାର୍ମିକ ସମାଜରେ ପରିଗଣିତ ହେବ। ନିଃସ୍ୱାର୍ଥପର ଭାବରେ ଯତ୍ନ ସହକାରେ ନିଜର ଆତ୍ମନିଷ୍ଠାରେ ପ୍ରତିଷ୍ଠିତ ବ୍ୟକ୍ତିଟିଏ କାହିଁ ? କେଉଁଠୁ ପାଇବା ? ନାମୀ ଜଗତରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ଚତୁର୍ଦ୍ଦିଗରେ ବିରାଟ ବିରାଟ ଯୋଜନା ଋଲୁରହିଛି। ପ୍ରଚୁର ଅର୍ଥ ବ୍ୟୟ ହେଉଛି। ମାଗଣାରେ, ଅଦରକାରରେ ସମସ୍ତିଙ୍କୁ କବଳିତ କରି ରଖିବା ପାଇଁ ଇଏ ଏକ ଗୁପ୍ତ ଯୁଦ୍ଧ। ଋଲୁ ରହିଛି ବର୍ଷ ବର୍ଷ ଧରି। ଦିନ, ମାସ, ବର୍ଷ ଅତିକ୍ରମି ହୋଇ ବିକଳାଙ୍ଗ ହୋଇଗଲାଣି। କୌଣସି ବ୍ୟକ୍ତିର ଜ୍ଞାନ ନାହିଁ ଆଉ ଗୋଷ୍ଠୀ ବା ଦେଶକୁ ଗଠନ କରି ଚଳେଇବା କଣ ସହଜ ସମ୍ଭବ ହୋଇ ପାରିବ ? ଯାହା ନିଜର ଦାବୀ ହିସାବରେ ପାଇବାର କଥା, ସମସ୍ତେ ଲାଗି ପଡ଼ିଛନ୍ତି ଅଣନିଃଶ୍ୱାସୀ ହୋଇ। ନିଃଶ୍ୱାସ ସହଜରେ ଯିବା ଆସିବା କରୁନାହିଁ। ମନ ଶାନ୍ତ ଥିଲେ ସିନା ସତ୍‌ପଥ, ସତ୍ ଚିନ୍ତନ, ସତ୍‌ହୃଦୟର କାର୍ଯ୍ୟକ୍ରମ ଋଲିଥିବ। ରଙ୍ଗ ଲଗାଇ ଡ୍ରାମାରେ ଅଭିନୟ କଲେ କଣ ଜଗତ ଉଦ୍ଧାର ହୋଇଯିବ। ଭିତରେ ଶୁଦ୍ଧତା ନଥାଇ ହାତ ମିଳାଇଲେ ଝାଳର ଅଠାର ସିନା ଉଦ୍ରେକ ହେବ, ଆଉ ଜଗତର କୌଣସି ଉପଯୁକ୍ତ କାର୍ଯ୍ୟ ପ୍ରତିଷ୍ଠିତ ହୋଇପାରିବ ବୋଲି ଆଶାର ଆଲୋକ କ୍ଷୁଦ୍ର ହୋଇ ମଧ ଦୃଶ୍ୟପଟକୁ ଆସୁନାହିଁ।

ଡିଆଁ ଡେଇଁ- ଖେଳ କୁଦରେ ହୁଏତ ସାମାନ୍ୟ ପରିବର୍ତ୍ତନ ଆସିପାରେ- ତେବେ ଆନ୍ତରିକ ନିଷ୍ଠା ନଥିଲେ, କେବଳ ପ୍ରଦର୍ଶନରେ ତାହା ପ୍ରକାଶିତ ହୋଇପାରିବ ନାହିଁ।

ବଡ଼ବଡ଼ିଆମାନେ ପୁରୀ ଜଗନ୍ନାଥ ମନ୍ଦିରରେ ଅକ୍ଲେଶରେ ପ୍ରବେଶ କରି ଲାଲ ସିନ୍ଦୁରରେ ମଣ୍ଡିତ ହୋଇ, ଲାଲ ଓଢ଼ଣୀ ପକାଇ, ଖବରକାଗଜର ପୃଷ୍ଠା ମଣ୍ଡନ କରିଦେଲେ ମଧ ଭକ୍ତିର ମାହାତ୍ମ୍ୟ ବୁଝିପାରିବା ସମ୍ଭବ ହେବନାହିଁ। ନିଜ ଗୃହ ମଧ୍ୟରୁ ଯଦି ଶିଶୁ ଅବସ୍ଥାରୁ ଉନ୍ନତ ଜୀବନ ଗଠନର ସୁଯୋଗ ସମ୍ଭାବନା ଆଉ ନାହିଁ ତେବେ କ୍ୟାବାରେ ଡ୍ୟାନ୍‌ସ ହୋଇ ବହୁ ନାମଗ୍ରାମ ଅଧରିବରୀ ହୋଇ ଯାଇ ହେବ କିନ୍ତୁ ନିଜ ସହିତ ଜଗତର ଚରିତ୍ର ପ୍ରଦୂ୍ୟଷଣ ମୁକ୍ତ ହେବନାହିଁ।

ସେଥିପାଇଁ ଆରମ୍ଭରୁ ନିଜ ଭିତରେ ଲୁଚି ରହିଥିବା ପଚା ଗନ୍ଧ ପଙ୍କକୁ ପରିଷ୍କାର କରି- ପରେ ଜଗତରେ ଦୃଶ୍ୟମାନ କରିବାର ଯୋଜନା ରଖିବା ଉଚିତ। ଆସନ, ବସନ, ବାସର ବୃଦ୍ଧି ହୋଇଗଲେ କଳଙ୍କିତ ମନର ଶୌର୍ଯ୍ୟ ପ୍ରକାଶିତ ହେବା ସମ୍ଭବ ନୁହେଁ। ତେଣୁ ସାଧୁ ସାବଧାନ ! ଘୁଷୁରୀଙ୍କ ପରି ସମସ୍ତେ ପଙ୍କ ପାଣିରେ ଘାଣ୍ଟି ହୋଇ ବୁଡ଼ିଯିବା ପୂର୍ବରୁ ମନବଳ, ବୁଦ୍ଧିବଳ, ଜ୍ଞାନକୁ ଆଧାର କରି ଆଗେଇ ଆସନ୍ତୁ। ଗୋଟିକରୁ କୋଟିଏ କଣ୍ଠରୁ ଉଠୁ ଦେଶ, ରାଜ୍ୟର, ପୃଥିବୀର ଜୈତ୍ର୍ୟଗାନ। ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ସହାୟ ହୁଅନ୍ତୁ- ସମସ୍ତିଙ୍କୁ ସତ୍‌ପଥରେ ଋଲିବା ପଥ ପରିଷ୍କାର କରିଦିଅନ୍ତୁ। ଏତିକି ଭିକ୍ଷା ମାଗି ନିସ୍ତାର ନେଲି।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ



ପ୍ରବନ୍ଧ

# କୃଷ୍ଣାୟ ବାସୁଦେବାୟ ଦେବକୀ ନନ୍ଦନାୟଚ

**ପୂର୍ଣ୍ଣେନ୍ଦୁ କୁମାର ନନ୍ଦ**

ଯୁଗଧର୍ମର ପ୍ରଭାବରେ ସାଂପ୍ରତିକ ସମାଜରେ ପୁରୁଷୋତ୍ତମ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ପ୍ରବର୍ତ୍ତିତ ସତ୍ୟ, ଧର୍ମ ଓ ନ୍ୟାୟ ଭିତ୍ତିକ ଜୀବନଯାପନର ଚିନ୍ତାଧାରା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଯେଉଁ ମହତ୍ ଲକ୍ଷ୍ୟ ନେଇ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ ଅତ୍ୟାଚାରୀ କଂସର ଉତ୍ପୀଡ଼ନରେ ଭୀତତ୍ରସ୍ତ ବସୁଦେବ ଓ ଦେବକୀଙ୍କ ଅଷ୍ଟମ ଗର୍ଭରେ ଜନ୍ମଗ୍ରହଣ କରିଥିଲେ, ତାହାର ସ୍ମାରକୀ ରୂପେ ଏ ଯୁଗରେ ଭାଦ୍ରବ ମାସର କୃଷ୍ଣପକ୍ଷ ଅଷ୍ଟମୀରେ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯାଉଥିଲେ ମଧ୍ୟ ଲୋକ ଚରିତ୍ରରେ ସତ୍ୟ, ଧର୍ମ ଓ ନ୍ୟାୟ ଚେତନା ସୁଦୃଢ଼ ଭାବରେ ପ୍ରତିଷ୍ଠିତ ହେବା ସମ୍ଭବ ହେଇପାରିନାହିଁ। ତୀବ୍ର ଭୋଗଲିପ୍ସା, ସ୍ୱାର୍ଥ ସିଦ୍ଧି, ହିଂସା, ଅସତ୍ୟ, ଅନ୍ୟାୟ ଓ ଅହଂ ଭାବର ପ୍ରଭାବ ଫଳରେ ଆଦର୍ଶ ସମାଜ ଓ ନୈତିକ ଜୀବନ କେବଳ ସ୍ୱପ୍ନର ବିଷୟ ହୋଇ ରହିଯାଇଛି।

ଯେଉଁ ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ କଂସ, ଜରାସନ୍ଧ ପ୍ରଭୃତି ଅତ୍ୟାଚାରୀଙ୍କର ବିଲୋପ କରିବା ପାଇଁ ଧରାପୃଷ୍ଠରେ ଅବତାର ଗ୍ରହଣ କରିଥିଲେ, ଭାରତୀୟ ସମାଜରେ ବହୁ ସାଧୁ ସନ୍ଥଙ୍କର ଆବିର୍ଭାବ ସତ୍ତ୍ୱେ, ସେହିପରି ଜଣେ ଆଦର୍ଶ ଅବତାର ଏଯାବତ୍ ଜନ୍ମ ଗ୍ରହଣ କରିଛନ୍ତି କି ନାହିଁ, ତାହା ଏକ ପ୍ରଶ୍ନବାଚୀ ହୋଇ ରହିଛି।

ବାସ୍ତବରେ ଦ୍ୱାପର ଯୁଗରେ ଦେବତା ଓ ବସୁଦେବଙ୍କୁ ଶଙ୍ଖ ଚକ୍ର ଧାରୀ ସ୍ୱରୂପ ଦର୍ଶନ କରାଇ ସ୍ୱୟଂ ପରମେଶ୍ୱର କଂସର ବନ୍ଦୀଶାଳାରେ ନୀଳଜୀମୂତ ଶରୀର ଧାରଣ କରି ଆବିର୍ଭୂତ ହୋଇଥିଲେ। ଅତିବଡ଼ୀ ଜଗନ୍ନାଥ ଦାସ ଏହାକୁ ଲକ୍ଷ୍ୟ କରି ଓଡ଼ିଆ ଭାଗବତରେ ଯଥାର୍ଥରେ ଲେଖିଛନ୍ତି:-

"ନୀଳ ଜୀମୂତ ଦେହକାନ୍ତି
ବଳୟ ମଣି ଝଟକନ୍ତି
ପୀତ ବସନ୍ତ କଟି ଶୋହେ
ରୂପେ କୋଟିଏ କାମ ମୋହେ
କଟି ମେଖଳା ସୁନା ସୁତା
ହୃଦୟେ ପଦକ ପଇତା
କିରୀଟୀ କୁଣ୍ଡଳ କଙ୍କଣ
ପାଦେ ନୂପୁର ରୁଣୁଝୁଣ
ଦିଶଇ ଶଙ୍ଖ ଚକ୍ର ତେଜ
ମର୍କଟ ସ୍ତମ୍ଭ ଚତୁର୍ଭୁଜ
ଗଦା କମଳ ଶଙ୍ଖ ଚକ୍ର
ଅଧର ଓଷ୍ଠ ରଙ୍ଗ ନେତ୍ର।"

କଂସ ବନ୍ଦୀଶାଳାରେ ପହଞ୍ଚି, ବସୁଦେବ ନନ୍ଦ ଯଶୋଦାଙ୍କ ଗୃହରୁ ଆଣିଥିବା ବିଜୁଳି କନ୍ୟାକୁ ଶିଳାରେ ନିକ୍ଷେପ କରିବାକୁ ଉଦ୍ୟତ ହୋଇଥିଲା। ତାହାକୁ ଲକ୍ଷ୍ୟକରି ଓଡ଼ିଆ ଭାଗବତରେ ଲିଖିତ ଅଛି:-

"ଯେ ଦେବୀ ଜଗତ ସଂହାରେ
କାହାର ବଳ ତାକୁ ମାରେ
ରେ କଂସ ଶୁଣ ମୋ ଉତ୍ତର
ତୋର ବଇରୀ ଚକ୍ରଧର;
ତୋହର ପାଇଁ ଦେହ ବହି
ଗଛ ହୋଇଲେ ନାହିଁ ତହିଁ;
ସେ ତୋତେ କରିବେ ସଂହାର
ଆରେ ଯେତେକ ଅସୁର।"

ଏଣୁ ବାସ୍ତବରେ ଭଗବାନ ଶ୍ରୀକୃଷ୍ଣ, କଂସ ଓ ଅନ୍ୟାନ୍ୟ ସକଳ ଅସୁର ମାନଙ୍କୁ ନିପାତ କରିବା ପାଇଁ ତଥା ପିତାମାତା ଓ ପ୍ରଜାମାନଙ୍କୁ ସୁରକ୍ଷା ଦେବା ପାଇଁ ଅବତାର ଗ୍ରହଣ କରିଥିଲେ। ଏଥିପାଇଁ ଜନ୍ମାଷ୍ଟମୀ ଅବସରରେ ଦେବକୀଙ୍କ ସହିତ ବସୁଦେବଙ୍କୁ ମଧ୍ୟ ସ୍ମରଣ କରାଯାଏ ଓ ଶ୍ରୀକୃଷ୍ଣଙ୍କର ନାମ କୀର୍ତ୍ତନ କରାଯାଏ। ଓଡ଼ିଶାରେ ଶ୍ରୀ ଜଗନ୍ନାଥ ମନ୍ଦିର, ବିଭିନ୍ନ ରାଧାକୃଷ୍ଣ ମନ୍ଦିର ଓ ଭାରତରେ ମଥୁରା, ବୃନ୍ଦାବନ ଓ ଅନ୍ୟାନ୍ୟ କୃଷ୍ଣ ମନ୍ଦିର ମାନଙ୍କରେ ଶ୍ରୀକୃଷ୍ଣଙ୍କର ଜନ୍ମ ଉତ୍ସବ ଅତି ନିଷ୍ଠାର ସହ ପାଳନ କରାଯାଇଆସୁଛି। ଶ୍ରୀମଦ୍ ଭାଗବତରେ କୃଷ୍ଣଚେତନାର ପରିପୂର୍ଣ୍ଣ ପ୍ରକାଶ ପରିଲକ୍ଷିତ ହୋଇଥିଲା। ସେହି ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ପରମେଶ୍ୱର ସ୍ୱରୂପର ବର୍ଣ୍ଣନା କରାଯାଇଛି। ବାଳକ ଅବସ୍ଥାରେ ଦଶବର୍ଷ ବୟସଠୁ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ସହିତ ଯେଉଁ ରାସଲୀଳା ହୋଇଥିଲା, ତାହାକୁ ବିଶୁଦ୍ଧ ପ୍ରେମ ଓ ଐକାନ୍ତିକ ଭକ୍ତିର ନିଦର୍ଶନ ରୂପେ ପରିଚିତ କରାଯାଏ। ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣଙ୍କର ଆହ୍ଲାଦିନୀ ଶକ୍ତିର ପ୍ରତୀକ ରୂପେ ରାଧାଙ୍କୁ ଅତିନ୍ଦ୍ରିୟ ପ୍ରେମ ଓ ମାଧୁର୍ଯ୍ୟର ପ୍ରକାଶ ରୂପେ ଗ୍ରହଣ କରାଯାଏ। ଜୟଦେବ, ବିଦ୍ୟାପତି ଓ ଶ୍ରୀଚୈତନ୍ୟ ପ୍ରଭୃତି ରାଧାକୃଷ୍ଣ ପ୍ରେମର ନିଗୂଢ଼ ରହସ୍ୟ ଓ ଅପ୍ରାକୃତ ଦିବ୍ୟପ୍ରେମର ମର୍ମ ସଂପର୍କରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି। ଏଣୁ ଭାଗବତରେ ରାସଲୀଳା ରାଧାକୃଷ୍ଣଙ୍କର ଅମର ପ୍ରେମର ଚରମ ନିର୍ଯ୍ୟାସ

ରୂପେ ବିବେଚିତ ହୋଇଥାଏ। ବାସ୍ତବରେ ଭାଗବତରେ ରାଧାଙ୍କ ନାମ ଉଲ୍ଲେଖ ନଥିଲେ ମଧ୍ୟ, ଗବେଷକମାନଙ୍କ ମତରେ ରାଧା ହିଁ ଶ୍ରେଷ୍ଠ ଗୋପୀ ଥିଲେ। ଏହି ଭାଗବତରେ ପୁତନା ବଧ, ଶକଟାସୁର ବଧ, ଯାମଳାର୍ଜ୍ଜୁନ ଭଙ୍ଗ, ବକାସୁର ବଧ, ଅଘାସୁର ବଧ ତଥା ଯଶୋଦାଙ୍କୁ ବିଶ୍ୱରୂପ ଦର୍ଶନ ବିଷୟରେ ଯେଉଁ ବର୍ଣ୍ଣନା ରହିଛି ସେଥିରୁ ଶ୍ରୀକୃଷ୍ଣଙ୍କର ଐଶୀ ଶକ୍ତିର ପ୍ରମାଣ ମିଳେ। ଏଥିପାଇଁ ଭାଗବତରେ କୁହାଯାଇଛି:-

"ଏତେ ଚାଂଶକଳା ପୁଂସଃ
କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍।"

ଦ୍ୱାଦଶ ଶତାବ୍ଦୀଠାରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ନିମ୍ବାର୍କ, ଜୟଦେବ, ବିଦ୍ୟାପତି, ଶ୍ରୀ ଚୈତନ୍ୟ, ବିଲ୍ୱ ମଙ୍ଗଳ ପ୍ରଭୃତି ସନ୍ଥମାନଙ୍କର ରଚନାରେ ଶ୍ରୀକୃଷ୍ଣଙ୍କର ପରମେଶ୍ୱର ସ୍ୱରୂପ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଏଥିପାଇଁ "କୃଷ୍ଣ କର୍ଣ୍ଣାମୃତ" କାବ୍ୟରେ ବିଲ୍ୱ ମଙ୍ଗଳ ଯଥାର୍ଥରେ ଲେଖିଛନ୍ତି:-

"ହେ ଦେବ ହେ ଦୟିତ ହେ, ଭୁବନେକ ବନ୍ଧୋ
ହେ କୃଷ୍ଣ ହେ ଚପଳ ହେ, କରୁଣୈକ ସିନ୍ଧୋ,
ହେ ନାଥ ହେ ରମଣ ହେ, ନୟନାଭିରାମ
ହା ହା କଦାପି ଭବିତାସି ପଦଂ ଦୃର୍ଶୋମେ।"

ଶ୍ରୀ ଚୈତନ୍ୟ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ରାଧାକୃଷ୍ଣଙ୍କର ସମ୍ମିଳିତ ସ୍ୱରୂପକୁ ଉପଲବ୍ଧି କରି ନୀଳାଚଳରେ ହରେକୃଷ୍ଣ ମହାମନ୍ତ୍ରର ପ୍ରସାର କରିଥିଲେ। ଏହାର ପ୍ରଭାବରେ ଗଜପତି ପ୍ରତାପରୁଦ୍ର ଦେବ ତାଙ୍କର ସାଧନା ପାଇଁ ତାଙ୍କୁ ଦିବ୍ୟପ୍ରେମର ଅବତାର ରୂପେ ସ୍ୱୀକାର କରିଥିଲେ। ଶ୍ରୀ ଚୈତନ୍ୟ ପୁରୀ ରାଧାକାନ୍ତ ମଠରେ (ଶ୍ରୀ ଗମ୍ଭୀରାରେ) ଦୀର୍ଘ ଅଠର ବର୍ଷ କାଳ ଦାରୁବ୍ରହ୍ମଙ୍କ ଆଶ୍ରୟ ନେଇ କୃଷ୍ଣପ୍ରେମର ଅମର ମନ୍ଦାକିନୀ ପ୍ଲାବିତ କରିଥିଲେ।

ସେହିପରି ତାଙ୍କର ସମସାମୟିକ ଉତ୍କଳର ପଞ୍ଚସଖା ମଧ୍ୟ (ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ବଳରାମ ଓ ଜଗନ୍ନାଥ) ଜ୍ଞାନମିଶ୍ରିତ ଭକ୍ତି ମାଧ୍ୟମରେ ଶ୍ରୀ ଜଗନ୍ନାଥଙ୍କ ମଧ୍ୟରେ ରାଧାକୃଷ୍ଣଙ୍କୁ ଉପଲବ୍ଧି କରିଥିଲେ। ଏଣୁ ଗୌଡୀୟ ବୈଷ୍ଣବ ଓ ଉତ୍କଳୀୟ ବୈଷ୍ଣବମାନଙ୍କ ମଧ୍ୟରେ କୃଷ୍ଣପ୍ରେମକୁ ଆଧାରକରି ଏକ ଭାଗବତ ଐକ୍ୟ ପ୍ରତିଷ୍ଠା ହୋଇପାରିଥିଲା।

ଏଥିପୂର୍ବରୁ ଜୟଦେବଙ୍କ ଗୀତଗୋବିନ୍ଦରେ ଦଶାବତାର ଚରିତ୍ର ମଧ୍ୟରେ ଶ୍ରୀକୃଷ୍ଣଙ୍କର ଅବତାର ଗ୍ରହଣକୁ ନେଇ ଶ୍ରୀଜଗନ୍ନାଥଙ୍କୁ "କୃଷ୍ଣାୟ ତୁଭ୍ୟଂ ନମଃ" ବୋଲି ସ୍ତୁତି କରାଯାଇଥିଲା। ରାଜା ନରସିଂହ ଦେବଙ୍କ ସମୟରୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ରାଧାକୃଷ୍ଣ ପ୍ରେମ ସମ୍ବନ୍ଧୀୟ ଗୀତଗୋବିନ୍ଦ ଗାନର ବ୍ୟବସ୍ଥା କରାଯାଇଥିଲା। ସାମୟିକ ବିରତି ପରେ କପିଳେନ୍ଦ୍ର ଦେବଙ୍କ ସମୟରେ ପୁନର୍ବାର ଗୀତଗୋବିନ୍ଦ ଗାନ ପ୍ରଚଳିତ ହୋଇଥିଲା। ଏଯାବତ୍ ବଡ଼ ସିଂହାର ବେଶ ପରେ ପରେ ଗୀତଗୋବିନ୍ଦ ଗାନ କରାଯାଏ।

ଭାଗବତର ନଟବର କୃଷ୍ଣ ଶ୍ରୀମଦ୍ ଭଗବତ୍ ଗୀତାରେ ଯୋଗେଶ୍ୱର ଓ ଜଗଦ୍‌ଗୁରୁ ରୂପେ କର୍ମଯୋଗ, ଭକ୍ତି ଯୋଗ ଓ ଜ୍ଞାନଯୋଗର ନିଗୂଢ଼ ତଥ୍ୟ ବର୍ଣ୍ଣନା କରିଛନ୍ତି। ଏଥିରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସର୍ବଶକ୍ତିମାନ୍, ତ୍ରୈଲୋକର ସ୍ରଷ୍ଟା, ପାଳନକର୍ତ୍ତା, ସଂହାର କର୍ତ୍ତା ଓ ଧର୍ମ ସଂସ୍କାରକ ରୂପେ ପରିଚିତ କରାଯାଇଛି। ସେ ନିଜେ ଉଦ୍‌ବୋଧନ ଦେଇ କହିଛନ୍ତି:-

"ପରିତ୍ରାଣାୟ ସାଧୁନାଂ, ବିନାଶାୟ ଚ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ, ସମ୍ଭବାମି ଯୁଗେ ଯୁଗେ।"

ତେଣୁ ସାଧୁମାନଙ୍କୁ ପରିତ୍ରାଣ କରିବା ପାଇଁ ଓ ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠା କରିବା ପାଇଁ ଯୁଗେ ଯୁଗେ ଭଗବାନ ଅବତାର ଗ୍ରହଣ କରିବେ ବୋଲି ଗୀତାରେ ଶିକ୍ଷା ଦିଆଯାଇଛି। ଏଥି ସହିତ ଅବିନାଶୀ ଆତ୍ମାର ସ୍ୱରୂପ, ସ୍ୱଧର୍ମ ଆଚରଣର ଗୁରୁତ୍ୱ ଓ ସମସ୍ତ କର୍ମ ଏକ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆଚାର୍ଯ୍ୟ ଶଙ୍କର, ରାମାନୁଜ, ବିମ୍ବାର୍ଦ, ବଲ୍ଲଭାଚାର୍ଯ୍ୟ ପ୍ରମୁଖ ଆଚାର୍ଯ୍ୟଗଣ ଏବଂ ଋଷି ଶ୍ରୀ ଅରବିନ୍ଦ, ସ୍ୱାମୀ ଶିବାନନ୍ଦ, ମହାତ୍ମାଗାନ୍ଧୀ, ଆଚାର୍ଯ୍ୟ ବିନୋବା, ବାଲ୍ ଗଙ୍ଗାଧର ତିଲକ୍, ଡଃ ରାଧାକୃଷ୍ଣନ୍, ଡଃ ଏକ. ଏମ୍. ମୁନ୍ସି, ପ୍ରଫେସର ରାନାଡେ, ଓଡ଼ିଶାର ବିଦ୍ୱାନ୍ ପଣ୍ଡିତ, ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହର ପ୍ରମୁଖ ଶ୍ରୀକୃଷ୍ଣଙ୍କର ଗୀତା ଉପଦେଶକୁ ଅନୁଶୀଳନ କରି ବହୁ ମୂଲ୍ୟବାନ୍ ତଥ୍ୟ ପ୍ରଦାନ କରିଛନ୍ତି।

ମହାଯୋଗୀ ଶ୍ରୀ ଅରବିନ୍ଦ ସ୍ୱାଧୀନତା ସଂଗ୍ରାମରେ କାରାବରଣ କରିଥିଲେ। କିନ୍ତୁ ସାଧନା ବଳରେ ସେ କୃଷ୍ଣଚେତନାକୁ ଏପରି ନିବିଡ଼ ଭାବରେ ଉପଲବ୍ଧି କରିଥିଲେ ଯେ ସେ ବନ୍ଦୀ ଥିବା ଅବସ୍ଥାରେ ଜେଲରଙ୍କ ମଧ୍ୟରେ ଓ ବିଚାରପତିଙ୍କ ମଧ୍ୟରେ ଏକ ବାସୁଦେବଙ୍କୁ ଦର୍ଶନ କରିପାରିଥିଲେ।

ଯଥା:-

"ବାସୁଦେବଂ ସର୍ବମିତି
ସଃ ମହାତ୍ମା ସୁଦୁର୍ଲଭଃ"

ମହାତ୍ମା ଗାନ୍ଧୀ ମଧ୍ୟ ଗୀତାର ଶିକ୍ଷାକୁ ଜୀବନରେ ଆଚରଣ କରି ଭାରତୀୟ ଜନତାଙ୍କୁ ତାହା ଗ୍ରହଣ କରିବାକୁ ଉଦ୍‌ବୋଧନ ଦେଇଥିଲେ। ଏପରିକି ସ୍ୱାଧିନତାର ପ୍ରାକ୍ କାଳରେ, ଭାରତର ସାଂସ୍କୃତିକ ଜାଗରଣରେ ଶ୍ରୀକୃଷ୍ଣଙ୍କ ପରି ଏକ ଯୁଗଧର୍ମ ରକ୍ଷକଙ୍କ ଆବିର୍ଭାବକୁ ଦୃଷ୍ଟିରେ ରଖି ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ:-

"ଅବନତ ଭାରତ ଚାହେଁ ତୋମାରେ
ଏସୋ ସୁଦର୍ଶନ ଧାରୀ ମୁରାରେ।"

ଠିକ୍ ଅନୁରୂପ ଭାବରେ ଭଗବାନ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କର ପୁନଃ ଆବିର୍ଭାବକୁ ଆହ୍ୱାନ ଦେଇ ଲୋକମୁଖରେ କୁହାଯାଇଛି:-

" "

କାହାନ୍ତି ଶ୍ରୀରାମ କୋଶଳ ନରେନ୍ଦ୍ର
କାହିଁ ବା ତାଙ୍କର ଅଯୋଧ୍ୟା ନଗରୀ ?
କାହାନ୍ତି ଶ୍ରୀକୃଷ୍ଣ ଯଦୁପତି ଏବେ
କାହିଁବା ତାଙ୍କର ମଥୁରା ପୁରୀ ?
ଫେରିବେକି ରାମ, କୃଷ୍ଣ ଆଉ ଥରେ
ଭକ୍ତଜନ ଦୁଃଖ ହୋଇବ ଦୂର।
ଦେଇ ଭକ୍ତି ଅର୍ଘ୍ୟ, କରନ୍ତି ପ୍ରାର୍ଥନା
ଚାହିଁ ତୁମ ପଥ, ହୋଇ ଆତୁର।
ଓଁ କୃଷ୍ଣାୟ ବାସୁଦେବାୟ, ଦେବକୀ ନନ୍ଦନାୟଚ
ନନ୍ଦ ଗୋପ କୁମାରାୟ, ଗୋବିନ୍ଦାୟ ନମୋନମଃ।

*ପ୍ରାକ୍ତନ୍ ସ୍ୱତନ୍ତ୍ର ଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ, ଓଡ଼ିଶା*
*ଦୂରଭାଷ: ୬୩୭୧୦୧୫୫୫୦*

# ଗଣେଶ ଜନ୍ମ ପରର ପୁରାଣ

ପ୍ରବୀର ମହାନ୍ତି

ନିଘଞ୍ଚ ବନାନୀ ଭିତରେ ତୀବ୍ର ତମସାର ତାରକସି । ଯୋଜନ ଯୋଜନ ବ୍ୟାପି ଅନ୍ତରଙ୍ଗ ଆଲିଙ୍ଗନରେ ବୃକ୍ଷରାଜି ମାନଙ୍କର ସମାରୋହ । ବାୟୁ ବେଗବାନ ଭାବରେ ଏଠି ପରିକ୍ରମା କରିପାରେନା । ମନ୍ଦ୍ର ସମୀର ଧୀର ଗତିରେ ଅରଣ୍ୟାନୀ ପରିକ୍ରମା କରେ । ଅଂଶୁମାନଙ୍କ ର ତେଜସ୍କ୍ରିୟ ରାଶି ଅରଣ୍ୟାନୀର ଘନତ୍ୱ କୁ ଭେଦକରି ଭୂମିସ୍ପର୍ଶ କରିପାରୁନାହିଁ । ଓଃ ! କି ବିକଟାଳ ଶବ୍ଦ , ହିଂସ୍ର ଜନ୍ତୁ ମାନଙ୍କର ଅବାଧ ଯାତାୟତ ଚାଲିଛି । ଏହି ବନାନୀର ପରିସୀମା କେହି ମାନବ ମାପିବା ସମ୍ଭବପର ନୁହେଁ , ଭୟଶଙ୍କୁଳ,ଭୟଙ୍କର,ଅତ୍ୟୁଚ୍ଚ ପର୍ବତମାନଙ୍କ ଉପରେ ବିଶାଳ ବୃକ୍ଷ ମାନଙ୍କର ଆସ୍ତରଣ । ଏ ଭିତରେ ଯଦି ପ୍ରବେଶ କରାଯାଏ, କୋଉ ମୁହୂର୍ତ୍ତରେ ଜୀବନର ଦୀପ ନିର୍ବାପିତ ହୋଇଯାଇପାରେ । ଲକ୍ଷଲକ୍ଷ ଯୋଜନ ତଳେ ବହିଚାଲିଛି ଗୋଟିଏ ସ୍ରୋତସ୍ୱିନୀ ନଦୀ , ଉଚ୍ଚଙ୍ଗ ଶିଖରରୁ ପ୍ରତ୍ୟୟ ହେଉଛି ସତେ ଯେମିତି ସଦ୍ୟଫୁଟା ମଲ୍ଲୀ,ରଜନୀଗନ୍ଧା ଓ ସେବତୀର ଦୀର୍ଘମାଳାଟିଏ ଅକସ୍ମାତ ଅଜଣାତରେ ନିପତିତ ହୋଇଛି କି ? ସରୀସୃପମାନେ ଜଳ ଓ ସ୍ଥଳ ଭାଗରେ ସୁଖର ସହ ବିଚରଣ କରୁଛନ୍ତି । ନାନାଜାତିର ଫୁଲମାନଙ୍କର ସୌରଭ ଓ ସୁଗନ୍ଧରେ ମହକିତ ପରିବେଶ । ଇଏ କଣ ! ନୀରବଧି ଅନ୍ଧକାର ରେ ପ୍ରାଣୀମାନେ କପରି ଭାବେ ଅନ୍ୱେଷଣ କରୁଛନ୍ତି ଖାଦ୍ୟ ? ଗୋଟିଏ ବୋଲି ଋତୁ ର ଏଠି ଆଧିପତ୍ୟ, ତାହା ଶୀତଋତୁ । ପାହାଡ଼ ପରେ ପାହାଡ.... ପାହାଡ଼ ପରେ ପାହାଡ.... ତାପରେ ଜଙ୍ଗଲର ମାୟା , ଅନେକ ଶୃଙ୍ଗମାନେ ପର୍ବତମାନଙ୍କ ସହିତ ସତେ ଯେମିତି କେଉଁ ଅନାଦି କାଳରୁ ଯୁଗଳବନ୍ଦୀ ହୋଇଅଛନ୍ତି । ସର୍ବଦା ଶୀତ.... ସର୍ବଦା ରାତ୍ରୀ । ସୁର୍ଯ୍ୟର ଉଷ୍ମ ଓ ବିକିରଣ ମାୟା ଏଠି ଉପଲବ୍ଧ ହୁଏନା । ସର୍ବଦା ଘୁଘୁ ଶବ୍ଦ.... ପହାଡ଼ର ଚୂଡ଼ାରେ ବରଫର ମୁକୁଟ.... ଖୁବ୍ ଶୁଭ୍ର... ସୁର୍ଯ୍ୟର ଦେହପରି ।

ଏତେ ଏତେ ଉଚ୍ଚା ଆଖିପାଉନଥିବା ପାହାଡ଼ ମାନଙ୍କ ଉପରେ ଝରିଆସୁଛି ଝରଣା କୁଳୁ କୁଳୁ କୁଳୁ କୁଳୁ ସଂଗୀତର ମୂର୍ଚ୍ଛନା ଛୁଟିଛି କି ଦିବସ କି ରାତ୍ରୀ । ଓଃ ! ପ୍ରବଳ ଭୟ.... ଏଠି ଜୀବନ ନେଇ ରହିହେବନାହିଁ । ଏ କିଏ ! ଅର୍ବୁଦ ତମସାର ସାନ୍ଦ୍ରତା ଭେଦକରି କିଏ ଆସୁଛନ୍ତ ? ଗଛପତ୍ରରେ ଏକ ଅଚାନକ ଝଡ଼ । ଅପ୍ରଶସ୍ତ ରାସ୍ତାଟିରେ ତୋରଣ ପରି ଜାବୁଡ଼ି ଧରିଥିବା ବୃକ୍ଷକୁ ବୃକ୍ଷର ପ୍ରାକୃତିକ ନାଟମନ୍ଦିର ର ମେଖଳା ଅକସ୍ମାତ ଖୋଲିଯାଉଛି । ସୂର୍ଯ୍ୟର ରୋଷଣୀ ହଠାତ୍ ଅରଣ୍ୟରେ ବିଞ୍ଚିହୋଇପଡୁଛି । ହିଂସ୍ର ପଶୁମାନେ କେଉଁ ଆଢୁଆଳରେ ଆତ୍ମଗୋପନ କରିଛନ୍ତି , ହଁ ! କେହିଜଣେ ଆସୁଛନ୍ତି । ଡିବି ଡିବି... ଡିବି ଡିବି... ଡିବି ଡିବି... ଡିବି ଡିବି... ଭୂମିରୁ ଭୂମାପର୍ଯ୍ୟନ୍ତ ପ୍ରକମ୍ପିତ ହୋଇ ବାଜୁଛି ଡମ୍ବରୁ । ଥାଟବାଟ , ବାଟଘାଟ ଚମକେଇ ଇଏ କିଏ ପ୍ରକଟ ହୋଇଛନ୍ତି , ଦୀର୍ଘକାୟ ବପୁ ମନୁଷ୍ୟ ତ ନୁହନ୍ତି ଆପାଦ ମସ୍ତିଷ୍କ ଭସ୍ମଲେପନ କରିଛନ୍ତି । ଦୀର୍ଘଜଟା କୁ ବହନ କରିଛନ୍ତି ମସ୍ତକରେ , ସର୍ପ ଆଚ୍ଛାଦିତ କରିଛି ଧୂସରିତ ତନୁ । ଟାହିଆ ଆଟପ ଚାମର ନେଇ କିଛି ଭକ୍ତ ବୋଧହୁଏ ପଛେ ପଛେ ଘେରି ଚାଲିଛନ୍ତି । ଏକ ଅମୋଘ ସୁବାସରେ ଜଙ୍ଗଲ ଟହଟହ ବାସିଉଠୁଛି । ଦୀର୍ଘତମ , ଉଚ୍ଚତମ ପର୍ବତମାଳାର ଚୂଡ଼ାରେ ଛୁଟିଚାଲିଛି ଏ ଅତିମାନବ । ଆଉ ଏ ଦୃଶ୍ୟକୁ ନିରୀକ୍ଷଣ କରିହେଉନାହିଁ । ଚକ୍ଷୁର ସୀମିତ ଶକ୍ତି ଏହାକୁ ତୋଳିରଖିବାକୁ ଅକ୍ଷମ ହେଲାଣି । ଛୁଟି ଆସୁଛନ୍ତି ଅତିମାନବ... ପ୍ରଖର ବେଗରେ ଦିଗ ବିଦିଗ ପ୍ରକମ୍ପିତ କରି ବାଜୁଛି ଡମ୍ବରୁ । ଏ କ'ଣ ନୀରବଧି ଅନ୍ଧକାର ରାଜ୍ୟରେ ଏ ଆଲୋକର ଜୟଜୟକାର ଆଜି କିପରି ? ବନ୍ୟ ଜନ୍ତୁମାନେ ଆଶ୍ଚର୍ଯ୍ୟ ହୋଇ ପଳାୟନ କରୁଛନ୍ତି , ଜଙ୍ଗଲ ର ଜନ୍ମରୁ ଆଲୋକର ଦେଖାନଥିଲା । ପର୍ବତର ଶିଖର ଆଉ ଅଳ୍ପ କେତେ ପଥ ମାତ୍ର ବାକି । ବରଫର ତୀବ୍ର ଶୀତଳତାକୁ ଭେଦକରି ଉଲଗ୍ନ ଅତିମାନବ ଟି ନଗ୍ନ ପାଦରେ ଉପରକୁ ଉଠିଚାଲିଛି । ବରଫର ଶୀତଳତା ତାକୁ ବାଧୁନାହିଁ କି , କୈଳାସର କ୍ରୁର ଶୀତ ତାଙ୍କୁ ପ୍ରତିରୋଧ କରିପାରୁନାହିଁ । ପଥଶ୍ରମରେ ସେ ଭାରାକ୍ରାନ୍ତ ନହେଲା ପରି ଜଣାପଡୁଥାନ୍ତି । ତୁଣ୍ଡରେ ଶୁଭୁଛି ଶିବମଣ୍ଡଳର ସ୍ତୋତ୍ର , କୈଳାସର ଚୂଡ଼ା କୁ ଚାହୁଁ ଚାହୁଁ ସ୍ପର୍ଶ କଲେଣି ଅତିମାନବ ।

ଏ କଣ ! ଅକସ୍ମାତ ସମ୍ମୁଖରେ ଏକ ଶିଶୁ ଦଣ୍ଡାୟମାନ । ସେ ପୁଣି ଅତିମାନବର ପ୍ରବେଶପଥକୁ ପ୍ରତିରୋଧ କରୁଛି । ଶିଶୁ ବି ଔଜଲ୍ୟତାର ଗୋଟିଏ ଅକୃତିମ ପ୍ରତିବିମ୍ବ ପରି ଝଟକୁଛି । ଶିଶୁ ତ ନୁହେଁ ବାଳକଟିଏ କହିଲେ ଅତ୍ୟୁକ୍ତି ହେବନାହିଁ । ଚାରୁଶରୀର ସମ୍ପନ୍ନ ବାଳକଟି ସଗର୍ବରେ ପଥରୋଧ କରିଛି । ଡମ୍ବରୁର ନିନାଦ... ଅତିମାନବର ଆଗ୍ରହ ଓ ଆଦେଶ କିଛି ଗ୍ରହଣ କରୁନାହିଁ , ତାର ନିଜସ୍ୱ ମତରେ ବାଳକଟି ଅଟଳ ଓ ଅଚଳ । ଏତ ବେଳକୁ ବେଳ ଭୟଙ୍କର ହେଇଉଠୁଛି ପରିସ୍ଥିତି , ଏହି

ଅତିମାନବଙ୍କ ମୁଖମଣ୍ଡଳରୁ ଅଗଣିତ ତେଜସ୍ୱିୟ ଆଲୋକ ରଶ୍ମିମାନ ବିଚ୍ଛୁରିତ ହୋଇ ଗଗନ ମଣ୍ଡଳ ଆଚ୍ଛାଦିତ କରିସାରିଲାଣି । ଏହି ରଶ୍ମି ଏତେ ଶକ୍ତିଶାଳୀ ଯେ ରାତ୍ରୀର ଘନ ଅନ୍ଧକାର କୁଆଡ଼େ ଉଭେଇଗଲାଣି। ଆଲୋକର ଔଜଲ୍ୟତାକୁ ଭେଦ କରି ଅରଣ୍ୟ ଦୃଶ୍ୟପଟ୍ଟ କିଛି ଦୃଶ୍ୟମାନ ହୋଇପଡ଼ିଲାଣି। ଗୋଟାଏ ମହାପ୍ରଳୟର ଭୟ ସୃଷ୍ଟି ହେଲାଣି ସାରା ଅରଣ୍ୟରେ। ଜଙ୍ଗଲର ପଶୁପକ୍ଷୀ ମାନେ ଏକ ଆସନ୍ନ ବିପଦର ଆଶଙ୍କା କରି ବିକଟାଳ ଶବ୍ଦ କରିବା ଆରମ୍ଭ କରିଦେଲେଣି । କିଛି ଦେଖାଯାଉନାହିଁ ତୀବ୍ର ଅନ୍ଧାର ଓ ତୀବ୍ର ଆଲୋକର ଏକ ସମ୍ମିଶ୍ରଣରେ ଏକ ପୀତ ବର୍ଣ୍ଣ ଝାଲେରୀ ଟିଏ ଯେମିତି ଲମ୍ବିଆସିଲାଣି । ଓଃ ! କି ବିକଟାଳ ଗର୍ଜନ ପରେ ପରେ କରୁଣ ଆର୍ତ୍ତନାଦର ସ୍ୱର , ଭୟଙ୍କର ପବନର ବେଗରେ ସମସ୍ତ ବୃକ୍ଷମାନେ ଆଭୂମ ନତମସ୍ତକ ହେଉଛନ୍ତି। ନଦୀର ଜଳରାଶି ବୋଧହୁଏ ସମସ୍ତଙ୍କୁ ଶାନ୍ତ ଓ କ୍ରୋଧରୁ କ୍ଷାନ୍ତ ହେବା ପାଇଁ ତା ସୀମା ଅତିକ୍ରମ କରି ଜଙ୍ଗଲର ମଧ୍ୟଭାଗକୁ ଛୁଟିଆସିଲାଣି। ଧିରେ ଧିରେ ରାତ୍ରୀର ପ୍ରହର ବଢୁଛି ଆଉ ସେ ତେଜସ୍ୱିୟ ଆଲୋକମାଳା କ୍ରମଶଃ ନିଷ୍ପ୍ରଭ ହେବାକୁ ବସିଲାଣି। ବାହାରେ କ୍ରନ୍ଦନର ଧ୍ୱନି ସାରା ଅରଣ୍ୟାନୀରେ ଏକ ଶୋକର ଲହରୀ ଖେଳାଇ ଦେଇଛି। କୈଳାସ ମେରୁର ଏକ ବରଫାବୃତ ପ୍ରସ୍ତର ଉପରେ ସେହି ଅତିମାନବ ଅତି ବିବ୍ରତ ଅବସ୍ଥାରେ ବସିଛନ୍ତି। ଜଣେ ନାରୀଙ୍କର ଆକୁଳ କ୍ରନ୍ଦନର ରୋଳ ଛୁଟୁଛି , ସେ ଅବିଶ୍ରାନ୍ତ କାନ୍ଦିଚାଲିଛନ୍ତି ଆଖିରୁ ଶୁଖୁନାହିଁ ଲୁହର ସରଣୀ... ଆଲୁଳାୟିତ କେଶରାଶି, ଅତି କରୁଣ ଓ ବିବ୍ରତ ଭାବେ ତଳେ ଲୋଟି କ୍ରନ୍ଦନରତା ସେ ମହିଳା। ଦେବୀ ?ନା ମାନବୀ ? ରତି ନା ସଚ୍ଚୀ ? କିଏ ଏଇ ସୁନ୍ଦରୀ ତନ୍ୱୀ , ପାଖରେ ମସ୍ତକହୀନ ବାଳକଟିର ଶବ ଗଡୁଛି , ରୁଧିର ପ୍ଲାବିତ କୈଳାସର ଶୃଙ୍ଗଚୂଡ଼ା। ସମସ୍ତେ ସ୍ତବ୍ଧ ! ପବନ,ଆକାଶ, ଅରଣ୍ୟ , ସାଗର , ନଦନଦୀ , ପଶୁପକ୍ଷୀ, ସବୁ ଗୁରୁଗମ୍ଭୀର। ହଠାତ୍ ଛିଡ଼ାହେଲେ ଅତିମାନବ, ମସ୍ତକହୀନ ଶିଶୁକୁ ଟୋଳି ଧରିଲେ ହାତରେ , ସଦ୍ୟ ରୁଧିରର ପ୍ଲାବନ ସରିନାହିଁ କି ଶୁଖିନାହିଁ । ଅତିମାନବଙ୍କର ଅଙ୍ଗରକ୍ଷୀମାନେ ଏ କଣ ଆଣିଛନ୍ତି , ଈଷତ୍ ଆଲୋକରେ ଦେଖାଯାଉଛି ଏକ ଶିଶୁହସ୍ତୀର କଟା ମସ୍ତକ , ଆଉ ସେହି ମୃତ ବାଳକର କଟା ସ୍କନ୍ଧରେ ଯୋଡ଼ିଦିଆଯାଇଛି। ଜୀବନଦାନ ପାଉଛି ବାଳକ । ସେଇ ସୁନ୍ଦରୀ ରମଣୀ କୋଳକୁ ଫେରିଯାଉଛି ସେ ବାଳକଟି । ବାତ୍ସଲ୍ୟ ମମତାରେ ହାତୀର ମସ୍ତକ ଲାଗିଥିବା ସେ ବାଳକଟିକୁ ଆପାଦ ମସ୍ତକ ହସ୍ତ ସଞ୍ଚାଳନ କରୁଛନ୍ତି ତା ମା , ଦୁହିଁଙ୍କ ଆଖିରେ ଆନନ୍ଦାଶ୍ରୁ, ଆନନ୍ଦାଶ୍ରୁ ବି ଝରିପଡୁଛି ଅନେକଙ୍କ ନୟନରୁ। ଶଙ୍ଖ , ତୁରୀ ଭେରି ଗର୍ଜନରେ ନିନାଦିତ ହେଉଛି ଅରଣ୍ୟାନୀର ବକ୍ଷ , କୈଳାସର ଚୂଡ଼ା ବୈଦୁର୍ଯ୍ୟର ସିଂହଦ୍ୱାର ପରି ରାତ୍ରରେ ଉଦ୍ଭାସିତ ହୋଇଉଠୁଛି , ଆନନ୍ଦରେ ଅରଣ୍ୟର ପଶୁପକ୍ଷୀମାନେ ଏକ ମୁକ୍ତସ୍ୱରରେ ରାବ ଦେଉଛନ୍ତି। ଜ୍ୟୋତିରିଙ୍ଗଣ ମାନେ ମହାଦ୍ରୁମ ଉପରକୁ ଉଠି ସ୍ୱକୀୟ ଶୀର୍ଣ୍ଣ ଆଲୋକରେ ପରିବେଶର ଶୋଭାବିମଣ୍ଡିତ କଲେଣି । ଅରଣ୍ୟାନୀ ଏକ ପର୍ବର ପୂର୍ବାଭାଷ ପରି ଲାଗୁଛି । ଗିରିଶୃଙ୍ଗ କୈଳାସ ଯେପରି ଇନ୍ଦ୍ରମହଲପରି ପ୍ରତିଭାତ ହେଉଛି। ଅତିମାନବଙ୍କ ସହିତ ସେ ସୁନ୍ଦରୀରମଣୀ ତାର ଏଇ ନବଜନ୍ମଶିଶୁଙ୍କୁ ଧରି ଏକ ମହୋତ୍ସବ ନିମନ୍ତେ ପ୍ରସ୍ତୁତ ହେଲାପରି ଲାଗିଲାଣି ।

କିନ୍ତୁ ଇଏ କି ଆଶ୍ଚର୍ଯ୍ୟ ! ପୁଣି ଗିରିବନ ତଟନଦୀ ପ୍ରକମ୍ପିତ କରି ସସାଗରାଧରାରେ ସିତ୍କାର ସୃଷ୍ଟିକରି ପୁଣି କିଏ ମାଡ଼ିଆସୁଛି । ଏଥର ବି ଅରଣ୍ୟର ବୃକ୍ଷରାଜିମାନେ ସେ ଶକ୍ତିକୁ ନିର୍ବିବାଦରେ ପଥପରିଷ୍କାର କରିଦେଉଛନ୍ତି। ଘନ ଅନ୍ଧକାର ଭେଦ କରି କିଏ ସେ ଆସୁଛି ? ଇଏ ତ ଗୋଟେ ମଉହସ୍ତୀ। ପ୍ରଶସ୍ତ କପାଳ ତାର ରୁଧିର ରେ ଭରପୁର। ଆଖିରୁ ଝରୁଥିବା ଲୋତକ ଓ ରୁଧିର ମିଶି ଶୁଣ୍ଢ ବାଟଦେଇ ତା ଚଲାପଥର ଭୂମି ସବୁ ସିକ୍ତ କରିଦେଲାଣି । ଏଇ ମଉହସ୍ତୀଟି ଆଗରୁ କ୍ରନ୍ଦନରତା ଥିବା ତନ୍ୱୀ ରମଣୀ ଠାରୁ ଆହୁରି ବିକଳ ସ୍ୱରରେ ବକ୍ଷଫୁଟାଇ କ୍ରନ୍ଦନ କରୁଛି। ଏହାର କ୍ରନ୍ଦନଧ୍ୱନି ଏତେ ମର୍ମଭେଦୀ ଯେ ବୋଧହୁଏ ସାରା ଅରଣ୍ୟ କାନ୍ଦୁଛି । ନବଜାତକର ମହୋତ୍ସବ ପାଇଁ ମୁଖରିତ ଅରଣ୍ୟାନୀରେ ଭୟ ଉଦାସର ବାତାବରଣ ଖେଳିଗଲାଣି। ହସ୍ତୀଟି ସେ ଅତିମାନବଙ୍କ ଆଡ଼କୁ ମାଡ଼ିଚାଲିଛି, ଏ କଣ ହସ୍ତୀଟି ହଠାତ୍ ରହିଯାଉଛି। ତାର ଶରୀର ର ପୁରୋଭାଗ ବକ୍ରକରି ରକ୍ତ ବିଜଡ଼ିତ ମସ୍ତକକୁ ଭୂମିରେ ପିଟି ପ୍ରଣାମ କରୁଛି ଏବଂ କାନ୍ଦି କାନ୍ଦି କହୁଛି ମୋର ଅହୋ ଭାଗ୍ୟ ମୁଁ ହାତୀ ଜନ୍ମ ପାଇ ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରୁଛି। କୈଳାସର ଥିବା ତଟଦେଶରେ ଜଙ୍ଗଲରେ ବୁଲି ଖାଦ୍ୟ ଖାଇ ନିଜର ଜୀବନ ବଞ୍ଚେଇଛି। ଆପଣଙ୍କ ପୁତ୍ରର ନବଜନ୍ମୋତ୍ସବରେ ମୁଁ ଜଣେ ମା ହିସାବରେ ଅତ୍ୟନ୍ତ ଆନନ୍ଦିତ। ଆପଣଙ୍କୁ ଏ ସାରା ସଂସାର ଭଗବାନ ଶିବରୂପେ ପୂଜାକରେ, ଆଉ ମୁଁ ଆପଣଙ୍କୁ ଏ ସାରା ସଂସାର ସୃଷ୍ଟିର ରକ୍ଷାକର୍ତ୍ତ୍ରୀ ଦୁର୍ଗା ଭାବେ ବନ୍ଦନା କରେ। ଆପଣଙ୍କର ଏ ପୁତ୍ର ନବଜନ୍ମ ଲଭୁଲଭୁ ଜ୍ଞାନଦାତା, ବୁଦ୍ଧିଦାତା , ଅଗ୍ରଦେବ ଶ୍ରୀ ଗଣେଶ ରୂପେ ବିଶ୍ୱ ବନ୍ଦ୍ୟ ହୋଇସାରିଲେଣି।

ହେଲେ ହେ! ସଙ୍କଟମୋଚନ ମହାରୁଦ୍ର ଶିବ! ମୁଁ କି ଭୁଲ୍ କରିଥିଲି.... ଅନେକ ଦିନ ଧରି ମୁଁ ଗର୍ଭବତୀ ହେବାର ଯୋଗ୍ୟା ହୋଇପାରିନଥିଲି। ଅନେକଦିନ ପରେ ମୋ ଗର୍ଭରେ ଶିଶୁ ସନ୍ତାନଟିଏ ଧାରଣ କରିଥିଲି ଆଉ ତାକୁ ଜନ୍ମ ଦେଇଥିଲି। ସେ ଜନ୍ମିତ ଶିଶୁ ସନ୍ତାନଟିକୁ ଭୂଇଁ ଉପରେ ପତ୍ରଶେଯରେ ଶୁଆଇଦେଇ ଅନେକଦିନ ଭୋକରେ ରହିବା ପରେ ଖାଦ୍ୟ ଅନ୍ୱେଷଣ ଯିବା ସମୟରେ ଆପଣଙ୍କର ସୈନ୍ୟସାମନ୍ତ, ପରିଷଦ ମୋର ସେହି କଅଁଳ ଛୁଆଟିର ମସ୍ତକକୁ ଅତ୍ୟନ୍ତ କ୍ରୁର ଓ ନିର୍ଦ୍ଦୟ ଭାବେ କାଟିଆଣିଲେ। ରକ୍ତ ଜଡ଼ ଜଡ଼ ତାର ସେହି ଗଣ୍ଡିଟି ସେଇ ପତ୍ରର ଶେଯ ଉପରେ ଅନେକ ସମୟ ଧରି ଛଟପଟ ହେବାପରେ ନିସ୍ତେଜ ହୋଇଗଲା। ମୁଁ ଆସି ମୋର ସେ ଏକୋଇରବଳା ସନ୍ତାନର ମସ୍ତକକୁ ଖୋଜିଲି ହେଲେ କାହିଁ ପାଇଲିନାହିଁ। କେତେ ଆକୁଳ ବିକଳ ହୋଇ ଚାରିଦିଗପାଳ, ଦେବୀ ଦେବତାଙ୍କୁ ବିନୟ ହୋଇ ମୁଣ୍ଡ କୋଡ଼ିଲି.... ପଥରରେ ମୁଣ୍ଡକୁ ପିଟିପିଟି ଫଟେଇଦେଲି । ପରିଶେଷରେ ଯେଉଁଆଡ଼େ ରକ୍ତର ଟୋପା ପଡ଼ିଛି ସେଇଆଡ଼େ ଖୋଜିଖୋଜି ଆସି ଦେଖୁଛି ମୋ ପୁଅର ମୁଣ୍ଡ ତମ ଆପଣଙ୍କ ପୁଅର ଦେହରେ ଲାଗିଛି ଆଉ ତୁମ ପୁଅ ହସୁଛି। ଦେବତାମାନେ ସ୍ୱର୍ଗରୁ ପୁଷ୍ପ ବୃଷ୍ଟି କରୁଛନ୍ତି। କୈଳାସରେ ପର୍ବାଣିର ଆୟୋଜନ ଚାଲିଛି , ତମେ ଆପଣଙ୍କର ପୁଅ ଅଗ୍ରଦେବ, ଜ୍ଞାନଦାତା , ବିଘ୍ନବିନାଶକ ଭାବେ ତାଙ୍କ ର ଜଗତରେ ନାଁ ରଟିଗଲାଣି । ଏଥିକୁ ମୋର ଇର୍ଷା ନାହିଁ , କ୍ରୋଧ ନାହିଁ , କି ଅଭିଯୋଗ ନାହିଁ । ହେ ଶିବ , ହେ ମା ପାର୍ବତୀ, ମୁଁ ଗୋଟେ ପୁତ୍ରହରା ଜନନୀ.... ପୁତ୍ରଶୋକଠାରୁ ଜଗତରେ କିଛି ଶୋକ ନାହିଁ.... ତମେ ଜାଣିଚଟି ? ମୋ ଛାତି ଗରଗର ହେଇ ଛିଡ଼ିପଡୁଛି । ମହାଦେବ , ହେ ପାରବତୀ ଆମେ ମୁର୍ଖଜନ୍ତୁ... ସ୍ନେହ ବୁଝୁ... ଆଦର ବୁଝୁ... ଗଛପତ୍ର ଖାଇ ଜୀବନ ପାହିଦେଉ। କାହିଁକି ମତେ ଏ ସଂକଟରେ ପକେଇଲ... ଆସେ... ଆ..

ଦୌଡ଼ିଆସ୍... ମୋ ସାଙ୍ଗରେ ଦେଖିବୁ ଆ.... ମୋ କୁନି ଛୁଆଟାର ଅଲିଅଳ ଦେହଟା କେମିତି ରକ୍ତ ଧୂଳି ସାଲୁବାଲୁ ହେଇ ମାଟିରେ ଗଡୁଛି। ମୁଁ ଶୁଣିଛି ମୋର ବନ୍ଧୁ ବିରାଦର କେହି ପାଣି ପିଉଥିଲାବେଳେ ତାକୁ ଗୋଟେ କୁମ୍ଭୀର ମାରିଦବ ବୋଲି ପାଣିକି ଭିଡ଼ିନେଉଥିଲା। ସେ ଆତଙ୍କରେ ମହାପ୍ରଭୁଙ୍କୁ ଡାକିଲା "ଶୁଣ୍ଢେ ଓପାଡ଼ି ପଦ୍ମମୂଳ , ଡାକିଲା ରଖି ଆଦିମୂଳ" ତାକୁ ମହାପୁରୁ ରଖିନେଲେ। ସେ ତ ଦରବୁଢ଼ାଟା , ଜଙ୍ଗଲରେ ଜୀବନର ପଶୁପଣ କରୁ କରୁ ଭୁଲଚୁଲ୍ କରିଥିବ.... ତଥାପି ତମେ ତାକୁ ରଖିଲ । ହେଲ ମୋ ନିରୀହ ଛୁଆଟା କି ଭୁଲ୍ କରିଥିଲା ସାଆନ୍ତ ! ମୁଁ ଗାଇବି ଗାଇବି ଦରଖଣ୍ଡିଆ କି ଗାଇବି , ଛିଣ୍ଡା ଗଇଁ ଠେଇଁ ଗାଇବି.... ତୋ ଗୀତ.... ଏ ଜଙ୍ଗଲ ସାରା ବୁଲି ବୁଲି ଗାଇବି । ଜନପଦରେ ପାଗଳି ହେଇଗାଇବି ।

ହେ ଶିବ ମହାପୁରୁ ! ତୋ ନାଆଁକୁ ଗାଇବି.... ମୋ ପୁଅ ଫେରେଇଦେ । ଦି ଗୋଡ଼କୁ ଟେକିଦେଲା ହସ୍ତୀଣୀ ଛାତିରେ ଛାତିଏ କୋହ, ଆଖିରେ ଆଖିଏ ଲୁହ , କପାଳରେ କପାଳେ ରକ୍ତ । ଆଗ ଦୁଇଟା ଗୋଡ଼କୁ ଯୋଡ଼ିଦେଲା କହିଲା ହେ ସାଆନ୍ତ ମୁଁ ତୋ ରଇତ ମୁଁ ତୋ ଭକ୍ତ , ଶୁଖିଯାଉଥିବା ତଣ୍ଟି ଓ ମୋଟା କଣ୍ଠରେ ରଡ଼ି ତୋଳି ଗାଇଲା.... ପ୍ରତିଧ୍ୱନି ହେଲା ଅରଣ୍ୟାନୀ ର ନୀରବ ଉପତ୍ୟକା । ହାତୀ ଗାଉଚି.... ଦେବତାଏ କାନ ଡେରିଲେ.... ଜଙ୍ଗଲର ଅବୁଝା ବୁଝା ପଶୁପକ୍ଷୀ କଣେଇ କଣେଇ ଚାହିଁଲେ... ଶୁଣିଲେ ମା ଗାଉଛି.... ଘାଣ୍ଟିହୋଇଯାଇଥିବା ଛାତିରୁ ତୀବ୍ର ଅନ୍ଧାର ଭିତରେ ହସ୍ତିନୀ ଗାଇଲା.... ଆଗ ଗୋଟେ ରଡ଼ି ଛାଡ଼ିଲା ସାଆନ୍ତ, ଉପତ୍ୟକା ଡାକ ଫେରେଇଲା ସାଆନ୍ତ ଅ....ଅ....ଅ....ଅ..

ଦିବ୍ୟକୁଣ୍ଡଳ ହାରମୁଜ୍ଜ୍ୱଳ ମସ୍ତକୋଜ୍ଜ୍ୱଳ ଶୋଭିତଂ
କର୍ଣ୍ଣକୁଣ୍ଡଳ ନେତ୍ରମୋଜ୍ଜ୍ୱଳ ଚନ୍ଦ୍ରଶୀତଳ ଭାଷିତଂ
ହସ୍ତନିର୍ମଳ ଦଣ୍ଡତ୍ରିଶୂଳ ଭାଲେ କୌସ୍ତୁଭ ଧାରିତଂ
ହେ ଶିବାପତି ପାର୍ବତୀପତି ତ୍ରାହି ମାଂ ଭବସାଗରଂ ।।

ପୁଣି ପାଗେଳୀ ହସ୍ତିନୀ କହିଲା – ସାଆନ୍ତ , ସାଆନ୍ତ ମୁଁ ତୋ ତାଣ୍ଡବ ଗାଇବି ବା.... ଦି ଗୋଡ଼ରେ ନାଚିବି.... ମୋ ପୁଅ ବଞ୍ଚାଇଦେ.... ମୋ ପୁଅ ମୁଣ୍ଡ ଫେରାଇଦେ। ତମେ ଆପଣ ନବୁଝିଲେ ବୁଝିବ କିଏ ? ଧୂଳିରେ ଚାରିଘେରା ବୁଲିଗଲା ମା... ମୋ ପୁଅ ଫେରାଇଦିଅ ଲୋ ଶିବ ପାର୍ବତୀ, ଆଲୁଅ ଘର ମୋ ହେଲା ଅନ୍ଧାରରେ ଶିବପାର୍ବତୀ , ଆଖିରୁ ହଜିଲା ପୁତ୍ର ମୂରତିରେ ଶିବ ପାର୍ବତୀ । ଦି ଗୋଡ଼ ଟେକିଦେଲା ହାତୀ। ସ୍ତବ୍ଧ ହେଇଗଲାଣି ଅରଣ୍ୟ.... ମାଆ ର କ୍ରନ୍ଦନରେ ସୂର୍ଯ୍ୟ ବି ଡେରି କରୁଛନ୍ତି ଆସିବାକୁ ବୋଧେ। ପାଗେଳୀ ହୋଇଗଲାଣି , ନିଜ ଦି ଗୋଡ଼କୁ ଟେକିଦେଲା ହାତୀ ଗାଇଲା ତାଣ୍ଡବ–

ଜଟା ଟବୀ ଗଲ ଜ୍ଜଲ ପ୍ରବାହ ପାବିତ ସ୍ଥଲେ
ଗଲେବ ଲଂବ୍ୟ ଲଂବିତାଂ ଭୁଜଂଗ ତୁଂଗ ମାଲିକାମ୍ ।
ଡମଡ୍ଡମଡ୍ଡମଡ୍ଡମନ ନ୍ନିନାଦ ବଡ୍ଡ ମର୍ବୟଂ
ଚକାର ଚଂଡ ତାଂଡବଂ ତନୋ ତୁନଃ ଶିବଃ ଶିବମ୍ ।।

ନିସ୍ତବ୍ଧ ପାର୍ବତୀଙ୍କୁ ହାତ ଯୋଡ଼ିଦେଲା ହସ୍ତିନୀ କହିଲା ତମେ ମା , ମୁ ବି ମା । ତମେ ଆପଣଙ୍କ ହାତରେ ଅଛି ମୋ ସୁନା ଶଙ୍ଖାଳୀ କି ବଞ୍ଚେଇଦିଅ... ମାଆଲୋ ମୁଁ ତୋ ସ୍ତବ ଗାଇବି.... ତୋ ସ୍ତୁତି କରିବି । ମାଆ ପା ଗୋଟାଏ ଜାତି , ଆମପାଇଁ କଣ ଆପଣ ନ କହିଲେ କହିବ କିଏ ? ରହିବି କେମିତି.... ମନେ ପକଉଚି ମା.... ମନେ ପକୋଉଚି ତୋ ସ୍ତବ। ପୁଅ ମଲା ମଆର ନିଜ ନାଆ ବି ମନେ ପଡ଼େନି ଲୋ । ତୋ ସ୍ତବ ମନେ ପକାଇବି କେମନ୍ତେ.. ଭାବିଲେ ମୋ ପୁଅ କଥା ମୋ ଆଖି ଆଗରେ ସେ ପା ଖାଲି ନାଚି ଉଠୁଚି.... ତମ କୋଳରେ ଯେଉଁ ଶିଶୁଟି ଖେଳୁଚି ତା ମୁହଁ ଦେଖିଲେ ମୋ ପୁଅ କଥା ବେଶୀବେଶୀ ମନେପଡୁଚି। ଭୋ ଭୋ କାନ୍ଦୁଚି ହସ୍ତିନୀ.... ଛାତି ଫାଟିଯିବ କି ? ନା କୈଳାସ ପର୍ବତ ଟା ଭୂମି ଭିତରେ ପଶିଯିବ କି ? ନା ଆକାଶ ଛିଡ଼ିପଡ଼ିବ ? ଖୁବ୍ କଷ୍ଟରେ ଗାଇଲା ପାର୍ବତୀଙ୍କ ଗୋଡ଼ତଳେ ଲୋଟିଗଲା ଭୂଇଁରେ ଶୋଇ , ଉର୍ଦ୍ଧ୍ୱକୁ ଆଖିକରି ଗାଇଲା –

ଯା ଦେବୀ ସର୍ବ ଭୂତେଷୁ ମାତୃରୂପେଣ ସଂସ୍ଥିତା
ନମଃସ୍ତସୈ ନମଃସ୍ତସୈ ନମଃସ୍ତସୈ ନମୋ ନମଃ
ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟେ ନମସ୍ତସ୍ୟେ ନମସ୍ତସ୍ୟେ ନମୋ ନମଃ।।

ହଠାତ୍ ଜ୍ୟୋତିର ନିଦ ଭାଙ୍ଗିଗଲା । ଆରେ ! ସେ ବି କାନ୍ଦୁଛି , ସ୍ୱପ୍ନ କଣ ଏତେ ପାୱାରଫୁଲ୍ ! ସିହାଂସିନୀ ଗାଆଁର ଜ୍ୟୋତି ଓରଫ୍ ଜ୍ୟୋତିରଞ୍ଜନ ସେଠୀ। ଦୁଇ ବର୍ଷ ହେଲା ରେଲୱେ ରେ ଷ୍ଟେସନ୍ ମାଷ୍ଟର୍ ଚାକିରୀ ପାଇଛି । ଏଇ ଗାଆଁରେ ଯେଉଁମାନେ ତାକୁ , ତା ବାପାଙ୍କୁ.... ତାବାପାଙ୍କୁ.... ପଚାରୁଥିଲେ ଏ ବର୍ଷ ତାକୁ ଡାକି ଗଣେଶ ପୂଜା ପ୍ରେସିଡେଣ୍ଟ କରେଇଛନ୍ତି। ଏବେ ବି ଗାଆଁରେ ଖମାରିଆ ଓ ବେମାରିଆ ଦୁଇ ଭାଗ । ଏବେ ବି ଆମେମାନେ ଏ ସମାଜରେ ହାତୀ ପରି ବୋବାଳି ପକେଇଲେ ଶିବପାର୍ବତୀ ଶୁଣନ୍ତି ନାହିଁ। ଦିନଟାରେ ସେ ହଠାତ୍ ଏମିତି କଣ ସ୍ୱପ୍ନ ଦେଖିଲା ? ମାଆ ହାତୀର ବିଚରା ପ୍ରଶ୍ନାବଳୀ ଆଜି ତା ଆଖି ଆଗରେ ଥିବା ପରଦାକୁ ଖୋଲିଦେଇଚି , ଗାଆଁ ପିଲା ଆସି ଡାକ ପକେଇଲେଣି , ହେଃ ଜ୍ୟୋତି ଆସେ ସନ୍ଧ୍ୟାରେ ବିସର୍ଜନ ହେବ ପରା , ଜ୍ୟୋତି ଆଉ ବିସର୍ଜନକୁ ଗଲାନାହିଁ, କହିଲା – ମତେ ଜ୍ୱର ମୋ ମୁଣ୍ଡ ବିନ୍ଧୁଛି। ବିସର୍ଜନରେ ସାଆନ୍ତିଆ ବଡ଼ମୁଣ୍ଡିଆମାନେ କଥାବାର୍ତ୍ତା ହେଲେ। ଆରେ ତମେ ବାଉଳା ହେଲ.... ସିଏ କେଉଁଠୁ ରଜନୀଗନ୍ଧା ମାଳ ବେକରେ ଲମ୍ବାଇ ପ୍ରଶେସନ୍ ଆଗରେ ଚାଲିପାରିବ କିରେ। ହେଃ ହେଃ –

ତେଣେ ଗାଁ ମୁଣ୍ଡରେ ଜଙ୍ଗଲ ବିଭାଗ କର୍ମଚାରୀ ନିଆଁହୁଳା , ଟର୍ଚ୍ଚ ଧରି ଗୋଟାଏ ହାତୀକୁ ହୋ ହାଲ୍ଲା କରି ଘଉଡ଼ଉଛନ୍ତି । ଗାଁର ପ୍ରାୟ ଲୋକ ମଧ୍ୟ ସେଥିରେ ସାମିଲ ହେବାକୁ ଦୌଡ଼ିଲେଣି। ଜ୍ୟୋତିର ଇଚ୍ଛା ଗଣେଶ ବିସର୍ଜନ ମାର୍ ଗୁଲି... ହାତୀ ପାଖକୁ ଯିବ , ପୁଣି ସ୍ୱପ୍ନ ଉଙ୍କିମାରୁଛି, ମଲା ହାତୀ ଛୁଆର ମାଆ ରାତିରେ ଆସିନାହିଁ ତ ? ଲୋମ ଟାଙ୍କୁରି ଉଠୁଛି। ଜ୍ୟୋତି ଦୌଡ଼ିଲା ଜବାବ ମାଗିବାକୁ ବୋଧେ ହାତୀ ଆସିଛି।

*ଦୂରଭାଷ: ୯୪୩୭୧୮୫୬୮୨*

# ଅଲୌକିକ ଦେବଭୂମି ଶ୍ରୀକ୍ଷେତ୍ର

ଜୟଶ୍ରୀ ପଟ୍ଟନାୟକ

ବୈକୁଣ୍ଠର ପ୍ରତୀକ ଶ୍ରୀ ଜଗନ୍ନାଥ କ୍ଷେତ୍ର ଏକ ଅଲୌକିକ ଦେବଭୂମି । କୋଉ ଆବହମାନ କାଳରୁ ଶ୍ରୀ ଜଗନ୍ନାଥଙ୍କ ପାଇଁ ଶ୍ରୀକ୍ଷେତ୍ର ପୁଣ୍ୟଭୂମି, ପବିତ୍ର ଭୂମି ଭାବରେ ଖ୍ୟାତ ଓ କାଳିଆ ଠାକୁର ପାଇଁ ଦେଶ ବିଦେଶରେ ଶ୍ରୀକ୍ଷେତ୍ରର ପରିଚୟ ରହିଛି । ଉତ୍କଳର ଆତ୍ମା ହେଉଛନ୍ତି ଜଗନ୍ନାଥ । ଶ୍ରୀ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ପରେ ଅପବିତ୍ର ଭୂମି ବି ପବିତ୍ର ହୋଇଉଠିଛି । ଇତିହାସର ନାନା ଘାତ ପ୍ରତିଘାତ, ଆକ୍ରମଣ, ଲୁଣ୍ଠନ, ଅତ୍ୟାଚାର ସତ୍ତ୍ୱେ ବି ଶ୍ରୀ ଜଗନ୍ନାଥ ଯୁଗ ଯୁଗ ଧରି ଓଡିଶାର ଦାରୁଦେବତା ରୂପେ ପ୍ରତୀୟମାନ । ପତିତମାନଙ୍କୁ ଉଦ୍ଧାରିବା ପାଇଁ ପ୍ରଭୁ ସ୍ୱୟଂ ବାଛି ନେଇଛନ୍ତି ଏହି କ୍ଷେତ୍ର ।

ପଂଚକୋଶ ପୁଣ୍ୟଭୂମି ନୀଳଗିରି ଶ୍ରେଷ୍ଠ
ତୀର୍ଥରାଜ ପୂର୍ବେ ରହି ଯେ ଅକ୍ଷୟ ବଟ ।
ଏ ପୁଣ୍ୟ ସ୍ଥାନରେ ଦାରୁବ୍ରହ୍ମ ରୂପେ ଆସି
ଶ୍ରୀ ଚରଣ ତଳେ ସର୍ବେ ହୋଇଲେ ସେ ବାସୀ ।
ବିଜୟ ହୁଅନ୍ତେ ଆସି ଦେବ ଦାରୁବ୍ରହ୍ମ
ପ୍ରକାଶ କରିଲ ନାଥ ଏକାକାର ଧର୍ମ ।
ବୈକୁଣ୍ଠେ ଆଣି ସ୍ଥାପିଲ ଗୋଲାହାଟ ଗୋଟି
ବ୍ରାହ୍ମଣ୍ଟ ଚଣ୍ଡାଳ ଯାଏ ଖାଉଛନ୍ତି ଲୋଟି ।

ଶ୍ରୀଜଗନ୍ନାଥ ଧର୍ମ ଏକାକାର ଧର୍ମ ଭାବରେ କଥିତ । କେବଳ ଓଡିଶାରେ ନୁହେଁ ଶ୍ରୀ ଜଗନ୍ନାଥ ଚେତନା ସମଗ୍ର ପୃଥିବୀରେ ପରିବ୍ୟାପ୍ତ । ସାଧାରଣ ଚକ୍ଷୁରେ ସେ ଦାରୁବ୍ରହ୍ମ କିନ୍ତୁ ଭକ୍ତର ଦିବ୍ୟଦୃଷ୍ଟିରେ ସେ ପରମପୁରୁଷ ଭଗବାନ, ଲୀଳାମୟ,ଦୟାଳୁ ଓ ପରମ ଭକ୍ତ ବତ୍ସଳ । ଏହା ଜଗନ୍ନାଥର ଦେଶ । ରାସ୍ତାର ନାମ ଜଗନ୍ନାଥ ସଡକ , କ୍ଷେତ୍ରର ନାମ ଜଗନ୍ନାଥ ପୁରୀ, ଧର୍ମର ନାମ ଜଗନ୍ନାଥ ଧର୍ମ, ଚେତନାର ନାମ ଶ୍ରୀ ଜଗନ୍ନାଥ ଚେତନା, ପୁରାଣର ନାମ ଶ୍ରୀ ଜଗନ୍ନାଥ ମହାପୁରାଣ । ସେ ସର୍ବ ମଙ୍ଗଳ ଜଗନ୍ନାଥ । ଭାରତର ଚାରି ଧାମ ଭିତରେ ପୁରୁଷୋତମ କ୍ଷେତ୍ର ହେଉଛି ଅନ୍ୟତମ ପବିତ୍ର ଧାମ । ପଶ୍ଚିମରେ ଦ୍ୱାରକା, ଉତରରେ ବଦ୍ରିନାଥ, ଦକ୍ଷିଣ ରାମେଶ୍ୱର, ପୂର୍ବରେ ପୁରୁଷୋତମ ପୁରୀ ମହାପ୍ରସାଦ ଯୋଗୁ ବେଶୀ ପ୍ରାଧାନ୍ୟ ଲାଭ କରିଛି । ପୁରାଣ ଅନୁସାରେ ସଂସାରର ପ୍ରଳୟ କାଳରେ କେବଳ ନୀଳଗିରି ଛଡା ଅନ୍ୟସବୁ ସ୍ଥାନ ଜଳରେ ବୁଡି ଯାଇଥିଲା । ସ୍ୱୟଂ ନାରାୟଣ ଅଙ୍ଗୁ ଷ୍ଠ ପରିମିତ ବାଳମୁକୁନ୍ଦ ରୂପେ ନୀଳଗିରିର ଅକ୍ଷୟବଟମୂଳେ ଏକ ବଟପତ୍ରରେ ଭାସୁଥିଲେ । ଭାସୁଥିବା ସପ୍ତକଳ୍ପଜୀବୀ ମୁନିଙ୍କୁ ନାରାୟଣ ଏହି ବୃକ୍ଷ ମୂଳରେ ଉଦର ମଧ୍ୟରେ ଆଶ୍ରୟ ଦେଇଥିଲେ । ନୀଳଗିରି ରୋହିଣୀକୁଣ୍ଡରେ ଏକ କାକ ପତିତ ହେବା ମାତ୍ରକେ ଦିବ୍ୟରୂପ ଧାରଣ କରି ଚତୁର୍ଭୁଜ ହୋଇ ସ୍ୱଦେହରେ ବୈକୁଣ୍ଠକୁ ଗମନ କରିଥିଲା । ଏହି କ୍ଷେତ୍ର ସେହି ହେତୁ ପ୍ରଳୟ ପ୍ରକୋପରୁ ବହିର୍ଭୁତ । ନର, ସୁର, ଅସୁର ସମସ୍ତଙ୍କର ଦୁର୍ଲଭ ସ୍ଥାନ । ବ୍ରତ, ତୀର୍ଥ, ଯଜ୍ଞ, ଦାନରେ ଯେଉଁ ପୁଣ୍ୟ ହୁଏ ଏହି କ୍ଷେତ୍ରରେ ବାସ କଲେ ସେ ସମସ୍ତ ଫଳ ପ୍ରାପ୍ତ ହୋଇଥାଏ । ଏହି ମୋକ୍ଷପ୍ରଦ କ୍ଷେତ୍ରରେ ଯନ୍ତ୍ରପତି ଯମରାଜଙ୍କ କର୍ତୃତ୍ୱ ନାହିଁ । ସାଗର ତୀର ଠାରୁ ଅକ୍ଷୟବଟର ମୂଳଦେଶ ପର୍ଯ୍ୟନ୍ତ ସ୍ଥାନରେ କୀଟ, ପକ୍ଷୀ, ମନୁଷ୍ୟ ଯେ କେହି ପ୍ରାଣତ୍ୟାଗ କଲେ ଭଗବାନ ତାହାଙ୍କୁ ମୁକ୍ତି ପ୍ରଦାନ କରନ୍ତି । ଏହି ଅନ୍ତର୍ବେଦୀ (ସମୁଦ୍ର ତଟ ଠାରୁ ବଟ ବୃକ୍ଷ ପର୍ଯ୍ୟନ୍ତ ସ୍ଥାନର ନାମ) ପରମ ପବିତ୍ର । ଦେବତାମାନଙ୍କର ବାସସ୍ଥାନ । ଦାରୁବ୍ରହ୍ମ ଜଗନ୍ନାଥଙ୍କ ଅବସ୍ଥିତି ଯୋଗୁଁ ଏହି କ୍ଷେତ୍ର ପରମ ପବିତ୍ର ସ୍ଥାନ ରୂପେ ଗଣ୍ୟ ଏବଂ ଏହି କ୍ଷେତ୍ର ଯୋଗୁଁ ଉତ୍କଳ ଦେଶ ପୁଣ୍ୟତମ ସ୍ଥାନ । ଇନ୍ଦ୍ରାଦି ଦେବତାମାନେ ଏହି କ୍ଷେତ୍ରରେ ସର୍ବଦା ବାସ କରନ୍ତି । ଏ ପବିତ୍ର ମାଟିରେ ଯେଉଁମାନେ ବାସ କରନ୍ତି ସେମାନଙ୍କର ଜୀବନ ଧନ୍ୟ । ଦାରୁଠାକୁର ଓ ମହାପ୍ରସାଦ ଯୋଗୁଁ ପୁରୁଷୋତମ କ୍ଷେତ୍ର ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଦାରୁମୂର୍ତି ବେଦାନ୍ତ ସମ୍ମତ । ସ୍ୱୟଂ ଭଗବାନ ସ୍ୱଇଚ୍ଛାରେ ନିଜେ ନିଜକୁ ଗଠନ କରି ଏହି ସ୍ଥାନରେ ଆବିର୍ଭୂତ ହୋଇଛନ୍ତି । ପୌରାଣିକ ତଥା ଐତିହାସିକଙ୍କ ମତରେ ମହାପ୍ରଭୁ ପୁରୀରେ ଆସି ଅବସ୍ଥାନ କରି ପ୍ରତାପ ରୁଦ୍ର ଦେବ ତଥା ଗଜପତି ମହାରାଜାଙ୍କୁ ଆଦେଶ ଦେଇ ନିଜେ ନିଜକୁ ଆତ୍ମପ୍ରକାଶ କଲେ । ସେହି ହେତୁ ଅନ୍ୟାନ୍ୟ କ୍ଷେତ୍ର ଅପେକ୍ଷା ଏହି କ୍ଷେତ୍ର ଅତ୍ୟନ୍ତ ପବିତ୍ର ।

ଏହାର ମାଟି ପବିତ୍ର, ଦେବତା ପବିତ୍ର, ଦାରୁରୂପୀ ଜଗନ୍ନାଥଙ୍କ ଅବସ୍ଥିତି ଯୋଗୁଁ ଏ କ୍ଷେତ୍ରକୁ ପବିତ୍ର ସ୍ଥାନରୂପେ ପରିଗଣିତ କରାଯାଇଛି । ଏହି କ୍ଷେତ୍ରର ଅନ୍ୟନାମ ହେଉଛି ଶ୍ରୀକ୍ଷେତ୍ର । ଠାକୁର ଜଗତରନାଥ ଜଗନ୍ନାଥ । ଦେଉଳ ବଡଦେଉଳ, ଦାଣ୍ଡ ବଡଦାଣ୍ଡ, ପ୍ରସାଦ ମହାପ୍ରସାଦ, ସମୁଦ୍ର ମହୋଦଧି, ଠାକୁର ଚକାଆଖି, ବାହୁ ମହାବାହୁ । ଏକ୍ଷେତ୍ରର ପୀଠ ଦେବତା ସ୍ୱୟଂ ବିଷ୍ଣୁ । ଶ୍ରୀକ୍ଷେତ୍ର ସ୍ୱୟଂ ବିଷ୍ଣୁଙ୍କ ଆଳୟ । ଶ୍ରୀ ଜଗନ୍ନାଥଙ୍କ ଏହା ନିବାସ ସ୍ଥାନ । ବୈଷ୍ଣବଙ୍କ ମତରେ ଏହା ଜଗନ୍ନାଥଙ୍କ ବିହାରସ୍ଥଳୀ, ନୀଳାଚଳ, ପୁରୁଷୋତମ କ୍ଷେତ୍ର ମହା ନିତ୍ୟସ୍ଥଳୀ ବୈକୁଣ୍ଠ, ଗୋଲକ, ମର୍ତ୍ୟ ବୈକୁଣ୍ଠ, ସକଳ ତୀର୍ଥ କ୍ଷେତ୍ରର ଆଧାର । ଏହି କ୍ଷେତ୍ର ହିଁ ଗୁପ୍ତ ବୃନ୍ଦାବନ, ଗୁପ୍ତ ବୈକୁଣ୍ଠ, ଗୋଲକ ଧାମ । ଏଠାରେ ନିତ୍ୟ ଚାଲିଥାଏ ଉତ୍ସବମାନ । ଋଷିମୁନିଙ୍କର ଏହା ସାଧନା ପୀଠ । ମର୍ତ୍ୟବୈକୁଣ୍ଠ ହିଁ ଶ୍ରୀକ୍ଷେତ୍ର । ଶ୍ରୀ ଅର୍ଥ ସମସ୍ତ ତତ୍ତ୍ୱର ଅପୂର୍ବ ସମାହାର । ଧନ

ସଂପଦର ଅଧିଷ୍ଠାତ୍ରୀ ଦେବୀ ମହା ବିଷ୍ଣୁରୂପୀ ଶ୍ରୀ ଜଗନ୍ନାଥଙ୍କ ଶକ୍ତି ଶ୍ରୀଦେବୀ ଏଠାରେ ବିରାଜମାନ । ଲକ୍ଷ୍ମୀ ତନ୍ତ୍ର ଅନୁସାରେ ଜ୍ଞାନ, ଶକ୍ତି, ବଳ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ ତଥା ତେଜ ଏ ଛଅଟିର ଯୁଗପତ୍ ସହଯୋଗ ଦିବ୍ୟଲୋକ ବୈକୁଣ୍ଠରେ ରହିଛି । ତେଣୁ ଏହି କ୍ଷେତ୍ର ସାକ୍ଷାତ୍ ବୈକୁଣ୍ଠ ସ୍ୱରୂପ ଅଟେ । ନିଦ୍ରା, ସମାଧି, ସତ୍କର୍ମ, ପରମାନନ୍ଦ ତଥା ସଂସାର ନିବୃତି ଆଦି ସକଳ କାମ ନିମିତ ପ୍ରଶସ୍ତ କ୍ଷେତ୍ର ଅଟେ । ଏହାର କ୍ଷେତ୍ର ଯେ ଶ୍ରୀକ୍ଷେତ୍ର ତାହା ନୁହେଁ ତା ସହିତ ଶ୍ରୀମନ୍ଦିର, ଶ୍ରମହାପ୍ରସାଦ, ଶ୍ରୀବିହାର, ଶ୍ରୀନହର, ଶ୍ରୀପୟର, ଶ୍ରୀମୁଖ, ଶ୍ରୀଅଙ୍ଗ ଆଦି ଶବ୍ଦମଧ୍ୟ ମହିମାନ୍ୱିତ । ଦେବାଧିଦେବଙ୍କ ନିତ୍ୟ ବିହାର ଯୋଗୁଁ ଯମରାଜ ମଧ୍ୟ ଦୂରରେ ରୁହନ୍ତି । ଶ୍ରୀଙ୍କର ନାମାନୁସାରେ ଏକ୍ଷେତ୍ରର ନାମ ଶ୍ରୀକ୍ଷେତ୍ର । ତାତ୍ୱିକ ଅର୍ଥରେ ଶ୍ରୀ ଏବଂ ଶ୍ରୀ ବିଦ୍ୟା – ଶ୍ରୟତି ହରିଂ ଇତି ଶ୍ରୀଃ । ଶ୍ରୀ ହେଉଛନ୍ତ ମହାତ୍ରିପୁରାସୁନ୍ଦରୀ ତାଙ୍କର ଆରାଧନାର କ୍ରମ ୬୪ ପ୍ରକାର । ଏହି ବିଦ୍ୟା ଯେଉଁ ଯନ୍ତ୍ର ଉପରେ ଆଧାରିତ ତାହାର ନାମ ଶ୍ରୀଯନ୍ତ୍ର । ଯେଉଁ ଯନ୍ତ୍ର ଉପରେ ଏହି ତ୍ରିମୂର୍ତିମନ୍ତଭାବେ ଅବସ୍ଥାନ କରନ୍ତି ତାହାର ନାମ ଶ୍ରୀକ୍ଷେତ୍ର ବା ଶ୍ରୀତୀର୍ଥ । ଏହି ପୀଠ ପ୍ରଥମତଃ ଏକ ତନ୍ତ୍ର ପୀଠ ଏବଂ ଶାକ୍ତକ୍ଷେତ୍ର । ଶ୍ରୀଦେବୀ ଏହି ପୀଠର ଆଦ୍ୟ ଆରାଧ୍ୟ ଥିବାରୁ ଏହି ମନ୍ଦିରର ନାମ ଶ୍ରୀମନ୍ଦିର ଏବଂ କ୍ଷେତ୍ରର ନାମ ଶ୍ରୀକ୍ଷେତ୍ର ଭାବରେ ଆଖ୍ୟାତ ହୋଇଅଛି । ପ୍ରଭୁଙ୍କ ସିଂହାସନକୁ ରତ୍ନ ସିଂହାସନ, ରତ୍ନବେଦୀ, ଅନ୍ତର୍ବେଦିଦି, ନୀଳାଦ୍ରିମଣ୍ଡପ କୁହାଯାଏ । ଭାଷାବିତ୍ ଓ ଐତିହାସିକଙ୍କ ମତରେ ରତ୍ନବେଦୀରେ ରତ୍ନମାନ ଖଚିତ ହୋଇଅଛି ବେଦ ମଧ୍ୟ ବେଦିରେ ରହିଛି । ପୂର୍ବରେ ହୀରା, ଦକ୍ଷିଣରେ ମୁକ୍ତା, ପଶ୍ଚିମରେ ବୈଦୁର୍ଯ୍ୟ, ଉତରରେ ବିଦ୍ରୁମ, ଅଗ୍ନିକୋଣରେ ସ୍ଫଟିକ, ନୈଋତରେ ପୁଷ୍ପରାଗ, ବାୟୁକୋଣେ ଚନ୍ଦ୍ରକାନ୍ତ, ଇଶାନରେ ଇନ୍ଦ୍ରନୀଳ ଓ ମଧ୍ୟଭାଗରେ ବ୍ରହ୍ମରାଗ ବା ଅହ୍ମହୀରା ଖଚିତ ହୋଇ ରହିଛି । ଏଇସବୁ ଅଷ୍ଟମଣି ମହାପ୍ରଭୁଙ୍କ ପାଖରେ ରହିଲେ । ରତ୍ନ ସିଂହାସନ ମୁଗୁନି ପଥରରେ ନିର୍ମିତ। ଏହାର ଶରୀରରେ ରତ୍ନମାନ ଖୋଦିତ ହୋଇଛି । ସାରଳାଦାସ ସିଂହାସନରେ ବିଜେ ତିନିଠାକୁରଙ୍କୁ ବର୍ଣ୍ଣନା କଲେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ମହାପ୍ରଭୁ ଏକ । ଏକରୁ ଅନେକତା ନିଜେ ହିଁ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଇ ମଧ୍ୟରେ ଏକାତ୍ମତା ରହିଛି । ଯଦୁବଂଶ ଲୋପ ପାଇଛି କିନ୍ତୁ ଜଗନ୍ନାଥ ଅବତାରରେ ସତ୍ୱ, ରଜ, ତମ ଗୁଣର ସୃଷ୍ଟି, ପାଳନ ଓ ସଂସାର ତିନିମୂର୍ତ୍ତିର ପ୍ରତୀକ ସାଜିଛନ୍ତି । ଏଣୁ ରତ୍ନବେଦୀରେ ସମସ୍ତ ଶକ୍ତିର ସମନ୍ୱୟ ଘଟିଛି । ବ୍ୟାସକୃତ ଭାଗବତ ଅନୁସାରେ ତାଙ୍କ ମାତା ନାହିଁ କି ପିତା ନାହିଁ କେହି ଆତ୍ମୀୟ କି ପର ନାହାନ୍ତି ତାଙ୍କର ଦେହ ନାହିଁ କି ଜନ୍ମ ମଧ୍ୟ ନାହିଁ । ସେ ଅବ୍ୟୟ, ଅଣାକାର । ସାଧୁମାନଙ୍କ ପରିତ୍ରାଣ ପାଇଁ ଲୀଳାଖେଳା କରନ୍ତି ସ୍ୱୟଂ ନିଜେ ।

ପ୍ରତିବର୍ଷ ରଥଯାତ୍ରା ସମୟରେ ନବଦିନାତ୍ମକ ଯାତ୍ରାରେ ଏ ମାଟି ପବିତ୍ର ହୋଇଉଠେ । ବଡଦାଣ୍ଡର ଧୂଳି ମୁଣ୍ଡରେ ମାରି କାହିଁ କେତେଦୂରରୁ ଆସିଥିବା ଭକ୍ତଟିଏ ପ୍ରଭୁଙ୍କୁ ଚର୍ମଚକ୍ଷୁରେ ଦେଖି ପାପମୋଚନ କରେ । ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ପ୍ରଭୁ ଏହି ସମୟରେ ଭକ୍ତମାନଙ୍କୁ ଦେଖାଦେଇ ମହାନତାର ପରିଚୟ ଦିଅନ୍ତି । ବାର ବର୍ଷରେ ଥରେ କିମ୍ବା ଯୋଡା ଆଷାଢ଼ରେ ନବକଳେବର ହୁଏ । ପୁରୁଣା ଦିଅଁଙ୍କୁ କୋଇଲି ବୈକୁଣ୍ଠରେ ପାତାଳି କରାଯାଏ । ଏହା ଏ ମାଟିର ଠାକୁରଙ୍କର ଗୋଟିଏ ବୈଶିଷ୍ଟ୍ୟ । ଏ କ୍ଷେତ୍ରରେ ବାରମାସରେ ହୁଏ ତେରଯାତ । ଶ୍ରକ୍ଷେତ୍ର ମାଟି ଉତ୍ସବମୁଖର ହୋଇପଡେ ଯାନିଯାତ୍ରା ସମୟରେ। ଦେବସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା ଦିନ ଠାକୁରଙ୍କର ଚଳନ୍ତି ପ୍ରତିମାକୁ ଭକ୍ତଗଣ ପ୍ରତ୍ୟେକ୍ଷରେ ଦେଖିପାରନ୍ତି, ଛୁଇଁ ପାରନ୍ତି, ଆବେଗରେ କୁଣ୍ଢେଇ ପାରନ୍ତି। ଏ ମାଟିରେ ନଥାଏ କିଛି ଭେଦଭାବ, ଉଚ୍ଚନୀଚର ବାଛବିଚାର । ଦୀର୍ଘ ଏଗାରମାସ ସେ ମନ୍ଦିରର କାଳିଆଠାକୁର କିନ୍ତୁ ଦେବସ୍ନାନ ପୂର୍ଣ୍ଣମୀ ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ସେ ଦଇତାପତିର ଠାକୁର । କେବଳ ପ୍ରେମ ଓ ସମର୍ପଣ ଭାବ ନେଇ ଠାକୁରଙ୍କ ଆଶିର୍ବାଦ ଲଭିହୁଏ । ସେ ଭାବର ଠାକୁର, ଉତ୍କଳମାଟିର ଠାକୁର, ସନାତନ ଧର୍ମର ଠାକୁର, ପତିତମାନଙ୍କର ଠାକୁର । ଏ ମାଟି ଆଜି ଧନ୍ୟ ହୋଇଛି ଯେଉଁ ମାଟିରେ ପତିତପାବନ ଯାତ୍ରା ସମୟରେ ନ ଥାଏ ହିନ୍ଦୁ, ମୁସଲମାନ, ଶିଖ, ଜୈନ, ବୌଦ୍ଧ ଜାତିର ଭେଦଭାବ । ଦଳିତ, ପତିତ, ନିଷ୍ପେସିତ ସମସ୍ତଙ୍କର ସେ ଠାକୁର । ଶ୍ରୀକ୍ଷେତ୍ର ହେଉଛି ଐକ୍ୟ ସଂହତିର ପ୍ରତୀକ । ଏ ସଂସ୍କୃତି ହେଉଛି ମହାନ । ଏଠାରେ ବାରମାସରେ ଲାଗିଥାଏ ତେର ଯାତର ମେଳି । ଏଠି ଠାକୁର ରାଜା ଗଜପତିଦେବ ଠାକୁରଙ୍କର ରଥଯାତ୍ରା ସମୟରେ ଛେରାପହଁରା କରି ଦର୍ଶାଇ ଦେଇଛନ୍ତି ଯେ ଏ ମାଟିରେ ଧନୀ ଗରୀବ, ଉଚ୍ଚନୀଚର ପାର୍ଥକ୍ୟ ନାହିଁ । ରଥଯାତ୍ରା ଦିନ ଘଂଟ, ବାଦ୍ୟ, ହୁଳହୁଳି, ଭେରୀ, ତୂରୀ, ମୃଦଙ୍ଗ ଓ ଝାଞ୍ଜର ମିଶ୍ରିତ ନାଦରେ ଉଚ୍ଛୁଳି ପଡେ ବଡଦାଣ୍ଡର ମାଟି । ଯେଉଁ ମାଟି ଦେଇ ସ୍ୱୟଂ ଜଗନ୍ନାଥ ନିଜର ବଡଭାଇ ହଳାୟୁଧ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଜନ୍ମମାଟି ଗୁଣ୍ଡିଚାକୁ ଯାଆନ୍ତି ପୁଣି ସେହି ମାଟି ଦେଇ ଫେରି ଆସନ୍ତି ବାହୁଡା ଯାତ୍ରାରେ ରାଜନଅରକୁ । କର୍ମବେଦୀରୁ ଜନ୍ମବେଦୀ ପୁଣି ଜନ୍ମବେଦୀରୁ କର୍ମବେଦୀ ହୁଏ ତାଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଓ ବାହୁଡା ଯାତ୍ରା । ଏ କ୍ଷେତ୍ରରେ ରହିଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟବୈକୁଣ୍ଠ । ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଭିତରକୁ ଗଲେ ପଡେ ବାଇଶି ପାହାଚ । କୁହାଯାଏ ଯେ ମହାପ୍ରଭୁଙ୍କର ଦର୍ଶନ ପୂର୍ବରୁ ସମସ୍ତ ପାପ ରାଶି ବାଇଶି ପାହାଚରେ ଧୂଳିସାତ୍ ହୋଇଯାଏ । ପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଆଗମନ କରନ୍ତି ଏହି ପାହାଚ ଦେଇ । ନବକଳେବର ସମୟରେ ଦଇତାପତିମାନେ ନବମୂର୍ତି ଗଠନ ପରେ ପୁରୁଣା ମୂର୍ତିମାନଙ୍କୁ କୋଇଲି ବୈକୁଣ୍ଠ ଠାରେ ବିସର୍ଜନ ଦେଇ କ୍ଷୌରସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ବାଇଶି ପାହାଚକୁ ଆସନ୍ତି । ସେଠାରେ ମୁଣ୍ଡିଆ ମାରି ଶାନ୍ତି ଉଦକ ପାଆନ୍ତି କାରଣ ବାଇଶି ପାହାଚ ହେଉଛି ପବିତ୍ର ଓ ମୁକ୍ତିର ସ୍ଥାନ । ସେହିପରି ସ୍ୱର୍ଗଦ୍ୱାରର ମାଟି ମଧ୍ୟ ଖୁବ ପବିତ୍ର କାରଣ ଏହା ଏକ ପବିତ୍ର ସ୍ଥାନ। ସ୍ୱର୍ଗଦ୍ୱାର ହେଉଛି ସ୍ୱର୍ଗକୁ ଯିବା ପଥ । ଯେଉଁ ପଥ ଦେଇ ସ୍ୱର୍ଗଲୋକରେ ବାସ କରୁଥିବା ଦେବତାମାନେ ଦୈନନ୍ଦିନ ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ରରେ ବିରାଜମାନ ବ୍ରହ୍ମଙ୍କର ସାକାର ରୂପ ଦର୍ଶନ କରିବାକୁ ଆସିଥାନ୍ତି ଓ ପ୍ରତ୍ୟାବର୍ତନ କରିଥାନ୍ତି । ସ୍କନ୍ଦପୁରାଣ ଅନୁସାରେ ଦେବତାମାନେ ଯେଉଁ ସ୍ୱର୍ଗାରୋହଣ ପଥରେ ଜଗଦୀଶ୍ୱର ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଭୂସ୍ୱର୍ଗ ନାମରେ ପ୍ରସିଦ୍ଧ ଶ୍ରୀପୁରୁଷୋତମ କ୍ଷେତ୍ରକୁ ପ୍ରତ୍ୟେହ ଆସନ୍ତି, ତାହାର ନାମ ସ୍ୱର୍ଗଦ୍ୱାର। ଶ୍ରୀକ୍ଷେତ୍ର ମାଟିର ଅନ୍ୟ ଏକ ଆକର୍ଷଣ ହେଉଛି ତୀର୍ଥରାଜ ମହୋଦଧି । ସମସ୍ତ ପୁଣ୍ୟ ସଲୀଳା ନଦୀ ସମୁଦ୍ରରେ ମିଶୁଥିବାରୁ ସମୁଦ୍ର ପୁଣ୍ୟତମ ଅଟେ । ମହୋଦଧିରେ ସ୍ନାନକଲେ ସବୁ ତୀର୍ଥର ପୁଣ୍ୟ ମିଳେ । ସୁତରାଂ ଯେଉଁ ପୁଣ୍ୟକ୍ଷେତ୍ରରେ ଏହିସବୁ ର ଉପସ୍ଥିତି ରହିଛି ସେ ମାଟି ପବିତ୍ର ନୁହେଁ ତ ଆଉ କଣ ? କାଳିଆଦିଅଁ ସମସ୍ତଙ୍କର, ଦୁଃଖୀ, ରଙ୍କୀ ଆର୍ତିର । ଭକ୍ତଙ୍କର ଆକୁଳ ନିବେଦନ, ବ୍ୟାକୁଳତା ସବୁକୁ ସେ କର୍ଣ୍ଣପାତ କରନ୍ତି । ତେଣୁ ତ ସେ ଭାବର ଠାକୁର । ଶ୍ରୀକ୍ଷେତ୍ର ମାଟିର ଠାକୁର । ଓଡିଶାବାସୀଙ୍କର ଠାକୁର ବିଶ୍ୱର କାଳିଆ ଠାକୁର । ତାଙ୍କ ପଦ୍ମପାଦରେ କୋଟି ଜୁହାର ସେ ଯେ ସବୁଧର୍ମର ଠାକୁର । ତାଙ୍କପାଇଁ ଏ ମାଟି ପବିତ୍ର ଧନ୍ୟ ସେ ତୀର୍ଥକ୍ଷେତ୍ର ନାମ ଶ୍ରୀକ୍ଷେତ୍ର ।

*ଗଙ୍ଗନଗର, ଭୁବନେଶ୍ୱର, ୭୯୭୮୧୧୦୪୭୪*




# ଲୋକାର୍ପଣ

**ରାମଚନ୍ଦ୍ର ସାହୁ**

ସୁଦୃଶ୍ୟ ଅଟ୍ଟାଳିକା ସାମ୍ନାରେ ଲମ୍ବ ପୋର୍ଟିକୋ। ଅତିଥିଙ୍କ ପାଇଁ ସୁସଜ୍ଜିତ ଭାବରେ ଅନେକ ଚେୟାର ପଛକୁ ପଛ ଲମ୍ବିଛନ୍ତି। ସାମ୍ନା କାନ୍ଥରେ ଲାଗିଥିବା ରଙ୍ଗିନ ବ୍ୟାନରଟି ସୂଚେଇ ଦେଉଛି ପ୍ରାଣପ୍ରିୟା ଦମୟନ୍ତୀଙ୍କ ସ୍ମୃତି ରକ୍ଷା ସକାଶେ ଧୃବାନନ୍ଦ ବାବୁ ଏ କବିତା ସଙ୍କଳନ ଲୋକାର୍ପିତ କରିବେ। ଏକ ବର୍ଷ ପୂର୍ବରୁ ପତ୍ନୀ ଦମୟନ୍ତୀଙ୍କ ଦାରୁଣ ବିୟୋଗ ଜନିତ ଦୁଃଖ ଧୃବାନନ୍ଦ ବାବୁଙ୍କୁ କ୍ଷତାକ୍ତ କରି ଦେଇଥିଲା। ସେହି କ୍ଷତର ଉପଶମ ପାଇଁ ଆଜି ତାଙ୍କ ବାସଭବନରେ ମହାଉତ୍ସବ। ଦମୟନ୍ତୀଙ୍କ ଆବକ୍ଷ ତୈଳ ଚିତ୍ରରେ ଲମ୍ବିଛି ସଜ ରଜନୀଗନ୍ଧାର ମାଳା। ସୁଗନ୍ଧିତ ଅଗରବତୀ ପରିବେଶକୁ ଆମୋଦିତ କରୁଛି। ପରିବାରର ସମସ୍ତଙ୍କ ମନରେ ଅମାପ ପୁଲକ। ବନ୍ଧୁ ପରିଜନଙ୍କ ଭିତରେ ଧୃବାବାବୁଙ୍କ ସୁଦୃଶ୍ୟ କୋଠାଟି ମୁଖରିତ ହେଉଛି। ଦମୟନ୍ତୀଙ୍କ ଜ୍ୟେଷ୍ଠ ଭ୍ରାତା ମଧ୍ୟ ଉପସ୍ଥିତ ଅଛନ୍ତି। ପହଞ୍ଚି ଗଲେଣି କବି, ଲେଖକ, ସମାଜସେବୀ ଏବଂ ମଞ୍ଚ ଅତିଥି ସମସ୍ତେ। ଧୃବାନନ୍ଦ ବାବୁ ଆଜି ଠିକ୍ ଶାହାଜାହାନ୍ ପରି ଦେଖାଯାଉଛନ୍ତି। ସିଲ୍କି ପଞ୍ଜାବୀ ସାଙ୍ଗକୁ ଦାମୀ ଟୋପି ପରିଧାନ କରି ମଞ୍ଚକୁ ଆସିଲେ ସେ। ତାଙ୍କର ସୌନ୍ଦର୍ଯ୍ୟ ବିମଣ୍ଡିତ ପରିଧାନ ତାଙ୍କୁ ଯୁବକ ରୂପେ ଉଦ୍‌ଭାସିତ କରୁଥାଏ। ଅତିଥି ଗଣଙ୍କ ମଧ୍ୟରେ ସେ ହସ ହସ ମୁହଁରେ ନିମନ୍ତ୍ରିତ ମଞ୍ଚ ଅତିଥିମାନଙ୍କୁ ଆହ୍ୱାନ କଲେ। ପ୍ରାରମ୍ଭରେ ଧୃବାନନ୍ଦବାବୁ ତାଙ୍କ ଉଦ୍ଦେଶ୍ୟରେ ପରିପ୍ରକାଶ ପରେ କବିତା ସଙ୍କଳନ 'ଦମୟନ୍ତୀ' ଅନାବରଣ କରାଗଲା। ପୁସ୍ତକର ସମୀକ୍ଷା କରାଗଲା। ମଲାଟ ପୃଷ୍ଠାରେ ଦମୟନ୍ତୀଙ୍କ ଫଟୋ ଖୁବ୍ ଶୋଭା ପାଉଥାଏ। କେଉଁ ଋଷି ଆଶ୍ରମର ସଯତ୍ନ ବର୍ଦ୍ଧିତ କନ୍ୟାଟିଏ ପରି ସେ ସାଜିଥିଲେ ରୂପମୟୀ ନାୟିକା। ଫଟୋରୁ ଜଣାଯାଉଥିଲା ତାଙ୍କର ଯିବାର ବୟସ ହୋଇନଥିଲା। ଦୁରାରୋଗ୍ୟ ବ୍ୟାଧି ତାଙ୍କୁ ସ୍ୱାମୀଙ୍କ ହାତରୁ ଛଡ଼ାଇନେଇଛି। ସେଥିପାଇଁ ସ୍ୱାମୀ ନିତିଦିନ ତାଙ୍କ ସ୍ମୃତି ପଖଳା ଚାନ୍ଦିନୀ ରାତିକୁ ଝୁରି ହେଉଛନ୍ତି। ସେ ସବୁଦିନ ପାଇଁ ଅର୍ଦ୍ଧାଙ୍ଗ ହୋଇଯାଇଛନ୍ତି। ଶୋକର କଷାଘାତରେ ସେ ମର୍ମପୀଡ଼କ ଯନ୍ତ୍ରଣା ଅନୁଭବ କରି ଚାଲିଛନ୍ତି। ଆଖିର ଲୁହକୁ ଚାପି ରଖିଛନ୍ତି।

ମୋଗଲ ସମ୍ରାଟ ଶାହାଜାହାନ ପ୍ରାଣାଧିକା ମମତାଜଙ୍କ ପାଇଁ ତୋଳି ଦେଇଗଲେ ଏକ ଆଶ୍ଚର୍ଯ୍ୟ, ତାଜମହଲ। ତାଜମହଲ ସମ୍ରାଟ ଆଙ୍କି ଦେଇଗଲେ ପ୍ରେମର ଏକ ଅମ୍ଳାନ ସ୍ମାରକୀ। ଆଜି ମୋଗଲ ନରପତି ଶାହାଜାହାନଙ୍କ ପରି ଦୃଶ୍ୟମାନ ଧୃବାନନ୍ଦବାବୁ ତାଙ୍କ ପ୍ରାଣପ୍ରିୟା ପତ୍ନିଙ୍କ ପାଇଁ ତୋଳି ନାହାନ୍ତି ସ୍ମୃତି ସମାଧି। ଏହା ନିଶ୍ଚିତ ସତ୍ୟ। ତଥାପି ତାଙ୍କର ଅମ୍ଳାନ ପ୍ରୀତିବଲ୍ଲରୀକୁ ଚିର ସବୁଜ ରଖିବା ପାଇଁ ସୃଷ୍ଟି କରି ଗଲେ ସ୍ମୃତି କାବ୍ୟ 'ଦମୟନ୍ତୀ'। ସ୍ମୃତି କାବ୍ୟ ଲୋକାର୍ପିତ ହୋଇଯାଇଛି। ଉପସ୍ଥିତ ସମସ୍ତେ ପ୍ରଶଂସ ମୁଖର ଧୃବାନନ୍ଦ ବାବୁଙ୍କ ଅମ୍ଳାନ କୀର୍ତ୍ତି କାବ୍ୟକୁ ପାଇ। ଏହା ହିଁ ତାଙ୍କର ଅନିନ୍ଦ୍ୟ ତାଜମହଲ, ଅମ୍ଳାନ ଜହ୍ନରାତି, ଚିରସବୁଜ ସ୍ମୃତି ପୀଟକ।

ଖୁବ୍ ଅପରିପକ୍ୱ ବୟସ। ଗ୍ରାମ୍ୟ କିଶୋରୀଟିଏ ଥିଲେ ଦମୟନ୍ତୀ। ନବମ ଶ୍ରେଣୀର ଛାତ୍ରୀ। ତାଙ୍କ ଗାଁ ଉଚ୍ଚ ବିଦ୍ୟାଳୟର। ଜେଜେ ବାପାଙ୍କ ଆଦରଣୀୟ ଦମୟନ୍ତୀ ମହାଭାରତ ଏବଂ ରାମାୟଣର ପ୍ରେମ ପ୍ରଣୟର କାହାଣୀକୁ ପାଠ ଠାରୁ ଅଧିକ ଭଲ ପାଉଥିଲେ। ପ୍ରତ୍ୟେକଟି କାହାଣୀକୁ ସେ ସ୍ମରଣରେ ରଖିଥିଲେ। ସମୟେ ସମୟେ ଜେଜେ ତାଙ୍କୁ ମାର୍ଗଦର୍ଶନ ଦିଅନ୍ତି। ଯୌବନର ଆଦ୍ୟ ପାହାଚର ଅଜାତ ଶ୍ମଶ୍ରୁ ଯୁବକ ଧୃବାନନ୍ଦ ସେତେବେଳେ ପ୍ରଥମେ ମହାବିଦ୍ୟାଳୟର ପରିବେଶକୁ ଆପଣେଇ ନେଇଥାନ୍ତି। ଦମୟନ୍ତୀଙ୍କୁ ଭେଟି ଥିଲେ ତାଙ୍କ ମାମୁଙ୍କ ପରିବାରରେ। ଅବଶ୍ୟ ଦମୟନ୍ତୀ ମାମୁଙ୍କ ପରିବାରର କନ୍ୟା ନଥିଲେ। ତଥାପି ଓଷା ବାର ବ୍ରତରେ ସେଠାକୁ ଆସନ୍ତି। ଧୃବାନନ୍ଦଙ୍କ ମନ କେମିତି କେଜାଣି ଦମୟନ୍ତୀଙ୍କୁ ଆକର୍ଷିତ କରିଥିଲା। ତାହା ଥିଲା ପ୍ରେମର ଚୁମ୍ବକୀୟ ଆକର୍ଷଣ। ପ୍ରଥମ ସାକ୍ଷାତରେ କିଶୋରୀ ଦମୟନ୍ତୀ ପରଖି ନେଇଥିଲେ ସେହି ଅଜଣା ଅଦେଖା ଧୃବାନନ୍ଦଙ୍କୁ। ସମୟେ ସମୟେ ନବଯୁବକ ତାଙ୍କ ମାମୁଘରକୁ ଯାଆନ୍ତି। ମନ ଖୋଜୁଥାଏ ହୀରାଟିଏ। କିପରି ସାକ୍ଷାତ ହୋଇଯାଆନ୍ତା କି .....। ତାଙ୍କ ଗାଁରେ ହୁଏ ପାଲା ଉତ୍ସବ। ଉଭୟ ଉଭୟଙ୍କୁ ଖୋଜନ୍ତି ପ୍ରେମର ସୁମନ ହୃଦୟରେ ଫୁଟାଇ, ମନ୍ଦିରରେ, ମେଳାରେ କିମ୍ବା ମାମୁଙ୍କ ଘରେ। ସମୟେ ସମୟେ ସେମାନଙ୍କର ସାକ୍ଷାତ ହୁଏ। ଛାତି ଫୁଲି ଉଠେ। ଘରକୁ ଫେରିଯାଏ କିଶୋରୀ ଦମୟନ୍ତୀ ଅନେକ ବ୍ୟଥାର ସ୍ତୂପକୁ ନେଇ। ଚିଠି ଲେଖି ନିଜର ଆବେଗକୁ ଜଣାଇ ଦେବାକୁ

ଚେଷ୍ଟା କରେ କିଶୋରୀ ଦମୟନ୍ତୀ । ହାତ ହାରିଯାଏ । ଛାତିରେ କମ୍ପନ ଆସେ । ସେ ବୁଝିଯାଏ ସତରେ ପ୍ରଣୟର ଜ୍ୱାଳାରେ ଜଳିବାର କେତେ ଆନନ୍ଦ । ପ୍ରୀତିର ମଧୁର ରାଗିଣୀ ଜନ୍ମ ନିଏ ତାଙ୍କ ଅନ୍ତର ବୀଣାରେ ।

ବାଧା ବନ୍ଧନ ମାନେ ନାହିଁ ପ୍ରେମାପ୍ଲୁତ ଯୌବନ । କୈଶୋର ଲୁଚିଯାଇ ଯୌବନ ଆତ୍ମପ୍ରକାଶ କରେ ଦମୟନ୍ତୀଙ୍କ ମନ ଆଉ ଶରୀରରେ । ଲୋଭନୀୟ, ଆକର୍ଷଣୀୟ ଯୌବନର ଦୃଶ୍ୟକୁ । ଧ୍ରୁବାନନ୍ଦ ପ୍ରେମିକାଙ୍କ ଅଙ୍ଗରେ ଉପଭୋଗ କରୁ କରୁ ମହାବିଦ୍ୟାଳୟର ସ୍ନାତକ ଡିଗ୍ରି ହାସଲ କରିନେଲେଣି । ଦମୟନ୍ତୀ ଏବେ ପୂର୍ଣ୍ଣ ଯୌବନା । ଅପୂର୍ବ ଶୋଭାରାଶୀ ବିମଣ୍ଡିତା ଅତୁଳନୀୟ ଅଙ୍ଗଶ୍ରାବଣୀ । ପ୍ରତୀକ୍ଷାର ପ୍ରଦୀପଟିଏ ଜଳୁଛି ତାଙ୍କ ଅନ୍ତରରେ ମଧୁର ସ୍ମୃତି ସମୂହକୁ ପାଥେୟ କରି । ମନରେ ଜାଗରିତ ହେଉଛି ଶତେକ ସ୍ୱପ୍ନ । ମନ ଖୋଜୁଛି ମନର ମଣିଷକୁ । ହୃଦତନ୍ତ୍ରୀକୁ ସ୍ୱପ୍ନାୟିତ କରୁଛି ଫଗୁଣର ମଧୁର ମଳୟ । ହସର ନୀଳିମାରେ ଦମୟନ୍ତୀ ରସାଣିତା । ସେ ସ୍ୱପ୍ନ ଦେଖନ୍ତି ଧ୍ରୁବାନନ୍ଦ ତାଙ୍କୁ ନିବିଡ଼ ବନ୍ଧନରେ ବାନ୍ଧି ଦେଇଛନ୍ତି ।

ସେ ଦିନର ମଧୁର ଅନୁଭୂତିଟିକୁ ଧ୍ରୁବାନନ୍ଦ ବାବୁ ଏବେ ମଧ ମନ ଫରୁଆରେ ସଯତ୍ନ ସାଇତିଛନ୍ତି । ଜୀବନ ପଶ୍ଚିମଗାମୀ । ତେଜରାଶି ଅସ୍ତଗାମୀ । ମଧୁର ଅନୁଭୂତିଟି ଏମିତି ଥିଲା – କେନ୍ଦୁଝର ଗଡ଼ ପ୍ରସିଦ୍ଧ କାଳୀମେଳା । କଳା ମଚମଚ ରାସ୍ତାରେ ଲହଡି ମାରୁଛି ଉଜ୍ଜ୍ୱଳ ବିଦ୍ୟୁତାଲୋକ । ଯାତ୍ରା ପାର୍ଟିର କଳ ପାଉଣାରୁ ଶୁଭୁଛି ମିଳନର ମଧୁର ରାଗିଣୀ । ହାତ ଧରିଛନ୍ତି ଦମୟନ୍ତୀ ପ୍ରେମିକ ଧ୍ରୁବାନନ୍ଦଙ୍କର । ଉଭୟେ ବୁଲୁଛନ୍ତି ମେଳାର ପ୍ରତିଟି କୋଣ ଅନୁକୋଣରେ । ସେଇଠି ଧ୍ରୁବାନନ୍ଦ କହିଛନ୍ତି – "ମୋତେ ଆଉ ଦୁଇବର୍ଷ ସମୟ ଦିଅ ଦମୟନ୍ତୀ । ବାଣୀବିହାରରେ ଏମ.ଏ ଆଡମିସନ୍ ପାଇଁ ଇଣ୍ଟିମେସନ ପାଇଛି । ପି.ଜି ଶେଷ କରିବା ମୋ ଜୀବନର ଅଭିଳାଷ । ତା'ପରେ ତୁମ ସହିତ ବିବାହ ବନ୍ଧନ ସୁଯୋଗ ହାତଛଡ଼ା କରିବି ନାହିଁ ।

"କେତେ ଦିନ ଆଉ ମୁଁ ଲୁଚେଇ ରଖିବି ଆମର ପ୍ରେମକୁ । ଗୋଟିଏ ପରେ ଗୋଟିଏ ବିବାହ ପ୍ରସ୍ତାବକୁ ମୁଁ ନାକଚ କରି ଚାଲିଛି । କ'ଣ ହେବ ମୋର ଭବିଷ୍ୟତ । ତୁମକୁ ନ ପାଇଲେ ମୁଁ ସାରା ଜୀବନ ଅସହାୟ ହୋଇଯିବି ।"

– "ନା ନା ତାହା ହେବାକୁ ଦେବିନାହିଁ । ଏହା ନିଶ୍ଚିତ ।" ଦୃଢ଼ତାର ସହିତ ଜବାବ ରଖିଥିଲେ ଧ୍ରୁବାନନ୍ଦ ।

କବିତା ସଙ୍କଳନ ଦମୟନ୍ତୀରେ ଧ୍ରୁବାନନ୍ଦ ବାବୁ କବିତ୍ୱର ପରାକାଷ୍ଠା ଦେଖାଇଛନ୍ତି । ପ୍ରେମର ମଧୁର ଅନୁଭୂତିକୁ କାଗଜ ଓ କଲମରେ ରଙ୍ଗ ଭରା କରି ଚିତ୍ରିତ କରିଛନ୍ତି ସେ । ବାସ୍ତବିକ ତାଙ୍କର କବିତ୍ୱ ସ୍ୱପ୍ନମୟ ଏବଂ ଇନ୍ଦ୍ରଧନୁର ଶୋଭାରେ ଶୋଭାମୟ ।

ବିବାହର ତିରିଶ ବର୍ଷ ପରେ ଦମୟନ୍ତୀଙ୍କ ଶରୀରରେ ଧିରେ ଧିରେ ପ୍ରକାଶିତ ହେଲା ଏକ ଦୁଃସାଧ୍ୟ ଦୁରାରୋଗ୍ୟ ବ୍ୟାଧିର ଲକ୍ଷଣ । ସ୍ୱାମୀ ଭାବେ ଧ୍ରୁବାନନ୍ଦ ବାବୁ ଆରମ୍ଭରୁ ହିଁ ରୋଗର ପ୍ରତିକାର କରିଛନ୍ତି । ତ୍ରୁଟି ଶୂନ୍ୟ ଥିଲା । ଚିକିତ୍ସକମାନଙ୍କର ବ୍ୟବସ୍ଥା ପତ୍ର କିନ୍ତୁ କ'ଣ ହେଲା କେଜାଣି ଉପଶମ ବନ୍ଦ ହୋଇଗଲା । ବ୍ୟାଧିର ଆକ୍ରମଣ ବୃଦ୍ଧି ଘଟିଲା । ସାଂଘାତିକ ଯନ୍ତ୍ରଣାରେ ଛଟପଟ ହେଲେ ସେ ।

ଅସହାୟ ହୋଇ ପଡ଼ିଲେ ଧ୍ରୁବାନନ୍ଦ ବାବୁ । ପୁଅ ଅରୁଣକୁ ସାଥୀରେ ନେଇ ରୋଗିଣା ପତ୍ନୀଙ୍କୁ ପହଞ୍ଚାଇ ଦେଲେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ । ଜଗି ରହିଲେ ସେ ରୋଗିଣୀଙ୍କ ରୋଗ ଶଯ୍ୟା ନିକଟରେ । ଚିକିତ୍ସା ସଫଳ ହେଲା । କିଛି ଔଷଧ ନେଇ ଘରକୁ ଫେରିଲେ ସେମାନେ । ବହି ଚାଲିଲା ପରିବାରରେ ସ୍ୱାଭାବିକ ଜୀବନର ଧାରା । ସେମାନଙ୍କ ଜୀବନ ନାଟକର ଦୃଶ୍ୟ  ହୋଇଉଠିଲା ରଙ୍ଗ ରସଭରା । ଦାରୁଣ ଅତୀତକୁ ସାମ୍ନା କରି ମଧ ଦମୟନ୍ତୀ ହସ ଭରି ଦେଲେ ସ୍ୱାମୀଙ୍କ ହୃଦୟରେ । ସ୍ୱାମୀଙ୍କ ହୃଦବନ ପଲ୍ଲବୀତ ହେଲା । କୁସୁମ ବିରାଜିଲେ । କୋଇଲି ଗାଇଲେ ମଧୁର ମିଳନର ସଙ୍ଗୀତ । ଦମୟନ୍ତୀଙ୍କ ମନରେ ଭରିଗଲା ସ୍ୱପ୍ନ ଆଉ ସ୍ୱପ୍ନ । ତଥାପି ଧ୍ରୁବନନ୍ଦ ବାବୁ ଆଶଙ୍କାର କୋଠରୀ ଭିତରେ ବନ୍ଦୀ ହୋଇ ରହିଥାନ୍ତି । ଚିକିତ୍ସକ ଡକ୍ଟର ଚୌଧୁରୀଙ୍କ ଉପଦେଶ ତାଙ୍କୁ ବ୍ୟଥିତ କରୁଥାଏ । ତାଙ୍କର ଉପଦେଶ ଥିଲା – "ମୁଁ ଆପଣଙ୍କୁ ଗ୍ୟାରେଣ୍ଟି ଦେଇ ପାରିବି ନାହିଁ । ପୁନର୍ବାର ଲକ୍ଷଣ ଦେଖାଦେଲେ ସଙ୍ଗେ ସଙ୍ଗେ ହସ୍‌ପିଟାଲରେ ଆଡମିଟ୍ କରିନେବେ । ଅପରେସନ ମଧ ଦରକାର ପଡ଼ିପାରେ ।

ଚିକିତ୍ସକଙ୍କ ଏହି ଉପଦେଶ ଦମୟନ୍ତୀଙ୍କୁ ଅଜଣା ଥିଲା । ଜାଣି ଜାଣି ଧ୍ରୁବାନନ୍ଦ ବାବୁ ତାହାକୁ ଲୁକ୍‌କାୟିତ ରଖିଥିଲେ । ସେ ଭାବୁଥିଲେ ଦମୟନ୍ତୀଙ୍କ ମନସ୍ତତ୍ୱ ବିପର୍ଯ୍ୟସ୍ତ ନ ହେଉ ।

ଦ୍ୱିତୀୟବାର ରୋଗର ପ୍ରକୋପ ଦମୟନ୍ତୀଙ୍କ ପାଇଁ ରଚି ଦେଇଥିଲା ଏକ ବିୟୋଗାତ୍ମକ ନାଟକ । ତଳି ପେଟରେ ଅସହ୍ୟ ମର୍ମଦାହ ଯନ୍ତ୍ରଣାରେ ଛଟପଟ ହୋଇ ସେ ସ୍ୱାମୀଙ୍କ ହାତ ଧରି ଛଳଛଳ ନୟନରେ କହିଲେ – "ମୁଁ ମରିଗଲା ପରେ ତୁମେ କବିତା ଲେଖିବ ।" ବିୟୋଗାତ୍ମକ ନାଟକର ଏହା ଥିଲା ଶେଷ ଦୃଶ୍ୟର ଶେଷ ସଂଳାପ । ସେତେବେଳକୁ ରାତି କଡ ଲେଉଟାଉଥାଏ । ଶୋକ ଭରା ଅନ୍ତରରେ ଧ୍ରୁବାନନ୍ଦ କହିଥିଲେ – "ରାତି ଅନେକ ହେଲାଣି । ଏବେ ତୁମେ ଶୋଇପଡ ।" ସେହି ରାତି ଥିଲା ତାଙ୍କ ପାଇଁ କାଳ ରାତି । ସେଇଠୁ ହୋଇଥିଲା ତାଙ୍କ କବିତ୍ୱ ବିକାଶ ।

କେତେ ଦିନ ଆଉ ଅସ୍ଥିର ବିକଳାଙ୍ଗ ମନକୁ ଚାପି ରଖି ପାରିଥାନ୍ତେ ଧ୍ରୁବାନନ୍ଦ । ଏବେ ସେ ଜଞ୍ଜାଳମୁକ୍ତ । ବେକର ପଘା ଖୋଲି ଯାଇଛି । ସେ ଧରି ବସିଲେ କଲମ ପତ୍ନୀଙ୍କ ସ୍ୱପ୍ନ ଉଦ୍ଦେଶ୍ୟରେ । ଲୋକାର୍ପଣ ଉତ୍ସବରେ କବିତାର ସମୀକ୍ଷାକାରୀ ତାଙ୍କ ଅନ୍ତିମ ସଂଳାପକୁ କବିତାରୁ ଉଦ୍ଧାର କରି କହିଲେ – "କବିତାଟି ଖୁବ୍ ହୃଦୟ ସ୍ପର୍ଶୀ, ଭାବ ଏବଂ ଭାଷା ପାଠକ ସହଜରେ ଗ୍ରହଣ କରି ପାରିବ । ଅନୁଭବୀ ହୃଦୟ ନ ହେଲେ ଏପ୍ରକାର କବିତା ରଚିତ ହୋଇପାରିବ ନାହିଁ । ଲେଖନୀର ସାର୍ଥକ ସୃଷ୍ଟି ।

ପୁସ୍ତକ ଲୋକର୍ପଣ ଉତ୍ସବ ଶେଷ ହେଲା । ଦମୟନ୍ତୀଙ୍କ ଅନ୍ତିମ ସ୍ୱପ୍ନକୁ ସାର୍ଥକ କରିଦେଲେ ତାଙ୍କର ପତି ଦେବ । ଲେଖନୀର ସୁବର୍ଣ୍ଣ ସୃଷ୍ଟି ହୋଇଗଲା ସଭା ଶେଷରେ ବିପୁଳ ତାଳିରେ ଉଚ୍ଛୁଳି ପଡ଼ିଥିଲା ସଭାସ୍ଥଳ । ଉପସଂହାରରେ କେହି ଜଣେ ବନ୍ଧୁ ଧ୍ରୁବାନନ୍ଦ ବାବୁଙ୍କୁ ପ୍ରଶ୍ନ କରିଥିଲେ –ଦମୟନ୍ତୀଙ୍କ ଅବର୍ତ୍ତମାନ ଏକ ବର୍ଷ ପୂର୍ଣ୍ଣ ହୋଇଗଲାଣି । ତାଙ୍କର ଦାରୁଣ ବିଦାୟ ତୁମ ମନ ଫର୍ଦ୍ଦରେ ଶୂନ୍ୟସ୍ଥାନ ସୃଷ୍ଟି କରୁ ନାହିଁ କି ? ବନ୍ଧୁଙ୍କୁ ଚାହିଁ ରହିଲେ ଧ୍ରୁବାନନ୍ଦ ।

ବିଚଳିତ କରିଦେଲା ତାଙ୍କ ମନ ଏବଂ ପ୍ରାଣକୁ ବନ୍ଧୁଙ୍କ ପ୍ରଶ୍ନ। – "ଶୂନ୍ୟ ସ୍ଥାନ କାହିଁକି ସୃଷ୍ଟି ହେବ ? ସେ ତ ସର୍ବଦା ମୋ ହୃଦୟରେ ମାତୃ ରୂପରେ ସଂସ୍ଥିତା।" କିଛି ବୁଝି ପାରିଲେ ନାହିଁ ବନ୍ଧୁ ଏ ପ୍ରକାର ଉତ୍ତରର ଉଦ୍ଦେଶ୍ୟ। ସେ କହିଲେ – "ସେତ ତୁମର ପତ୍ନୀ। ତୁମେ ତାଙ୍କୁ ମାତୃ ରୂପରେ କିପରି ଗ୍ରହଣ କରୁଛ ?"

– "ହଁ ଆମେ ପୂର୍ବରୁ କଥା ହେଇଛୁ। ଆସନ୍ତା ଜନ୍ମରେ ସେ ମା' ହେବେ ଆଉ ମୁଁ ପୁତ୍ର ରୂପରେ ଜନ୍ମିବି। ପୁତ୍ର ରୂପରେ ସେବା କରି ମାତୃ ଋଣ ପରିଶୋଧ କରିବି।" ଉତ୍ତର ରଖିଲେ ଧୃବାନନ୍ଦ ବାବୁ। ଅବାକ୍ ହୋଇଗଲେ ବନ୍ଧୁ ଏ ପ୍ରକାର ଉତ୍ତରରେ।

ଏଇଟା ସତ ଯେ ଏ ଜନ୍ମରେ ଧୃବାନନ୍ଦ ବାବୁ ତାଙ୍କ ସ୍ତ୍ରୀଙ୍କ ସକାଶେ କିଛି କରି ପାରିନାହାନ୍ତି ବୋଲି ସର୍ବତ୍ର ପ୍ରକାଶ କରିଥାନ୍ତି। ସ୍ତ୍ରୀ ତାଙ୍କ ଠାରୁ କାମ ଛଡ଼େଇ ନିଜେ କରନ୍ତି। ଏପରିକି କେବେ ଦିନେ ରୋଷେଇ କାମରେ ମଧ୍ୟ ସେ ଦମୟନ୍ତୀଙ୍କୁ ସହଯୋଗ ଦେଇନାହାନ୍ତି। ଅବଶ୍ୟ ସତ ଯେ ଦମୟନ୍ତୀ ନିଜ ସ୍ୱାମୀଙ୍କ ସହଯୋଗ କେବେ ଇଚ୍ଛା କରିନଥିଲେ। ସର୍ବଦା ସେ ଥିଲେ କର୍ମନିପୁଣା। ମାତୃ ରୂପରେ ସେ ସମସ୍ତ ସେବା ଯୋଗାଇ ଦେଇଛନ୍ତି। ସେଥିପାଇଁ ଧୃବାନନ୍ଦ ବାବୁ ଦମୟନ୍ତୀଙ୍କୁ ଦିନେ ରୋଷେଇ ଘରେ କହିଥିଲେ – "ଆସନ୍ତା ଜନ୍ମରେ ତୁମେ ମୋର ମାଆ ହୋଇ ଜନ୍ମ ନେବ। ମୁଁ ପୁତ୍ର ରୂପରେ ତୁମର ସମସ୍ତ ସେବା କରିବି। ଅତୀତ ଜନ୍ମର ଋଣ ପରିଶୋଧ କରିବି।" ହସି ଥିଲେ ଦମୟନ୍ତୀ ସ୍ମିତହାସ୍ୟ।

ବନ୍ଧୁ ପୁନର୍ବାର ପ୍ରଶ୍ନ କଲେ – "ତୁମେ କ'ଣ ସତରେ ପର ଜନ୍ମରେ ବିଶ୍ୱାସ କର।" – "ଆମେ ଅଗାମୀ ଜନ୍ମ ସାତ ଜନ୍ମ ପାଇଁ ସଂପର୍କିତ ହେବୁ ବୋଲି ମୋର ବିଶ୍ୱାସ।" ଦୃଢ଼ ଉକ୍ତି ଥିଲା ଧୃବାନନ୍ଦଙ୍କର।

– "ପୁରୁଣା ମତବାଦକୁ ତୁମେ ବିଶ୍ୱାସ ରଖୁଛ କାହିଁକି ? ଏ ପ୍ରକାର କଥାରେ କ'ଣ କିଛି ନିଶ୍ଚିତତା ଅଛି ?। ଏ ଯୁଗରେ ତୁମେ ପତ୍ନୀଙ୍କର ସେବା କରିଛ। ଚିକିତ୍ସାଧୀନ ସମୟରେ ତୁମେ ଜଣେ ମାତୃଭକ୍ତ ରୂପରେ ତାଙ୍କୁ ଯଥାବିଧି ସେବା ଯୋଗାଇ ଦେଇଛ। ସେଥିରେ ସେ ମୁକ୍ତି ଲାଭ କରିଛନ୍ତି। ଦୃଢ଼ ଯୁକ୍ତି ବାଢ଼ିଲେ ବନ୍ଧୁ। ନିରବ ରହି କେବଳ ଶ୍ରବଣ କରୁଥାନ୍ତି ଧୃବାନନ୍ଦ।

ପୁନର୍ବାର ଧୃବାନନ୍ଦ ନିଜର ଦୃଢ଼ ବିଶ୍ୱାସକୁ ବର୍ଣ୍ଣନା କଲେ – "ସେ ତ ଅଳ୍ପ ବୟସରେ ଚାଲିଗଲେ। ମୋର ପୁନର୍ଜନ୍ମ ଘଟିବ। ଏବେ ସେ ଜନ୍ମ ହୋଇଥିବେଣି କନ୍ୟା ସନ୍ତାନ ଭାବରେ। ଏ ଜନ୍ମରେ ମୁଁ ବଡ଼ ଆଗାମୀ ଜନ୍ମରେ ସେ ବଡ଼ ହେବେ। ମୋର ବିଶ୍ୱାସ ଅତୁଟ ଅଛି।"

ବନ୍ଧୁଙ୍କ ସହିତ ଉକ୍ତି ପ୍ରତ୍ୟୁକ୍ତି ଚାଲିଥାଏ। ମୁଁ ସେମାନଙ୍କ ନିକଟରେ ଚେୟାରରେ ବସି ଏତିକି ଅନୁଭବ କଲି ଯେ ତାଙ୍କର ରୂପାନ୍ତରଣ ଘଟିଛି। ପୂର୍ବରୁ ସେଥିଲେ ଖୁବ୍ ବାସ୍ତବବାଦୀ। ଦମୟନ୍ତୀଙ୍କ ଅକାଳ ବିୟୋଗ ପରେ ତାଙ୍କ ମାନସିକତା ପରିବର୍ତ୍ତିତ ହୋଇଛି। ଏବେ ସେ ଖୁବ୍ ଭାଗ୍ୟବାଦୀ। ପତ୍ନୀଙ୍କ ମଧୁର ସ୍ମୃତି ସହିତ କବି ଧୃବାନନ୍ଦ ସେହି କବିତା ସଙ୍କଳନରେ ରୂପାୟିତା କରିଛନ୍ତି ତାଙ୍କ ଗ୍ରାମ୍ୟ ଜୀବନର ସ୍ମୃତି ଅର୍ଘ୍ୟ। ମଧୁର ଭାବାବେଗରେ ସୃଷ୍ଟି ହୋଇଛି ତାଙ୍କ ଅନ୍ତରରେ। ପତ୍ନୀଙ୍କ ସ୍ୱର୍ଗାରୋହଣ କବିଙ୍କ ମନକୁ ଭାବାବେଗରେ ଭରି ଦେଇଛି। ପାଠକ ନିଶ୍ଚିତ ଭାବେ ତାଙ୍କର ଭାବ ପ୍ରବଣତାକୁ ଚିହ୍ନଟ କରିପାରେ।

ପୁତ୍ରବଧୂଙ୍କ କଥାକୁ ଅସ୍ୱୀକାର କରିପାରନ୍ତି ନାହିଁ ଧୃବାନନ୍ଦ। ଠିକାଦାର କାମରେ ନିୟୋଜିତ ଥିଲେ ତାଙ୍କର ପୁତ୍ର। କାମକୁ ଶେଷ କରିବା ପାଇଁ ତିନି ଲକ୍ଷ ଟଙ୍କା ଆବଶ୍ୟକ। କାମ ଶେଷ ହେଲେ ବିଲ୍ ପେମେଣ୍ଟ। ପୁତ୍ର ବଧୂ କହିଲେ – "ବିଲ୍ ପେମେଣ୍ଟ ବିଳମ୍ବ ହେବ। କାମ ଶେଷ କରିବା ପାଇଁ ତିନି ଲକ୍ଷ ଦେଇଥାଆନ୍ତୁ। ସଙ୍ଗେ ସଙ୍ଗେ ତିନିଲକ୍ଷ ଟଙ୍କାର ଚେକ୍ ଧରାଇ ଦେଲେ ସେ।

ଆଜି ଅନ୍ତିମ ବୟସରେ ଧୃବାନନ୍ଦ ଏକ ପ୍ରକାର ଝୁରି ହେଉଛନ୍ତି ପତ୍ନୀଙ୍କର ପତ୍ନୀ ଧର୍ମପାଳନ ସକାଶେ। ବଜାର ସଉଦା, ବସ୍ତ୍ର ସଫେଇ, ଯୋତା ସଫେଇ ଇତ୍ୟାଦି କର୍ମରେ ନିପୁଣା ଥିଲେ ଦମୟନ୍ତୀ। ସ୍ୱାମୀଙ୍କୁ ସ୍ୱାମୀ ଧର୍ମ ପାଳନ ପାଇଁ ସୁଯୋଗ ଦେଉ ନଥିଲେ।

ଧୃବାନନ୍ଦ ଏବେ ଡାଇବେଟିସ୍ ପେସେଣ୍ଟ। ଅନେକ ସମୟରେ ଶଯ୍ୟାଶାୟୀ ହୋଇ ପ୍ରତ୍ୟାବର୍ତ୍ତନ କଲେଣି ନୂତନ ଜୀବନକୁ। ଔଷଧ ସେବନ ବେଳେ ଦମୟନ୍ତୀଙ୍କ ସେବା ମନେ ପକାଉଛନ୍ତି। ତାଙ୍କର ଅର୍ଦ୍ଧାଙ୍ଗ ବିପର୍ଯ୍ୟସ୍ତ ହୋଇ ମଧ୍ୟ ଜୀବନ ସ୍ରୋତରେ ଭାସି ଚାଲିଛନ୍ତି। ବ୍ୟାଧିର ତାଡନା ତାଙ୍କୁ ହରାଇ ଦେଇପାରିନାହିଁ। ଶୁଷ୍କ ପତ୍ର ପରି ଲାଗି ରହିଛନ୍ତି ସଂସାର ବୃକ୍ଷର ଡାଳରେ।




# ଅସଲ ଖୁସି

ଲେଖକ - ସରୋଜ ବର୍ମା
ମୂଳଭାଷା - ହିନ୍ଦୀ
ଅନୁବାଦ: ସମ୍ବେଦନା ମିଶ୍ର

ଆଜି ହୀରାମଣି ବହୁତ ଖୁସି ଥିଲେ କାରଣ ଆଜି ତାଙ୍କର ପୁଅ ସୁଧୀର ତାଙ୍କୁ ଋଷିକେଶ ନେଇକି ଯାଉଥିଲା। ବହୁତ ବର୍ଷ ହେଲା ତାଙ୍କର ଇଚ୍ଛା ଥିଲା ଋଷିକେଶ ଓ ହରିଦ୍ୱାର ବୁଲିବାକୁ, ଯାହାକି ଆଜି ପୁରା ହେବାକୁ ଯାଉଥିଲା।

ହୀରାମଣୀ ପ୍ରଥମେ ଋଷିକେଶରେ ପହଞ୍ଚିଲେ। ସେଠାରେ ସେ ଗଙ୍ଗାସ୍ନାନ କଲେ। ଋଷିକେଶ ବୁଲିବା ଭିତରେ କିନ୍ତୁ ମଝିରେ ମଝିରେ ତାଙ୍କୁ ତାଙ୍କ ନାତି ସଜଲ ବହୁତ ମନେ ପଡୁଥିଲା। ସେ ମନରେ ଭାବୁଥିଲେ ଯେ ଯଦି ତାଙ୍କ ସହିତ ତାଙ୍କ ନାତି ସଜଲ ମଧ୍ୟ ଋଷିକେଶ ବୁଲିବାକୁ ଆସିଥାନ୍ତା ତେବେ ବହୁତ ଭଲ ହୋଇଥାନ୍ତା। ହୀରାମଣୀଙ୍କ ବୋହୂ ତଥା ସଜଲର ମାଆ ସୁନୀତା ମଧ୍ୟ କେବେହେଗେ ନିଜ ପୁଅକୁ ଧ୍ୟାନ ଦେଇ ନ ଥାଏ। ପିଲାବେଳୁ ସଜଲ ହୀରାମଣୀଙ୍କ ଲାଳନପାଳନରେ ବଡ଼ ହେବାକୁ ଲାଗିଲା। ଏମିତି ଭିତରେ ସଜଲ କେତେବେଳେ ବାରବର୍ଷର ହୋଇଗଲା ଜଣାପଡ଼ିଲା ନାହିଁ। ବୋହୂ ସୁନୀତା ସବୁବେଳେ ନିଜର ସାଙ୍ଗମାନଙ୍କ ସହିତ ବୁଲାବୁଲିରେ ବ୍ୟସ୍ତ ରହିଥାଏ। ତେଣୁ ସଜଲ ହୀରାମଣୀଙ୍କ ଉପରେ ହିଁ ନିର୍ଭର କରିଥାଏ। ସେମିତି ଦେଖିବାକୁ ଗଲେ ହୀରାମଣୀଙ୍କ ହାତ ତିଆରି ସବୁଖାଇବା ଜିନିଷ ସଜଲରଭାରି ପସନ୍ଦ। ହେଲେ ଆଜି ଯେତେବେଳେ ହୀରାମଣୀ ଋଷିକେଶକୁ ଚାଲି ଆସିଛନ୍ତି। ସଜଲ କ'ଣ ଖାଇଥିବ ସେ ଚିନ୍ତାରେ ସେ ଭାରି ବ୍ୟସ୍ତ ଥାଆନ୍ତି।

ଏମିତି ଭିତରେ ଋଷିକେଶରେ ଗୋଟିଏ ଦିନ ରହି ସେ ହରିଦ୍ୱାର ଯିବା ପାଇଁ ହରିଦ୍ୱାରର ବସ୍‌ରେ ସକାଳୁ ସକାଳୁ ଯାଇ ନିଜ ପୁଅ ସୁଧୀର ସହିତ ବସି ପଡ଼ିଲେ। ବସ୍ ଅନ୍ୟ ଯାତ୍ରୀମାନଙ୍କୁ ଧରି ହରିଦ୍ୱାର ଅଭିମୁଖେ ଚାଲିଲା। ମଝିରେ ରାସ୍ତାରେ ଯେତେବେଳେ ଗୋଟିଏ ଜାଗାରେ ବସ୍ କିଛି ସମୟ ପାଇଁ ଅଟକିଲା। ସୁଧୀର ସହିତ ମିଶି ହୀରାମଣୀ ଚା' ଜଳଖିଆ ଖାଇଲେ ଓ ପୁଣି ଥରେ ବସ୍‌ରେ ବସି ହରିଦ୍ୱାର ପାଇଁ ବାହାରିଲେ। ବସ୍ ଚାଲୁଥିବାବେଳେ କେତେବେଳେ ଅଜାଣତରେ ତାଙ୍କ ଆଖି ପଡ଼ିଯାଇଛି ଓ ସେ ଶୋଇ ପଡ଼ିଥାନ୍ତି। ତାଙ୍କର ନିଦ ସେତେବେଳେ ଭାଙ୍ଗିଲା ଯେତେବେଳେ ବସ୍ କଣ୍ଡକ୍ଟର ତାଙ୍କୁ ଉଠାଇ କହିଲା, 'ମାଆ! ବସ୍‌ରୁ ଓହ୍ଲାଇ ଯାଆନ୍ତୁ। ହରିଦ୍ୱାର ଆସିଗଲା।

ହୀରାମଣୀ ଆଖି ଖୋଲି ଦେଖିଲା ବେଳାକୁ ତାଙ୍କର ପାଖ ସିଟ୍ ଯେଉଁଥିରେ ତାଙ୍କ ପୁଅ ସୁଧୀର ବସିଥିଲା ତାହା ଖାଲି ପଡ଼ିଥିଲା। ସେ ସଙ୍ଗେ ସଙ୍ଗେ ବସ୍ କଣ୍ଡକ୍ଟରକୁ ପଚାରିଲେ, 'ଭାଇ! ମୋ ପୁଅ ସୁଧୀର କୁଆଡ଼େ ଗଲା?'

'ମାଆ! ଆପଣଙ୍କ ସହିତ ଏଠି କିଏ ବି ନଥିଲେ।' କଣ୍ଡକ୍ଟର କହିଲା। 'କିନ୍ତୁ ସେ ତ ମୋର ସାଙ୍ଗରେ ହିଁ ବସିଥିଲା। ତା'ପରେ ମୁଁ ଶୋଇ ପଡ଼ିଥିଲି ଏବେ ଯେତେବେଳେ ତୁମେ ଡାକିଲ ମୋର ନିଦ ଭାଙ୍ଗିଲା ଓ ମୁଁ ଉଠିଲି।' ହୀରାମଣୀ କହିଲେ।

ତା'ପରେ ବସ୍ କଣ୍ଡକ୍ଟର କହିଲା, 'ମାଆ! ଏ ବସ୍ ଏବେ ସଫା ହେବା ପାଇଁ ଯିବ। ଆପଣ ଏବେ ନିଜର ପୁଅକୁ ବସ୍ ଷ୍ଟାଣ୍ଡରେ ହିଁ ଅପେକ୍ଷା କରନ୍ତୁ। "ଠିକ୍ ଅଛି! କହି ହୀରାମଣୀ ବସ୍‌ରୁ ଓହ୍ଲାଇ ପଡ଼ି ନିଜର ପୁଅକୁ ସେ ଆଖପାଖରେ ଖୋଜିବାକୁ ଲାଗିଲେ। କିନ୍ତୁ ସେ କେଉଁଠି ବି ନଜରକୁ ଆସିଲା ନାହିଁ। ତା'ପରେ ସେ ଭାବିଲେ, 'ଏତେ ଖୋଜିବା ଅପେକ୍ଷା ମୁଁ ତାକୁ ତା'ର ମୋବାଇଲ ଫୋନ୍‌କୁ ଫୋନ୍ କଲେ ତ ସେ ମିଳିଯିବ।'

ଏହା ପରେ ସେ ଜଣେ ମହିଳାଙ୍କୁ ଅନୁରୋଧ କରି କହିଲେ, 'ଝିଅ! ତୁମେ ଟିକିଏ ତୁମ ଫୋନ୍‌ରୁ ମୋ ପୁଅକୁ ଫୋନ୍ କରିପାରିବ କି? ମୁଁ ତାକୁ ବହୁତ ଖୋଜି ସାରିଲିଣି କିନ୍ତୁ ପାଉନି। ମୁଁ ପାଠଶାଠ ବି ପଢ଼ିନି। ତେଣୁ ଏ କାଗଜରେ ତା'ର ନମ୍ବର ଲେଖା ହୋଇଛି ତାକୁ ଟିକିଏ ଫୋନ୍ କରିଦିଅ।' ସେ ମହିଳାଙ୍କ ହୀରାମଣୀଙ୍କ ଉପରେ ଦୟା ଆସିଲା। ତେଣୁ ସେ ତାଙ୍କ ହାତରୁ କାଗଜ ନେଇ ବାରମ୍ବାର ଫୋନ୍ କଲେ ମଧ୍ୟ ସେ ନମ୍ବରଟି ଲାଗୁ ନଥିଲା। ତା'ପରେ ସେ ମହିଳା ହୀରାମଣୀଙ୍କୁ କହିଲା, 'ମାଆ! ଏ ନମ୍ବର ଲାଗୁନି।'

ସୁଧୀରକୁ ଖୋଜାଖୋଜି କରିବା ଭିତରେ ହୀରାମଣୀ ବହୁତ ହାଲିଆ ହୋଇଯାଇଥିଲେ। ସେ ଗୋଟିଏ ବେଞ୍ଚ୍ ଉପରେ ବସି କିଛି ସମୟ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଦେଖିବାକୁ ଲାଗିଲେ। ସକାଳରୁ ଅପରାହ୍ଣ ହୋଇଗଲା। କିନ୍ତୁ ସୁଧୀରର କିଛି ଖୋଜ ଖବର ମିଳିଲା ନାହିଁ। ସେତେବେଳକୁ ହୀରାମଣୀଙ୍କୁ ବହୁତ ଭୋକ ବି ହେଉଥିଲା। ସେ ନିଜର ଶାଢ଼ୀ କାନିରେ କିଛି ଟଙ୍କା ବାନ୍ଧି ରଖିଥିଲେ। ଏବେ ଶାଢ଼ୀ କାନିକୁ ଖୋଲିକି

ସେ ଦେଖିବାରେ ତାଙ୍କ ପାଖରେ ମାତ୍ର ତିନିଶହ କୋଡ଼ିଏ ଟଙ୍କା ଥିବା ଜାଣିପାରିଥିଲେ। ଏତେ କମ୍ ଟଙ୍କାରେ କ'ଣ କରିପାରିବେ ସେ ଚିନ୍ତାରେ ଥିଲେ। ତା'ପରେ ସେ ମନେ ମନେ ଚିନ୍ତା କଲେ 'ବୋଧହୁଏ ସୁଧୀର ମୋତେ ଏଇଠି ଏକୁଟିଆ ଛାଡ଼ି ଦେଇ ଚାଲିଗଲା। ସେଦିନ ବୋହୂ କହୁଥିଲା ତୁମର ମାଆଙ୍କ ସହିତ ଆଉ ମୁଁ ଏକାଠି ରହିପାରିବି ନାହିଁ। ତେଣୁ ତାଙ୍କୁ ନେଇ କୌଣସି ବୃଦ୍ଧାଶ୍ରମ ନ ହେଲେ ଅନ୍ୟ କେଉଁଠି ଛାଡ଼ି ଦେଇ ଚାଲିଆସ। ସେତେବେଳେ ମୁଁ ଭାବୁଥିଲି ଯେତେହେଲେ ବି ମୋ ପୁଅର ହୃଦୟ ଏତେଟା ପଥର ହୋଇପାରିବନି ଯେ ସେ ନିଜ ମାଆକୁ ନେଇ ବୃଦ୍ଧାଶ୍ରମରେ ଛାଡ଼ି ଦେଇ ଚାଲି ଆସିବ। କିନ୍ତୁ ବର୍ତ୍ତମାନ ମୋତେ ଲାଗୁଛି ସେ ବୋଧହୁଏ ମୋତେ ଏଠି ଛାଡ଼ିଦେଇ ଯିବା ପାଇଁ ହିଁ ହରିଦ୍ୱାର ଆଣିଥିଲା। ଏବେ ଆଉ ଖାଲି ପଛକଥା ଭାବିଲେ କିଛି ଫଳ ମିଳିବ ନାହିଁ। ବରଂ ମୋତେ ଆଉ କିଛି ଚିନ୍ତା କରିବାକୁ ପଡ଼ିବ। କୌଣସି ପରିସ୍ଥିତିରେ ମୁଁ ମୋର ଆତ୍ମସମ୍ମାନକୁ ହରେଇ ସେ ଘରକୁ ଆଉ ଥରେ ଯିବି ନାହିଁ। କିଛି ନା କିଛି କରି ମୁଁ ଚଳିଯିବି। ଏବେ ଯେତେବେଳେ ମୁଁ ହରିଙ୍କ ଦୁଆରକୁ ଆସିଛି ସେ ନିଶ୍ଚୟ ମୋର ସହାୟତା କରିବେ।'

ନିଜର ମନକୁ ଦୃଢ଼ କରି ହୀରାମଣୀ ବସ୍‌ଷ୍ଟାପ୍ ପାଖରୁ ବାହାରକୁଆସି ଚାଲି ଚାଲି ରାସ୍ତାରେ କିଛି ବାଟ ଗଲାବେଳେ ତାଙ୍କୁ ଗୋଟିଏ କଲେଜ ଦେଖାଗଲା। ସେ ପାଖରେ ତାଙ୍କୁ ଗୋଟିଏ ଖାଇବା ଷ୍ଟଲ ଦେଖାଗଲା। ସେ ତା'ର ମାଲିକକୁ ଯାଇ ପଚାରିଲେ, 'ଭାଇ କିଛି ଖାଇବାକୁ ମିଳିବ ?'

'ହଁ, ଖାଇବାକୁ ତୁମକୁ ନିଶ୍ଚୟ ମିଳିବ ମାଆ ! ହେଲେ ଖାଇବା ପ୍ରସ୍ତୁତ କରୁଥିବା ରୋଷେୟା ଏ ପର୍ଯ୍ୟନ୍ତ ଆସିନି। ଦେଖ କେତେ କଲେଜ ପିଲା ସେ ଗଛ ଛାଇରେ ଭୋକରେ ଅପେକ୍ଷା କରିଛନ୍ତି।' କହିଲା ଷ୍ଟଲ୍ ମାଲିକ।

ହୀରାମଣୀ କହିଲେ, 'ଯଦି ତୁମର କିଛି ଅସୁବିଧା ନ ହୁଏ ତାହାଲେ କ'ଣ ମୁଁ ଏମାନଙ୍କ ପାଇଁ ଖାଇବା ପ୍ରସ୍ତୁତ କରିଦେବି କି ?'

'କରିବ ଯଦି କର ! କିନ୍ତୁ ମୁଁ ସେଇଥି ପାଇଁ ତୁମକୁ କିଛି ଟଙ୍କା ଦେବିନି !' କହିଲା ଷ୍ଟଲ୍ ମାଲିକ।

'ମୋତେ ଟଙ୍କା ଦରକାର ନାହିଁ। ପିଲାମାନେ ବହୁତ ସମୟ ହେଲା ଭୋକରେ ରହିଲେଣି। ମୋତେ ଭଲ ଲାଗୁନି,' ହୀରାମଣୀ କହିଲେ।

'ଠିକ୍ ଅଛି ! ହେଲେ ତୁମେ କ'ଣ ଏତେ ପରିମାଣର ଖାଇବା ପ୍ରସ୍ତୁତ କରିପାରିବ ?' ଷ୍ଟଲ୍ ମାଲିକ ପଚାରିଲା।

'ହଁ ! ମୋତେ ଏ କାମ ବହୁତ ଭଲରେ ଆସେ। ବର୍ଷ ବର୍ଷ ଧରି ମୁଁ ରୋଷେଇ ହିଁ କରିଛି !' ହୀରାମଣୀ କହିଲେ।

'ଠିକ୍ ଅଛି ତାହାଲେ ! ତୁମେ ଖାଇବା ପ୍ରସ୍ତୁତ କର।' ଷ୍ଟଲ୍ ମାଲିକ କହିଲା।

ତା'ପରେ ହୀରାମଣୀ ଆଳୁ ପରଟା କରିବା ପାଇଁ ପ୍ରସ୍ତୁତ ହେଲେ। ପ୍ରଥମେ ସେ ସିଝା ଆଳୁରେ ନିଜ ମାପରେ ମସଲା ପ୍ରସ୍ତୁତ କରିଦେଲେ। ଷ୍ଟଲ୍ ମାଲିକ ମନସୁଖ ତାଙ୍କୁ ଅଟା ଚକଟିବାରେ ସହାଯ୍ୟ କଲା। ତା'ପରେ ହୀରାମଣୀ ଗୋଟିଏ ପରେ ଗୋଟିଏ ପରଟା ତିଆରି କରି ଚାଲିଲେ। ହୀରାମଣୀଙ୍କ ହାତର ବାସନାରେ କଲେଜର ପିଲାମାନେ ସେଦିନ ଦୁଇଟା ବଦଳରେ ଚାରିଟା କରି ପରଟା ଖାଇଦେଲେ। ସେଦିନ ଷ୍ଟଲ୍ ମାଲିକ ମନସୁଖ ଭାରି ଖୁସି ଥିଲା। ତା'ର ସେ ଦିନ ଦୁଇଗୁଣା ଅଧିକ ରୋଜଗାର ହେଲା। କଲେଜ ପିଲାଙ୍କ ଖାଇବା ପରେ ହୀରାମଣୀ ନିଜ ପାଇଁ ଓ ମନସୁଖ ପାଇଁ ବି ପରଟା ତିଆରି କରିଦେଲେ। ମନସୁଖକୁ ମଧ୍ୟ ପରଟାଗୁଡ଼ିକ ଭାରି ସ୍ୱାଦିଷ୍ଟ ଲାଗିଲା। ସେ ପରଟା ଖାଇ ସାରି କହିଲା, 'ମାଆ ! ତୁମେ ମୋ ସହିତ କାମ କରିବ ?'

ହୀରାମଣୀଙ୍କ ପାଖରେ ସେମିତିରେ ବି ରହିବା ପାଇଁ କୌଣସି ଜାଗା ନଥିଲା। ସେଥିପାଇଁ ସେ ମନସୁଖର କଥାରେ ରାଜି ହୋଇଗଲେ। ରାତିରେ ମନସୁଖ ହୀରାମଣୀଙ୍କୁ ନିଜ ସହିତ ନିଜ ଘରକୁ ନେଇଗଲା ଓ କହିଲା, 'ମାଆ ! ଏଇଟା ହିଁ ମୋର ରହିବାର ଜାଗା। ତୁମେ ଏଇଠି ଆରାମରେ ବସ। ମୁଁ ଆମ ଦୁଇଜଣଙ୍କ ପାଇଁ ରାତିରେ ଖାଇବା ତିଆରି କରୁଛି।

ମୁଁ ରହୁ ରହୁ ତୁମେ କାହିଁକି ଖାଇବା ତିଆରି କରିବ ? ମୁଁ ହିଁ ରାତିର ଖାଇବା ତିଆରି କରି ଦେଉଛି।' ହୀରାମଣୀ କହିଲେ। ରାତିର ଖାଇବା ଖାଇସାରି ମନସୁଖ କହିଲା, 'ମାଆ ! ତୁମର ହାତ ବହୁତ ସ୍ୱାଦିଷ୍ଟ। ତୁମେ ଯାହା ବି ତିଆରି କରୁଛ ସବୁ ଖାଇବାକୁ ଭଲ ଲାଗୁଛି ଓ ସେଥିରୁ ବାସନା ବି ବାହାରୁଛି। ତେଣୁ ଆମେ ପ୍ରତିଦିନ କିଛି କିଛି ନୂଆ ଜିନିଷ କରି ତାକୁ ବିକ୍ରି କରିବା।'

ଧୀରେ ଧୀରେ ମନସୁଖର ଷ୍ଟଲ୍‌ରେ କଲେଜ ପିଲାଙ୍କ ଭିଡ଼ ବଢ଼ିଲା। ତା'ର ବ୍ୟବସାୟ ବି ଭଲ ଚାଲିଲା। ସମସ୍ତେ ହୀରାମଣୀଙ୍କୁ 'ମାଆ, ମାଆ ବୋଲି କହିବାକୁ ଲାଗିଲେ। ପାଞ୍ଚବର୍ଷ ଭିତରେ ମନସୁଖ ଓ ହୀରାମଣୀଙ୍କର ଷ୍ଟଲ୍ ବହୁତ ଭଲ ଲାଭ କଲା। କଲେଜର ପିଲାମାନେ ହୀରାମଣୀଙ୍କ ଖାଦ୍ୟର ଭିଡ଼ିଓ କରି ତାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରେରଣ କରିବାକୁ ଲାଗିଲେ। ଯାହା ଫଳରେ ହୀରାମଣୀ ବହୁତ ପ୍ରସିଦ୍ଧ ହୋଇଗଲେ।

ପାଞ୍ଚ ବର୍ଷ ପରେ ଭିଡ଼ିଓରୁ ହୀରାମଣୀଙ୍କ ଠିକଣା ପାଇ ତାଙ୍କର ନାତି ସଜଳ ତାଙ୍କୁ ଦେଖା କରିବାକୁ ଆସିଲା। ନିଜର ଜେଜେମାଙ୍କୁ ଦେଖି ତା' ଆଖିରୁ ଖାଲି ଖୁସିର ଲୁହ ଝରିପଡ଼ିଲା। ସେ ନିଜର ବାପାମାଆଙ୍କ କୃତକର୍ମ ପାଇଁ ବହୁତ ଦୁଃଖୀ ଥିଲା ଓ ସେଥିପାଇଁ ସେ ହୀରାମଣୀଙ୍କୁ କ୍ଷମା ବି ମାଗିଲା। ସେ ହୀରାମଣୀଙ୍କୁ କହିଲା, 'ଜେଜେମା ! ତୁମେ ତୁମର ନିଜସ୍ୱ ପରିଶ୍ରମ ଯୋଗୁଁ ନିଜର ଆତ୍ମସମ୍ମାନ ରକ୍ଷା କରିପାରିଛ। ଏବେ ସେହି ଆତ୍ମସମ୍ମାନକୁ ସବୁଦିନ ଏହିପରି ବଜାୟ ରଖିବ। ମୁଁ ମଝିରେ ମଝିରେ ତୁମକୁ ଦେଖା କରିବା ପାଇଁ ଆସିବି।'

ସଜଳର କଥା ଶୁଣି ହୀରାମଣୀଙ୍କ ଆଖିରୁ କୋହ ଭରା ଲୁହ ଝରିପଡ଼ିଲା। ସେ କହିଲେ, 'ମୋ ହାତ ତିଆରି ଆଳୁ ପରଟା ଖାଇବୁ ?'

'ସେଥିପାଇଁ ତ ମୁଁ ଏତେ ବାଟରୁ ତୁମକୁ ଦେଖା କରିବାକୁ ଆସିଛି।' ସଜଳର ଏକଥା ପଦକରେ ହୀରାମଣୀଙ୍କୁ ଅସଲ ଖୁସି ମିଳିଗଲା ଓ ସେ ଭାରି ଖୁସି ମନରେ ସଜଳ ପାଇଁ ଗରମାଗରମ ଆଳୁ ପରଟା ତିଆରି କରିବାରେ ଲାଗିପଡ଼ିଲେ।

*ପ୍ଲଟ ନଂ. ୯୫୯/୧୦, ଘର ନଂ.୨୧*
*ସମ୍ପିତ ଭିଲ୍ଲା, ଘାଟିକିଆ, ଭୁବନେଶ୍ୱର - ୭୫୧୦୨୯*
*ଦୂରଭାଷ: ୯୯୩୭୭୨୩୫୭୯*

# ତୁହେଁ ନୁହନ୍ତି ତୁହିଁଙ୍କ ପାଇଁ

ମୂଳ ଇଂରାଜୀ ଗଳ୍ପ-ସୁଧା ମୂର୍ତ୍ତି
ଅନୁବାଦ-ଡ.ବିନୋଦିନୀ ପାତ୍ର

ଆମ ସହରରେ ସମସ୍ତଙ୍କୁ ଭଲଭାବେ ଜଣାଥିଲା ଯେ ବାଣଭଟ୍ଟ ଓ ପାବର୍ତୀଙ୍କ ଭିତରେ ପରସ୍ପର ସହ ପଟେ ନାହିଁ। ପରସ୍ପର ସହିତ ଭଲପଡୁ ନ ଥିବା ଯୋଡିର ଗୋଟେ ପ୍ରତିଯୋଗିତା ଯଦି ହୁଅନ୍ତା ତ ଏ ଦିହେଁ ପ୍ରଥମ ସ୍ଥାନର ପୁରସ୍କାର ଜିତନ୍ତେ। ବାଣଭଟ୍ଟ ଜଣେ ପୂଜକ ଓ ଜାତକ ବିଚାରକ ହୋଇଥିବା ସତ୍ତ୍ୱେ ବି ସେମାନଙ୍କ ମେଳକ ଏମିତି। ସେ ନିଜେ ଜାତକ ମିଳାଇ ଥିଲା ଓ ଜାତକ ସୁଝିଛି ବୋଲି କହିଥିଲା। ତା'ର ଗଣନା ପୂରାପୂରି ଠିକ୍ ହୁଏ ସତ, କିନ୍ତୁ ନିଜ କ୍ଷେତ୍ରରେ ନୁହେଁ।

ଏ କ୍ଷେତ୍ରରେ କାହାର କେମିତି ମତ ଥାଏ। ହେଲେ ପ୍ରମାଣ କରିହେବନି ବୋଲି ବିନ୍ଦୁ କହିଲା।

କିଏ କହି ପାରିବ, ପାବର୍ତୀ ତା'ର ମୂଳ ଜାତକଟା ଦେଇ ନ ଥାଇ ପାରେ ବୋଲି।

ପାବର୍ତୀ ବେଶ୍ ମେଳାପୀ ସ୍ୱଭାବର ସ୍ତ୍ରୀ। ଦେଖିବାକୁ ବି ସୁନ୍ଦର। ସବୁବେଳେ ଭଲବାଗରେ ଲୁଗା ପିନ୍ଧେ ଓ ବେଶ୍ ତୋରା ଦିଶେ। କିନ୍ତୁ ବାଣଭଟ୍ଟ ଠିକ୍ ତା'ର ଓଲଟା। ସବୁବେଳେ ମଳିଆ ମସିଆ। ତା'ର ଧୋତି ଓ ଓଡାରେ ଦାଗ ଲାଗିଥିବ। ସବୁବେଳେ ପାନ ଚୋବେଇ ଚୋବେଇ ଆଗ ଦାନ୍ତଯାକ ନାଲିପଡ଼ିଯାଇ ତାକୁ ଆହୁରି ଅସୁନ୍ଦର କରିପକେଇଛି। କାନରେ ନୋଳି ପିନ୍ଧି କେମିତି ଗୋଟେ ଦିଶେ ସିଏ। ତା'ର ସେ ତେଲିଆ ମୁହଁଟାରେ ବ୍ରଣ ଭର୍ତ୍ତି। ପ୍ରାୟ ଦିନ ବାହାଘର, ସତ୍ୟନାରାୟଣ ପୂଜା, ଜନ୍ମଦିନ କି ଶ୍ରାଦ୍ଧ ପୂଜା କରିବାକୁ ଯାଇ ସେଠାକାର ଖାଦ୍ୟ ଖାଇବା ଯୋଗୁ ତା'ର ପେଟଟା ବଡ଼ ହୋଇ ଓହଳି ପଡ଼ିଥାଏ। ସବୁଦିନ ସେ କ୍ଷିଅର ହୁଏ ନାହିଁ କାରଣ ଏଥିପାଇଁ ଶାସ୍ତ୍ରରେ ଦିନ ବାରର ବାରଣ ଅଛି। ତେଣୁ କ୍ଷିଅର ନହେବା ଯୋଗୁଁ ସେ ଗୋଟାଏ ଜୋକର ଭଳି ଦିଶେ।

କୁହାଯାଏ ଯେ ବିପରୀତ ମାନେ ପରସ୍ପରକୁ ଆକର୍ଷିତ କରନ୍ତି। ହେଲେ ଏମାନଙ୍କ କ୍ଷେତ୍ରରେ ବିକର୍ଷଣ ହିଁ ଘଟେ।

ମୁଁ ଛୋଟଥିଲା ବେଳେ ପାବର୍ତୀ ଘରକୁ ପ୍ରାୟତଃ ଯାଉଥିଲି। ଏ ସହରକୁ ସେମାନେ ଅନ୍ୟ ଅଂଚଳରୁ ଉଠି ଆସିଥିଲେ। ଆମଘରେ କିଛି ଉତ୍ସବ ଅନୁଷ୍ଠାନ ହେଲେ ପାବର୍ତୀ ଆସି ମୋର ଜେଜେମାଙ୍କୁ ରୋଷେଇରେ ସାହାଯ୍ୟ କରୁଥିଲା। ମୋ ଜେଜେମା ତାକୁ ଭୁରିଭୁରି ପ୍ରଶଂସା କରେ। ଏଡ଼େ ପରିଷ୍କାର, ଏତେ ଭଲ ! ପାର୍ବତୀ ପରି ଏ ସାରା ସହରରେ ଖୋଜିଲେ ବି ଜଣେ ମିଳିବେନି।

ସେତେବେଳେ ଫୋନ୍ ବ୍ୟବସ୍ଥା ନ ଥିବାରୁ ମୋତେ ଖବର ଦେବା କାମରେ ପାର୍ବତୀ ଘରକୁ ଯିବାକୁ ପଡ଼େ। ତେଣୁ ତା' ସହିତ ମୋର ବନ୍ଧୁତା ହୋଇଗଲା। ଦିନେ ଖରାବେଳେ ମୁଁ ତା'ର ଘରକୁ ଯାଇଥିଲି। ବଦାନ୍ୟ ହୃଦୟା ପାର୍ବତୀ କହିଲା ଆସ, ଆମ ଘରେ ମଧ୍ୟାହ୍ନଭୋଜନ କର।

ଗୋଟାଏ ପରିଷ୍କାର କଦଳୀପତ୍ର ପଡ଼ିଥିଲା ତ ମୁଁ ବସିଗଲି ଖାଇବାକୁ। ପାର୍ବତୀ ଧାଇଁଆସି କହିଲା,'ନାଲି,ସେଠି ବସନା,ମୁଁ ସେ ପତ୍ରରେ ଖାଉଥିଲି। ଏଇ ଏବେ ଆମେ ଖାଇକି ଉଠୁଛୁ।'

ମୁଁ ନଜାଣି ସେଠି ବସିଥିଲି। ଆରପଟକୁ ଚାହିଁ ଦେଖିଲି ଯେ, ବାଣଭଟ୍ଟର ପତ୍ରରେ ଖାଇବାର ଏକତୃତୀୟାଂଶ ଏଣେ ତେଣେ ବିଖିରି ହୋଇ ପଡିଛି। ରୁଟି ନ ଖାଇ ସେ ଛାଡ଼ିଯାଇଛି।

ପାର୍ବତୀର ରୋଷେଇଟା ଏକ ଲାବୋରେଟରି ପରି ପରିଚ୍ଛନ୍ନ। ସେଠାରେ ବିଭିନ୍ନ ରଙ୍ଗରଦଶଟା ତଉଲିଆ ରଖାହେଇଛି।

ଆରେ ଏତେ ସବୁ କ'ଣ ପାଇଁ ରଖିଛ ?

ନାଲି, ପ୍ରଥମଟା ହାତ ପୋଛିବାକୁ। ଦ୍ୱିତୀୟ ଟି ବାସନ ପାଇଁ, ତୃତୀୟ ଟି ପରିବା ପୋଛିବାକୁ, ରୁଟି କଲା ବେଳେ ଚତୁର୍ଥଟି ଓ ଶେଷରେ ରୋଷେଇ ଜାଗା ସଫା କରିବାକୁ ଅନ୍ୟ ଗୁଡାକ ଅଛି।

ତା'ର ଘରେ କଂସା ଛଡ଼ା ପ୍ଲାଷ୍ଟିକ ବା ଏକ୍ରିଲିକ ଥାଳିବାସନ ଜମାରୁ ନାହିଁ। ତା'ର ଡବାସବୁରେ ଷ୍ଟିକର ଲଗାଇ କେଉଁଥିରେ କ'ଣ ଅଛି ଲେଖା ଯାଇଛି। ରୋଷେଇ ସ୍ଲାବର ଏକ କୋଣରେ ଛୋଟ ଅନ୍ନପୂର୍ଣ୍ଣା ମୂର୍ତ୍ତିଟିଏ ଫୁଲରେ ସଜାହୋଇ ରହିଛି। ତା' ଆଗରେ ଛୋଟ ଥାଳିଆଟିଏ ବି ଥୁଆ ହୋଇଛି। ଏସବୁ କଣ ପରକ୍ଳା? ମୁଁ ତାକୁ ଗେଲରେ ପରକ୍ଳା ବୋଲି ଡାକେ। ସେ ଖୁସି ହୋଇଯାଏ।

'ରୋଷେଇଟା ମୋର କାର୍ଯ୍ୟସ୍ଥଳି ତ। ମୁଁ ଯାହା କରିବି ସେଥିକି ଦେବୀ ଅନ୍ନପୂର୍ଣ୍ଣାଙ୍କ ଆଶୀର୍ବାଦ ରହିବ ବୋଲି ରାନ୍ଧିବା ପୂର୍ବରୁ ମୁଁ ତାଙ୍କୁ ପ୍ରାର୍ଥନା କରେ।' ତା'ର ବିପରୀତ ହେଉଛି ବାଣଭଟ୍ଟ। ସବୁବେଳେ ତରବର ହେଉଥାଏ। ବଂଶାନୁକ୍ରମିକ ପୂଜକ ହୋଇଥିବାରୁ ସେ ସବୁଦିନ ସକାଳେ ମନ୍ଦିରରେ ପୂଜା କରିବାକୁ ଯାଏ। ଦଶଟା ପରେ ଆଉ କାହାକାହା ଘରକୁ ପୂଜାକରିବାକୁ ଯାଏ। ଓପର ଓଳି ଘରକୁ ଫେରି ଶୋଇପଡେ। ସନ୍ଧ୍ୟାରେ ପୁଣି ମନ୍ଦିରକୁ ଧାଏଁ। କିଛି କାମ ନ ଥିଲେ ପିଲାଙ୍କୁ ଭୋଗ ବିତରଣ କରେ। ସେଇଠି ତା'ର ବେଶ୍ ଡେରି ହୋଇ ଯାଏ। ତା'ପରେ ତରବର ହୋଇ ଅନ୍ୟ କାମକୁ ଧାଏଁ । ଏଇ ତରତରିଆପଣ ଯୋଗୁଁ ତାକୁ ଲୋକେ ଗଡିବଡି ଭଟ୍ଟ ନାମ ଦେଇଛନ୍ତି। କର୍ଣ୍ଣାଟକୀ ଭାଷାରେ ତା'ର ଅର୍ଥ ହେଉଛି ତୁରୁତୁରିଆ।

ସେଦିନ ଜାନକୀ ଫୁସ ଫୁସ କରି କହୁଥିଲା, ଜାଣ, ସେ ଥରେ କାହାର ଶବଦାହ କାମରେ ଯାଇ କାଠ ଆଣିବାକୁ କହିବାକୁ ଭୁଲି ଯାଇଥିଲା।

ଆରେ, ତମେ ଜାଣିନକି ଭଟ୍ଟ ଜଣେ ବଡ ସାଂଘାତିକ ଲୋକ। ଗୋଟାଏ ବାହାଘର କଲା ବେଳେ ମଙ୍ଗଳସୂତ୍ରଟା ବରହାତରେ ବୋହୂକୁ ପିନ୍ଧାଇବାକୁ ଦେବାକଥା ଭୁଲି ନିଜେ ପରା ବୋହୂ ବେକରେ ପିନ୍ଧାଇବାକୁ ବସିଥିଲା। ବିନ୍ଦୁ ଟିକେ ବଢେଇ ଚଢ଼େଇକି କଥାଟା କହିଲା।

ଗଙ୍ଗା କହିଲା ସେ ଆଉଥରେ ବାହା ହେବାକୁ ମନ କରୁଥିଲା କି କ'ଣ।

ହେମା ସମସ୍ତଙ୍କୁ ଚୁପ କରେଇବାକୁ କହିଲା, ତମେ ସବୁ ଜାଣନି। ସମସ୍ତଙ୍କର ନିଜନିଜର ସମସ୍ୟା ରହିଛି।

ଜାନକୀର ଆଉ ଏକ ପ୍ରଶ୍ନ-ହେମା ମୋତେ କହିଲ, ସେମାନଙ୍କର ଯଦି ପିଲା ଥାଆନ୍ତା, ସେମାନେ ପରସ୍ପର ସହ ଏମିତି ଲଢନ୍ତେ କି ?

ଗଙ୍ଗା କହିଲା,ପିଲାଙ୍କ ଲାଳନ ପାଳନ କେମିତି କରିବେ ବୋଲି ବି ଝଗଡ଼ା ସେମାନଙ୍କ ଭିତରେ ହେଉଥାନ୍ତା।

ହେମା କହିଲା,ପିଲାଟିଏ ଥିଲେ ସେ ସେମାନଙ୍କୁ ଯୋଡି ରଖୁ ପାରିଥାନ୍ତା।

ପାର୍ବତୀ ଓ ଭଟ୍ଟର ନିତିଦିନିଆ କାର୍ଯ୍ୟ ଧାରା ଅଲଗା ଥିଲା। ପାର୍ବତୀ ସକାଳ ଛ'ଟାରେ ଉଠି ଗାଧେଇବା ଆଗରୁ କପେ ଚାହା ପିଇ ପେପର ପଢେ।

ଭଟ୍ଟର ରୁଟିନ୍ ଏହାର ଠିକ୍ ଓଲଟା। ସେ ଭୋର ସାଢେ ଚାରିଟାରେ ଉଠେ ଯେଉଁଟାକି ବ୍ରାହ୍ମ ମୁହୂର୍ତ୍ତ କୁହାଯାଏ।ସେ ଯେଉଁ ଋତୁହେଇଥାଉ ପଛେ, ସବୁବେଳେ ସେ ଥଣ୍ଡା ପାଣିରେ ସ୍ନାନ କରେ। ତା'ପରେ ମହାଦେବଙ୍କଠାରୁ ବି ବେଶି ବିଭୂତି ଦେହସାରା ବୋଳି, ଏକ ରୁଦ୍ରାକ୍ଷ ମାଳି ଗଳେଇ ଶିବଙ୍କ ପାଇଁ ସ୍ତୋତ୍ର ଶିବ ପଞ୍ଚାକ୍ଷରୀ ପଢେ। ସକାଳଟି ସାରା ତା'ର ସେ ଶିବ ମାହାତ୍ମ୍ୟ ମନ୍ତ୍ରରେ ଘରର ପୂଜା ସାରି ମନ୍ଦିରକୁ ଧାଏଁ।

ଜଳଖିଆ ପାଇଁ ବିଭିନ୍ନ ପ୍ରକାର ରନ୍ଧା ପ୍ରସ୍ତୁତ କରେ ପାର୍ବତୀ। କେତେକେତେ ରାନ୍ଧଣା ବହି ପଢି ଭିନ୍ନଭିନ୍ନ ରନ୍ଧା ସବୁ ରାନ୍ଧେ। ଯଥା ଉତ୍ତର ଭାରତର ପରଟା, ଉପମା ଓ ସେମାୟା ଆଦି ରନ୍ଧା ରାନ୍ଧିବା ଶିଖେ। ମାଙ୍ଗାଲୋରର କୋଟ୍ଟା ବି ରାନ୍ଧେ।

ହେଲେ ବାଣଭଟ୍ଟ ସେସବୁ ଖାଏନାହିଁ। ଏସବୁ ଜଳଖିଆ ତୁ କେମିତି ଖାଇବୁ ? ଏସବୁ ଖାଇବା ଆମ ଶାସ୍ତ୍ର ପୁରାଣରେ ତ ନାହିଁ।

ମୋ ମାଆ ଏସବୁ ରାନ୍ଧୁ ନ ଥିଲା। ମୋତେ ମୋର ସେ ନିତିଦିନିଆ ପାରମ୍ପରିକ ଖାଇବା-ଭାତ,ରୁଟି ସମ୍ବର, ପରିବା ତରକାରି ଓ ଦହି ଭଲ ଲାଗେ। ଆଉ ସକାଳ ଜଳଖିଆରେ ଉପମା କି ଚୁଡା। ଅନ୍ୟସବୁ ମୋ ପାଇଁ ବାରଣ।

ଯେବେ ପାର୍ବତୀ ନୂଆ କିଛି ଜଳଖିଆ ବନାଏ, ତ ମୋତେ ଡାକିପଠାଏ। ମୁଁ ତା' ଘରେ ପ୍ରାୟତଃ ଜଳଖିଆ ବେଳର ଅତିଥି।

ମୁଁ ତା'ର ରାନ୍ଧିବା ଦକ୍ଷତାକୁ ଖୁବ୍ ପ୍ରଶଂସା କରେ। କ୍ରମେ ମୋର ତା' ସହ ବନ୍ଧୁତା ଦୃଢ଼ ହୋଇ ଉଠିଲା। କେବେ କେବେ ସେ ମୋ ବାଳରେ ନୂଆ ପ୍ରକାରେ ସଜାଇ ବାନ୍ଧିବା ଶିଖେ। କାନ୍ଧଗଳା ବ୍ୟାଗ ତିଆରି କରି ମୋତେ ଉପହାର ଦିଏ। ମୁଁ ତା' ପାଇଁ ଲାଇବ୍ରେରୀରୁ ବହି ଆଣି ଦିଏ। ନୂଆ ସିନେମାଟିଏ ହଲରେ ପଡିଲେ ସେ ମୋତେ ଦେଖାଇବାକୁ ନିଏ। ମୋତେ ତା' ସହ ସାଂଗ ହେବାକୁ ଭଲ ଲାଗେ। ବାଣଭଟ୍ଟ ମନ୍ତବ୍ୟ ଦିଏ, ଏ ନଭେଲ ସବୁ ପଢ଼ିଲେ ଲାଭ କ'ଣ ? ସେ ଗୁଡ଼ା ପଢି ଅଯଥାଟାରେ କଳ୍ପନା ରାଜ୍ୟକୁ ଉଡ଼ିଯିବା କଥା। ବରଂ ଧର୍ମ ପୁସ୍ତକ ପଢ଼। ସେସବୁ ପଢ଼ିଲେ ତମେ ମୋକ୍ଷର ପଥ ଖୋଜି ପାଇବ, ସ୍ୱର୍ଗକୁ ଯିବାପାଇଁ।

ଯେ କୌଣସି ସାମାଜିକ ଉତ୍ସବ ମାନଙ୍କରେ ବାଣଭଟ୍ଟ ଅପେକ୍ଷା ମୋ ସହ ଲୋକେ ପାର୍ବତୀକୁ ଦେଖନ୍ତି।

ମୁଁ ବଡ଼ ହୋଇଗଲା ପରେ ଆଉ ବେଶି ପାର୍ବତୀ ଘରକୁ ମୋର ଯିବା ଆସିବା ହୋଇ ପାରିଲାନି। କେବେ ଥରେ ମୁଁ ଗଲେ ସେ ମୋତେ ପଚାରେ, ନାଲି ମୋତେ କୁହ, ତୁମେ ଆଉ ତୁମ ସ୍ୱାମୀ କ'ଣ ସବୁ ବିଷୟରେ କଥାବାର୍ତ୍ତା ହୁଅ।

ତା'ର ଏ ପ୍ରଶ୍ନଟା ମୋତେ ଅଡୁଆରେ ପକାଏ। ତୁମେ ଏ କ'ଣ ପଚାରୁଛ ପରକ୍କା ?

ଅଫିସ କଥା, ସିନେମା ନା ବହି ବିଷୟରେ କଥା ହୁଅ,କୁହନା।

ମୋ ସ୍ୱାମୀଙ୍କ ସହ କିଛି କଥା ହୋଇ ନଥାଏ। ମୁଁ ଖାଲି

କୌତୂହଳୀ ହୋଇ ଉଠେ।

ନାଲି, ତୁମକୁ କିଛି ଲୁଚାଇବାର ନାହିଁ। ଆମ ପରିବାରର ଗୁମର ସମସ୍ତଙ୍କୁ ଜଣା। ସେମାନେ ଆମ କଥାକୁ ନେଇ ଥଟ୍ଟାମଜା କରନ୍ତି। ଆମେ ଦୁହେଁ ଏକତ୍ର ବସୁନୁ, କିଛି କଥା କହୁନୁ। ବାଣଭଟ୍ଟ ଜାଣେନି ତାଙ୍କ ଘରେ ପ୍ରାଣୀଟିଏ ଅଛି ବୋଲି।

ପରକ୍କା, ତମେ ଦୁହେଁ ପିଲାଟିଏ ଆଣି ପାଳୁନାହଁ କାହିଁକି ? ମୁଁ ଟିକେ ସଂଶୟ ରଖି ତାକୁ କହିଲି।

ମୁଁ ତ ଚାହୁଁଥିଲି ମାତ୍ର ବାଣଭଟ୍ଟ ଚାହୁଁ ନାହାନ୍ତି। କହୁଛନ୍ତି, ଭଗବାନ ଯଦି ଆମକୁ ପିଲା ଦେଇନାହାନ୍ତି ତ ତାଙ୍କର ଇଚ୍ଛା।

ତେବେ କେହି ପୋଷାଜନ୍ତୁ ରଖ। ଏଇ କୁକୁରଟିଏ କି ବିଲେଇ ଟିଏ।

ସେ ପ୍ରଶ୍ନ ଉଠିବାର ନାହିଁ। ଘରକୁ କୁକୁର କି ବିଲେଇଟେ ସେ ଉଠିବାକୁ ଦେବେନି। ଶାସ୍ତ୍ରରେ ନାହିଁ ପରା। ତା'ର ଆଖିରୁ ଧୀରେଧୀରେ ଲୁହ ଝରିବାର ଦେଖି ପ୍ରଥମ କରି ମୁଁ ବୁଝିପାରିଲି ସେ କେଡ଼େ ଏକୁଟିଆ।

ସେ କହିଚାଲି ଥାଏ, ମା ମଲା ବେଳକୁ ମୁଁ ଚାରି ବର୍ଷର ହେଇଥିଲି। ମୋ ବାପା ପୁଣି ବାହା ହେଇ ସାବତ ମାଆ ନେଇ ଆସିଲେ। ସେମାନେ ମୋର ପଢ଼ାପଢ଼ି କଥା ଭାବିଲେନି। ମୁଁ ମାତ୍ର ଦଶମ ଯାଏ ପଢ଼ି ରହିଗଲି। ମୁଁ କଲେଜରେ ପଢ଼ି ପରିଶ୍ରମକରି ଚାକିରୀ କରିବାକୁ ଇଚ୍ଛା କରୁଥିଲି। ମାତ୍ର ସେଥି ପାଇଁ ମୋତେ ସୁଯୋଗ ମିଳିଲାନି। ମୋ ସାବତ ମାଆକୁ ଖୁସି ରଖିବାକୁ ଘରସାରାର ରନ୍ଧା ଅନ୍ୟାନ୍ୟ କାମ କଲି। ହେଲେ ସେ ଖୁସି ହେଲେ ନାହିଁ। କେବେଦିନେ ବି ମୋ କାମର ପ୍ରଶଂସା କରି ନ ଥିଲେ। ପଥର ଉପରେ ପାଣି ଢାଳିବା ପରି ମୋର ସେ ଶ୍ରମ ବେକାର ଥିଲା। ସେ କେବେ ବି ବଦଳିଲେନି।

ଦିନେ ବାପା ମୋତେ ମୋ ବହାଘର ଜଣକ ସହିତ ପକ୍କା କରି ଆସିଛନ୍ତି ବୋଲି କହିଲେ। ଯାହାଙ୍କୁ ମୁଁ ଦେଖି ନାହିଁ। ବାହାଘର ବେଳେ ହିଁ ମୁଁ ତାଙ୍କୁ ଦେଖିଲି। ଆମ ମଧ୍ୟରେ ଦଶବର୍ଷର ତଫାତ୍, କାରଣ ବିଭିନ୍ନ ଦିଗରୁ ମୋ ବାପା ସେଇଟାକୁ ଠିକ୍ ଭାବିଲେ। ବରର ଘରେ ଢେର ସାରା ଟଙ୍କା ସୁନା ଅଛି। ଘରଟା ବି ବେଶ୍ ବଡ଼। ଜଣେମାତ୍ର ଭଉଣୀ, ସିଏବି ବାହା ହେଇ ସାରିଛି। ବାପମା ନାହାନ୍ତି। ତା'ର ସବୁବେଳେ ଖୁଣ କାଢିବାକୁ। ଏସବୁ ପାଇଁ ବାପଙ୍କର ହିସାବରେ ସେଇଟା ଏକ ଭଲ ପ୍ରସ୍ତାବ। ମୋର ଇଚ୍ଛା କଥା କିଏ ପଚାରୁଛି।

ବାହାଘର ପରେ ଅବଶ୍ୟ ସେ ଘରର ମୁଁ ରାଣୀ ହୋଇଗଲି। ହେଲେ ସ୍ୱାମୀ ର ପ୍ରେମ ପାଇଲିନି। ମୁଁ ମୋ ସ୍ୱପ୍ନରେ ଜଣେ ପ୍ରେମମୟ ଯତ୍ନଶୀଳ

ସ୍ୱାମୀ କଥା ଚିନ୍ତା କରୁଥିଲି। ଯାହା ସହ ମୁଁ ମୋର ସମସ୍ତ କଥା ବାଣ୍ଟି ପାରିବି, ଯାହାଙ୍କ ପ୍ରେମରେ ମୁଁ ନିଜକୁ ବୁଡାଇ ରଖିବି। ମୁଁ କେତେ ପ୍ରେମପିଆସି ନ ଥିଲି! ଅଥଚ ମୋ ଜୀବନଟା ମରୁଭୂମିରେ ଜଳ ଖୋଜି ଚାଲିଥିବା ଯାତ୍ରୀଟିଏ ହୋଇ ରହିଗଲା।

ପରକ୍କା,ତମେ ତାଙ୍କସହ ଯାଇ କଥାବାର୍ତ୍ତା କରୁନ।

ମୁଁ ଚେଷ୍ଟା ତ କରିଛି। ହେଲେ ତାଙ୍କର ଉତ୍ତର ସବୁବେଳେ ହଁ ନାଁରେ ସୀମିତ ରହେ।

ତମେ ତାଙ୍କ ସହ ଏ ବିଷୟରେ କନସଲଟ କରୁନ। ମୁଁ ମୋ ସୀମା ବାହାରକୁ ଯାଇ କଥା କହିଲିକି ?

ନାହିଁ ରେ ନାଲି, ସେମିତି ମୋଟେ କିଛି କହିନ ତମେ। ତମେ କେବଳ ମାତ୍ର ଜଣେ ଯାହା ସହ ମୁଁ ମନ ଖୋଲି କଥାବାର୍ତ୍ତା କରେ। କାରଣ ତୁମେ ଅନ୍ୟମାନଙ୍କ ପରି ନୁହଁ। ବହୁବାର ତାଙ୍କୁ ମୁଁ ମନ କଥା କହିବାକୁ ଚାହିଁଛି। ଆମେ କେମିତି ହେବା ଉଚିତ। କ'ଣ କରିବା କଥା। ହେଲେ ସେ କିଛିବୁଝିବାକୁ ନାରାଜ। ମୋ ବାହାଘର ବେଳେ ସମସ୍ତେ ମୋତେ ଈର୍ଷା କରି କହିଲେ, ଦେଖ ପାରୁକୁ କେତେ ଗହଣା ସେ ପିନ୍ଧିଛି। ସେମାନେ ବୁଝନ୍ତି ନି ଯେ ଗହଣା ସୁଖର ବିକଳ୍ପ ନୁହେଁ। ତମ ଜେଜେମା ସବୁବେଳେ ମୋତେ କେତେ ପ୍ରଶଂସା କରନ୍ତି। ହେଲେ ସେ ଯଦି ପଦେହେଲେ ମୋତେ ସେମିତି କହନ୍ତେ!

ତମେ ଏତେ ବୁଦ୍ଧିମତୀ ପରକ୍କା, ତମ ସ୍ୱାମୀ ତୁମକୁ ପ୍ରଶଂସା କରନ୍ତୁ ବୋଲି ଆଶାକରୁଛ କାହିଁକି ? ସମସ୍ତେ ତ ତମର ପ୍ରଶଂସା କରୁଛନ୍ତି। ସେଇ ଯଥେଷ୍ଟ ନୁହଁ କି ?

ମୋର ଏ ଆଶା ଭୁଲ ହେଇପାରେ। ତେବେ ସ୍ତ୍ରୀ ହିସାବରେ ମୁଁ ତାଙ୍କଠାରୁ କିଛିତ ଆଶାରଖେ। ବାହାଘରର ଉଦ୍ଦେଶ୍ୟ ହେଲା ସ୍ୱାମୀ ଓ ସ୍ତ୍ରୀ ପରସ୍ପରର ଦୁଃଖ ସୁଖ ବାଣ୍ଟିବା, ପ୍ରଶଂସା କରିବା, ଆଗେଇ ନେବା ଓ ଉପରକୁ ଉଠେଇବା। ଏସବୁ କଥା ବାହାଘରବେଳେ ମନ୍ତ୍ର ପଢ଼ି ଆମେ ପବିତ୍ର ହୋମ ଅଗ୍ନି ଚାରିପାଖେ ବୁଲି ଶପଥ ନେଉ ପରା।

ସେ ଖାଲି ତମ ସହ ସେମିତି ବ୍ୟବହାର କରନ୍ତି ନାହିଁ ପରକ୍କା।ସମସ୍ତଙ୍କ ସହ ସେ ସେମିତି। କେହି ଲୋକ ସହ ଆଦୌ। କଥା ହିଁ କୁହନ୍ତି ନାହିଁ। ତାଙ୍କ ସ୍ୱଭାବ କିଛି ଖରାପ ନୁହେଁ ଯେ। କିନ୍ତୁ ଏମିତିକା ଲୋକ ବାହା ହେବା ଉଚିତ ନୁହେଁ। ମୁଁ ନିଜକୁ ବଦଳାଇବାକୁ ଚେଷ୍ଟା କରେ। ହେଲେ ପାରୁନି। ମୋର ଆଉ କିଛି କହିବାର ନଥିଲା। ମୁଁ ବାଣଭଟ୍ଟ କଥା ଭାବିଲି। ତା'ର ଚିନ୍ତାଧାରା ଭିନ୍ନ। ତା' ମତରେ ସ୍ତ୍ରୀଟିଏ ଘରେ ରହିବ। ପୂଜା ଓ ଘରର ଅନ୍ୟ କାମସବୁ କରିବ। ଅତି ଲୋଡ଼ା ନ ପଡ଼ିଲେ ସେମାନଙ୍କ ସହ କିଛି କଥା କହିବାର ନ ଥାଏ। ସ୍ତ୍ରୀଲୋକ ମାନେ ଅନ୍ୟ ସ୍ତ୍ରୀମାନଙ୍କ ସହ ଗପିବେ, ପୁରୁଷ ମାନେ ପୁରୁଷ ମାନଙ୍କ ସହ। ଏମାନେ ଦୁଇଟି ସମାନ୍ତରାଳ ରେଖା। ପ୍ରାୟତଃ କେହି କାହାକୁ ଛୁଇଁ ପାରନ୍ତିନି।

ସେଦିନ ମୋର ମା' ମୋତେ ଫୋନ୍ କଲେ। କୋହଭରା ହୃଦୟରେ ସେ କହିଲେ, ଆଜି ସକାଳେ ତୋର ସାଙ୍ଗ ପାର୍ବତୀ ହୃଦଘାତରେ ଚାଲିଗଲା। ଜାନକୀକୁ ନେଇ ମୁଁ ତାର ଘରକୁ ଯାଉଛି।

ମୋ ପରକ୍କା ଏଇ ଏବେ ମରିଗଲା। ମୁଁ ତା'ର କଥାସବୁ ଭାବି ହେଲି। ଅତି ଭଲ ସୁନ୍ଦର ବୋହୂଟିଏ ଆମ ସହରକୁ ଆସିଥିଲା। ଅତି ଆଦରଣୀୟା ବୋହୂ, ମୋ ପାଇଁ ରାନ୍ଧି ଖାଇବାକୁ ଦେଉଥିଲା। ସେ ରୋମାଣ୍ଟିକ ପାର୍ବତୀ ମୋତେ କହିଥିଲା ଯେ ସେ ସବୁବେଳେ ପ୍ରେମରେ ବୁଡି ରହିବାକୁ ଚାହେଁ। ସେଇ ପାର୍ବତୀ ଏବେ ମୁଠାଏ ପାଉଁଶ ହୋଇଗଲା। ସେ ଏବେ ଏଇ ନୀଳ ଆକାଶ ଭିତରେ ହଜି ଯାଇଛି। ମୁଁ ତ ଭାବି ପାରୁନି। ମୋ ଆଖିରୁ ଅବାରିତ ଲୁହ ଝରିଗଲା।

ଦିନ ଶେଷରେ ସେଠି ତାର ଘରେ କ'ଣ କ'ଣ ହେଲା ସେ ସବୁ ମୋ ମା ମୋତେ ଖବର କଲା।

ସକାଳେ ପାର୍ବତୀ ଗାଧୋଇ ସାରି ବହିଟିଏ ପଢୁଥିଲା। ସେଇଠି ସେ ଖଟ ଉପରେ ହିଁ ସେ ଚାଲିଗଲା।

ଲୋକେ ତାକୁ ଦେଖିବାକୁ ଗଲାବେଳେ ସେ ଗାଧୋଇ ପାଧୋଇ ଏକ ପରିଷ୍କାର କୋଇମ୍ବାଟୁର ସୂତିଶାଢୀ ପିନ୍ଧି, କପାଳରେ ଖଣ୍ଡିଆ ଜହ୍ନର ଟିକିଲିଟିଏ ଲଗେଇ ମୁଣ୍ଡବାଳରେ ମଲ୍ଲୀଗଜରା ଗୁଡେଇ ଥିଲା। ତା'ର ହାତରେ ସବୁଜରଙ୍ଗର ଚୂଡ଼ି ଖୁବ୍ ଉଜ୍ଜଳ ଦିଶୁଥିଲା, ସତେକି ସେଗୁଡାକ ସେ ଏବେ ଏବେ ହିଁ କିଣିଛି। ସେ ଦିଶୁଥିଲା ଯେମିତି ଏଇମାତ୍ର ଶୋଇଛି। ପବନରେ ତା'ର ଶାଢୀ ଫଡ୍ ଫଡ୍ ଉଡୁଥିଲା।

ପୁଣିଥରେ ମୋ ଆଖରୁ ଲୁହ ଝରିଗଲା। ବାଣଭଟ୍ଟକୁ ଫୋନ କରିବି ବୋଲି ଭାବିଲି। କ'ଣ ଆଉ କହିଥାନ୍ତି ମୁଁ ତାକୁ।

ଆରେ ବାଣଭଟ୍ଟ। ତୁ ଏକ ମହାନ ନାରୀକୁ ହରେଇ ଦେଲୁ। ନା କହିଥାନ୍ତି ତୋ ସ୍ତ୍ରୀର ଯତ୍ନ ଟିକେ କାହିଁକି ନେଲୁ ନାହିଁ। ନା କହିଥାନ୍ତି, ବାଣଭଟ୍ଟ, ଏସବୁ ଭଗବାନଙ୍କର ଇଚ୍ଛା ବୋଲି ?

ମୁଁ ତାକୁ ଫୋନ୍ କରିବା କଥା ଭାବୁଛି, ଠିକ୍ ଏତିକି ବେଳେ ଆମ ଫୋନ୍ ରିଂ ହେଲା। ମୋ ମା' ଫୋନ୍ କରିଥିଲେ। ଆଜି ବାଣଭଟ୍ଟ ଚାଲିଗଲା। ମୋତେ ପୁଣିଥରେ ଜାନକୀକୁ ସାଂଗରେ ନେଇ ତାଙ୍କ ଘରକୁ ଯିବାକୁ ହେବ। 'ଫୋନ୍ ରଖନା। ସେ କେମିତି ମଲା କହ'।

ମୁଁ କିଛି ଜାଣେନି। ଖାଲି ବିନ୍ଦୁ କହୁଥିଲା ଯେ ବାଣଭଟ୍ଟ ମେଡିଟେସନରେ ବସିଥିବା ବେଳେ ଟଳିପଡ଼ିଲା। ମୋର ତେଣେ ଢେର୍ କାମ ଅଛି। ଫୋନ୍ ରଖୁଛି।'

ମୋତେ ଆଚମ୍ବିତ ଲାଗୁଥିଲା ଯେ ପାର୍ବତୀ ମରିବାର ଚବିଶ ଘଣ୍ଟା ହେଇନି, ବାଣଭଟ୍ଟ ଚାଲିଗଲା କେମିତି ? ହୁଏତ ସେ ତାର ସ୍ତ୍ରୀକୁ ଏତେ ଭଲପାଉଥିଲା ଯେ ପାର୍ବତୀ ବିନା ସେ ଆଉ ବଞ୍ଚିବା ପାଇଁ ଚାହୁଁ ନ ଥିଲା। ତା' ମନକଥା ଖୋଲି କହିପାରିବା ତା' ପକ୍ଷେ ସମ୍ଭବ ନ ଥିଲା। କିନ୍ତୁ ତା' ହୃଦୟରେ ପାର୍ବତୀ ପାଇଁ ପ୍ରେମର ସାଗରଟିଏ ଭରି ରହିଥିଲା ଯାହାର ଗଭୀରତାରେ ସେ ନିଜେ ବୁଡି ରହିଥିଲା। ସେକଥା ତା ନିଜକୁ ବି ଜଣା ନ ଥିଲା। ବାସ୍ତବ ଜୀବନରେ ସେମାନେ କେବେ ବି ଏକତ୍ର ନ ଥିଲେ। କେବେ ସାଙ୍ଗରେ ଖାଇବା, ସାଙ୍ଗ ହୋଇ ବୁଲିଯିବା, କି ବସି ହସଖୁସିରେ କଥାହେଉ ନ ଥିଲେ। କିନ୍ତୁ ସେମାନଙ୍କ ଶେଷଯାତ୍ରାରେ ସାଥୀ ହୋଇ ଗଲେ। ଦୁନିଆ ଦୃଷ୍ଟିରେ ସେମାନେ ପରସ୍ପର ପାଇଁ ପ୍ରଯୁକ୍ତ ନ ଥିଲେ ବି ଅନ୍ତର ଭିତରେ ସଂଯୁକ୍ତ ହୋଇ ରହିଥିଲେ। ଏ କେମିତିକା ମହାଯାତ୍ରା ସେ ଦମ୍ପତିଙ୍କର ଯେ ପରସ୍ପରକୁ ଏତେ ଭଲ ପାଇ ମଧ୍ୟ କେହି କାହାକୁ ଖୋଲି ଦେଇ ପାରୁ ନ ଥିଲେ ହୃଦୟ।

*୨/୧୧, ଶ୍ରୀଟାୱାର୍ସ, ବିଜେବି ନଗର,*
*ଭୁବନେଶ୍ୱର-୧୪*

# ରଙ୍ଗଣୀ ଫୁଲର ରଙ୍ଗ

**ବିଜୟ ପଟ୍ଟନାୟକ**

ଶ୍ରାବଣୀ ଓ ମୁଁ ତନ୍ମୟୀ ଆଜି କ୍ଲବ୍ ମହୀନ୍ଦ୍ରାର ରେସର୍ଟ ପ୍ରିଷ୍ଟିନ୍ ପିକ୍, ନାଲ୍‌ଧେରାରେ ପହଞ୍ଚିଛୁ। ୩-୪ ଦିନ ରହିବାର ପ୍ରୋଗ୍ରାମ୍। ନାଲ୍‌ଧେରା, ସିମ୍‌ଲା ଠାରୁ ୨୦ କିଲୋମିଟର ଦୂରରେ ହିମାଳୟ କୋଳରେ ଏକ ଘୁମେଇ ପଡୁଥିବା ଗାଁ। ଗାଁଟିର ମଝାମଝି ପ୍ରିଷ୍ଟିନ୍ ପିକ୍ ବୋଲି ଛୋଟ ପାହାଡ଼ ଉପରେ ଏହି ରେସର୍ଟଟି କିଏ କେମିତି ଖଞ୍ଜି ଦେଇଛି। ରେସର୍ଟର ଚାରିପଟେ ହିମାଳୟର କେତେ ସବୁ ଶୃଙ୍ଗ ଦିଶିଯାନ୍ତି। ସାମ୍ନା ପାହାଡ଼ ଗୁଡ଼ିକର ଅଧାଯାଏ ପାଇନ୍, ଦେଓଦାର, ସେଡାର ଗଛର ଜଙ୍ଗଲ। ତା'ଉପରକୁ ଲଣ୍ଡା ପାହାଡ଼। ଶୀତଦିନେ ବରଫ ଏଇ ଉଚ୍ଚତାରେ ଆଗ ପଡ଼େ ଓ ସବା ପଛରେ ଯାଏ। ଆଉ ଟିକିଏ ଦୂରକୁ ଦେଖିଲେ ବରଫାଛାଦିତ ଶୃଙ୍ଗ ସବୁ ଦେଖା ଯାଉଥା'ନ୍ତି। ସୂର୍ଯ୍ୟୋଦୟ ସମୟରେ ଉଦୟ ସୂର୍ଯ୍ୟର କିରଣ ଏଇସବୁ ଶୃଙ୍ଗ ଉପରେ ଆଉଟା ସୁନାରଙ୍ଗ ଢାଳି ଦେଇଥାଏ। ପାହାଡ଼ର ଚୂଡ଼ା ସବୁ ସୁନାରଙ୍ଗରେ ଦାଉ ଦାଉ ହୋଇ ଜଳୁଥା'ନ୍ତି। ରୁମ୍‌ରୁ ବସି କଫି କପ୍ ସହିତ ଏଇ ଦୃଶ୍ୟ ଦେଖିବା ସୌଭାଗ୍ୟର ବିଷୟ। ଦିଗ୍‌ବଳୟ ଆଜି ସମ୍ପୂର୍ଣ୍ଣ ମେଘମୁକ୍ତ ଥିଲା। ଆମେ ବୋଧେ ଭାଗ୍ୟବାନ ଥିଲୁ। ସୂର୍ଯ୍ୟୋଦୟର ସଂପୂର୍ଣ୍ଣ ଲାଭ ଆମେ ପାଇପାରିଲୁ।

ରୁମ୍‌ରେ ଟିଭି ଇତ୍ୟାଦି ସହ ହିମାଚଳି ହସ୍ତଶିଳ୍ପର କଳାକୃତି ଜିନିଷ ସବୁ ରହିଛି। ରହିଛି ସୁନ୍ଦର ସୁନ୍ଦର ଫୁଲର ପେଣ୍ଟିଂ। ଲଞ୍ଚରେ ରେଷ୍ଟୁରାଣ୍ଟକୁ ଗଲା ବେଳକୁ ରାସ୍ତାରେ ଓ ରେଷ୍ଟୁରାଣ୍ଟରେ ଏଇ ସବୁ ଜିନିଷ ଦେଖିଲୁ। ଏପ୍ରିଲ୍ ଆରମ୍ଭରେ ଶୀତ ପୁରା ଯାଇନି। ଖରାରେ ବସିବାକୁ ଇଚ୍ଛା ହେଉଥିଲା। ରିସେପ୍‌ସନିଷ୍ଟ ଟିକିଏ ଦୂରରେ ଥିବା ଗ୍ଲାସ୍ ହାଉସ୍ ଆଡ଼କୁ ହାତ ଦେଖେଇ ଦେଇ କହିଲେ – "ଯା'ନ୍ତୁ ବସିବେ ସେଠି। ଥଣ୍ଡା ପବନ ଲାଗିବନି। ସୂର୍ଯ୍ୟ କିରଣରେ ଗ୍ଲାସ୍ ହାଉସ୍ ଭିତରଟା ବେଶ୍ ଉଷୁମ ଥିବ। କାଚଘର ଭିତରୁ ଆପଣ ପୁରା ହିମାଳୟ ଖୁସୀରେ ଦେଖିପାରିବେ। ଗ୍ଲାସ୍ ହାଉସ୍‌ରେ ଯାଇ ବସିଲୁ। ଏଠି କିଛି ଗ୍ରୀଷ୍ମମଣ୍ଡଳୀୟ ଫୁଲଗଛ ଲାଗିଛି। ଆମ ଅଞ୍ଚଳର ବର୍ଷାଦିନିଆ ଗଛ ସବୁ ଲାଗିଛି। ମାଳୀ କହିଲା ଏ ସବୁ ଫୁଲ ଏଇ ଦି'ମାସ ଫୁଟେ ଗ୍ରୀନ୍‌ହାଉସ୍ ଭିତରେ। ଆପଣଙ୍କ ପରି ଗରମ ଏରିଆର ଲୋକ ଆସି ଏ ଫୁଲ ଦେଖି ଖୁସୀ ହୁଅନ୍ତି।

ରୁମ୍‌ରେ ଆସି ବସିଥିଲି। ହଠାତ୍ ମତେ ଲାଗିଲା କିଏ ଯେମିତି ମୋର ସ୍ମୃତିକୁ ଉଖୁରେଇ ଦେଉଛି। କେମିତି କେମିତି ଲାଗୁଥିଲା... ରଙ୍ଗଣୀ ଫୁଲ.....ରୁମ୍, ଲବି, ଡାଇନିଙ୍ଗ୍ ହଲ୍, ରିସେପ୍‌ସନ୍ ସବୁଆଡ଼େ ଏଇ ଗୋଟିଏ ଫୁଲର ପେଣ୍ଟିଂ। ଗ୍ଲାସ୍ ହାଉସ୍‌ରେ ବି ରଙ୍ଗଣୀ ଫୁଲର ସମ୍ଭାର। ସବୁଯାକ ଲାଲ୍ ରଙ୍ଗର ରଙ୍ଗଣୀ ଫୁଲ... ଏମିତି କେମିତି ହୋଇଛି ? ଆଉ ଏଇ ଲାଲ୍ ରଙ୍ଗଣୀ ଫୁଲକୁ ଦେଖି ମୋ ହୃଦୟରେ ଉଦ୍‌ବେଳନ କାହିଁକି ? ? ହଠାତ୍ ମନର ଗୋଟେ ଝରକା ଖୋଲିଗଲା.....

କଲେଜର ପ୍ରଥମ ବର୍ଷର ଆନୁଆଲ୍ ଫଙ୍କ୍‌ସନ୍‌ରେ ମୁଁ ଗୋଟେ ଫୋକ୍ ଡ୍ୟାନ୍‌ସରେ ଭାଗ ନେଇଥିଲି... ମୋ ସାଂଗର ପୁଅଟାର ନାଁ ଥିଲା ଉଦ୍ୟାନ ମହାପାତ୍ର.... ସେ ମୋ'ରି ଗ୍ରୁପ୍‌ର ପିଲା। ପାଖାପାଖି ରୋଲ୍ ନମ୍ବର। ଭଲ ଡ୍ରଇଂ କରେ। ପ୍ରାକ୍ଟିକାଲ ଖାତାରେ ସମସ୍ତେ ତା'ରିଠୁ ଚିତ୍ର କରେଇ ନିଅନ୍ତି। ମୋର ତ ଡ୍ରଇଂ ଏତେ ଭଲ ହୁଏନି। ଶ୍ରାବଣୀ ମୋଠୁ ଖାତା ନେଇ ଉଦ୍ୟାନଠୁ କରେଇ ଆଣେ। ସେ ଶ୍ରାବଣୀ ସାହିର ପିଲା। ଫୋକ୍ ଡ୍ୟାନ୍‌ସର ଗୀତଟି ଥିଲା....

ଚହଟ ଚମ୍ପାଲୋ, ରଙ୍ଗେଇ ଝୁମ୍ପାଲୋ କଥାକୁ ଜବାବ ନାହିଁ,
କେଉଁଠି ଥିଲୁରେ ଏଡ଼ିକି ରସିକ ମରୁନୁ ଜହର ଖାଇ।
ଏମିତି ଜଳୁଛି ତୋ ରୂପ ରୋଷଣୀ ଗୁରୁ ତ ବନିବ ଚେଲା,
ରଂଗ ଟହଟହ ରଙ୍ଗଣୀ ଫୁଲଲୋ, ଏ ରଙ୍ଗ ରହିଲେ ହେଲା।
ରଙ୍ଗ ନୁହେଁ ସେ ଅସଲି ଭାଲିଆ ଲାଗିଲେ ଛାଡ଼ିବ ନାହିଁ...
ଚହଟ ଚମ୍ପାଲୋ.....

ସେଥର ଆମ ଡ୍ୟାନ୍‌ସଟା ଫାର୍ଷ୍ଟ ହୋଇଥିଲା। ସେଇଦିନୁ ମୁଁ ଲକ୍ଷ୍ୟ କରୁଥିଲି ଉଦ୍ୟାନ ମୋ ପ୍ରତି ସଚେତନ ହୋଇ ଯାଉଥିଲା। ଲାଗ୍ ଲାଗ୍ ରୋଲ୍ ନମ୍ବର ହୋଇଥିବାରୁ ପ୍ରାକ୍ଟିକାଲ୍ କ୍ଲାସ୍‌ରେ ଗୋଟେ ଟେବୁଲ୍‌ରେ ପାଖାପାଖି ବସୁ। ପ୍ରାକ୍ଟିକାଲ୍ ଏକ୍ସପେରିମେଣ୍ଟ୍ ବେଳେ ବେଳେ ଏକାଠି କରିବାକୁ ପଡ଼େ। କେତେଥର ସାରଙ୍କଠୁଁ ନୋଟ୍ ଫେରି ପାଇଲା ବେଳକୁ ତା ଭିତରେ ଗୋଟେ ଗୋଟେ ରଙ୍ଗଣୀ ଫୁଲଥାଏ। କିଏ କେମିତି ରଖି ଦେଇଥିବ ଭୁଲରେ ! ଥରେ ସେ ମୋ' ନୋଟ୍‌ଟା ଧାର ନେଇଥିଲା। କିଛିଦିନ ପରେ ଫେରେଇଲା। ତା' ଭିତରେ ମୁଁ ପାଇଲି ଗୋଟେ ଚମତ୍କାର ଲାଲ୍ ରଙ୍ଗଣୀ ଫୁଲର ଚିତ୍ର। ଶ୍ରାବଣୀକୁ ପଚାରିଲାରୁ ସେ କହିଲା –

"ଉଦ୍ୟାନ ଗୋଟେ ଚମତ୍କାର ଚିତ୍ରକର ହୋଇଥିବା ସଙ୍ଗେ ସଙ୍ଗେ ବଢ଼ିଆ କବିତା ବି ଲେଖେ। ରଙ୍ଗଣୀ ଫୁଲକୁ ନେଇ ସେ ଅନେକ ଚିତ୍ର କରିଛି, କବିତା ବି ଲେଖିଛି। ତା'କୁ ଦିନେ ପଚାରିଲି – 'କାହା ପାଇଁ ଏ

କବିତା ଲେଖିଛୁ କିରେ ?' ସେ ଟିକେ ହସିଦେଇ କହିଲା - ପବନରେ ଲେଖା ହୋଇଥିବା ନାଁଟାକୁ ଓଠରେ କେମିତି ଆଣିବି ? ନିଃଶ୍ୱାସ ପ୍ରଶ୍ୱାସକୁ ଶବ୍ଦରେ କେମିତି ପ୍ରକାଶ କରିବିରେ ବଣୀ ?" (ଆମେ କେତେ ଜଣ ସାଙ୍ଗ ତା'କୁ ଶ୍ରାବଣୀ ବଦଳରେ ବଣୀ ବୋଲି ଡ଼ାକୁ)

"କିନ୍ତୁ ଆଇ.ଏସ୍.ସି ପରେ ସିଏ କୁଆଡ଼େ ଗଲା ?" ଶ୍ରାବଣୀକୁ ପଚାରିଲି ତା' କଥା।

"ଯା ଭିତରେ କେତେ ବର୍ଷ ବିତିଗଲାଣି ନାଁ! ମୁଁ ବି ତା'କୁ ଭୁଲି ଯାଇଥିଲି - ତୁ ଆଜି ମନେ ପକେଇ ଦେଲୁ। ତା' ଖବର ମୋ ପାଖରେ କି କାହା ପାଖରେ ନାହିଁ। କୁଆଡ଼େ ଗଲା ସେ କେଜାଣି ? ଅଦ୍ଭୁତ ପିଲା ସେ ଗୋଟେ....।" ଶ୍ରାବଣୀ କହିଲା।

"ଛାଡ଼ ସେ ସବୁ... ଚାଲ୍ ଗୋଟେ ଗ୍ରୀନ୍ ପାଇନ୍ ଟ୍ରେକ୍‌ରେ ଯିବା...।" ଦିହେଁ ବାହାରିଲୁ ।

ହୋଟେଲ୍‌ର ଟ୍ରାଭେଲ୍ ଡେସ୍କରେ ପଚାରିଲୁ। ସେମାନେ କହିଲେ- "ଆଖପାଖ ଗାଁ ବାଟ ଦେଇ ପାହାଡ଼ର ଧାରେ ଧାରେ ପାଇନ୍ ଓ ଦେଓଦାର ଗଛର ଛାଇରେ ଟ୍ରେକ୍‌ଟା ଏକଦମ୍ ୟୁନିକ୍। ସାଂଗରେ ଗାଇଡ୍ ନେଇ ପାରନ୍ତି।"

"ନାଁ ନାଁ, ଆମେ ନିଜେ ଟିକେ ଆଡ଼ଭେଞ୍ଚର୍ ଚାହୁଁଛୁ। ଗାଇଡ୍ ନଗଲେ କିଛି ବିପଦ ଅଛି କି ?"

ଝିଅଟି କହିଲା - "ୟେ ହିମାଚଲ, ଦେବ ଭୂମି ହେ ମା'ମ୍! ଏକଦମ୍ ସେଫ୍। ଆମଠୁଁ ଟ୍ରେକ୍‌ର ରୁଟ୍ ଚାର୍ଟ ନେଇ ଯାଆନ୍ତୁ। ଟ୍ରେକ୍ ଟ୍ରାକ୍‌ରେ ସାଇନ୍ ବୋର୍ଡ଼ ସବୁ ଲାଗିଛି। ହଜିବାର ପ୍ରଶ୍ନ ନାହିଁ। ତଥାପି ହାତରେ ୪୫ ମିନିଟ୍ ଯିବା ପାଇଁ, ୪୫ ମିନିଟ୍ ଆସିବା ପାଇଁ ନେଇ ଯାଆନ୍ତୁ। ଜିପିଏସ୍ ଅନ୍ ରଖିଥିବେ। ଟ୍ରାକ୍‌ର ସବୁ ଯାଗାରେ ମୋବାଇଲ ସିଗ୍ନାଲ୍ ମିଳିଯାଏ। କିଛି ଅସୁବିଧା ହେଲେ, ଫୋନ୍ କରିଦେଲେ ଆମେ ରେସ୍କ୍ୟୁ କରିନେବୁ। ହଁ, ଆଉଗୋଟେ କଥା, ଗେଟ୍ ବାହାରେ ଥିବା ଦୋକାନରୁ ଦି'ଟା ବଡ଼ ବଡ଼ ବ୍ରେଡ୍ ନେଇ ଯାଆନ୍ତୁ। ରେସର୍ଟରୁ ଟ୍ରେକିଂ ଷ୍ଟିକ୍ ଧରି ବାହାରିଲେ ଜିମି ଆଉ ଜେନି ଦୁଇଜଣ ଗାଇଡ୍ ଓ ଗାର୍ଡ ଆପଣଙ୍କୁ ମିଳିଯିବେ ଫ୍ରିରେ...."

"ଫ୍ରିରେ... ?" ଆଶ୍ଚର୍ଯ୍ୟ ହୋଇ ପଚାରିଲି।

"ଜିମି ଆଉ ଜେନି ଦୁଇଟି କୁକୁର। ଗୋଟେ କଳା, ଆଉଗୋଟେ କଳା-ଧଳା ଛାପିଛାପିକିଆ...। ବ୍ରେଡ୍ ଖଣ୍ଡେ ଖଣ୍ଡେ ଦେଲେ ଆପଣଙ୍କ ପଛେ ପଛେ ଯିବେ ଓ ଫେରିବେ। ଜମା ସାଥୀ ଛାଡ଼ିବେନି...। ବହୁତ ଟୁରିଷ୍ଟ ଫ୍ରେଣ୍ଡଲି ସେମାନେ। ଆମ ହୋଟେଲର ବ୍ରାଣ୍ଡ ଆମ୍ବାସଡର କହି ପାରନ୍ତି।" ହସି ହସି କହିଲେ ସେ...

"ବହୁତ ଇଣ୍ଟରେଷ୍ଟିଙ୍ଗ୍ ୟାର୍... ଗୋଟେ ନୂଆ କଥା... ଆଡ଼ଭେଞ୍ଚର୍‌ଟେ ନବାରେ ଶ୍ରାବଣୀ...." କହିଲି ଆଗ୍ରହରେ।

ଦୁହେଁ ରୁମ୍‌କୁ ଆସି ବ୍ୟାକ୍‌ପ୍ୟାକ୍ ରେଡି କରି ବାହାରିଲୁ। ଦେଓଦାର, ପାଇନ୍, ସେଡାର ଆଦି ଗଛ ଭୂମିରୁ ଆକାଶକୁ ଭେଦ କରି ଉଠିଯାଇଥା'ନ୍ତି। ଜଙ୍ଗଲ ଟ୍ରାକ୍‌ରେ ଭୂମିରେ ସୂର୍ଯ୍ୟ କିରଣ ପଡୁନଥାଏ। ଯେଉଁଠି ଟିକେ ଖରା ପଡ଼ିଛି ସେଇଠି ଗୋଟେ ଗୋଟେ ଗଛରେ ଧଳା, ବାଇଗଣି ବା ଗୋଲାପୀ ରଙ୍ଗର ଜଙ୍ଗଲୀ ଫୁଲ ଭର୍ତ୍ତି ହୋଇଥାଆନ୍ତି। ପାହାଡ଼ି ରାସ୍ତାରେ ଗଲା ବେଳକୁ ୨-୩ଟା ଗାଁ ପଡ଼ିଲା, ଗାଁ କହିଲେ ୪-୫ଟା ଘର। ଚାରିପଟେ ଜଙ୍ଗଲ, ଆପଲ୍ ବଗିଚା, ସିମ୍‌ଲା ମିର୍ଚ୍ଚର କ୍ଷେତ...। ଆପଲ୍ ବଗିଚାରେ ଫୁଲ ଧରିଥାଏ। ସଫେଦ୍ ଓ ଇଷତ୍ ଗୋଲାପୀ ରଙ୍ଗର ଫୁଲରେ ଗଛଗୁଡ଼ିକ ଭରି ହୋଇଯାଇଥା'ନ୍ତି। ଆମ ଆଗରେ ଜିମି, ପଛରେ ଜେନି ଚାଲିଥାଆନ୍ତି।

ହଠାତ୍ ଶ୍ରାବଣୀ କହିଲା, "ଦେଖ୍ କେତେ ଡେଙ୍ଗା ଡେଙ୍ଗା ଗୋଲାପ ଗଛ"। ଜଣଙ୍କର ବଗିଚାରେ ଗୋଲାପ ଫୁଲ ଗୁଡ଼ିକ ୧୦-୧୨ଫୁଟ୍ ଉଚ୍ଚ ଡାଳରେ ଫୁଟିଥା'ନ୍ତି। କେବଳ ବ୍ଲଡ୍ ରେଡ୍ ରଙ୍ଗର ଗୋଲାପରେ ବଗିଚା ଭର୍ତ୍ତି। "ଏଇଟା ବୋଧେ ଗୋଟେ ଅଲଗା ବ୍ରିଡ୍ - ତା' ନାଁ ଦିଆଯାଇପାରେ 'ରୋଜ୍ ଇନ୍ ଦି ସ୍କାଏ'", ଶ୍ରାବଣୀ ହସି ହସି କହିଲା।

୪୫ ମିନିଟ୍ ଟ୍ରେକ୍ ସାରି ଫେରନ୍ତା ରାସ୍ତା ଧରିଲୁ। ଜିମି ଆଉ ଜେନି ବି ମୁହଁ ଫେରେଇଲେ। ଦ୍ୱିପହରରେ ଲଞ୍ଚ ପରେ ରୁମ୍‌ରେ ବିଶ୍ରାମ ନେଇ ଅପରାହ୍ନରେ ଯାଇ ଗ୍ଲାସ୍ ହାଉସ୍‌ରେ ରଙ୍ଗଣୀ ଫୁଲର ବେଡ୍ ପାଖରେ ଗୋଟେ ବେଞ୍ଚ୍‌ରେ ବସି କଫି ପିଉଥିଲୁ। ପୁଣି ମନରେ ଆସିଲା - "ଏ ରେସର୍ଟରେ ରଙ୍ଗଣୀ ଫୁଲର ପ୍ରାଚୁର୍ଯ୍ୟ କାହିଁକି ?"

ସେଦିନ ଡିନରରେ ରେସର୍ଟ ମ୍ୟାନେଜରଙ୍କ ସହିତ ଦେଖା ହେଲା। ୩୫-୪୦ ବର୍ଷ ବୟସର ବଙ୍ଗାଳୀ ଯୁବକ। ରେସର୍ଟ ବିଷୟରେ କଥା ହେଉ ହେଉ ପଚାରିଲି ରଙ୍ଗଣୀ ଫୁଲ ବିଷୟରେ।

ହସି ହସି ସେ କହିଲେ "ଏ ଫୁଲଟା ଆମ ରେସର୍ଟର ଥିମ୍। ଆମର ଇଣ୍ଟେରିଅର୍ ଡିଜାଇନର୍‌ଙ୍କର ଏଇଟା ଫେବରିଟ୍ ଫୁଲ। ଆମକୁ ବି ଭଲ ଲାଗିଲା। ତେଣୁ ଏସବୁ ଆପଣ ଦେଖୁଛନ୍ତି...। ସେ ହିମାଚଳର ପ୍ରଖ୍ୟାତ ଡିଜାଇନର୍। ହୋଟେଲ୍ ଇଣ୍ଡଷ୍ଟ୍ରିରେ ତାଙ୍କ ନାଁ ସମ୍ମାନର ସହିତ ନିଆଯାଏ। ବଡ଼ ଆମାୟିକ ବ୍ୟକ୍ତିତ୍ୱ। ଏତେ ବଡ଼ ଚିତ୍ରକର ହେବା ସହିତ ଚମତ୍କାର କବିତା ବି ଲେଖନ୍ତି। ସିମ୍‌ଲାରେ ତାଙ୍କର ଘର ଥିଲେ ବି ଏଇଠି ରେସର୍ଟ ତଳେ ଗୋଟେ ଛୋଟ ଗାଁରେ ରହନ୍ତି। ଅଧିକାଂଶ ସମୟ ଏଇଠି ବିତାନ୍ତି। ତାଙ୍କର ଷ୍ଟୁଡିଓ ଗୋଟେ ଦର୍ଶନୀୟ ଜିନିଷ...।"

"ତାଙ୍କ ନାଁ କ'ଣ କହି ପାରିବେକି ?" ପଚାରିଲି ଉଦ୍‌ବିଗ୍ନ ହୋଇ....

"ଉଦୟଭାନ୍ କୌଶଲ। ସିମ୍‌ଲାରେ ବେଶ୍ ପରିଚିତ ନାଁ। ଯେ କୌଣସି ଜାଗାରେ ପଚାରିଲେ ତାଙ୍କ ଘରର ଠିକଣା ମିଳିଯିବ।"

"ଆମେ ତାଙ୍କୁ ଦେଖା କରିପାରିବୁ କି ?" ପୁଣି ପଚାରିଲି।

"ହଁ, କାହିଁକି ନୁହେଁ ? କାଲି ଆମ ଗାଇଡ୍ ରେସର୍ଟର ବ୍ୟାଟେରୀ କାର୍ଟରେ ତାଙ୍କ ଘରକୁ ନେଇଯିବେ। ଟ୍ରେକିଙ୍ଗ୍ ଟ୍ରାକ୍‌ରେ ତ ଯାଇ ହେବ - ହେଲେ ଆପଣଙ୍କୁ ଅସୁବିଧା ହୋଇପାରେ।"

ତା'ପରଦିନ କାର୍ଟରେ ଯାଇ - ପାହାଡ଼ର ଗୋଟେ ଧାରରେ ପହଞ୍ଚିଲୁ। ଏଇଠୁ ୫୦-୬୦ଟା ପାହାଚ ତଳକୁ ଗଲେ ତାଙ୍କ ଘର। ଗାଇଡ୍ ହାତ ଠାରି ଦେଖାଇଦେଲେ ଘରର ପଛପଟୁ।

ପାହାଚ ଓହ୍ଲାଇ ଘର ସାମ୍ନାରେ ପହଞ୍ଚିଲୁ। ଆରେ.... ଏତ କାଲିର 'ରୋଜ୍ ଇନ୍ ଦି ସ୍କାଏ' ଘର !

ତିନି ଜଣଯାକ ଗେଟ୍ ଖୋଲି ଭିତରକୁ ପଶିଲୁ। ଗାର୍ଡେନ୍‌ରେ ଜଣେ ବୟସ୍କ ଲୋକ ହିମାଚଳି ଟୋପି, ଫତେଇ ଆଉ ଟ୍ରାଉଜର ପିନ୍ଧି ବସିଥା'ନ୍ତି।

ଗାଇଡ୍ କହିଲେ - "ଏମାନେ ଉଦୟଭାନ୍ ସାର୍‌ଙ୍କୁ ଦେଖା କରିବାକୁ ଆସିଛନ୍ତି।"

"ଆପ୍ କାହାଁସେ ହେ ମା'ମ୍ ?" ପଚାରିଲେ ସେ।

ଶ୍ରାବଣୀ କହିଲା "ଓଡ଼ିଶା ସେ..."

ଆମକୁ ଆଶ୍ଚର୍ଯ୍ୟ କରି ସେ ଓଡ଼ିଆରେ ଆରମ୍ଭ କଲେ - "ଓଡ଼ିଶାରୁ

କେଉଁଠୁ ଆସିଛ ପିଲାମାନେ ?" ସ୍ନେହବୋଳା ଶବ୍ଦରେ ଆମେ ତରଳି ଯାଉଥିଲୁ...।

"ମୋ ଘର ଢେଙ୍କାନାଳ। ଇଏ ଭୁବନେଶ୍ୱରରୁ... ଦି'ଜଣ ସାଙ୍ଗ ହୋଇ ଢେଙ୍କାନାଳ କଲେଜରେ ଆଇ.ଏସ୍.ସି. ପଢୁଥିଲୁ।" ବର୍ଷଟା କହିଦେଲା ଶ୍ରାବଣୀ....।

"ଆରେ! ମୁଁ ବାଲେଶ୍ୱରର। କିନ୍ତୁ ତୁମ କଲେଜରେ ଜୁଲୋଜି ଲାବୋରେଟରି ଆସିଷ୍ଟାଣ୍ଟ ଥିଲି, ତମେ ପଢ଼ିଲା ବେଳେ...। ଢେଙ୍କାନାଳ ଛାଡ଼ିବାର ଅନେକ ଦିନ ହେଲାଣି...। ଝାପ୍‌ସା ଝାପ୍‌ସା ମନେ ପଡୁଛି... ତୁମେ ଏସ୍‌ଡିଓ ସାମନ୍ତରାୟ ବାବୁଙ୍କ ଝିଅ ନୁହେଁ ତ ? ନାଁଟା ମନେ ପଡୁନି....।" ମୋ ଆଡକୁ ଚାହିଁ କହିଲେ।

ସ୍ୱର୍ଗରୁ ଖସି ପଡୁ ପଡୁ କହିଲି... "ହଁ ସାର୍ ! ମୁଁ ତନ୍ମୟୀ... ଆପଣ ନରେନ୍ ଦତ୍ତ ସାର୍ ବୋଧେ...।"

"ଠିକ୍ ଚିହ୍ନିଛ - ଏବେ ଆସ ବସ...। ହେଲେ ଉଦୟଭାନ୍ ତ ନାହାନ୍ତି। ଦି'ଦିନ ପାଇଁ ଚଣ୍ଡିଗଡ଼ ଯାଇଛନ୍ତି। ପଅର ଦିନ ଫେରୁ ଫେରୁ ଦ୍ୱିପହର ହୋଇଯିବ।"

ଦିହେଁ ତାଙ୍କ ପାଦ ଛୁଇଁଲୁ।

"ହେଲେ, ଆମେ ତ କାଲି ଦିନକ ଅଛୁ। ପଅର ଦିନ ସକାଳୁ ଚାଲିଯିବୁ... ବୋଧେ ଦେଖା ହୋଇପାରିବନି..!"

"ଏତେ ବାଟରୁ ଆସିଛ... ପୁଣି ମୋର ଷ୍ଟୁଡେଣ୍ଟ୍। ବହୁତ ଖୁସୀ ଲାଗୁଛି ତୁମମାନଙ୍କୁ ଦେଖି। ଚାଲ, ଷ୍ଟୁଡିଓରେ ବସି ଚା' ପିଇବା..।

ଦେଖ... ଏଠି ତଳ ମହଲାଟା ପୁରା ଷ୍ଟୁଡିଓ, ଉପର ମହଲାରେ ଆମେ ରହୁ।"

ଷ୍ଟୁଡିଓରେ ବସି ଚା ପିଉ ପିଉ ଦେଖୁଥିଲି ଏଠି ବି ରଙ୍ଗଣୀ ଫୁଲର କେତେଟା ଚିତ୍ର। ମତେ କେମିତି କେମିତି ଲାଗିଲା... ପଚାରିଦେଲି, "ସାର୍ ଆପଣ ଏଠି କେମିତି ?"

"ଲମ୍ବା ଷ୍ଟୋରୀ... କାଲି ତୁମ ରେସର୍ଟକୁ ଯିବି, ଏଗାରଟା ବେଳକୁ। ମୋର ବି କାମ ଅଛି। ବସି ଗପିବା।"

ତା'ପରଦିନ ଆମେ ଅପେକ୍ଷା କରିଥିଲୁ। ସାର୍ ଆସି କହିଲେ - "ଚାଲ, ସାମ୍ନା ଲନ୍‌ରେ ବସିବା।"

ତିନି ଜଣଯାକ ବସିଥିଲୁ। ଥଣ୍ଡା ଥଣ୍ଡା ଲାଗୁଥାଏ।

ମୁଁ କହିଲି, "ସାର୍ ! ମୁଁ ଟିକେ କଫି ନେଇ ଆସୁଛି।" ରୁମ୍‌କୁ ଗଲି।

ସାର୍ ଶ୍ରାବଣୀ ସହିତ ଗପୁଥା'ନ୍ତି।

ହଠାତ୍ ସାର୍ ଶ୍ରାବଣୀକୁ ପଚାରିଲେ "ଉଦୟଭାନ୍ କିଏ ତମେ ଜାଣିଛ ?"

"ନାଁ ସାର୍"

"ସେ ହେଉଛି ତୁମ କ୍ଲାସ୍‌ମେଟ୍ ଉଦ୍ୟାନ୍ ମହାପାତ୍ର।"

ଝାପ୍‌ସା ଶୁଭିଗଲା ମୋତେ। ହାତରୁ କପ୍‌ଟା ଖସି ପଡ଼ିଲା। ଯୋଗକୁ ଭାଙ୍ଗିଲାନି। ପରଦା ଆଢୁଆଳରେ ରହି ମୁଁ ଶୁଣୁଥିଲି...।

"ଉଦ୍ୟାନ୍ ମୋର ଫେଭ୍‌ରିଟ୍ ଷ୍ଟୁଡେଣ୍ଟ୍ ଥିଲା। ମୋରି ଘର ପାଖରେ ତା' ମେସ୍। ମୁଁ ସେତେବେଳେ ଭଲ ଚିତ୍ର ଆଙ୍କୁଥିଲି। ସେ ମୋଠୁଁ ଚିତ୍ର ଶିଖିବା ପାଇଁ ଘରକୁ ଆସୁଥିଲା। ଆମର ପିଲାପିଲି ନଥିବାରୁ ଆମ ପାଇଁ ସେ ପୁଅ ହୋଇଗଲା। ଆମକୁ ଦାଦା ଖୁଡ଼ୀ ଡାକେ। ସୁନ୍ଦର ଚିତ୍ର କରେ। ଦିନେ ତା ରୁମ୍‌ରେ ଗୋଟେ କବିତା ଖାତା ପାଇଲି। କି ଚମତ୍କାର ପ୍ରେମ କବିତା ସବୁ! ଶବ୍ଦାବଳୀ ହୃଦୟକୁ ଥରେଇଦେବା ପାଇଁ ଯଥେଷ୍ଟ। ଅନେକ ପଚରା ପଚରି ପରେ ସେ କହିଲା - 'ତନ୍ମୟୀ' ନାଁ। ତା ସହିତ ଈଶ୍ୱରଙ୍କ ରାଣ ପକେଇଲା କାହା ଆଗରେ ନ କହିବା ପାଇଁ।

ଆଇ.ଏସ୍.ସି. ପଢୁଥିଲେ ବି ତା' ମନ ପାଠରେ ନଥିଲା। ଥାଏ ଚିତ୍ର ଅବା କବିତାରେ। ନଦୀ, ଝରଣା, ସମୁଦ୍ର, ପାହାଡ଼ ସବୁ ତା'ର ମନ ଖୋଜୁଥିବା ସ୍ଥାନ। କ୍ଲାସ୍ ପରୀକ୍ଷାରେ କମ୍ ନମ୍ବର ରଖିଲେ ବି ମୁଁ ସାର୍‌ଙ୍କୁ କହି ପାଶ୍ କରେଇ ଦିଏ...। ହେଲେ ଫାଇନାଲ୍ ପରୀକ୍ଷା କ'ଣ କେମିତି ହେବ ବୋଲି ସନ୍ଦେହ ଥାଏ।

ଥରେ ମୁଁ ତାକୁ କହିଲି "ଉଦ୍ୟାନ! ତୁ ଟିକେ ପାଠରେ ମନ ଦେ!"

ସେ କହିଲା - "ଏସବୁ ସାଇନ୍‌ସ ପାଠ ମୋ ପାଇଁ ନୁହେଁ ଦାଦା! ବାପା ଜବରଦସ୍ତି ପଢ଼େଇଛନ୍ତି। କୌଣସି ପ୍ରକାରେ ପାଶ୍ କରିଗଲେ, ଆଉ ଗୋଟେ କଣ କରିବି।"

"ହେଲେ ଚେଷ୍ଟା ତ କର!" କହି ଚୁପ୍ ରହିଲି।

ତୁମ ଜୁଲୋଜି ପ୍ରାକ୍ଟିକାଲ୍ ପରୀକ୍ଷା ଦିନ ସବୁ ପିଲା ଖାତା ଦେଇ ଚାଲିଗଲେ। ସାର୍ ବି ଖାତା ସଂଗ୍ରହ କରି ନେବାକୁ କହି ଚାଲିଗଲେ। ଉଦ୍ୟାନ ତା'ର ଏକୁଟିଆ ବସି ଚିତ୍ର କରୁଥାଏ। ସମୟ ହୋଇ ଯାଇଥିଲା... ତା'ପାଖକୁ ଖାତା ଆଣିବା ପାଇଁ ଗଲି।

ମୋ ସାମ୍ନାରେ ହାତଯୋଡ଼ି ଠିଆ ହେଲା..... ଲୁହ ଛଳ ଛଳ ଆଖିରେ ସେ ମତେ ଚାହିଁଥିଲା।

"କ'ଣ ହେଇଛି ତୋ'ର, କାନ୍ଦୁଛୁ କାହିଁକି ?

"ଦାଦା! ନିହାତି ଅନ୍ୟାୟ କଥାଟେ କହିବି... ଯାହା ଦଣ୍ଡ ଦେବେ ରାଜି ଅଛି, ମନା କରିବେନି।"

"କହରେ ବାବୁ।"

"ଦାଦା! ତନ୍ମୟୀକୁ ଟାଇଫଏଡ୍ ଜ୍ୱର। ଆଜି ୧୦୨-୧୦୩ ଟେମ୍ପରେଚର୍‌ରେ ସେ କମ୍ପି କମ୍ପି ପ୍ରାକ୍ଟିକାଲ ପରୀକ୍ଷା ଦେବାକୁ ଆସିଥିଲା। ମୋ ପାଖରେ ସେ ବସିଥିଲା। ତା' ଦେହ ହାତ ଥରୁଥିଲା । ଭଲରେ ଚିତ୍ର କରିନି। ଏସ୍‌ଡିଓଙ୍କର ସେ ଏକମାତ୍ର କନ୍ୟା। ମେଡ଼ିକାଲ୍ ପଢ଼ିବ ବୋଲି ତା'ର ସ୍ୱପ୍ନ। ତା'ର ସ୍ୱପ୍ନଟା ଏଇ ପ୍ରାକ୍ଟିକାଲ ପରୀକ୍ଷାଟା ପାଇଁ ଚୁରମାର୍ ହୋଇଯିବ। ତା' ଜୀବନଟା ନଷ୍ଟ ହୋଇଯିବ। ମୁଁ ସହି ପାରିବିନି।"

"କ'ଣ କହୁଛୁ ତୁ ?"

ତା'ର ରୋଲ୍ ନମ୍ବରର ଶେଷ ନମ୍ବରଟା ୯, ମୋର ଶେଷ ନମ୍ବରଟା ୮। ମୁଁ ମୋ ଖାତାରେ ତା ରୋଲ୍ ନମ୍ବରଟା ଲେଖିଦେଇଛି। ତା' ଖାତାରେ ୯ ଟାକୁ ୮ କରିଦେଲେ ସେଇଟା ମୋ ଖାତା ହେଇଯିବ। ସେ ପାସ୍ କରିଯିବ.... ମେଡ଼ିକାଲ୍ ପଢ଼ିବ... ଝସଭରକ୍ତ, ଉକ୍ଟସ୍ୱକ୍ତ ର ଜୀବନ ମୋର ନୁହେଁ। ଏଗୁଡ଼ା ମୋ ଜୀବନରେ କିଛି କାମରେ ଆସିବନି। ଆପଣଙ୍କୁ ନକହି ମୁଁ ଜେ. ଜେ. ସ୍କୁଲ୍ ଅଫ୍ ଆର୍ଟସ୍‌ରେ ଆପ୍ଲାଇ କରିଦେଇଥିଲି। ଆଡ଼ମିଶନ୍ ପାଇଁ ଇଣ୍ଟିମେସନ୍ ଆସିଛି। ଆସନ୍ତା ସପ୍ତାହରେ ହିଁ ଆଡ଼ମିସନ୍ ପାଇଁ ବମ୍ବେ ଯିବି। ମୋର ତ କିଛି ବି କ୍ଷତି ହେବନି। ଦାଦା ପ୍ଲିଜ୍...।"

ମୁଁ ଭାବି ପାରୁନଥିଲି କ'ଣ କରିବି। ଏତେ ବଡ଼ ଅନ୍ୟାୟ କଥା ମୋ ହାତରେ କେମିତି ହେବ ? ପର କ୍ଲାସ୍ ପାଇଁ ଘଣ୍ଟା ବାଜି ଗଲାଣି, ପିଲା ଆସିବା

ଆରମ୍ଭ ହୋଇ ଗଲାଣି । ଭାବିବାକୁ ସମୟ ନଥିଲା । ତନ୍ମୟୀ ଖାତାଟା ତା'କୁ ବଢ଼େଇ ଦେଲି.. ୯ ଟାକୁ ୮ କରିଦେଲା । ମୋ ପାଦ ଛୁଇଁ ଦେଇ ଲ୍ୟାବ୍ ବାହାରକୁ ଚାଲିଗଲା...। ମୁଁ ଚାହିଁଥିଲି ତା ଯିବା ପଥକୁ । କେମିତିକା ଧାତୁରେ ଗଢ଼ା ଏ ପିଲା ? ଜୀବନ ସାରା ଏ କଥାଟା ମତେ ଯନ୍ତ୍ରଣା ଦେଉଥିଲା । କାହାକୁ କହି ନଥିଲି । ତୁମକୁ କହିଲା ପରେ ମତେ ଏବେ ହାଲ୍‌କା ଲାଗୁଛି ଶ୍ରାବଣୀ !"

"ହେଲେ, ଆପଣ ଏଠି କେମିତି ସାର୍ ?"

"ଉଦ୍ୟାନ ଔଔଝଇରେ ପଢ଼ିଲା ସମୟରେ ମୋ ସ୍ତ୍ରୀ ଅକାଳରେ ଚାଲିଗଲା । ମୁଁ ଏକା ରହୁଥିଲି । ସେ ଡିପ୍ଲୋମା ଶେଷ କରି ଆସି ମୋ ପାଖରେ ପହଞ୍ଚିଲା । ମତେ ଡାକିଲା ତା' ସହିତ ବମ୍ବେ । ମୋର ରିଟାୟାରମେଣ୍ଟ ତ ୩-୪ ବର୍ଷ ବାକି ଥିଲା । ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇ ତା ଷ୍ଟୁଡିଓରେ ଜଏନ୍ କଲି । ତା'ଠୁ ନୂଆ ପ୍ରକାରର ଆର୍ଟ ଶିଖିଲି । ବହୁତ କମ୍ ଦିନ ଭିତରେ ସେ ବମ୍ବେରେ ପ୍ରତିଷ୍ଠିତ ହୋଇଗଲା । ହଠାତ୍ କ'ଣ ଭାବିଲା କେଜାଣି, ଦିନେ କହିଲା - "ଦାଦା ! ଏଠି ମନ ଲାଗୁନି । ଚାଲନ୍ତୁ ଯିବା ସିମ୍ଲା । ସେଠି ଗୋଟେ ଛୋଟ ଗାଁରେ ହିମାଳୟ କୋଳରେ ରହିବା, ଆର୍ଟ କରିବା । ମତେ ବି ବମ୍ବେ ଭଲ ଲାଗୁନଥିଲା । ଏଇଠିକି ଚାଲିଆସିଲୁ । ତା'ପରେ ଦଶବର୍ଷ ହେଲା ଏଇଠି । ସେ ତା'ର ନାଁ ପରିବର୍ତ୍ତନ କରି ଗୋଟେ ହିମାଚଳି ନାଁ ନେଇଛି । ଅତୀତକୁ ସତ୍‌ଲୁଜ୍‌ରେ ଭସେଇଦେଇ ଆସିଛି । ସେ କାଲି ଚଣ୍ଡିଗଡ଼ରୁ ଟାକ୍ସିରେ ଦି'ପହରରେ ପହଞ୍ଚିବ ।"

ପରଦା ଉହାଡ଼ରୁ ଦି'ଜଣକୁ ଦେଖୁଥିଲି । ଦୁହେଁ ଲୁହ ପୋଛୁଥିଲେ । ମୋ ଆଖିରୁ ଅବାରିତ ଲୁହ ଧାର ବହିଯାଉଥିଲା । ନିଃଶବ୍ଦରେ ମୁଁ ଲୁହ ପୋଛୁଥିଲି ଟାଓ୍ୱେଲରେ...। ମେରିଟ୍‌ରେ ମେଡ଼ିକାଲ୍ ସିଟ୍ ପାଇଥିବାର ଅଭିମାନର ମୀନାର ମୋର ଟୁକୁରା ଟୁକୁରା ହୋଇ ଖସି ପଡୁଥିଲା । ଦି'ଜଣ ପାଇନ୍ ଜଙ୍ଗଲ ଆଡ଼େ ମୁହଁ କରି ଚୁପ୍‌ଚାପ୍ ବସିଥା'ନ୍ତି । ପାଞ୍ଚ ସାତ ମିନିଟ୍ ପରେ ନିଜକୁ ସମ୍ଭାଳି ତିନି କପ୍ କଫି ଆଣି ବସିଲି ସାର୍‌ଙ୍କ ସାମ୍ନାରେ ।

ନରେନ୍ ସାର୍ ମତେ ଗୋଟେ ମିନିଟ୍ ଦେଖି ଦେଇ ଉଠିପଡ଼ିଲେ...

"ସାର୍ ! କଫି..." ମୁଁ ବି ଉଠିପଡ଼ି କପ୍ ତାଙ୍କ ଆଡ଼କୁ ବଢ଼େଇ ଦେଉଥିଲି...

"ପୁଣି କେବେ... ଆୟୁଷ୍ମତୀ ଭବ !" ହାତଯୋଡ଼ି କହି ବାହାରି ଗଲେ ।

ଶ୍ରାବଣୀ ଚୁପ୍‌ଚାପ୍ ଉଠି ତାଙ୍କ ପାଦ ଛୁଇଁଲା । ମୋ ହାତରେ କଫି କପ୍ ସେମିତି ତାଙ୍କ ଆଡ଼କୁ ବଢ଼େଇଥାଏ... ପାଦ ଛୁଇଁବାର ଅବକାଶ ନାହିଁ ! ଶ୍ରାବଣୀ ଓ ମୁଁ ଦିହେଁ ଦୁହିଁଙ୍କୁ ଦେଖୁଥିଲୁ । ଦି'ଜଣଙ୍କ ଆଖିରେ ଆଶ୍ଚର୍ଯ୍ୟ ଭାବ । ଶବ୍ଦର ଏକାନ୍ତ ଅଭାବ ଆମେ ଅନୁଭବ କରୁଥିଲୁ ।

ଭାବୁଥିଲି । କ'ଣ ସେ ପିଲା ? ? ମୋର ମନେ ପଡ଼ିଗଲା... ପରୀକ୍ଷା ଶେଷ ଦିନର କଥା । ସାଧାରଣତଃ ପ୍ରାକ୍ଟିକାଲ୍ ପରୀକ୍ଷା ସହିତ ପରୀକ୍ଷା ଶେଷ ହୁଏ । ସେଥର କ'ଣ ଗଓଖ ଓଡ଼ିଆ କ୍ୱେଶ୍ଚିନ୍ ପେପର ଲିକ୍ ହୋଇଯାଇଥିବାରୁ ଏମ୍.ଆଇ.ଏଲ୍. ପରୀକ୍ଷା ଘୁଞ୍ଚି ଯାଇଥିଲା ପ୍ରାକ୍ଟିକାଲ୍ ପରକୁ । ହଲ୍‌ରେ ଉଦ୍ୟାନ ମୋ ଡାହାଣ ପଟେ ବସିଥାଏ । ପରୀକ୍ଷାରେ ପଡ଼ିଥାଏ, ରାଧାମୋହନ ଗଡ଼ନାୟକଙ୍କ 'ତନ୍ମୟୀ ବର୍ଷା' କବିତାର ଗୋଟେ ପଦ ।

"ଶୁଣ ଗୋ ଅବଳା ଶୁଣ, ବଜ୍ର ଏ ନିଦାରୁଣ
ଥରାଉଛି ଅମ୍ବର କକ୍ଷ,
ସୁନ୍ଦରୀ ସରସା ଗୋ, ତନ୍ମୟୀ ବରଷା ଗୋ
ଥରିଯାଏ ନିକି ତବ ବକ୍ଷ ? ?"

ମୋ ନାଁଟା ସରଳାର୍ଥରେ ଦେଖି ମୁଁ ଟିକେ ହସିଦେଲି । ହଠାତ୍ ହଲ୍‌ରେ ପୁଅଝିଅଙ୍କ ଭିତରେ ଗୋଟେ ଚାପା ହସର ତରଙ୍ଗ ଖେଳିଗଲା ।

ଉଦ୍ୟାନ ଆସ୍ତେ କହୁଥିଲା - "ଧନ୍ୟ ସେ କବି, ଧନ୍ୟ ସେ କଲମ...."

ତା ଆଡ଼କୁ ଅନେଇଲା ବେଳକୁ ସେ ମୁହଁକୁ ତଳକୁ ପୋତି ଲେଖିବା ଆରମ୍ଭ କରି ଦେଇଥିଲା । କିନ୍ତୁ ଓଠରେ ତା'ର ଛୋଟ ହସଟିଏ ଲାଖିରହିଥିଲା ।

ପରୀକ୍ଷା ସରିବାର ଦି'ଦିନ ପରେ ଲାଇବ୍ରେରୀ ବହି ଫେରେଇବାର ଶେଷ ତାରିଖ । ସମସ୍ତେ କଲେଜ ଆସିବା କଥା... ତା'ପୂର୍ବଦିନ ଅଜଣା କାହାଠୁ ଗୋଟେ ଚିଠି ପାଇଲି-

"ରଙ୍ଗଣୀ ଫୁଲ ତୁମକୁ ଭଲ ଲାଗୁଥିଲେ କାଲି କଲେଜର ଶେଷ ଦିନରେ ତୁମର ସେ ରଙ୍ଗଣୀ ଫୁଲ ରଙ୍ଗର ଶାଢ଼ୀଟା ପିନ୍ଧି ଆସିବାକୁ ଅନୁରୋଧ ।"

ଚିଠିଟା ପଢିସାରିଲା ପରେ ରଙ୍ଗଣୀ ଫୁଲର ପରିଚୟଟା ଅଜଣା ରହିଲାନି ।

କିନ୍ତୁ ମୋର ସେ ଶାଢ଼ୀଟା କିଛି ଦିନ ତଳୁ ଲଣ୍ଡ୍ରୀରେ ହଜିଯାଇଥିଲା । ତା'ପର ଦିନ ସକାଳୁ ସେଇ ରଙ୍ଗର ଶାଢ଼ୀଟେ ପାଇବା ଅସମ୍ଭବ ଥିଲା । କ'ଣ କରିଥା'ନ୍ତି ଆଉ ? ?

ସେଦିନ ଲାଇବ୍ରେରୀରେ ବହି ଫେରେଇ ସମସ୍ତେ ଅଫିସ୍ ପାଖକୁ ଆସିଲୁ । ମୁଁ ଦେଖିଲି, ଉଦ୍ୟାନ ସାଇକେଲ ନେଇ ବାହାରିଲା । ମୁଁ ତାକୁ ଅନେଇଥାଏ...

ପେଡାଲ୍‌ରେ ଗୋଡ଼ ଦେବା ଆଗରୁ ମୋ ଆଡ଼କୁ ଚାହିଁଲା । ମୁହୂର୍ତ୍ତକର ଆଖି ମିଶିବାରେ ମୁଁ ଦେଖିଲି ତା ମୁହଁରେ ସବୁଦିନ ପରି ହସ ନଥିଲା, ଦୁଃଖ ବି ନଥିଲା... ଥିଲା ଗୋଟେ ହଜେଇ ଦେବାର ଭାବ !

ମୁହଁ ଆଡ଼େଇ ସାଇକେଲ ମାରି ଚାଲିଗଲା କଲେଜ ଆମ୍ବତୋଟା ଭିତରେ...

ଶେଷ ଥର ପାଇଁ ମୁଁ ଦେଖୁଥିଲି ତାକୁ ଦୃଷ୍ଟିରୁ ଅନ୍ତର ହେବା ପର୍ଯ୍ୟନ୍ତ ।

ଶ୍ରାବଣୀ ଓ ମୁଁ ବସି କଫି ପିଉଥିଲୁ ଚୁପ୍‌ଚାପ୍ । ତା'କୁ ଏକଥା ସେବେ କହିନଥିଲି କି ଏବେ ବି କହି ପାରିଲିନି ।

ଏଠୁ ଚେକ୍‌ଆଉଟ୍ ଟାଇମ୍ ଦିନ ବାରଟା.. ଆମ ଫ୍ଲାଇଟ୍ ଚଣ୍ଡୀଗଡ଼ରୁ ସଂଧ୍ୟାରେ । ଚାରିଘଣ୍ଟାର ଡ୍ରାଇଭ୍.. ତଥାପି ଶ୍ରାବଣୀକୁ କହିଲି..."ବଣୀରେ ! ଆମେ କାଲି ସକାଳୁ ସକାଳୁ ବାହାରି ଯିବା । ଡେରି କାହିଁକି କରିବା ? ଚଣ୍ଡୀଗଡ଼ରେ ଜଲ୍‌ଦି ପହଞ୍ଚିଲେ ଭଲ...।"

ସକାଳୁ ସକାଳୁ ବାହାରି ପଡ଼ିଲୁ । ତିରିଶ ବର୍ଷ ତଳର ଅକସ୍ମାତ୍ ଆବିଷ୍କୃତ ଋଣ ଭାରରେ ମୁଁ ଅଣନିଶ୍ୱାସୀ ହୋଇ ପଡୁଥିଲି । ଲଗେଜ୍‌ରୁ ମୋର ରଙ୍ଗଣୀ ଫୁଲ ରଙ୍ଗର ଶାଢ଼ୀଟାକୁ ବାହାରକଲି.........

ବାଟରେ କାଳେ କାହା ସଙ୍ଗେ ଦେଖା ହୋଇଯିବ !!!

# ବାମା

## ମୂଳ ବଙ୍ଗଳା-ବିଭୂତି ଭୂଷଣ ବନ୍ଦୋପଧାୟ
## ରୂପାନ୍ତରଃ- ନଗେନ୍ଦ୍ର ନାଥ ପଟ୍ଟନାୟକ

ସେ ଦିନମାନଙ୍କରେ ମୋର ବୟସ ଥିଲା ବାଇସ୍‌ରୁ ଚବିଶ ଭିତରେ । ଇଆଡେ ସିଆଡେ ଘୂରି ବୁଲିବୁଲି ଗୋଟିଏ ବିଶେଷ ରକମର କାମ କରୁଥିଲି । ମୋର ସୌଭାଗ୍ୟରୁ କାମ ଜୁଟି ଯାଉଥିଲା । ସେ ଦିନମାନଙ୍କରେ ମୁଁ ଦୈବୀ ଓଷଧ-ପଥି ଜଡିବୁଟିରେ ତିଆରି ଔଷଧ ଓ ତାବିଜ ବିକାବିକି କରୁଥିଲି । ଚୁଂଚୁଡାର ସଚିନ କବିରାଜଙ୍କ ଦ୍ୱାରା ମତେ ମାସିକ ବେତନ, କମିଶନ ଓ ବାଟଖର୍ଚ୍ଚ ମିଳୁଥିଲା । ମତେ ସାଧୁ-ସନ୍ଥ ଓ ସାତ୍ୱିକ ବ୍ରାହ୍ମଣଙ୍କ ଭଳି ଲୁଗାପଟା ପିନ୍ଧାପିନ୍ଧି କରିବାକୁ ପଡୁଥିଲା । ଏସବୁ ବ୍ୟବସାୟର ଏକ ଅଂଶବିଶେଷ ପାଲଟି ଯାଇଥିଲା । ଗେରୁଆ ରଙ୍ଗର ଧୋତି ଆଉ କୁର୍ତା, ପାଦ ଯୋଡିକରେ କାନ୍‌ଭାସ ଜୋତା ଓ ଗଳାରେ ରୁଦ୍ରାକ୍ଷ ମାଳ ଓ ହାତରେ କାନଭାସ୍‌ରେ ତିଆରି ଝୁଲାମୁଣି, ଯେଉଁଥିରେ ତାବିଜ ଓ ଜଡିବୁଟି ଔଷଧପତି ରହିଥିଲା । ମୁଁ ତିନିବର୍ଷ ପର୍ଯ୍ୟନ୍ତ ଏଇ ଚାକିରି କରୁଥିଲି । ଏହାପରେ ଅସ୍ୱସ୍ଥତା ଯୋଗୁଁ ଚାକିରି ଛାଡି ଦେଇଥିଲି ।

ଥରେ ମୁଁ ରେଳଗାଡିରେ ବର୍ଦ୍ଧମାନ ଜିଲ୍ଲାର ମେମାରୀ ଷ୍ଟେସନ ପର୍ଯ୍ୟନ୍ତ ଯାଇଥିଲି । ମତେ ମାଖନପୁର ଗ୍ରାମ ଯିବାର ଥିଲା । ତାବିଜ ବିକାବିକି ପାଇଁ ନୁହେଁ, ବରଂ ମାଖନପୁରରେ ସଚିନ କବିରାଜଙ୍କ ଶ୍ୱଶୁରଘର । ସେଠିକାର ଘର ସମ୍ପତିର ଉତରାଧିକାରୀ ଥିଲେ ସଚିନ କବିରାଜ କାରଣ ଜମିଦାରଙ୍କର କୌଣସି ସନ୍ତାନସନ୍ତତି ନଥିଲେ । ଜମିଦାରର ଅଧିକାଂଶ କର ଅସୁଲ କରିବା ପାଇଁ ମତେ ସେଠିକି ପ୍ରେରିତ କରାଯାଉଥିଲା । ତଥାପି ମୁଁ ଗେରୁଆ ବସ୍ତ୍ର ପିନ୍ଧୁଥିଲି । ହାତରେ ତାବିଜ ଓ ଔଷଧ ପଥି ଭର୍ତି ଝୁଲାମୁଣି ଥିଲା । ବାଟଘାଟରେ ଯଦି ବିକ୍ରିବଟା ହୋଇଯାଏ ତେବେ ମତେ କମିସନ ମିଳିବ ।

ଆଗରୁ ମୁଁ କେବେ ଏଇ ଅଂଚଳକୁ ଆସିନଥିଲି । ମେମାରୀ ଷ୍ଟେସନରେ ଓହ୍ଲାଇପଡି ଦ୍ୱିପ୍ରହର ବେଳେ ପାଦରେ ଚାଲିବା ଆରମ୍ଭ କଲି, ଚାଲିଚାଲି ଆଗକୁ ଆଗକୁ ମାଡ଼ି ଚାଲୁଥିଲି । ରାସ୍ତା ଶେଷ ହେବାକୁ ନାଁ ଧରୁନଥିଲା । ଗୋଟିଏ ଜାଗାରେ ଅତି ଛୋଟ ବଜାରଟିଏ ପଡିଲା, ସେଠାରେ କଣ କିଛି ଖାଦ୍ୟ ଖାଇ ପୁଣି ଆଗକୁ ପାଦ ବଢାଇଲି । ଗାଁରୁ ଗାଁ ଘୂରିବୁଲି ଔଷଧ ଓ ତାବିଜ ବିକାବିକି କରି କିଛି ପଇସା ରୋଜଗାର ବି କରୁଥିଲି । ଆଗରେ ଆଉଗୋଟେ ବଜାର ପଡିଲା । ସେଠିକାର ଦୋକାନୀଙ୍କଠୁ ପଚାରିବାରୁ ଜଣାପଡିଲା ଯେ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ପହଁଚିବା ପାଇଁ ରାତି ନଅଟା ବାଜିଯିବ । କିନ୍ତୁ ସମସ୍ତେ କହିଲେ- ବଳବୁଡକୁ ପାଦରେ ଚାଲିଚାଲି ଯିବନି ଠାକୁର ମହାଶୟ, ଏସବୁ ଜାଗାରେ ଫାଶୀ ଚଢାଉଥିବା ଦୁର୍ଦ୍ଦାନ୍ତ ଡାକୁମାନଙ୍କର ଆତଙ୍କ ଭୟ ରହିଛି । ଅଜଣା ବାଟୋଇ ଦେଖିଦେଖି ମାଡମାରି ପିଟାପିଟି କରି ସର୍ବସ୍ୱ ଲୁଟି ନିଅନ୍ତି । ପ୍ରାୟତ ଏଇ ଲୋକମାନେ ଜଙ୍ଗଲ କଡରେ ବଡବଡ କ୍ଷେତମାନଙ୍କରେ ଲୁଚିଛପି ବସି ରହନ୍ତି । ହୁସିଆର, ବାଟରେ ଗୋଟିଏ ସରୋବର ପଡେ, ପାଖାପାଖି ତିନିକୋଶ ଦୂର, ସେ ଜାଗାଟି ବିପଦସଂକୁଳ ।

ମତେ ବଡ ବଡ ପଡିଆଗୁଡିକର ମଝିବାଟ ଦେଇ ଯିବାକୁ ପଡିଲା । ମୁହଁସଂଜ ହୋଇ ଆସୁଥିଲା, ସେ ସମୟରେ କିଛିବାଟ ଦୂରରେ ପୋଖରୀଟିଏ ଦୃଶ୍ୟମାନ ହେଲା । ତା'ଚାରିପଟେ ଖଜୁରି ଗଛଗୁଡିଏ ଘେରି ରହିଥିଲେ । ଛାନିଆରେ ମୋର ପିଳେହିପାଣି । ଡର ଆତଙ୍କରେ ମୋର ଛାତି ଧଡ୍‌ଧଡ୍ ହେଉଥିଲା । ସରୋବର ସେ ପାରିରେ ସଂଜୟପୁର ଗାଁ । ସେଇ ଗାଁରେ ରାତି କଟେଇବା ପାଇଁ ବଜାର ଲୋକେ ପରାମର୍ଶ ଦେଇଥିଲେ । କିନ୍ତୁ ସରୋବର ଏ ପାରିରେ ବେଳବୁଡି ମାଛିଅନ୍ଧାର ମାଡି ଆସିବାକୁ ବେଶି ସମୟ ନ ଥିଲା । ସଂଜୟପୁର ଗାଁ ବହୁତ ଦୂରରେ ଥିଲା । ମୁଁ ଡରିମରି ଛାନିଆ ହୋଇ ଯାଇଥିଲି । ଏବେ କଣ କରିବି ବୁଦ୍ଧିବାଟ ଦିଶିଲାନି । ମୋ ପାଖରେ ଔଷଧପତ୍ର ଓ ତାବିଜ ବିକାବିକି ବାବଦ ବହୁତ ପଇସାପତ୍ର ଥିଲା । ପୁଣି ଭାବିଲି ଯଦି କିଛି ନ ହେଲା ଦୌଡିଯାଇ ଚମ୍ପଟ ତ ମାରିପାରିବି । ନ ହେଲେ ଓଷଧପତ୍ର ଓ ପଇସାତକ ସବୁ ଚାଲିଯିବ ପଛେ ପ୍ରାଣ ତ ବଂଚିଯିବ । ମୁଁ ଡରିଡରି ସରୋବର ନିକଟରେ ପହଁଚିଲି । ପୁରା କାଳରେ ଏଟା ବିରାଟ ପୋଖରୀ ଥିଲା, ଯାହାର କୂଳଟି ବହୁତ ଉଚ୍ଚା ଥିଲା, କୂଳର ଦୁଇପଟେ ବିରାଟ ବିରାଟ ଖଜୁରୀ ଗଛମାନ ଆକାଶକୁ ମୁଣ୍ଡଟେକି ଠିଆ ହୋଇଥିଲେ । ତା' ପାଖରେ ରାସ୍ତା ଥିଲା । କିନ୍ତୁ ସରୋବର କୂଳରେ କେହି ମଣିଷ ବସବାସ କରୁନଥିଲେ । ମୁଁ ଅକାରଣେ ଡରିମରି ଛାନିଆ ହୋଇ ଯାଇଥିଲି କିନ୍ତୁ ଡରିବାର କୌଣସି କାରଣ ନ ଥିଲା । ମୁଁ ମିଛଟାରେ କାହିଁକି କେଜାଣିଏମିତି ଭୀତତ୍ରସ୍ତ ହୋଇଯାଉଥିଲି ।

ବିରାଟ ସରୋବର ଓ ଖଜୁରି ଗଛଗୁଡିକୁ ପାରିହୋଇ ସାମନାରେ ମୁଁ ଖୋଲା ପଡିଆଟିଏ ଦେଖିଲି। ସୁଦୂରରେ ଗୋଟେ ଅତି ଛୋଟ ଗାଁ ନଜରରେ ପଡିଲା । ଏଟା ସଂଜୟପୁର ନିଶ୍ଚୟ। ବଂଚିଗଲି ବାବା । ଲୋକମାନେ ଭୟଭୀତ କରି ଦେଇଥିଲେ । ଖୋଲା ପଡିଆ ଅତିକ୍ରମ କରିବା ମାତ୍ରେ ପଡେ ବସ୍ତିବାସିନ୍ଦାଙ୍କ ଗାଁ। ଏପର୍ଯ୍ୟନ୍ତ ସେ ଗାଁରେ ଗାଈ ବାଛୁରୀ ଛନଛନିଆ ଘାସ ଚରନ୍ତି, ଏଭଳି ଜାଗାରେ ବିପତି କାହିଁକି ଆସିବ ?

ମୁଁ ଏମିତି ଭାବୁଥାଏ ସେତିକିବେଳେ ମୁଁ ଦେଖିଲି ପୋଖରୀ କୂଳରେ ଜଣେ ବୃଦ୍ଧ ସଜ୍ଜନ ମୋ ଆଡକୁ ଆସୁଛନ୍ତି। ବୃଦ୍ଧ ଭଦ୍ରଲୋକଙ୍କ ଶାରୀରିକ ଗଠନ ବେଶ୍ ମଜଭୁତ ଥିଲା । ଏଇ ବୟସରେ ବି ମାଂସପେଶୀଗୁଡିକ ଫୁଲିଲା ଫୁଲିଲା ଟାଣ ଥିଲା, ବେକରେ ରୁଦ୍ରାକ୍ଷମାଳ ଓ ହାତରେ ଅତି ଛୋଟ ଲାଠିଟେ ଥିଲା ।

ବୃଦ୍ଧ ମତେ ପଚାରିଲା-ଠାକୁର ମହାଶୟ କୁଆଡ଼େ ଯିବେ ?

-ମାଖନପୁର ଯିବି ।

-ମାଖନପୁର !ତାହା ତ କୋଶ କୋଶ ବାଟ ଦୂର । କାହା ଘରକୁ ଯିବେ ?

-ସଚିନ କବିରାଜ ଘର ।

-ଠାକୁର ମହାଶୟ ! ଆପଣ କଣ କବିରାଜ ମହାଶୟଙ୍କ ଗୁମାସ୍ତା ?

-ଗୁମାସ୍ତା ନୁହେଁ, କିନ୍ତୁ ଜମିବାଡି ସଂକ୍ରାନ୍ତୀୟ କାମକରେ ।

-ଏ ଇଲାକାରେ ମୁଁ କାହାକୁ ଚିହ୍ନିନି। ମହାଶୟ କେଉଁଠି ରହୁଛନ୍ତି ?

-ମୁଁ ଏ ଅଂଚଳରେ ଆଗରୁ କେବେ ବି ଆସିନଥିଲି। କାହାକୁ ବି ଚିହ୍ନିନି, ମାଖନପୁର ଗାଁରେ ପ୍ରଥମଥର ଆସୁଛି ।

-ଯାର ମାନ ହେଲା ଏଠି ବି ଆପଣଙ୍କୁ କେହି ଚିହ୍ନିନାହାନ୍ତି ?

-ନାହିଁ, କେମିତି ଚିହ୍ନିବେ ?

ମୁଁ ଏମିତି କହିବା ପରେ ବୃଦ୍ଧ ସଜ୍ଜନ ଜଣକ କିଛି ଭାବି କହିଲେ -ଆପଣ ଯଦି କିଛି ନ ଭାବିବେ ତେବେ ମୁଁ କଥାଟିଏ କହନ୍ତି...ଦୟାକରି ଆଜି ରାତିରେ ମୋ ଘରେ ଆପଣଙ୍କଟିକେ ପାଦ ପଡୁ, ଆପଣଙ୍କ ଚରଣ ଧୂଳି ଦିଅନ୍ତୁ । ଆମେ ଜାତିରେ ବାବୁଇ, ଆମେ ଛୁଆଁଛୁତ କରିଥିବା ପାଣି କେହି ପିଅନ୍ତି ନାହିଁ, କିନ୍ତୁ ଆପଣଙ୍କ କୌଣସି ଅସୁବିଧା ହେବନି। ଦେବୀ ଚଣ୍ଡିମନ୍ଦିର ପାଖ ବାହାରେ ଗୋଟେ କୋଠରିର ଅଛି ସେଇଠି ରହିଯିବେ, ନିଜେ ଖାଦ୍ୟ ରନ୍ଧାରନ୍ଧି ଖାଇନେବେ ...ଦୟାକରି ଆସନ୍ତୁ ।

ମୁଁ ବୃଦ୍ଧ ମହାଶୟଙ୍କ କଥାରେ ବହୁତ ସନ୍ତୁଷ୍ଟ ହେଲି । ସତରେ ପୁରୁଣା ଜମାନାର ଲୋକଙ୍କ ଶିକ୍ଷା-ଦୀକ୍ଷା ବେଶ୍ ଅତୁଳନୀୟ। ଅତିଥି ଅଭ୍ୟାଗତ ଓ ଦୀନହୀନ, ଦୁଃସ୍ଥଙ୍କ ସେବା ପରିଚର୍ଯ୍ୟା କରି ତାଙ୍କୁ ପ୍ରଚୁର ଆତ୍ମ ସନ୍ତୋଷ ମିଳିଥିଲା । ବୃଦ୍ଧ ମହାଶୟଙ୍କ ଏଇ ପ୍ରସ୍ତାବକୁ ଅସ୍ୱୀକାର କରିଥିଲେ ଏଇ ରାତ୍ରୀ ସମୟରେ ଅଜଣା ଅଚିହ୍ନା ପଥରେ ମତେ ଆହୁରି ତିନିକୋଶ ପାଦରେ ଚାଲିଚାଲି ଯିବାକୁ ପଡିଥାନ୍ତା । ଗାଁରେ ପୂର୍ବପ୍ରାନ୍ତରେ ଗୋଟେ ବିରାଟ ପଡିଆ କଡରେ ବୃଦ୍ଧ ଭଦ୍ର ଲୋକଟିର ବାସଗୃହ ଥିଲା। ବୃଦ୍ଧଙ୍କ ନାମ ଥିଲା ମକରଚନ୍ଦ୍ର ଦାସ। ମୁଁ ଚଣ୍ଡୀ ମଣ୍ଡପରେ ପହଁଚିବା ମାତ୍ରେ କୁକୁରଟିଏ ଭୋ ଭୋ ହୋଇ ଭୁକିବାକୁ ଲାଗିଲା। କାହିଁକି କେଜାଣି କୁକୁରଟି ଏମିତି ଭୁକିବାଟା ମତେ ଭଲ ଲାଗିଲାନି। ଯାର କୌଣସି କାରଣ ମୁଁ କହି ପାରିବିନି, କିନ୍ତୁ ମନେ ହେଉଥିଲା କୁକୁର ଭୁକିବା ଅଶୁଭ ସୂଚନା। ଏଭଳି ଲାଗିଲା ସତେ ଯେପରି ଶୁଭଙ୍କର ସଂନ୍ଧ୍ୟାରେ କେହି ଜଣେ ଗୃହସ୍ଥଙ୍କ ଘରେ ନୁହେଁ, ଶୂନ୍‌ଶାନ୍ ଶ୍ମଶାନ ଭୂମିରେ ଆସି ପହଁଚିଛି ...

ବୃଦ୍ଧ ସଜ୍ଜନଙ୍କ ବାସଗୃହକୁ ଦେଖି ଲାଗିଲା ବହୁତ ଭଲ ଚଳିବା ଘରର ଲୋକ ସିଏ ଅଗଣା ସାମ୍ନାରେ ତିନୋଟି ଗୋଲ ଗୋଲ ଧାନ ଅମାର ଅଛି । ଗୋଲାକାର ଧାନ ଅମାର ନିକଟରେ ବିରାଟ ଗୋଶାଳା, ପାଖାପାଖି କୋଡିଏ ପଚିଶ ସରିକି ଗାଈ ବଳଦ ଅଛନ୍ତି । ବାହାରେ ଚଣ୍ଡୀମଣ୍ଡପ ସାଙ୍ଗକୁ ଆଉଗୋଟେ କୋଠରି । କଥାସବୁ ବେଶ୍ ଭଲ ଭାବରେ ବୁଝିବା ପାଇଁ ଏଇ କୋଠରିର ବିବରଣୀ ମୋର ଶୁଣିବାକୁ ପଡିଥାଏ । କୋଠରି ଚଣ୍ଡୀମଣ୍ଡପ ସହିତ ଲାଗିକରି ଥାଏ । ଦରଜା ବନ୍ଦ କରିବା ପରେ ବାହାରୁ ଏ କୋଠରି ସହିତ କୌଣସି ସମ୍ପର୍କ ରହିନଥାଏ, କିନ୍ତୁ ଭିତର କୋଠରି ସହିତ ଏଇ କୋଠରି ଗୋଟେ ଦରଜା ଦ୍ୱାରା ଯୋଡା ହୋଇଥାଏ। ମତେ ଏଇ କୋଠରିରେ ରଖାଯାଇଥିଲା। କୋଠରିକଡ ଗୋଟେ ଆଡକୁ ଅତି ଛୋଟିଆ ଜାଗାରେ ମୋର ରୋଷେଇବାସ କରିବାର ବନ୍ଦୋବସ୍ତ ହେଲା । ହାତ-ମୁହଁ ଧୁଆଧୋଇ କରି ମୁଁ ଆଶ୍ୱସ୍ତ ହେଲି ଆଉ ବିଶ୍ରାମ କରିବାରେ ଲାଗିଲି ।

ଗୃହସ୍ୱାମୀ ଆସି କହିଲେ -ଠାକୁର ମହାଶୟ ! ରୋଷେଇବାସ କରନ୍ତୁ ରାତିକୁ ଏତେଡେରି କାହିଁକି କରିବେ। ମୁଁ ଖାଦ୍ୟ ରନ୍ଧାରନ୍ଧି କରିବାକୁ ଯାଉଛି କୋଠରି ଭିତରୁ ସ୍ତ୍ରୀ ଲୋକଟିଏ ହାତରେ ଝାଡୁଧରି ଆସିଲା ଓ ମୋ ରୋଷଶାଳାରେ ସଫାସୁତରା କରିବାକୁ ଲାଗିଲା ।

କୋଠରି ଭିତର ଦରଜା ଠିଆମେଲା । ମୁଁ ଯେଉଁଠି ବସିଛି ସେଇଠୁ ଘର ଭିତରର ଅଂଶ ସବୁ ପରିଷ୍କାର ଭାବେ ଦେଖା ଯାଉଥିଲା । ମୁଁ ଦୁଇ ତିନିଥର ଦେଖିଲି, ସେଇ ସ୍ତ୍ରୀଲୋକଟି ହାତରେ ଝାଡୁଧରି ବିସ୍ମୟ ବିଭୋର ହୋଇ ମୋ ଆଡକୁ ଅପଲକ ଆଖିରେ ଅବଲୋକନ କରୁଛି । ଦୁଇ ତିନଥର ମତେ ଲାଗିଲା ସେଇ ସ୍ତ୍ରୀ ଲୋକଟି ଜାଣିବୁଝି ମୋ ଆଡକୁ ଚାହୁଁଚି। ସ୍ୱଭାବତଃ ମୁଁ ଅବାକ ହୋଇଗଲି । ତେବେ ଘଟଣାଟି କଣ ? ଏକଦମ୍ ଅଚିହ୍ନା ଅପରିଚିତ ସ୍ତ୍ରୀଲୋକଟି, ଗାଉଲି ଗୃହସ୍ଥଙ୍କ ବୋହୂ - ଏଭଳି ବ୍ୟବହାର ତ ଭଲନୁହେଁ । ମୁଁ ବଡ ଅକଳରେ ପଡିଯିବି ରେ ବାବା । ଗୃହସ୍ୱାମୀଙ୍କୁ ପାଖରେ ବସାଇ ଗପସପ କରି ଖାଦ୍ୟ ରନ୍ଧାରନ୍ଧି କଣ କରିବି ? ଠିକ୍ ସେତିକିବେଳେ ବୋହୂ ଝାଡୁ ମାରି ଓଳାଓଳି କାମ ତୁଟାଇ ଚାଲିଗଲା । ପାଂଚ ମିନିଟ ପରେ ପୁଣି ଆସିଲା, ତାକୁ ଦେଖି ମନେହେଲା ସେ ଖୁବ୍ ଚିନ୍ତିତ ଓ ଉତେଜିତ। ଏଥର ବି ସେ କୋଠରିରେ ଧସେଇ ପଶି କିଛି ଜିନିଷପତ୍ର ଇଆଡେ ସିଆଡେ ଘୁଂଚାଉଥିଲା ଆଉ ମତେ ନିରେଖୁଥିଲା। ଏହାପରେ ଦରଜା ପାଖକୁ ଯାଇ ଚକିତ ଦୃଷ୍ଟିରେ ଚାରିଆଡକୁ ଚାହିଁଲା । କାହାକୁ ନ ଦେଖି ମୋ ପାଖକୁ ଆସି ଧୀର ସ୍ୱରରେ କହିଲା -ଠାକୁର ମହାଶୟ ! ଆପଣ ଏବେ ଏଠୁ ପଳେଇ ଯାଆନ୍ତୁ, ନଚେତ୍ ଆପଣଙ୍କୁ ଭୟଙ୍କର ବିପତିର ସାମନା କରିବାକୁ ପଡିବ । ଏଇ ଲୋକଟି ଫାଶୀ ଦେଉଥିବା ଡାକୁ, ରାତିରେ ଆପଣଙ୍କ ଜୀବନ ନେଇଯିବ। ଏଇଆ କହି ସେ ଜଲଦି ଜଲଦି କୋଠରି ଭିତରକୁ

ଅପସରିଗଲା । ମୁଁ ଏକଥା ଶୁଣି କାବାକାଠ ପାଲଟିଗଲି । ହାତରେ ଖଡିକା ରହିଗଲା । ମନେହେଲା ଶରୀର ତମାମ ବିଦ୍ୟୁତ୍ ତରଙ୍ଗ ଖେଳିଯାଉଛି ଓ ମୋର ହାତ ଗୋଡ ନିସ୍ତେଜ ହୋଇଯାଇଛି ।

କଣ ବା କହନ୍ତି, ଆଛାଖାସା ଗୃହସ୍ଥଙ୍କ ଆବାସସ୍ଥଳୀ,ଶସ୍ୟ ଅମାର, ଗୋଶାଳା ଘରଦ୍ୱାର -ପୁଣି ଡାକୁ କେମିତି ! କିନ୍ତୁ ପଳାଇଯିବି ବା କେମିତି ? ଏବେ କଳା କିଟିକିଟି ଅନ୍ଧାର ରାତି । ସାମନା ଚଣ୍ଡୀ ମଣ୍ଡପରେ ବୃଦ୍ଧ ବସି କିଛି ଲୋକଙ୍କ ସହିତ ଆଳାପ ଆଲୋଚନା ଓ ଗପସପ କରୁଛି । ସେଠିକି ଗଲେ କାଳେ ସନ୍ଦେହ କରିବେ । ତେଣୁ ମୁଁ କାଠ ପାଷାଣ ଭଳି ସ୍ଥିର ହୋଇଗଲି, ହାତ ଗୋଡରେ ଯେମିତି ଜ୍ଞ ନ ଥିଲା । ପାଂଚ ମିନିଟ ଏମିତି ବିତିଗଲା । ଏହାପରେ ସେଇ ବୋହୂ କୌଣସି କାମର ବାହାନା କରି ମୋ ଦରଜା ସାମନାରେ ଆସି ଛିଡା ହୋଇ ମୋ ଆଡକୁ ଅନାଉଥିଲା । ସେ କିଛି କହିବା ଆଗରୁ ମୁଁ କହିଲି -ତୁମେ ଯିଏ ବି ହୁଅ, ପରମ ଦୟାବତୀ ହୁଅ । ଦୟାକରି କୁହ କେଉ ରାସ୍ତାରେ କେମିତି ପଳେଇବି ... । ବୋହୂ ଚାପା ସ୍ୱରରେ କହିଲା -ଏଇଥିପାଇଁ ତ ଆସିଛି, ସବୁ ଦେଖିକରି ଆସିଛି । ସେ ଲୋକଟି ଅଭିସନ୍ଧି କରି ସବୁବାଟ ବନ୍ଦ କରିଦେଇଛି ।

ମୁଁ କହିଲି-ତା'ହେଲେ ଉପାୟ କଣ ?

ବୋହୂ କହିଲା -ଏକମାତ୍ର ଉପାୟ ଅଛି । ମୁଁ ଏବେ ଏଇ ଘରେ ବ୍ରହ୍ମହତ୍ୟା ଘଟିବାକୁ ଦେବିନି, ମୁଁ ବହୁତ ସହ୍ୟ କରିଲେଣି । ଏବେ ଆଉ ସହି ହେବନି, ନାଇଁ ... ରହିଯାଅନ୍ତୁ ଠାକୁର ମହାଶୟ । ଥରୁଟିଏ ଘର ଭିତରୁ ଆସୁଅଛି, ନ ହେଲେ ସନ୍ଦେହ କରିବେ । ପାଂଚ ମିନିଟ ପରେ ବୋହୂ ପୁଣି ଆସି ଚକିତ ଦୃଷ୍ଟିରେ ଚାରିଆଡକୁ ଅନେଇ କହିଲା - ମୋ ନାମ ବାମା । ମୁଁ ଏ ଘରର ମଝିଆ ବୋହୂ । ମୋ ବାପାଘର କୁସୁମପୁର ଗାଁରେ, ଜିଲ୍ଲା ବର୍ଦ୍ଧମାନ, ଥାନା-ରାୟନା । ମୋର ବାପା ନାଆଁ ହରିଦାସ ମଜୁମଦାର, ବଡପାପାଙ୍କ ନାଁ ପାଂଚକୌଡୀ ମଜୁମଦାର । ଆମେ ଦୁଇଭଉଣୀ -ମୋର ଦିଦିଙ୍କ ନାମ କାଂତିମନୀ । ତାହାର ବିବାହ ହୋଇଛି ସାମନ୍ତପୁର ତେବଟା ଅନ୍ତର୍ଗତ ବଦ୍ଧମାନ ଜିଲ୍ଲାରେ । ତା' ଶ୍ୱଶୁରଙ୍କ ନାମ ଦୁର୍ଲଭଦାସ -ଏମାନେ ସମସ୍ତେ ବାବୁଇ ଜାତିରେ । ମୋର ବାପା ଆଉ ବଡବାପା ଜୀବିତ, ହେଲେ ମାଆ ଆରପାରିରେ ।

ସେ ସମୟରେ ମୋ ବୁଦ୍ଧି ଲୋପ ପାଇଥିଲା । ବୋହୂ ଯାହା କହୁଥିଲା ମୁଁ ତାକୁ ଦୋହରାଉଥିଲି । ଏହାଦ୍ୱାରା କଣ ହେବ ଯେ । ବୋହୂ ବାରମ୍ବାର ଘର ଭିତରକୁ ଯାଉଥିଲା,ପୁଣି ଦି ମିନିଟ ପାଇଁ ଫେରିଆସି ମତେ ଶିକ୍ଷା ଦେଉଥିଲା ।

-ମନେ ପଡୁଛି ନା ! ମୋ ବଡବାପାଙ୍କ ନାମ କଣ ?

-ମୁଁ କହିଲି-ହରିଦାସ ମଜୁମଦାର...

-ନା-ନା, ପାଂଚକୌଡୀ ମଜୁମଦାର । ବାପାଙ୍କ ନାମ ହରିଦାସ ମଜୁମଦାର ।

-ମୋର ଦିଦିଙ୍କ ନାମ କଣ ?ଶ୍ୱଶୁର ଘର କୋଉ ଗାଁରେ ?

-କାନ୍ତମନୀ, ଶ୍ୱଶୁରଘର ...ଶ୍ୱଶୁରଘର !

-ଦେଖୁଛ ଆପଣ ସବୁକିଛି ସାରିଦେବେ । ସାମନ୍ତପୁର ତେବଟା କୁହ ।

ଶେଷକୁ ଦଶ ମିନିଟ ପରେ ସବୁକିଛି ପରିଷ୍କାର ଭାବେ ବୁଝା ପଡିଥିଲା । ବୋହୂ କହିଲା -ଖାଦ୍ୟ ରନ୍ଧାରନ୍ଧି କରି ଖାଇନିଅ ଠାକୁର ମହାଶୟ ! ମୋଟ ଡରିବନି । ଯେହେତୁ ମୋ ବାପାଘରର ନାମଧାମ ସବୁ ଯେବେ ଜାଣିଯାଇଛ ତେଣୁ ମୁଁ ତମକୁ ବଂଚାଇବାରେ ସକ୍ଷମ ହେବି । ଏବେ ଶୁଣ-ଖାଦ୍ୟ ଖାଇ ସାରିବା ପରେ ମୋର ଶ୍ୱଶୁର ମହାଶୟଙ୍କୁ ମୋର ବାପଘରର ପରିଚୟ ଦେଇ କହିବ -ଆପଣ ସେ ଲୋକଙ୍କ ଗୁରୁଙ୍କର ବଂଶଜ । ମୋର ନାମ ପଚାରିବେ, ମୋର ବିବାହ କେଉଠି ହୋଇଛି ଜାଣିଛ । ଆପଣଙ୍କ ସ୍ୱରରେ ଯେପରି ବିଲକୁଲ କମ୍ପନ ନ ରହିବା ଉଚିତ, କୌଣସି ସନ୍ଦେହ ନ ରହିବା ଆବଶ୍ୟକ -ମୁଁ ଏବେ ଯାଉଛି । ଫେର୍ ଆସିବି ମୋ ଶ୍ୱଶୁର ସାଥିରେ ଆପଣଙ୍କ କଥାବାର୍ତା ହେଲା ପରେ, କିନ୍ତୁ ବେଶି ଡେରି କରିବନି । ବିପତି କେବେ ଆସିବ କୁହାଯାଇ ପାରବନି ।

ରୋଷେଇଘରେ ଖାଦ୍ୟ ରନ୍ଧାରନ୍ଧି ଶେଷ ନ ହେଲେ ସେ ଲୋକ ସନ୍ଦେହ କରିପାରନ୍ତି । ରୋଷୋଇବାସ ସାରି ଭୋଜନ କରିବାକୁ ପଡିଲା । ଅମାରାତି କ୍ରମେ ଗାଢ ହେଉଥିଲା, ପାଖାପାଖି ଦଶଟା ବାଜି ଯାଇଥିଲା । ଖାଦ୍ୟ ଖାଇ ସାରିବା ପରେ ନିଜ କୋଠରିରେ ବସିଥିଲେ ଓ ମୋ ଲାଗୁଥିଲା ଘରେ ସମସ୍ତେ ନିଜର ତରବାରି ପଜେଇ ଶାଣିତ ବା ଧାରୁଆ କରୁଛନ୍ତି । ମୋ ଗଳା କାଟିବା ପାଇଁ ।

ଏ ସମୟରେ ଗୃହସ୍ୱାମୀ ମୋର ପାଇଁ ପାନଖଣ୍ଡେ ନେଇକି ଆସିଲେ । କହୁଥିଲେ-ଠାକୁର ମହାଶୟ ! ଖିଆପିଆ ହୋଇଗଲାଣି । ଏବେ ବେଶ୍ ଆରାମରେ ଶୋଇଯାଅ । ମଶାରି ଟଙ୍ଗା ହୋଇଛି । ଢେର ରାତି ହୋଇଗଲାଣି, ଏବେ ଆଉ ଡେରି କରନି ।

ମୁଁ କହିଲି-ହଁ କଥାଟିଏ କହିବାର ଅଛି... ଆମମାନଙ୍କର ଜଣେ ମନ୍ତ୍ରପ୍ରାପ୍ତ ଶିଷ୍ୟ ଅଛନ୍ତି, ଘର କୁସୁମପୁର, ଥାନା ରାୟନା, ନାମ ପାଂଚକୌଡୀ ନୁହଁ, ହରିଦାସ ମଜୁମଦାର, ତାଙ୍କର ଝିଅଟିର ନାମ ବାମା- ଏଇଠି ବାହା ହୋଇଛି । ସେ ଲୋକଟି ବି ଆପଣଙ୍କ ଭଳି ବାବୁଇ ଜାତିର । ସେଥିପାଇଁ ବୋଧହୁଏ ଚିହ୍ନିପାରିଛନ୍ତି । ଝିଅର ବଡବାପା ଦୁର୍ଲଭରାମ ପାଂଚକୌଡୀ ମତେ କହିଥିଲେ ଝିଅର ଶ୍ୱଶୁରଘରେ ଥରୁଟେ ଯିବ ଏଣୁ ଇଆଡେ ଆସି ଯାଇଛି...

ମୋ କଥା ଶୁଣି ବୃଦ୍ଧ ଲୋକଟି ଚମକି ପଡିଲେ । ମୋ ଆଡକୁ ତାଜୁବ ହୋଇ ଅନେଇ ରହିଥିଲେ । କହିଲେ- କୁସୁମପୁରର ହରିଦାସ ମଜୁମଦାର । ବାମା... ଆପଣ ସେମାନଙ୍କୁ କେମିତି ଚିହ୍ନନ୍ତି ?

ବାମା କଥା ସବୁ ମନେପକାଇ ମୁଁ ଦୃଢ ସ୍ୱରରେ କହିଲି -ମୁଁ ତ ତାଙ୍କ ଗୁରୁବଂଶରୁ ଆସିଛି । ସେ ଲୋକଟି ମୋର ବାପାଙ୍କ ମନ୍ତ୍ରପ୍ରାପ୍ତ ଶିଷ୍ୟ । ବୃଦ୍ଧ ଜଣକ ସହସା କହିଲେ- ବସନ୍ତୁ ମୁଁ ଆସୁଛି... ମୁଁ ଏଇ କଠୋରିରେ ବସିରହିଲି । ସନ୍ଦେହ ଓ ଭୟ ଏଯାବତ୍ ଅପସରିଯାଇନଥିଲା । ଆଉ ଏ ଲୋକଟି ଯେ ଗୁରୁଦେବଙ୍କୁ ଛାଡିଦେବ-ଏହା କିଏ ବା କହିଛି । ଟିକିଏ ପରେ ବୃଦ୍ଧ ଲୋକଟି ଫେରିଆସିଲା, ପଛେ ପଛେ ସେଇ ବୋହୂ ବି ଥିଲା । ତା' ସାଙ୍ଗରେ ବଳୁଆ ଯୁଆନ ଯୁବା ତଥା ପ୍ରୌଢ ସ୍ତ୍ରୀ ବି ଥିଲେ, ବୋଧହୁଏ ବୃଦ୍ଧଙ୍କ ଧର୍ମପତ୍ନୀ ।

ବୃଦ୍ଧ କହିଲେ -ଠାକୁର ମହାଶୟ ! ଇଏ ଆମର ବୋହୂର ମାଆ ।

ମୋର ମଝିଆ ପୁଅ ସାଥିରେ । ଇଏ ମୋର ମଝିଆ ପୁଅ ଶମ୍ଭୁ -ଓଳଗି ହୁଅ, ସମସ୍ତଙ୍କୁ ପ୍ରଣାମ କର । ମଝିଆ ବୋହୂ ମା ଦେଖ, ଏମାନଙ୍କୁ ଚିହ୍ନି ପାରୁଛ ? ବାମା ବଡ଼ କୁଶଳୀ ଅଭିନେତ୍ରୀ । ଖୁବ୍ ସୁନ୍ଦର ଅଭିନୟ କରେ ସେ । ଓଢ଼ଣି ଖସାଇ ଟିକିଏ ମୁରୁକି ହସି ବେକରେ ପଣତକାନି ପକେଇ ସେ ମୋର ପାଦଛୁଇଁ ପ୍ରଣାମ କଲା । ଜୀବନଦାତ୍ରୀ, ଦୟାବତୀ ବାମା । ଏମିତି ଲାଗିଲା ଯେମିତି ମୋ ଆଖିରେ ଲୁହ ଜକେଇ ଆସିଛି ।

ଏହାପରେ ରାତି କୌଣସି ପ୍ରକାରେ କଟିଗଲା । ପିଇବା ପାଣି ଦେବା ବାହାନା କରି ବୋହୂ ଆସିଲା ଓ ମୋତେ ସାନ୍ତ୍ୱନା ଦେଲା । କହିଲା - ବିପଦ ଟଳିଯାଇଛି । ମୋ ନଜରକୁ ନ ଆସିଥିଲେ ସର୍ବନାଶ ହୋଇ ଥାଆନ୍ତା । ଘରେ ପୁଣି ବ୍ରହ୍ମହତ୍ୟା, ଆଗରୁ ତ ବହୁତ ହୋଇଛି ଏଇ କୋଠରିରେ, ଏଇ ବିଛଣାରେ, ଏଇ ଭୂମି ତଳେ ଅନେକ ଲାଶ ବା ଶବ ଗଦା ହୋଇଛି । ମୋ ପାଟିରୁ କିଛିକଥା ସ୍ଫୁରୁନଥିଲା । ମନର ଅବସ୍ଥାକୁ ବ୍ୟକ୍ତି କରିପାରୁନଥିଲି । ମୁଁ କହିଲି- ପୋଲିସ୍ ଅବା ଗାଁଲୋକଙ୍କୁ କଣ ଜଣା ନଥିଲା  କଣ କିଛି କହନ୍ତି ନାହିଁ । କିଏ କଣ ବା କହିବ ! ଏ ତ ଫାଶୀ ଦେଉଥିବା ଡାକୁଙ୍କ ଗାଁ । ସମସ୍ତେ ଏକାଭଳିଆ । ଆଗରୁ ଜଣାଥିଲେ କଣ ବାପା ଏଇ ଗାଁରେ ବାହାଘର କରିଥାନ୍ତେ ? ବାହାତୋଳା ହୋଇ ସାରିବା ପରେ ସବୁକିଛି ବୁଝି ଯାଇଥିଲି । ଏବେ ମୋର ପୁଅ ଅଛି, ଏଇ ବାପାଙ୍କ ଘରେ ରହିଲେ କାଳେ ଅମଙ୍ଗଳ ହେବ ସେପାଇଁ ତାକୁ ନିଜ ବାପାଘରେ ରଖିଦେଇ ଆସିଛି । ନିଜ ପତୀକୁ ମନା କରିଛି, କିନ୍ତୁ ସେ ନିରୁପାୟ, ନାଚାର । ମୁଣ୍ଡ ଉପରେ ଶ୍ୱଶୁର ଅଛନ୍ତି, ପୁରୁଖା ଡାକୁ, ଜେଠଙ୍କ ଲୋକ । ଆପଣ ଶୋଇ ଯାଆନ୍ତୁ ଠାକୁର ମହାଶୟ, ଏବେ ଆଉ ଭୟ କରନ୍ତୁ ନାହିଁ ।

ରାତି ପାହି ସକାଳ ହେଲା । ବିଦାୟ ନେବା ସମୟରେ ବୃଦ୍ଧ ମତେ ପାଂଚଟଙ୍କା ବିଦାକି ସହିତ ଗୁରୁ କଲ୍ୟାଣ ଦେଲେ । ବିମାକୁ ଚୁପକରି ପାଖକୁ ଡକାଇ କହିଲି-ତୁମ ମୋର ମାତା । ଜୀବନପ୍ରଦାୟିନୀ ମା । ଆଶୀର୍ବାଦ କରୁଛି ସଦାବେଳେ ସୁଖୀ ହୁଅ । ବିମା ଭଳି ବୁଦ୍ଧିମତୀ ନାରୀ ମୋ ନିଜ ଜୀବନରେ ଅନ୍ୟ କାହାକୁ ଦେଖିନଥିଲି । କେତେ ଦିନ ବିତିଗଲାଣି, ଏଇ ବୃଦ୍ଧ ଅବସ୍ଥାରେ ସେଇ ଗାଁର ଦୟାବତୀ ବୋହୂକୁ ମନେପକାଇ ଆଖିରେ ଲୁହ ଜକେଇ ଆସୁଛି । ଶ୍ରଦ୍ଧାରେ ମନ ଭରିଯାଉଛି ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଓସ୍କାର ସିଟି,*
*ଲେନ ନଂ-୯, ପ୍ଲଟ ନଂ ୪୫୬,*
*ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*




**ପ୍ରକାଶ ପାଇଲା !**

ଲେଖକ **ଇନ୍ଦ୍ରମଣି ଜେନା** ଙ୍କ

**ଶ୍ରୀ ଖାରବେଳ**

ପ୍ରକାଶକ - ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨
ମୂଲ୍ୟ - ୩୪୫ ଟଙ୍କା ମାତ୍ର

# ଲେଟ୍ ସଂଘମିତ୍ରା ଆଚାର୍ଯ୍ୟ

## ଲିପିକା ଦାସପଟ୍ଟନାୟକ

ଚେୟାରରେ ବସିଥାନ୍ତି ଡାକ୍ତର ଦାସ। ସିକ୍ୟୁରିଟି ଜଣଜଣ କରି ଭିତରକୁ ଛାଡୁଥାନ୍ତି। ସର୍ବ ପ୍ରଥମେ ପାଳି ପଡ଼ିଲା ଜଣେ ମହିଳାଙ୍କର। ଭିତରକୁ ପ୍ରବେଶ କରି ନମସ୍କାର ଜଣାଇ ରୋଗୀ ବସୁଥିବା ସ୍ଥାନରେ ବସି ପଡ଼ିଲେ।

ଡକ୍ଟର ପ୍ରଶ୍ନ କଲେ ଆପଣଙ୍କ ନାଁ ..... ?

ଲେଟ୍ ସଂଘମିତ୍ରା ଆଚାର୍ଯ୍ୟ ....

ଡକ୍ଟର ତାଙ୍କ ମୁହଁକୁ ଚାହିଁଲେ ଏବଂ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଲେଟ୍ .... ?

ହଁ ସାର୍ ଲେଟ୍ ....

ଡକ୍ଟର ଭୟଭୀତ ହୋଇ ତାଙ୍କୁ ଚାହୁଁ ଥିବାରୁ ସେ କହିଲେ ଭୟ କରିବାର କିଛି ନାହିଁ, କାଲି ବିଳମ୍ବିତ ରାତିରେ ଯେଉଁ କାର୍ ଆକ୍ସିଡେଣ୍ଟ ହୋଇଥିଲା ସେଥିରେ ମୁଁ ଓ ମୋ ସ୍ୱାମୀ ଥିଲୁ ଓ ମୋର ଭୀଷଣ ଲେବର ପେନ୍ ହେବାରୁ ସେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଠିକ୍ ମେଡିକାଲ୍ ପାଖାପାଖି ଗାଡ଼ିଟା ଗଛରେ ପିଟି ହୋଇଗଲା। ମତେ ଅଚେତ ଅବସ୍ଥାରେ ମେଡିକାଲ ଭିତରକୁ ନିଆ ଯାଇଥିଲା, ଅପରେସନରେ ପୁଅଟିଏ ହେଲା ତାପରେ ମୁଁ ମରିଗଲି।

ଏବେ କିନ୍ତୁ ମୋ ସ୍ୱାମୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କୁ ବଞ୍ଚାନ୍ତୁ ସାର୍।

ସେ କେମିତି ବଞ୍ଚିବେ ସେ ଦାୟିତ୍ୱ ଆପଣଙ୍କର ଏବଂ ମୋ ପୁଅର ମଧ୍ୟ।

କାରଣ ମୋ ସ୍ୱାମୀ ଭଲ ନ ହେଲେ ମୋ ପୁଅ ରହିବ କେଉଁଠି ?

ଅସମ୍ଭବ....ଏମିତି କେତେ ରୋଗୀ ଆସନ୍ତି ଯାଆନ୍ତି, କେହି ମରନ୍ତି କେହି ବଞ୍ଚନ୍ତି। ମୁଁ କେବେ କାହାର ଦାୟିତ୍ୱ ନିଏନି, ମୋର କାମ ହେଲା ରୋଗୀ ସେବା କରିବା ତା'ଙ୍କ ରକ୍ଷଣାବେକ୍ଷଣ କରିବା ନୁହେଁ।

ସାର୍ ପ୍ଲିଜ୍ ଆପଣ ଏଣେ ତେଣେ ଚାହାଁନ୍ତୁନି। ମୋ ସ୍ୱାମୀଙ୍କୁ ଆପଣଙ୍କ ସେବା ଦରକାର। ମତେ ଡରୁଛନ୍ତି କି ?

ମୁଁ ମୃତ ଅଶରିରୀ ହୋଇପାରେ କିନ୍ତୁ ଆପଣଙ୍କର କିଛି କ୍ଷତି କରିବିନି। ଖାଲି ଅନୁରୋଧ କରିବି ମୋ ସ୍ୱାମୀଙ୍କୁ ବଞ୍ଚେଇ ଦେବା ପାଇଁ। ସେ ମୁକ ତାଙ୍କ ପାଟି ଖୋଲେନି ମତେ ମନେମନେ ଖୋଜି ଆଖିରୁ ଲୁହ ଗଡ଼ଉଥିବେ।

ମୁଁ ଆପଣଙ୍କୁ ଚିହ୍ନେନି କି ଜାଣେନି ଅଥଚ ଆପଣ ମୋ ଉପରେ ଏତେ ବଡ଼ ଦାୟିତ୍ୱ ଲଦି ଦେଉଛନ୍ତି କିପରି ?

ସାର୍ ଆପଣ ମୋ ପରିଚୟଟା ଜାଣି ନାହାନ୍ତି ସେଥିପାଇଁ ଏମିତି କହୁଛନ୍ତି ତେବେ ମୋ ପରିଚୟ ଟା ଶୁଣନ୍ତୁ -

ସେତେବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ର ଆପଣ। କଳ୍ପନା ଥିଲା ଆପଣଙ୍କ ପ୍ରେମିକା ଯିଏ ଏବେ ଆପଣଙ୍କର ସହଧର୍ମିଣୀ। ସେ ଥିଲା ମୋର ଅତି ନିଜର ଆଉ ଅତି ପ୍ରିୟ ସାଙ୍ଗ। ଯେତେବେଳେ ଆପଣଙ୍କର ପେଟରେ ଆପେଣ୍ଡିସାଇଡ୍ ବାହାରିଲା, ସେତେବେଳେ ପେଟରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ସେତେବେଳେ ଆମେ ଦୁହେଁ ମିଶି ଆପଣଙ୍କୁ ମେଡ଼ିକାଲ୍ ନେଇ ଆସିଥିଲୁ। ଆପଣଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିବାରୁ ରାତାରାତି ଅପରେସନ ହୋଇଥିଲା। ଆପଣ ସାରାରାତି ଅଚେତ ଅବସ୍ଥାରେ ଥିଲେ। କଳ୍ପନା ସେତେବେଳେ ଆପଣଙ୍କୁ ଲୁଚି ଲୁଚି ପ୍ରେମ କରୁଥିଲା। ତେଣୁ ଘରେ ଜଣାଇ ପାରୁନଥିଲା, ହଠାତ୍ ତାଙ୍କ ମା'ଙ୍କ ଡାକରାରେ ସେ ଘରକୁ ଚାଲିଗଲା। ରାତିସାରା ଆପଣଙ୍କୁ ମୁଁ ଜଗି ବସିଥିଲି। କାରଣ କେଉଁ ମୁହୂର୍ତ୍ତରେ ବି ଚେତା ଫେରି ଆସିବ ଏଇ ଦ୍ୱନ୍ଦ୍ୱରେ।

ତମେ ପ୍ରସନ୍ନା ଓରଫ୍ ସଂଘମିତ୍ରା ? ଓଃ... ସରି, ମୁଁ ଚିହ୍ନି ପାରିଲିନି। ତମେ ତ ଥିଲ ବିଶ୍ୱ ସୁନ୍ଦରୀ। କଲେଜ ବେଳେ ତମ ପଛରେ ମୁଁ ବି କିଛିଦିନ ପଡ଼ି ଯାଇଥିଲି। ମତେ ତମେ ବୁଝେଇ କହିଥିଲ, କଳ୍ପନା ତମ ବିନା ମରିଯିବ। ସେଇଦିନ ମୁଁ ଅନୁଭବ କରିଥିଲି ପ୍ରକୃତରେ କଳ୍ପନାକୁ ତମେ କେତେ ଭଲ ପାଅ।

ଏଥର ଚିହ୍ନିପାରିଲେ ତ ? ପ୍ଲିଜ୍ ମୋର କିଛିଟା ଋଣ ପରିଶୋଧ କରିଦିଅନ୍ତୁ ସାର୍।

ଆରେ ...ନୋ ସାର୍ କେବଳ ସୁବୋଧ। ମୁଁ ତମ ସାଙ୍ଗ।

ତୁମ ସ୍ୱାମୀଙ୍କର ପ୍ରଫେସନ୍ କ'ଣ ?

ଡାଇରେକ୍ଟର ଅଫ୍ ଟେକ୍ନିକାଲ ଟ୍ରେନିଂ। ସନ୍ତାନର ଜନକ ହେବାର ଅଦମ୍ୟ ପିପାଷା ତାଙ୍କୁ ମୋହଗ୍ରସ୍ତ କରି ପକାଉଥିଲା ବୋଧେ। ନିଜେ ଡ୍ରାଇଭିଂ କରି ଚାଲି ଆସିଲେ ସେ। ଅତି ବ୍ୟସ୍ତ ଓ ବିବ୍ରତ ହେତୁ ଗାଡ଼ି ଗଛରେ ପିଟି ହୋଇଗଲା। ମୁଁ ତ ଅଳ୍ପ ସମୟରେ ପୁଅକୁ ଜନ୍ମ ଦେଇ ମରିଗଲି।

କିନ୍ତୁ....

ଏବେବି ବିଶ୍ୱାସ ହେଉନି ... ଯାଆନ୍ତୁ ପୋଷ୍ଟମର୍ଟମ ରୁମ୍ କୁ...

ଡାକ୍ତର ସୁବୋଧ ପ୍ରଖର ଗତିରେ ନିଶ୍ୱାସ ନେଉଥାନ୍ତି ଏବଂ କହୁଥାନ୍ତି ତମ ସ୍ୱାମୀ ଏବେ କେଉଁଠି ?

ମେଡିସିନ୍ ୱାର୍ଡରେ ବେଡ୍ ନଂ-୧୧୪।

ଡକ୍ଟର ଚାହିଁଲେ ପ୍ରସନ୍ନାକୁ।

ସେ କହିଲା ଜାଣିଛ, ମୋର ପୁଅ ହେଲା ପରେ ମୁଁ ମରିଗଲି ମୋ ଅଶରୀର ଆତ୍ମା ଦୌଡ଼ିଲା ମୋ ସ୍ୱାମୀଙ୍କ ପାଖକୁ, ସେଇଠି ନର୍ସ କହୁଥାନ୍ତି ୟାଙ୍କର ଔଷଧ ଇଞ୍ଜେକ୍ସନ ଆଣିବ କିଏ ?

ମୁଁ ନର୍ସଙ୍କ ଠାରୁ ପ୍ରେସକ୍ରିପସନଟା ଧରି ଦୌଡ଼ିଲି ଔଷଧ ଦୋକାନ। ଦୋକାନୀ ନିଦ ମଳ ମଳ ହୋଇ ଉଠି ଔଷଧ ଇଞ୍ଜେକ୍ସନ, ସାଲାଇନ୍ ଧରେଇ ଦେଇ ଶୋଇଗଲା। ଦରୱାନ ସେତେବେଳକୁ ଗେଟ୍ ବନ୍ଦ କରି ଦେଇଥାଏ। ମୁଁ ଆଉ ଲୁହା ଗ୍ରିଲ୍ ଡେଇଁ ଯାଇପାରିଲିନି। ଔଷଧ ଧରି ଗେଟ୍ ପାଖରେ ବସି କାନ୍ଦିବାକୁ ଲାଗିଲି। ସେପଟୁ ଜଣେ ନର୍ସ ନାଇଟ୍ ଡ୍ୟୁଟିରେ ଆସୁଥିଲେ। ତାଙ୍କୁ ତୁରନ୍ତ ଔଷଧ ତକ ବଢ଼େଇ ଦେଇ ଅନୁରୋଧ କରି କହିଲି ୧୧୪ ନମ୍ବର ବେଡ଼ରେ ନେଇ ଦେଇ ଦେବାକୁ।

ଏ.ସି. ରୁମ୍‌ରେ ବସି ମଧ୍ୟ ସୁବୋଧ ଝାଳରେ ଗାଧୋଇ ପଡ଼ିଲେଣି।

ଆରେ... ମତେ ବିଶ୍ୱାସ କର। ମୁଁ ତମର କିଛି କ୍ଷତି କରିବିନି। ତମେ ପରା ମୋର ସାଙ୍ଗ। କେବଳ ତମକୁ ଅନୁରୋଧ କରିବି ପ୍ଲିଜ୍ ମୋ ସ୍ୱାମୀଙ୍କୁ ବଞ୍ଚେଇ ଦିଅ ଆଉ ସେ ଭଲ ହେବାଯାଏ ମୋ ପୁଅର ଦାୟିତ୍ୱ ନିଅ।

ଡକ୍ଟର ସୁବୋଧ କିଛି ସମୟ ଚୁପ୍ ହୋଇଗଲେ। ସେଦିନର କଥା ସମ୍ମୁଖକୁ ଆସି ଯାଉଥାଏ। କଳ୍ପନା ଆଉ ମୋ ସମ୍ପର୍କ ସେତେବେଳେ ତାଙ୍କ ଘରେ କେହି ଜାଣି ନଥିଲେ। ଲୁଚି ଲୁଚି ଦୁହେଁ ପ୍ରେମ କରୁଥିଲୁ। ସେ ଦିନ ଅଚାନକ ମୋ ପେଟରେ ଯନ୍ତ୍ରଣା ହେଲା, ଭୀଷଣ ଥିଲା ସେ ବେଦନା। ଦୁହେଁ ମିଶି ମତେ ମେଡିକାଲ ନେଇ ଯାଇଥିଲେ। ରାତି ହେଲାରୁ କଳ୍ପନାକୁ ତା'ର ମାଆ ଫୋନ କଲେ, ସେ ଡରି ଡରି ଧାଇଁ ପଳେଇଲା। କିନ୍ତୁ ଏଇ ପ୍ରସନ୍ନା ସାରା ରାତି ମତେ ଜଗିରହି ମୋର ସେବା କରିଥିଲା। ପରଦିନ ସକାଳେ ମୋର ଚେତା ଆସିଥିଲା। ହେଲେବି ରୁମ୍ କୁ ଗଲା ନାହିଁ, କହିଲା ତମକୁ ଏକା ଛାଡ଼ି ଯିବିନାହିଁ, ମଉସା ମାଉସୀ ଆସିଲେ ମୁଁ ଯିବି। ସବୁ ଫ୍ରେଣ୍ଡମାନେ ଆସୁଥିଲେ ଦେଖି ଚାଲି ଯାଉଥିଲେ ଏଇ ପ୍ରସନ୍ନା ଅଖିଆ ଅପିଆ ବସି ମୋର ବହୁତ ସେବା କରିଛି।

ସେତେବେଳକୁ ପ୍ରସନ୍ନା ଓରଫ୍ ସଂଘମିତ୍ରା ତଳକୁ ମୁହଁ କରି ବସିଥାଏ।

ଡକ୍ଟର ସୁବୋଧ କହିଲେ ହଉ ତମେ ବ୍ୟସ୍ତ ହୁଅନି ମୁଁ ତମ ସ୍ୱାମୀଙ୍କର ସମସ୍ତ ଦାୟିତ୍ୱ ନେଉଛି ଏବେ ତମେ ଆସିପାର।

ଆଉ ମୋ ପୁଅ ?

ହଁ...ତା'ର ବି...

କୃତଜ୍ଞତା ଜଣାଇ ଠିଆ ହେଲା ପ୍ରସନ୍ନା। ହଠାତ୍ ଘର ଭିତରେ ସେ ମିଳେଇ ଗଲା। ଶିହରି ଉଠିଲେ ଡକ୍ଟର ସୁବୋଧ।

ଟିକେ ଫ୍ରି ହେଲାପରେ ମେଡିସିନ ୱାର୍ଡକୁ ଯିବାକୁ ଚାହିଁଲେ। ଷ୍ଟେଥେସ୍କୋପଟା କାନ୍ଧରେ ପକାଇ ୱାର୍ଡକୁ ଗଲେ । ସେତେବେଳକୁ ସଂଘମିତ୍ରାର ସ୍ୱାମୀଙ୍କର ସେନ୍ସ ଫେରି ଆସିଥାଏ। ତାଙ୍କ ଗୋଡ଼ ହାତ ଅଣ୍ଟାରେ ସାଂଘାତିକ ଯନ୍ତ୍ରଣା ହେଉଥାଏ। ମୁଣ୍ଡବି ଫାଟି ଯାଇଥାଏ। ତଥାପି ତାଙ୍କ ଆଖିରେ ଲୁହ ହାତ ଠାରି ପଚାରୁଥାନ୍ତି ତାଙ୍କ ସ୍ତ୍ରୀ କିପରି ଅଛନ୍ତି ବୋଲ।

ନର୍ସ ବୁଝାଇ କହୁଥିଲେ, ତମର ପୁଅ ହୋଇଛି, ବେସ୍ ସୁସ୍ଥ ଅଛନ୍ତି ସେ। କିନ୍ତୁ ମୋ ପାଖକୁ କାହିଁକି ଆସୁନାହାନ୍ତି।

ଡକ୍ଟର ପହଞ୍ଚିଲେ, ନର୍ସ ମାନେ ଅଭିବାଦନ ଜଣାଇଲେ। ଚେୟାରରେ ବସି ପଡ଼ିଲେ ସେ। ଏତେ କଷ୍ଟରେ ବି ହାତ ଯୋଡ଼ିଲେ ଡାକ୍ତରଙ୍କ ପ୍ରତି। ଡକ୍ଟର ଷ୍ଟେଥୋ ପକାଇ ଚେକ୍ କଲେ। କିଛି ଔଷଧ ଲେଖିଦେଲେ ଏବଂ କହିଲେ ଏଇ ପେସେଣ୍ଟଙ୍କର ଯେପରି ଚିକିତ୍ସାରେ କୌଣସି ଅବହେଳା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବ। ଏ ମୋର ଜଣେ ବନ୍ଧୁ, ୟାଙ୍କ ପାଇଁ ଯାହା କିଛି ଖର୍ଚ୍ଚ ହେବ ମୁଁ ଦେବି। ସିଷ୍ଟର - ଏହି ପେସେଣ୍ଟଙ୍କ ପାଖେ ପାଖେ ସବୁବେଳେ ଥିବ।

ଆଉ ସେହି ମହିଳାଙ୍କ ମୃତ ଶରୀରଟା ... ? ଦେଖିଛ ?

ନା... ସାର୍। ସେଇ ମହିଳା ୟାଙ୍କ ପତ୍ନୀ, ନର୍ସ ଇସାରାରେ କହିଥିଲେ ।

ଏକଥା ଯେପରି ପେସେଣ୍ଟ କାନକୁ ନ ଯାଏ।

ଡକ୍ଟର ସୁବୋଧ ପ୍ରସନ୍ନାର ଶବ ଦେଖିବାକୁ ଗଲେ ଏବଂ ପୋଷ୍ଟମର୍ଟମ କରିବା ପାଇଁ ପୋଷ୍ଟମର୍ଟମ ଗୃହରେ ପ୍ରବେଶ କଲେ। ରକ୍ତ ଜୁଡୁ ବୁଡୁ ଶବର ମୁହଁରୁ କପଡ଼ା ଖୋଲିଲେ। ଅବିକଳ ସେଇ ମୂର୍ତ୍ତି ଯାହା ସହିତ ଏଇ କେଇ ମୁହୂର୍ତ୍ତ ତଳେ କଥାବାର୍ତ୍ତା ହେଉଥିଲେ।

କେତେ ଶବ ସେ ବ୍ୟବଚ୍ଛେଦ କରିଛନ୍ତି। କେବେ ସେ ଏତେ ନର୍ଭସନେସ୍ ଫିଲ୍ କରି ନ ଥିଲେ, ଆଜି କାହିଁକି ଅବଶ ଲାଗୁଛି। ଦେହଟା ଝିମ୍ ଝିମ୍ ହୋଇଯାଉଛି, ହାତ ଥରୁଛି। ସେଠୁ ବାହାରି ଆସିଲେ ଡକ୍ଟର ସୁବୋଧ ଅନ୍ୟ ସାଥି ଡକ୍ଟରଙ୍କ ଉପରେ ଏଇ ପୋଷ୍ଟମାର୍ଟମ ଦାୟିତ୍ୱ ନ୍ୟସ୍ତ କରି।

ପ୍ରସନ୍ନାର ନବଜାତ ଶିଶୁ ପୁତ୍ରଟିକୁ ନେଇ ନିଜ ପତ୍ନୀଙ୍କ ହାତରେ ଧରେଇ ଦେଲେ। କିନ୍ତୁ ସତଚେଷ୍ଟା ପରେ ବି ପ୍ରସନ୍ନାର ସ୍ୱାମୀଙ୍କୁ ବଞ୍ଚେଇ ପାରିଲେନି ସେ। ଦୁଃଖ ଓ ଅନୁତାପରେ ନିଜ ଡ୍ରଇଁ ରୁମ୍‌ରେ ବସି ସେଇ ଶିଶୁ ପୁତ୍ରର ମୁହଁକୁ ଚାହିଁ କ'ଣ ଭାବୁଥାନ୍ତି। କାନ୍ଥ ସେ ପାଖରୁ ଗୋଟେ ସ୍ୱର ଭାସି ଆସିଲା ଧନ୍ୟବାଦ ସୁବୋଧ ...

ମତେ କ୍ଷମା କରିବ ପ୍ରସନ୍ନା ମୁଁ ତମ ଅନୁରୋଧ ରକ୍ଷା କରି ପାରିଲିନ। ତମ ସ୍ୱାମୀଙ୍କୁ...

ନା ନା ସୁବୋଧ ତମେ ମନ ଦୁଃଖ କରନି ତମେ ତମ କର୍ତ୍ତବ୍ୟରେ ଅବହେଳା କରିନ, ତାଙ୍କର ଆୟୁଷ ନ ଥିଲା । ମୋ ପୁଅ କଳ୍ପନା କୋଳପୂର୍ଣ୍ଣ କରିଛି। ମୁଁ ଏଥର ମୁକ୍ତ, ମୁଁ ଏକା ନୁହେଁ ଆମେ ଦୁହେଁ ଓ ମୋର ବିଶ୍ୱାସ ତମେ ଦୁହେଁ ମୋ ପୁଅକୁ ଖୁବ୍ ଖୁସିରେ ରଖିବ, ଆଉ ମୁଁ ଆସିବିନି। କୁଆଡ଼େ ପବନରେ ଭାସି ଯାଉଥିଲା ସେହି କଣ୍ଠ ସ୍ୱର...

*କଲେଜ ରୋଡ଼, କେନ୍ଦୁଝର*

# ସ୍ୱଦେଶେ ପ୍ରବାସୀ

## ଚୈଧୁରୀ ବରଦାପ୍ରସନ୍ନ ଦାସ

ବିସ୍ତୀର୍ଣ୍ଣ ମରୁଭୂମିର ଚତୁର୍ଦ୍ଦିଗକୁ ଚାହିଁଲା ରବି । ଆଗରେ ପଛରେ ସବୁ ଦିଗରେ ତତଲା ବାଲି । ସୀମାନ୍ତ ଦେଖାଯାଉଥିଲା ସୀମାହୀନ । ବିକଳରେ ଶାନ୍ତିର ମୁଣ୍ଡକୁ କୋଳରେ ଧରିଲା । କିଛି ସମୟ ତଳେ ଚଳଚଞ୍ଚଳ ଥିବା ଝିଅଟା ନିଶବ୍ଦ ହୋଇଯାଇଛି । ମୁହଁଟା ବାଲିରେ ମାଡି ହୋଇ ରହିଛି । ବିକଳ ଲାଗିଲା, ଟାଣ ବାଲିରେ କଷ୍ଟ ହେଉଥିବ ତାର ପ୍ରିୟ ପ୍ରତିମା ଶାନ୍ତିକି । ମୁହଁରୁ ବାଲି ଝାଡିଦେଲା, ଆଦରରେ ଶାନ୍ତି, ଶାନ୍ତି ଡାକି ବୋବ ପରେ ବୋବ ଦେଇଚାଲିଲା, ହେଲେ ଶାନ୍ତି ଆଉ ନଥିଲା । ମରୁଶଯ୍ୟା ଛାଡି ସେ ଚାଲିଯାଇଛି । ଦୂରକୁ ଦୂରକୁ, ଅନେକ ଦୂରକୁ । ପାଖରେ ଆହା ବୋଲି କହିବାକୁ କେହି ନାହିଁ । ଆକାଶରେ ଚଢେଇଟିଏ ବି ନାହିଁ। ସାକ୍ଷୀକେବଳ ସୂର୍ଯ୍ୟ ଆଉ ତାର ଆରପଟରେ ଲୁଚିଥିବା ଚନ୍ଦ୍ର । ପୁଣି ଧରଣୀ, ମରୁତ ଦଶଦିଗ ପାଳ ।

ଧରଣୀ ତ ମଣିଷର ମାଆ । ଖାଲି ମଣିଷ ନୁହେଁ, ସମଗ୍ର ଜୀବଜଗତର ସେ ମା'। ଆକାଶ ତ ସେମିତି ମଣିଷର ପିତା, ଜୀବଜଗତର ବି ପିତା । ମରୁତ ତ ଜୀବନ । ନିଶ୍ୱାସ ରୁନ୍ଧି ହୋଇଗଲା ପରି ଲାଗିଲା ରବିକି । ବିକଳରେ ଦୁଇହାତ ଲମ୍ୱେଇ ଦେଲା । ପିଲାଦିନେ ମା'କୁ ଚାହିଁ ହାତ ଲମ୍ୱେଇଲେ ଆଉ ଦିଇଟା ହାତ ଲମ୍ୱି ଆସୁଥିଲା । ସେ ହାତ ଥିଲା ମା'ର । ଏଇ ସବୁ ଦୁଃଖ ଭିତରେ ଯିଏ ପାହାଡ ପରି ପାଖରେ ଠିଆ ହେଉଥିଲେ ସେ ଥିଲେ ବାପା, ହେଲେ ଆଜି ସେଇ ହାତ ଅପହଞ୍ଚ, ଧରଣୀ, ଆକାଶ ନିର୍ବିକାର ।

ବିକଳରେ ଶାନ୍ତିର ମଥାକୁ ଟେକି ଧରି ସେ ଚାହିଁଥାଏ । ହେଲେ ସୀମାନ୍ତର ତାର ବାଡ ଆରପଟେ ଅସହାୟ ଆକାଶ ଆଉ ଧରଣୀ । ଦେହରେ ବଳ ନାହିଁ । ପାଦ ଅବଶ ତଥାପି, "ବୋଉଲୋ, ବୋଉଲୋ" ବୋଲି କହି କେତେ ଖୋଜ ଦଉଡିଲା ରବି । ପୁଣି କଷ୍ଟେମଷ୍ଟେ ଛୋଟେଇ ଛୋଟେଇ ଆସି ଟେକି ଧରୁଥାଏ ଶାନ୍ତିର ମୁହଁକୁ । ବାଲିରେ ମୁହଁଟା ମାଡି ହୋଇଗଲେ ସେ ଚମକି ପଡୁଥାଏ । ଦେହରେ କଷ୍ଟଲାଗିଲା ପରି ଅନୁଭବ କରୁଥାଏ ।

ରବି ଆଉ ଶାନ୍ତି । ଶାନ୍ତି ଆଉ ରବି । ବିସ୍ତୀର୍ଣ୍ଣ ମରୁବାଲିର ସେମାନେ ଅଧିକାରୀ । ହେଲେ ଏ ଅଧୀକାର ଛଡେଇ ନେବାକୁ କେହି ନାହାନ୍ତି । ଶାନ୍ତିର ଚଳତ୍‌ଶକ୍ତିହୀନ ଦେହକୁ ଚାହୁଁଥାଏ ରବି । ଶାନ୍ତିରେ ଶୋଇଯାଇଛି ଶାନ୍ତି । ଶାନ୍ତି ତା'ପାଇଁ କେବଳ ଶାନ୍ତି । ମୃତ ନୁହେଁ କି ଜୀବିତ ନୁହେଁ । ସେ ମୃତ୍ୟୁ ଓ ଜୀବନ ଠାରୁ ଆହୁରି ଉର୍ଦ୍ଧ୍ୱରେ । ବିରାଟ ମରୁଭୂମିରେ ମଧୁ ସଂଗୀତ ଗାଉଥିବା ସ୍ୱପ୍ନର କୋଇଲିଟିଏ କି ବାଲିର ଆବରଣ ତଳେ କଳକଳ ବହୁଥିବା ଝରଣାଟିଏ ।

ଏଇ ପ୍ରେମପକ୍ଷୀ ଦିଓଟିର ଠିକଣା ହେଲା ପାକିସ୍ତାନର ସୀମାନ୍ତ ଘୋଟକି ଜିଲ୍ଲାର ମିରପୁର ସହରର । ଭାରତର ଏଇ ସଂସ୍କୃତି ସମ୍ପନ୍ନ ଅଞ୍ଚଳ ରହିଲା ପାକିସ୍ତାନରେ । ଚିରିଗଲା ଭାରତମାତାର ପିନ୍ଧାପାଟ । ଯେଉଁମାନେ ଦିନେ ଗୋରା ଶାସନ ବିରୁଦ୍ଧରେ ଏକାଠି ସ୍ୱର ଉଠେଇଥିଲେ, ପାଲଟିଲେ ଶତ୍ରୁ । ଦିଇଖଣ୍ଡ ନାହିର ପରିଚୟ ବଦଳିଗଲା । ରବି ଆଉ ଶାନ୍ତି କିଶୋର ଆଉ କିଶୋରୀ । ଆଇନ ଆଖିରେ ଏମାନେ ପତିପତ୍ନୀ । ବାପା କନ୍ୟାଦାନ କରିଥିଲେ। ମାତ୍ର ଷୋଳ ବର୍ଷର କିଶୋରୀ ବଧୂ ପାଲଟି ଥିଲା । ମିଛିମିଛିକା ଧୂଳିଘରର ବାହାଘର ନଥିଲା । ଥିଲା ସତ । ପାକିସ୍ତାନରେ କମ ବୟସରେ ପିଲାଙ୍କ ବାହାଘର ହୁଏ । ବାହାଘର ପରେ ଚଉଠି ରାତିରେ ଏମାନେ ସପନ ଦେଖିଲେ। ସେ ସପନକୁ ବାନ୍ଧି ରଖିପାରିଲାନି ସୀମାନ୍ତର ତାରବାଡ । ଉଡିଗଲା ହିଙ୍ଗଲାଜ ମାତାଙ୍କ ଠାରୁ ଜୟସାଲମେରର ତନୋତମାତାଙ୍କ ପର୍ଯ୍ୟନ୍ତ । କଲମ ବହି ଧରି ନଥିବା ଶାନ୍ତି ଦେଖିଲା ସାଗରକୂଳରେ ନୀଳ ସରସ୍ୱତୀ ବାଗ୍‌ଦେବୀ ଶାରଳା ବୀଣା ବଜାଉଛନ୍ତି । ଦେବୀଙ୍କର ସ୍ୱର୍ଗୀୟ ସୁଷମା ତାକୁ ମୋହିତ କଲା । ମନରେ ଭାରତ ଆସିବାର ଇଛା ପ୍ରବଳ ହେଲା ।

ସ୍ୱପ୍ନଟା ପ୍ରସରୀ ଗଲା ଶାନ୍ତିଠାରୁ ରବିକି ପୁଣି ଫେରି ଆସିଲା ଶାନ୍ତି ପାଖକୁ । ତା'ପରେ ଏକ ଦିବ୍ୟ ପ୍ରେମର ସାଗରରେ ଉବୁଟୁବୁ ହେଲେ ଏଇ କିଶୋର କିଶୋରୀ, ପ୍ରେମିକ ପ୍ରେମିକା ପୁଣି ପତିପତ୍ନୀ । ସ୍ୱପ୍ନପକ୍ଷୀ ଡେଣା ହଲେଇ ଅସୀମ ଆକାଶରେ ଉଡିଗଲା । ସେଠି ତାରବାଡ ନାହିଁ, ବନ୍ଧୁକଧାରୀ ସିପାହୀ ଜଗିନାହାନ୍ତି । ସୀମାହୀନ ସୀମାନ୍ତ ତାଙ୍କୁ ସ୍ୱପ୍ନ ଦେଖେଇଲା । ଏଇ ପାକିସ୍ତାନୀ କିଶୋର କିଶୋରୀ ଭାରତ ଆସିବାକୁ ଆଇନର ଦ୍ୱାରସ୍ଥ ହେଲେ । ଏକଦା ନିଜ ଦେଶ ଥିବା ଭାରତ ଆଜି ବିଦେଶ । ଭିସା ପାଇଁ ଦରଖାସ୍ତ କଲେ । ବିନା ଭିସାରେ ଦେଶକୁ ଆଉ ଗୋଟିଏ ଦେଶକୁ ଆସିବା ବେଆଇନ୍,ଦଣ୍ଡନୀୟ ମଧ୍ୟ । ଏଇ କିଶୋର ଦମ୍ପତିଙ୍କ ମନରେ ସ୍ୱପ୍ନ, ମାତୃଭୂମି ଭାରତ ଆସିବେ । ସାଥୀ ହୋଇ ପାସପୋର୍ଟ ଅଫିସଗଲେ ।

ଖୁସିରେ ପାସପୋର୍ଟ ଗ୍ରହଣ କରିବାକୁ ଗଲାବେଳେ ଅଫିସ ତରଫରୁ

ଜଣାଇ ଦିଆଗଲା, କାଶ୍ମୀରର ପହଲଗାଓଁରେ ଆତଙ୍କବାଦୀଙ୍କର ନାରକୀୟ କାଣ୍ଡ । ଗୋଟିଏ ନୁହେଁ, ଦୁଇଟି ନୁହେଁ ଛବିଶିଟି ନିରୀହ ଜୀବନ ଝଲିଯାଇଛି । ଯିବା ଆସିବା ମନା । ଖବରଟା ଶୁଣି ଆକାଶରୁ ଖସି ପଡିଲା ପରି ଲାଗିଥିଲା ପିଲା ଦିଇଟାଙ୍କୁ । କାଚ ଜିନିଷ ଚଟାଣରେ ପଡି ଭାଙ୍ଗିଗଲା ପରି ସ୍ୱପ୍ନ ଗୁଡାକ ଟୁକୁଡା ହୋଇଯାଇଥିଲେ । କିନ୍ତୁ ସେଇ ଭଙ୍ଗାରୁଜା ସପନକୁ ସେମାନେ ଯୋଡି ଦେଖିଲେ ସୀମା ଆରପଟେ ଦେଖାଯାଉଛି ଜୟସାଲମେରର ତାନୋତ ମାତା ମନ୍ଦିର । ପୁଣି ପାର୍ଶ୍ୱନାଥଙ୍କର ଆଠଶହ ବର୍ଷର ପୁରୁଣା କଳାମୁଗୁନି ପଥର ମୂର୍ତ୍ତି । ଆହୁରି ଆକର୍ଷିତ କଲା ଭୁଜପତ୍ର ତାଳପତ୍ରରେ ଲେଖନୀରେ ଖୋଳା ଅକ୍ଷରର ପୋଥିର ଜ୍ଞାନ ଭଣ୍ଡାର ପାଠାଗାର । ସ୍ୱପ୍ନ ଦେଖିଲେ ଝୁନଝୁନ ଜିଲ୍ଲାର ରାଣୀସତୀ ମନ୍ଦିରର । ଲକ୍ଷ୍ୟ ପଥରେ ବାଧା ମଣିଷର ଜିଦ୍ ବଢାଏ, ଏକନିଷ୍ଠତା ବଢାଏ । ଭାରତ ଆସିବାର ବାଧା ତାଙ୍କୁ ଆସିବା ପାଇଁ ଆହୁରି ଆହୁରି ପ୍ରରୋଚିତ କରୁଥାଏ । ବାପ ମା' ବୁଝେଇଲେ, ସାଇପଡିଶା ବି । ହେଲେ ଏଇ ସ୍ୱପ୍ନ ଦେଖୁଥିବା ପକ୍ଷୀ ଦୁଇଟି ଆଶାର ଆକାଶରେ ଅନେକ ଉଚ୍ଚକୁ ଉଡିଯାଇଥିଲେ । ଭାବିଥିଲେ ଆରପଟରେ ଗୋଟାଏ ସୁନ୍ଦର ଦୁନିଆ ଅଛି । ବାହୁ ମେଲେଇ ଅପେକ୍ଷା କରିଛି ଭାରତର ମାଟି ।

ସେଦିନ ରାତିରେ ଗୋଟାଏ ସ୍ୱପ୍ନର ସନ୍ଧାନରେ ଏଇ ଦମ୍ପତି ଘର ଛାଡିଲେ । ଆଗରେ ଜୟସାଲମୀର ସୀମାନ୍ତର ମରୁଭୂମି । ସୀମାନ୍ତ ମୁକୁଳା ନଥିଲେ ବି ଆରପଟକୁ ଯିବାକୁ କାଇଁ କିଛି ବାଧା ନଥିଲା । ପ୍ରହରୀର ସତର୍କ ଆଖିରେ ପ୍ରାୟ ପଲକ ପଡିଯାଇଥିଲା । ପାଖରେ କିଛି ଖାଦ୍ୟ ଆଉ ଗୋଟାଏ ପାଣି ଜାର । ଆଖିରେ ଦିଗନ୍ତ ବ୍ୟାପି ସ୍ୱପ୍ନ ।

ସୀମାନ୍ତ ଟପିଲା ବେଳକୁ ପୂର୍ବାକାଶ ଲାଲ ଦେଖାଗଲା । ଆକାଶର ବାଦଲଖଣ୍ଡ ଭିତରେ ଲୁଚକାଳି ଖେଳି କଅଁଳା ବାଛୁରୀପରି ସୂର୍ଯ୍ୟ ଦିଗ୍‌ବଳୟରୁ ଡେଇଁ ପଡିଲେ । ସୂର୍ଯ୍ୟାଲୋକର ଏଇ ଅପରୂପ ସୌନ୍ଦର୍ଯ୍ୟ ଦର୍ଶନରେ ବୁଡିଗଲେ ରବି ଆଉ ଶାନ୍ତି । ବାଲି ଉପରେ ଚକ୍‌ଚକ୍ କରୁଥାଏ ରବି କର । ରବି ଆବେଗରେ ଜାବୁଡି ଧରିଲା ଶାନ୍ତିର ହାତକୁ । ସାଗରଗାମୀ ନଦୀଟିଏ ନଦୀ ପରି ଶାନ୍ତି ଲୋଟି ପଡିଲା ରବି କୋଳରେ । ଏତେ ବଡ ଇଲାକାର ସେମାନେ ରାଜାରାଣୀ । ଜୀବନରେ ଖୁସିର ଗୋଟାଏ ଚରମ ମୁହୂର୍ତ୍ତ । ଆଗକୁ ମରୁରାଇଜଟା ସୁନ୍ଦର ଦେଖାଗଲା । ଆତ୍ମହରା ହୋଇ ଉଠିଲେ ଏଇ ଦମ୍ପତି ।

ମା'କି ସୁନ୍ଦର ରାଇଜ । ହସିହସି ମୋବାଇଲରୁ ଫୋନ୍ କରି କହୁଥିଲେ ଏଇ ପିଲାମାନେ । ବିଷାଦନାହିଁ, ଶଙ୍କା ନାହିଁ ମା' ନିଶ୍ଚୟ କହୁଥିଲେ, କାଇଁକି ଗଲୁରେ ବାପା ହେଲେ କାହାରି କଥା ଶୁଭୁ ନଥିଲା ଏଇ ପାଗଳ ପାଗେଳୀଙ୍କି । ସୂର୍ଯ୍ୟ ଉଦୟ ହେବାଠାରୁ ବଦଳୁଥିବା ଆକାଶର ରଙ୍ଗକୁ ମୋବାଇଲ ଫୋନ୍‌ର କ୍ୟାମେରାରେ ତୋଳିଧରି ଘରକୁ, ସାଙ୍ଗମାନଙ୍କ ପାଖକୁ ଫଟୋ ପଠାଉଥାଆନ୍ତି । ରବିକୁ ଠିଆକରି ଶାନ୍ତି ଫଟୋ ଉଠାଉଥାଏ, ପୁଣି ଶାନ୍ତିକୁ ଠିଆକରି ଫଟୋ ଉଠାଉଥାଏ ରବି । ବେଳେବେଳେ ପୁଣି ଏକାଠି ନେଇଥାଆନ୍ତି ସେଲଫି । କ୍ୟାମେରା ସ୍କ୍ରିନ୍‌ରେ ଯୁଗଳ ମୁହଁକୁ ଦେଖି ଖୁସିରେ ଫାଟି ପଡୁଥାଆନ୍ତି । ଖୁସିର ପବନ ମରୁଭୂମିର ଟାଣଖରାକୁ ଶୀତଳ କରିଦେଉଥାଏ ।

ଟିଫିନ ବକ୍ସରୁ ଖାଦ୍ୟ କାଢିଲେ ସେ ଦମ୍ପତି । ଲୁଚିଲୁଚି ଆସିଥିଲେ ବି ମନପସନ୍ଦର ଖାଦ୍ୟବାଛି ଆଣିଥିଲେ ଫ୍ରିଜରୁ । ବାଟରୁ ବି କିଛି କିଣିଥିଲେ । ପକ୍ଷୀର ଯେମିତି ଆକାଶରେ ଠିକଣା ନଥାଏ ଏ ପ୍ରେମପକ୍ଷୀ ଦିଓଟିଙ୍କର କିଛି ଧରାବନ୍ଧା ଠିକଣା ନଥିଲା । କମ୍ପାସ କି ଜିପିଏସ୍ ନୁହେଁ ଖାଲି ଦିଗ । ଏଇ ଦିଗରେ ଭାରତ । ଝଲୁ ଝଲୁ କେତେବେଳେ ଯେ ସେମାନେ ଭାରତର ସୀମା ଟପି ଆଗେଇଛନ୍ତି ମନେରଖି ପାରିନଥିଲେ । କେହି ତ ଜନମାନବ ଆଖି ଆଗରେ ନଥିଲେ । ରାତିରେ ଖାଲି ଦେଖିଥିଲେ ବୁଧ ଗ୍ରହଟିକି । ଏମାନେ ଘୁରିବୁଲୁଥିଲେ ନିହାରିକାର ସ୍ୱପ୍ନିଳ ପଥରେ । ଏଇ ଦୁଇ ପ୍ରେମ ପକ୍ଷୀ ଝଲୁଝଲୁ ଆଣିଥିବା ଖାଇବା ସରିଗଲା, ପିଇବା ପାଇଁ ଆଣିଥିବା ପାଣିବି ସରି ଆସିଲା । ଜାରରେ ଖାଲି ଶେଷ କେତେ ଟୋପା ମାତ୍ର । ମୋବାଇଲ ଫୋନର ଝର୍ଜ ବି ସରିଆସିଲା ।

ସ୍ୱପ୍ନ ମଉଳି ଆସିଲା । ପାଣି, ପାଣି ଚିତ୍କାର କରି ଉଠିଲେ ଏଇ ପ୍ରେମପକ୍ଷୀ ଯୁଗଳ । ସମସ୍ତେ ନିରବ । ଆକାଶ, ପବନ, ଧରଣୀ ସମସ୍ତେ । ଉତପ୍ତ ମରୁବାଲି ଆହୁରି ଉଗ୍ର ହେଲା । ଟୋପାଏ ପାଣି ପାଇଁ ଝରିଝରିଟି ହାତଲମ୍ବି ଆସିଲା ବେଳେ ଏକ ଭିନ୍ନ ଦୃଶ୍ୟ ଦେଖିଲା ପ୍ରକୃତି । ରବି ଶାନ୍ତି ମୁହଁ ପାଖରେ ତୋଳି ଧରୁଛି ପାଣି ଜାରକୁ । ଶାନ୍ତି ମୁହଁ ଫେରେଇ ନେଇ ପାଣି ଜାରକୁ ତୋଳି ଧରୁଛି ରବିର ମୁହଁ ପାଖରେ । ନିଜର ଜୀବନ ପାଇଁ ନୁହେଁ ସାଥୀର ଜୀବନ ପାଇଁ କି ମମତା । ପରସ୍ପର ପାଇଁ ଚରମ ତ୍ୟାଗ ଦେଖିଲା ପ୍ରକୃତି, ତଥାପି ନିର୍ମାୟା, ନିଷ୍ଠୁର, ନିର୍ମମ ଏଇ ପ୍ରକୃତି । ମେଘ ହୋଇ ବରଷିଲାନି କି ଫଳ କେଇଟା କେଉଁଠୁ ଉଡେଇ ଆଣିଲାନି ।

ଜୀବନ ମୃତ୍ୟୁର ଶେଷ ସଂଘର୍ଷ ବେଳେ ଏଇ ପ୍ରେମପକ୍ଷୀମାନଙ୍କ ପାଖରେ କିଛି ସମୟ ପାଇଁ ମୃତ୍ୟୁ ସଂଜୀବନୀ ଥିଲା କେତେଟୋପା ପାଣି । ପରସ୍ପର ପାଇଁ ସେଇ ଜୀବନ ରସକୁ ତ୍ୟାଗ କରୁକରୁ ରବି ମୁହଁରେ ଜାରକୁ ଝପି ଦେଇ ଟଳିପଡିଲା ଶାନ୍ତି । କିଛି କ୍ଷଣ, ପରେ ବି କ୍ଷମତା ଶାସନ ଆଉ ରାଜ୍ୟଭୋଗର ଲିପ୍‌ସାର ଲେଲିହାନ ଯୁଇରେ ଜଳିଗଲେ ଏଇ ପ୍ରେମପକ୍ଷୀ ଯୁଗଳ । ନୁହଁନ୍ତି ପାକିସ୍ତାନର ନୁହଁନ୍ତି ଭାରତର କିନ୍ତୁ ମହାଭାରତୀୟ ଚେତନାର ପ୍ରତୀକ ରବି ଆଉ ଶାନ୍ତି । ବିସ୍ତାରବାଦ ଓ ପ୍ରେମର ଯୁଦ୍ଧ ଭୂଇଁରେ ଶହୀଦ ହେଲେ ।

ପଚି ଆସିଥିବା ଶବ ନିକଟରୁ ପାଇଥିବା ପାକିସ୍ତାନୀ ପରିଚୟ ପତ୍ରକୁ ପୋଲିସ ଅଫିସର ଜଣକ ଦେଖୁଥିବାବେଳେ ପାଖ ଗାଆଁର ଅଶିତି ବର୍ଷର ବୃଦ୍ଧ ଲୁହ ଢଳଢଳ ଆଖିରେ କହିଲେ, ବାବୁ ଏମାନେ ଆଜି ସ୍ୱଦେଶେ ପ୍ରବାସୀ । କାଳ୍ପନିକ ସୀମାରେଖାର ବିଭାଜନରେ ଚିରିଯାଇଛି ହୃଦୟ ଆଘାତ ପାଇଛି ଆତ୍ମା । ଜହ୍ଲାଦମାନେ ଚଉକିର ମୋହ ପାଇଁ ବାଣ୍ଟିଦେଲେ ଆତ୍ମାକୁ ମା'ମାଟିକି ସେଇଥିପାଇଁ ଏଇ ଦେବ ଶିଶୁମାନେ ସ୍ୱଦେଶେ ପ୍ରବାସୀ । ମା'ମାଟିକୁ ଝୁରିଝୁରି ଏମାନେ ଆଜି ଶହୀଦ । ମରୁଭୂମିର ଲୁହରେ ସେଇଠି ଗଢିହେଲା ପ୍ରେମମନ୍ଦିର ।

*ବାରଙ୍ଗ, କୋଟିଆଁ, ଜଗତସିଂହପୁର*
*ଦୂରଭାଷ: ୯୯୩୭୦୯୨୨୫୯*

# ଅପରାହ୍ନର ସମ୍ପର୍କ

ଡକ୍ଟର ମହେଶ୍ୱର ଜେନାସାମନ୍ତ

ଆଜି ପ୍ରାତଃ ଭ୍ରମଣରୁ ଫେରିବା ପରେ ମନ ଭିତରେ କେମିତି ଏକ ଆନମନା ଭାବ ତାଙ୍କୁ ଘାରିଛି । ପିନ୍ଧିଥିବା ପାଇଜାମା ଓ ପଞ୍ଜାବୀ ଝାଳ ସରସର ହୋଇଥିଲେ ବି ତାକୁ ନବଦଳାଇ ସେମିତି ଚୌକିଟି ଉପରେ ବସି ପଡ଼ିଲେ ବାରଣ୍ଡା ଧାରରେ ରାସ୍ତା ଆଡ଼କୁ ମୁହଁକରି । ମନ ପୁଣି ଉଚ୍ଚାଟ ହେଲା । ଚୌକିଟି ଉପରୁ ଉଠି ବାରଣ୍ଡା ସାରା ପଦ ଚାରଣ କରିବାକୁ ଲାଗିଲେ । ବାରମ୍ବାର ତାଙ୍କ ଆଖି ଆଗରେ ନାଚି ଉଠୁଛି ସେହି ମହିଳାଙ୍କ ପ୍ରତିଛବି । କେମିତି ଚିହ୍ନା ଚିହ୍ନା ଲାଗୁଛନ୍ତି ସେ । ମନଟାକୁ ଯେତେ ଟାଣି ଓଟାରି ଆଣିଲେ ବି ସେହି ପ୍ରତିଛବି ଅଠା ଲାଗିଲା ପରି ଜାବୁଡ଼ି ଧରୁଛି ତାଙ୍କ ମନକୁ ଖୁବ୍ ଅନ୍ତରଙ୍ଗ ଭାବେ । ପ୍ରାତଃ ଭ୍ରମଣର ସେହି କଥାଟା ତାଙ୍କ ମନକୁ ଆଛନ୍ନ କରି ରଖିଛି ସେତିକି ବେଳୁ ।

ସବୁଦିନ ପରି ଆଜି ବଡ଼ି ଭୋରରୁ ପ୍ରାତଃ ଭ୍ରମଣରେ ଯାଇଥିଲେ ସୂର୍ଯ୍ୟକାନ୍ତବାବୁ । ଯିବାବେଳେ ବାଟରେ ତାଙ୍କ ସହିତ କିଛି ଘଟି ନଥିଲା । ପ୍ରାତଃ ଭ୍ରମଣକାରୀ ବନ୍ଧୁମାନଙ୍କ ସହ ଖୁସି ମନରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଥା ହୋଇ ହୋଇ ଯାଇଥିଲେ ସେ । ତାଙ୍କର ସେହି ବହୁ ପରିଚିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପୁନର୍ବାର ଲେଉଟାଣି ଆସିଥିଲେ । ଅଧାବାଟରେ ସେ ଯାହା ଦେଖିଥିଲେ ତାହା ହିଁ ଆନ୍ଦୋଳିତ କରିଥିଲା ତାଙ୍କ ମନକୁ, ଚହଲାଇ ଦେଇଥିଲା ତାଙ୍କ ହୃଦୟକୁ ।

ସେହି ଦୃଶ୍ୟଟି ଥିଲା ନୀଳରଙ୍ଗର ଶାଢ଼ି ପରିହିତା ଜଣେ ଶୁକ୍ଳାଙ୍ଗୀ ମହିଳାଙ୍କୁ ନେଇ । ଏମିତିରେ ନୀଳରଙ୍ଗ ଖୁବ୍ ପସନ୍ଦ ତାଙ୍କର । ମାତ୍ର କଥାଟା ସେଇ ନୀଳ ରଙ୍ଗର ଶାଢ଼ି ଉପରେ ନଥିଲା କଥା ଥିଲା ସେହି ମହିଳାଜଣକ ଖୁବ୍ ଚିହ୍ନା ଚିହ୍ନା ଲାଗୁଥିଲେ ତାଙ୍କୁ । ଆଗରୁ ତାଙ୍କୁ କେଉଁଠି ଦେଖିଛନ୍ତି ଅଥବା ପୂର୍ବରୁ ତାଙ୍କ ସହିତ କିଛି କାଳ ତାଙ୍କ ସହିତ ସମ୍ପର୍କରେ ଥିଲା ପରି ମନେ ରହଉଛି ତାଙ୍କର ।

ରଙ୍ଗ ଓ ବର୍ଣ୍ଣରେ କେବଳ ସୁନ୍ଦରୀ ନଥିଲେ ମହିଳା ଜଣକ ତାଙ୍କର ସୁଠାମ ଗଢଣ ସୂର୍ଯ୍ୟକାନ୍ତବାବୁଙ୍କ ମନକୁ କରିଥିଲା କ୍ଷତ ବିକ୍ଷତ । ତାଙ୍କର ସୁନ୍ଦରପଣ ଓ କଟାକ୍ଷ ଚାହାଣି ପ୍ରତି ସେ ଯେତିକି ଆକର୍ଷିତ ହୋଇନଥିଲେ ତାଙ୍କ ଭାବନାରେ ସେ ଥିଲେ ସେତିକି ବିବ୍ରତ । ତାଙ୍କର ମନେ ହେଉଥିଲା ଯେ ସେ ସେହି ମହିଳାଙ୍କ ସହିତ କିଛି ଦିନ ଯେମିତି ବିତାଇଛନ୍ତି କିମ୍ବା କୌଣସି ଦୂର ସମ୍ପର୍କୀୟ ମଧ ହୋଇ ପାରନ୍ତି । ମହିଳାଜଣକ ବିଷୟରେ ସେ ଗଭୀର ଚିନ୍ତାରେ ହୋଇ ପଡ଼ିଲେ । କିଏ ସେହି ମହିଳା ? କେଉଁଠି ଦେଖିଛନ୍ତି ତାଙ୍କୁ ଏହା ପୂର୍ବରୁ ? କୌଣସି ଦୂର ଯାତ୍ରାରେ ସେ ତାଙ୍କ ସହିତ ସହଯାତ୍ରୀ ଥିଲେ କି ? ଏମିତି ଅନେକ ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ସ୍ମୃତି ଓ ବିସ୍ମୃତିର ଅତଳ ଗହ୍ୱର ମଧରେ ଯେମିତି ଉବୁଟୁବୁ ହେଉଥିଲେ ସେ । କୌଣସି ପ୍ରକାର ଖିଅ ଧରି ପହଞ୍ଚିପାରୁ ନଥିଲେ ତାଙ୍କ ସିଦ୍ଧାନ୍ତରେ ।

ସୂର୍ଯ୍ୟକାନ୍ତବାବୁ ଏହି ଚିନ୍ତାରେ ଦିନଟିଏ କାଟିଦେଲେ । ମହିଳାଙ୍କୁ ନେଇ ତାଙ୍କର ଭାବନା ରାଜ୍ୟରେ ଅସ୍ଥିର ହୋଇ ଉଠୁଥିଲେ ବେଳକୁ ବେଳ । ରାତିରେ ବି ଅନିଦ୍ରା ରହିଲେ ବହୁ ସମୟ ଯାଏ । କେତେବେଳକେ ଆଖିପତା ତାଙ୍କର ମୁଦିହୋଇ ଆସିଥିଲା ଜଣା ନଥିଲା ତାଙ୍କୁ । ସ୍ୱପ୍ନରେ ବି ସେ ଦେଖୁଥିଲେ ସେହି ମହିଳାଙ୍କୁ ଅତି ନିବିଡ଼ ଭାବେ ।

ପରଦିନ ଠିକ୍ ସମୟରେ ନିଜର ସମସ୍ତ ନିତ୍ୟକର୍ମ ଶେଷ କରି ପ୍ରାତଃ ଭ୍ରମଣରେ ବାହାରିଗଲେ ସୂର୍ଯ୍ୟକାନ୍ତବାବୁ । ଆଜି ପ୍ରାତଃ ଭ୍ରମଣ ପାଇଁ ଯେତିକି ବ୍ୟଗ୍ର ନଥିଲେ ତାଠାରୁ ଅଧିକ ପରିମାଣରେ ବ୍ୟଗ୍ର ହୋଇ ଉଠୁଥିଲେ ସେହି ନୀଳ ଶାଢ଼ି ପରିହିତା ମହିଳାଙ୍କୁ ଦର୍ଶନ କରିବା ଉଦ୍ଦେଶ୍ୟରେ । ଘରୁ ବାହାରି ରାସ୍ତା ଉପରେ ପାଦ ଦେଲା ପରେ ଚଞ୍ଚଳ ହୋଇ ଉଠୁଥିଲା ତାଙ୍କର ମନ ଆଉ ପ୍ରାଣ । କେତେବେଳେ ସେହି ମହିଳାଙ୍କ ଦର୍ଶନ ମିଳିବ । ପ୍ରାତଃ ଭ୍ରମଣକାରୀ ବନ୍ଧୁମାନଙ୍କର ଉପସ୍ଥିତି ଆଜି ଅନୁଭବ କରୁନଥିଲେ କିମ୍ବା ସେମାନଙ୍କ ସହ କଥା ହୋଇ ଚାଲିବାକୁ ସଂପୂର୍ଣ୍ଣ ଏଡାଇ ଯାଇଥିଲେ ଯେମିତି ସେ । ରାସ୍ତା ଉପରେ ଚାଲୁଥିଲେ ସେ ଏକା ଏକା ।

ରାସ୍ତାର ସାମ୍ନାପଟକୁ ଚାହିଁବା ସହିତ ତାଙ୍କ ନଜର ମଧ ଖେଳୁଥିଲା ରାସ୍ତାର ଉଭୟ ପାର୍ଶ୍ୱକୁ, ବେଳେବେଳେ ପଛକୁ ଫେରି ଚାହିଁବାକୁ ଭୁଲୁ ନଥିଲେ ସେ । ମନରେ ତାଙ୍କର ଅସୁମାରୀ ଉତ୍ସାହ ଓ ଉଦ୍‌ବେଗ । ତାଙ୍କର ମନେ ହେଉଥିଲା ଆଜି ନିଶ୍ଚୟ ସେହି ମହିଳାଙ୍କ ସହିତ ତାଙ୍କର ସାକ୍ଷାତ

ହେବ । ସାକ୍ଷାତ ଘଟିବା ଅବସରରେ ସେ ତାଙ୍କୁ କଣ କହିବେ ଅବା ତାଙ୍କ ସହିତ କି କି କଥା ହେବେ ସେହି ବିଷୟରେ ସେ ଭାବି ହେଉଥିଲେ ମନେ ମନେ । ତାଙ୍କ ଦେଖିଲେ ସେ ପ୍ରଥମେ ନିଜ ତରଫରୁ କଥା ହେବେ ଯେ କେମିତି ସେ ଚିହ୍ନା ଚିହ୍ନା ଲାଗୁଛନ୍ତି ସେମିତି ଆଗରୁ ବହୁତ ପରିଚିତା । ଏକଥା ତାଙ୍କୁ ମଧ୍ୟ କହିଲେ ଯେ ତାଙ୍କୁ ଦେଖିବା ପରଠୁ କେମିତି ସେ ସୂର୍ଯ୍ୟକାନ୍ତବାବୁଙ୍କ ମନ ଭିତରେ ବସା ବାନ୍ଧି ସାରିଛନ୍ତି ଏଇ ଅଳ୍ପ ସମୟର ଦେଖା ଭିତରେ ।

ଏମିତି କେତେ କଣ ମନ ଭିତରେ ଭାବି ସାଇତି ରଖିଥାନ୍ତି ସେହି ମହିଳାଙ୍କ ପାଇଁ । ଏମିତି ଭାବନା ରାଜ୍ୟରେ ଘୂରି ବୁଲୁଥିବା ବେଳେ ସୂର୍ଯ୍ୟକାନ୍ତବାବୁ ଆସି ପହଞ୍ଚିଗଲେ ତାଙ୍କ ଲକ୍ଷ୍ୟସ୍ଥଳରେ । ହେଲେ ସେହି ପୂର୍ବୋକ୍ତ ମହିଳା କାହାନ୍ତି ? ଘରଠାରୁ ଅଢ଼େଇ କିଲୋମିଟର ରାସ୍ତା ଚାଲିବା ଆଜି ବୃଥା ଗଲା । ଏବେ ମନ ଭିତରେ ନିରାଶାର ରାଜୁତି ।

ନିଜର ଦୃଷ୍ଟିଶକ୍ତି ଉପରେ ସନ୍ଦେହ ଆସିଲା ଏଥର । ବୟସ ବଢ଼ିଛି । ଦୃଷ୍ଟିର ଭ୍ରମ ହୋଇଥା ପାରେ । ବାଟରେ ଚାଲୁ ଚାଲୁ କେଉଁଠି ସେ ତାଙ୍କ ଦୃଷ୍ଟିକୁ ଏଡାଇ ଯାଇ ନିଜକୁ ଆତ୍ମଗୋପନ କରି ନାହାନ୍ତି ତ । ଭଲ କରି ମନେ ପକେଇଲେ ଅତିକ୍ରମି ଥିବା ରାସ୍ତାର ଉଭୟ ପାର୍ଶ୍ୱର ସମସ୍ତ ଦୃଶ୍ୟାବଳୀକୁ । ନା କେଉଁଠି ସେହି ମହିଳାଙ୍କୁ ସେ ଦେଖି ନାହାନ୍ତି । ଏମିତି କି ଆଜି ସକାଳୁ ସକାଳୁ କୌଣସି ମହିଳା ତାଙ୍କର ଦୃଷ୍ଟିଗୋଚର ହୋଇ ନାହାନ୍ତି ବି ।

ସୂର୍ଯ୍ୟକାନ୍ତବାବୁଙ୍କ ଗନ୍ତବ୍ୟ ସ୍ଥଳରେ ଶେଷ ମୁଣ୍ଡକୁ ଆଠ ଦଶଟି ଦୋକାନ । ସେଗୁଡ଼ିକ ମଧ୍ୟରୁ ଫଳ ଦୋକାନ ଦୁଇଯି, ତେଜରାତି ଦୋକାନ ଗୋଟିଏ ଟେଲର ଦୋକାନ ଗୋଟିଏ ଫଟୋ ବାଇଣ୍ଡିଂ ଦୋକାନ ଗୋଟିଏ ଫଟୋ ଷ୍ଟୁଡ଼ିଓ ଗୋଟିଏ ଓ ଅନ୍ୟ ଗୁଡ଼ିକ ଜଳଖିଆ ବା ଚା' ଦୋକାନ । ଚାରିଦିଗରୁ ଚାରିଟି ରାସ୍ତା ଆସି ମିଶିଛି ସେଠାରେ । ଗୋଟିଏ ଚଉମୁହାଣି ଛକ ଜାଗା ସେଇଟା । ଉତ୍ତର ଦକ୍ଷିଣ ହୋଇ ପଡ଼ିଥିବା ରାସ୍ତା ଦୁଇକୁ ବାଦ ଦେଲେ ପୂର୍ବ ପଶ୍ଚିମ ହୋଇ ପଡ଼ିଥିବା ରାସ୍ତା ଦୁଇଟା ଆଗେ ପାଦଚଲା ମାଟିର ରାସ୍ତା ଥିଲା । ଏଇ କେଇ ବର୍ଷ ହେବ ସେଇ ରାସ୍ତା ସବୁ ମରାମତି ହୋଇ ପିଚୁ ସଡକରେ ପରିଣତି ହୋଇ ଯାଇଛି । ଦୁଇ ବର୍ଷ ହେବ ଏହି ସଡକରେ ବସ୍ ଦୁଇଟା ଯିବା ଆସିବା କରୁଛି । ସେଥିପାଇଁ ଛକଠାରୁ ଆଗକୁ ଆଗକୁ ଚାରି ରାସ୍ତା କଡ଼ରେ କେତେଟା ଦୋକାନ ଘର ନୂଆ କରି ନିର୍ମାଣ ଚାଲିଛି । ଛକଟାର କ୍ରମଶଃ ବିସ୍ତାର ଘଟୁଛି ଏବେ ।

ଛକ ଉପରେ ଠିଆ ହେଲେ ସୂର୍ଯ୍ୟକାନ୍ତବାବୁ । ଏହି ଛକଟାହିଁ ତାଙ୍କର ଲକ୍ଷ୍ୟ ସ୍ଥଳ । ଏଇଠି ପହଞ୍ଚି ପୁଣି ଫେରି ଯିବେ ତାଙ୍କ ଘରକୁ । କିନ୍ତୁ ସକାଳର ଯେଉଁ ଉତ୍କଣ୍ଠା ତାଙ୍କ ମନ ମଧ୍ୟରେ ଜାଗରିତ ହୋଇଥିଲା ତାହା ଏବେବି ଅସ୍ଥିର କରି ପକାଉଅଛି ତାଙ୍କୁ । ମନରେ ଗୋଟିଏ ବଡ଼ ଆଶା କରିଥିଲେ ସେହି ମହିଳାଙ୍କ ସହିତ ଦେଖା ସାକ୍ଷାତ ହେବ ଓ ତାଙ୍କ ସହିତ କଥୋପକଥନରେ ଭାଗ ନେବେ ବୋଲି । ମାତ୍ର ସେମିତି କିଛି ବି ହେଲା ନାହିଁ । ଏପରିକି ସେହି ମହିଳାଙ୍କ ସହିତ ଦେଖା ହୋଇ ପାରିଲା ନାହିଁ । ମନଟା ବି ହୋଇ ଉଠିଲା ତାଙ୍କର ।

ଶକ୍ତିହୀନ ମଣିଲେ ନିଜକୁ । ସମଗ୍ର ଶରୀର କାଷ୍ଠତୁଲ୍ୟ ବୋଧ ହେଲା ତାଙ୍କୁ । ମନ ଓ ଶରୀର ଲୋଡୁଥିଲେ ଟିକେ ବିଶ୍ରାମ ନେବାକୁ । ଏପଟ ସେପଟକୁ ଚାହିଁଲେ ବାରମ୍ବାର । ନା, ଏଇଠି ଏହି ମୁହୂର୍ତ୍ତରେ ତାଙ୍କର ବିଶ୍ରାମ ନେବା ଦରକାର । ଛକ ଉପରୁ ଦକ୍ଷିଣ ଦିଗକୁ ବୁଲି ଆଗକୁ ଚାଲିଲେ । ଦୁଇ ତିନିଟି ଜଳଖିଆ ଦୋକାନ ଟପି ପହଞ୍ଚିଲେ ଶେଷ ଆଡ଼କୁ ଥିବା ଚା' ଦୋକାନରେ । ଚା' ଦୋକାନ ବାହାରେ ବେଞ୍ଚଟାଏ ପଡ଼ିଛି । ସେଇ ବେଞ୍ଚ ଉପରେ ଥକ୍କା ମାରି ବସି ପଡ଼ିଲେ ସୂର୍ଯ୍ୟକାନ୍ତବାବୁ । ଚାହିଁଲେ ଆଗକୁ ପଛକୁ, ବାମକୁ ପୁଣି ଦକ୍ଷିଣକୁ । ଶେଷକୁ ତାଙ୍କର ନଜର କେନ୍ଦ୍ରୀଭୂତ ହେଲା ଚା' ଦୋକାନୀ ଉପରେ ।

ଆଜି କେମିତି ଆପଣଙ୍କ ପାଦ ପଡ଼ିଲା ମୋ ଚା' ଦୋକାନରେ । ଆପଣ ମୋ ଦୋକାନକୁ ତ କେବେ ଆସନ୍ତିନି । ସେଇ ଛକରୁ ଆପଣ ଆପଣମାନଙ୍କ ସାଙ୍ଗ ସହ ଫେରିଯାନ୍ତି । ଆଜି ମୋର ଭାଗ୍ୟ । ଚା' ପିଇବେ ଆଜ୍ଞା ? ଚା' ଦୋକାନୀ ପଚାରିଲା ।

ଆଜି ତମ ହାତରୁ ଚା' ପିଇବାର ଅଛି । ଭଲ ଚା' କପ୍‌ଟିଏ ବନାଅ । ଦୋକାନୀକୁ ଅର୍ଡର ଦେଲା ଭଳି କହିଲେ ସୂର୍ଯ୍ୟକାନ୍ତବାବୁ ।

ଚା' ଦୋକାନୀ ଗଣେଶ ଏଥ ସସ୍‌ପେନ୍‌ରେ କ୍ଷୀର ଢାଳି ବାଁ ହାତରେ ଗ୍ୟାସ ଚୁଲାରେ ନିଆଁ ଧରାଇଲା । ଅନଉ ଅନଉ ସେଁ ସେଁ ହୋଇ କ୍ଷୀର ଫୁଟି ଉଠିଲା । ଏଇ ସେଁ ସେଁ ଶବ୍ଦ ସହିତ ତାଳ ଦେଇ ସୂର୍ଯ୍ୟକାନ୍ତବାବୁଙ୍କ ମନ ଭିତରେ ଚେଇଁ ଉଠୁଥିଲା ସେଇ ଅପରିଚିତା ମହିଳାଙ୍କର ଅସ୍ପଷ୍ଟ ମୁଖମଣ୍ଡଳର ଏକ ଝାପ୍‌ସା ପ୍ରତିଛବି । ମନ ଭିତରେ ନିରେଖି ଦେଖୁଥିଲେ ତାଙ୍କୁ । ହଠାତ୍ ଗଣେଶର ଡାକରେ ଫେରି ଆସିଲେ ସେ ତାଙ୍କର ଭାବନା ରାଜ୍ୟରୁ । ଦେଖିଲେ ତାଙ୍କ ଉଦ୍ଦେଶ୍ୟରେ ଚା'କପ୍‌ଟେ ଧରି ବଢ଼େଇ ଦେଉଛି ଗଣେଶ ।

ହାତ ବଢ଼େଇ ଚା' କପ୍ ଆଣି ପ୍ରଥମ ଢୋକ ନେଇଛନ୍ତିତ ଗଣେଶ କହିଲା, ଜାଣିଲେ ସାର୍, ମୋ ଦୋକାନ ଆଗେ ସେମିତି ଚାଲୁ ନଥିଲା । ଏଇ ବସ୍ ଦି'ଟା ଚଳାଚଳ କରିବା ପରଠୁ ଲୋକମାନେ ବସ୍‌ରେ ଯିବା ଆସିବା ସମୟରେ ଏଇଠି ଟିକେ ବିଶ୍ରାମ ନିଅନ୍ତି । ସେଥି ଯୋଗୁଁ ଯାହା ଦି' ପଇସା ହେଉଛି । ଚା' ପିଉ ପିଉ ମୁଣ୍ଡ ହଲେଇ ତା କଥାକୁ ସମର୍ଥନ ଜଣେଇଲେ ସୂର୍ଯ୍ୟକାନ୍ତବାବୁ ।

ପୁରି ଗଣେଶ କହିଲା, ଜାଣିଲେ ସାର୍, ଆଉ ଘଣ୍ଟାକୁ ଆଠଟା ବେଳକୁ ଗୋଟାଏ ବସ୍ ଆସିବ । ତା ଲାଗି ବସ୍ ଯାତ୍ରୀମାନେ ଆସି ଯିବେ ତ ବସ୍‌ରୁ କିଛି ଯାତ୍ରୀ ବି ଓହ୍ଲାଇବେ । ବସନ୍ତୁ ସାର୍, ସେମାନଙ୍କ ସହିତ ଆପଣ ସାଙ୍ଗ ହୋଇ ଆପଣ ପୁଣି ଘରକୁ ଫେରିଯିବେ । ଗଣେଶ ତା ଚିନ୍ତାଧାରାରେ ଏତକ କହି ତା ନିଜ କାମରେ ଲାଗିଗଲା । ଚା' କପ୍‌ରୁ ଶେଷ ଢୋକକ ଗଳସ୍ଥ କରି ଗଣେଶ ହାତକୁ କପ୍‌ଟା ବଢ଼ାଇ ଦେଲେ ସୂର୍ଯ୍ୟକାନ୍ତବାବୁ । ଉଠିବାକୁ ଇଚ୍ଛା ହେଉନଥିଲା ତାଙ୍କର । ଉଠୁ ଉଠୁ ପୁଣି ବସି ପଡ଼ିଲେ ସେ । ଅପେକ୍ଷା ରହିଲା ଏଥର ବସ୍ ଆସିବାକୁ ।

ବେଳ ଗଡୁଥିଲା । ସକାଳର କଅଁଳ ସୂର୍ଯ୍ୟ କିରଣ ଧୀରେ ଧୀରେ ଟାଣ ହେଉଥିଲା । ଠିକ୍ ଆଠଟା ବେଳକୁ ବସ୍ ଆସି ସେଇ ଛକରେ ପହଞ୍ଚିଲା ।

ବସ୍‌ରେ ଆସିଥିବା ଯାତ୍ରୀମାନେ ଜଣକ ପରେ ଜଣେ ବସ୍‌ରୁ ଅବତରଣ କଲେ । ବସ୍‌ରୁ ଶେଷ ଯାତ୍ରୀ ଭାବେ ଅବତରଣ କଲେ ଜଣେ ସୁନ୍ଦରୀ ମହିଳା । ହାତରେ ଗୋଟିଏ ଲଗେଜ୍ ଧରି ସେ ଏପଟ ସେପଟ ଚାହିଁ ଚାହିଁ ଆଗେଇ ଆସିଲେ ସେଇ ଚା' ଦୋକାନ ଆଡ଼େ । ଦୋକାନ ପାଖରେ ପହଞ୍ଚି ପହଞ୍ଚି ତାଙ୍କୁ ଦେଖି ଚମକି ପଡ଼ିଲେ ସୂର୍ଯ୍ୟକାନ୍ତବାବୁ । ଏଇ ମହିଳାଙ୍କୁ ତ ସେ କାଲି ଦେଖିଥିଲେ ରାସ୍ତାରେ । ସେ ଭ୍ରମରେ ପଡ଼ିଯାଇ ନାହାନ୍ତି ତ !

ଚଷମା ଖୋଲି ଦୁଇ ଆଖକୁ ପୋଛି ନେଲେ ପକେଟରୁ ରୁମାଲ କାଢ଼ି । ପୁନର୍ବାର ଚଷମା ପିନ୍ଧି ଚାହିଁଲେ । ନା ଏ ସେଇ ମହିଳା ଯାହାଙ୍କୁ ଦେଖିଥିଲେ କାଲି । ଆଜି ସେ ସବୁଜ ରଙ୍ଗର ଶାଢ଼ି ପରିଧାନ କରିଥିଲେ ବି ସେ ତାଙ୍କୁ ଭଲ ଭାବରେ ଚିହ୍ନି ପାରୁଛନ୍ତି । ଏଇ ମହିଳା ହିଁ କାଲି ନୀଳ ରଙ୍ଗର ଶାଢ଼ିରେ ଦେଖା ହୋଇଥିଲେ ତାଙ୍କୁ ।

ଏମିତି ଭାବନା ଭିତରେ ସୂର୍ଯ୍ୟକାନ୍ତବାବୁ ପୁଣି ଟିକେ ଶଙ୍କିଗଲେ । ଗତକାଲି ସେ ଯେଉଁ ମହିଳାଙ୍କୁ ଦେଖିଥିଲେ ତାଙ୍କ ପରି ଦେଖାଯାଉଥିଲେ ହେଁ ସେ ଯେ ସେହି ମହିଳା ବୋଲି କେମିତି ବା ଜାଣିବେ । ଏ କଥା ସେ କଣ ପଚାରି ପାରିବେ ତାଙ୍କୁ । ମନ ଓ ବିବେକ ମଧ୍ୟରେ ଦ୍ୱନ୍ଦ୍ୱର ସୂତ୍ରପାତ ଘଟିଲା । ପଚାରିବେ କି ପଚାରିବେ ନାହିଁ ଭାବି ହେଉଥିଲା ବେଳେ ସେହି ମହିଳା ଆସି ପହଞ୍ଚିଗଲେ ତାଙ୍କ ନିକଟରେ ।

ସୂର୍ଯ୍ୟକାନ୍ତବାବୁ ତାଙ୍କୁ ମୁହଁ ଟେକି ଚାହିଁଲା ବେଳକୁ ମହିଳା ଜଣକ ସହାସ୍ୟ ବଦନରେ ଦୁଇ ହାତ ଯୋଡ଼ି କହିଲେ, ନମସ୍କାର ସାର୍ । ଆପଣ ମତେ ଚିହ୍ନି ପାରୁଛନ୍ତି ତ ? ମୁଁ ବନଶ୍ରୀ, ବନଶ୍ରୀ ମହାନ୍ତି । ଆପଣ ଏଠାରେ ଏମିତି ବସିଛନ୍ତି ? ଆପଣ ଏବେ କୋଉଠି ରହୁଛନ୍ତି କି ? ଭୁବନେଶ୍ୱର କଣ ଛାଡ଼ିଦେଲେଣି କି ଏହା ଭିତରେ ?

ମହିଳାଙ୍କର ଏତେ ଗୁଡ଼ାଏ ପ୍ରଶ୍ନରେ ମନେ ମନେ ଆମୋଦିତ ହେଲେ ସୂର୍ଯ୍ୟକାନ୍ତବାବୁ । ବନଶ୍ରୀଙ୍କ ଏମିତି ଅଚାନକ ଆବିର୍ଭାବ ତାଙ୍କୁ ଚକିତ କରିଦେଲା । ବନଶ୍ରୀଙ୍କର ସମସ୍ତ ପ୍ରଶ୍ନର ସରଳ ଉତ୍ତରଟିଏ ଦେଲେ ସେ । ହଁ, ମୁଁ ଏବେ ଗାଆଁରେ ରହୁଛି । ଏଇଠୁ ପ୍ରାୟ ଅଢ଼େଇ କିଲୋମିଟର ଦୂର ହେବ ଆମର ସେ ଗାଆଁ, ଉଦୟପୁର । ଉଦୟପୁର ଗାଆଁଟେ ହେଲେ ବି ଆଉ ଗାଆଁ ହୋଇ ରହିନାହିଁ । ଛୋଟ ସହରରେ ପରିଣତ ହେଇ ଯାଇଛି । ହେଲେ ତମେ ଏଠି, ଏମିତି ଅଚାନକ ?

ସାର୍, ମୋର ବଦଳି ହୋଇଛି ଏଇ ଉଦୟପୁର ତହସିଲକୁ ଆଡ଼ିସନାଲ ତହସିଲଦାର ଭାବରେ । ଚାକିରି ଆଉ ମୋଟେ ଦୁଇବର୍ଷ । ଗଲାକାଲି ଆସିଥିଲି ଜଏନ୍ କରିବାକୁ । ତହସିଲଟା ଭଲ ବୋଲି ମୁଁ ହୃଦୟଙ୍ଗମ କଲି । ଆଉ ସାର୍, ଆପଣଙ୍କ କଥା କୁହନ୍ତୁ । ଛଅ ବର୍ଷ ପରେ ମୁଁ ଆଜି ଆପଣଙ୍କୁ ଦେଖିଲି । ଆପଣ କେମିତି ଅଛନ୍ତି ?

ବନଶ୍ରୀ ନାମ୍ନୀ ମହିଳାଙ୍କୁ ଉତ୍ତର ଦେବା ଅବସରରେ ମନେ ପଡ଼ିଗଲା ଦଶବର୍ଷ ତଳର କଥା । ରାଜ୍ୟ ସଚିବାଳୟରେ ସେତେବେଳେ ସେ ସ୍ୱାସ୍ଥ୍ୟ ବିଭାଗରେ ସେକ୍‌ସନ ଅଫିସର ଥିଲେ । ଏଇ ବନଶ୍ରୀ ମହାନ୍ତି ଗୃହ ବିଭାଗରୁ ବଦଳି ହୋଇ ତାଙ୍କ ବିଭାଗକୁ ଆସିଥିଲେ । ଭଲକରି ଫାଇଲ୍ କାମ ଜାଣି ନଥିଲେ ସେ । ପ୍ରତ୍ୟେକ କାମରେ ସେ ତାଙ୍କର ପରାମର୍ଶ ନେଉଥିଲେ । କହିବାକୁ ଗଲେ ସେ ବନଶ୍ରୀଙ୍କର ହାତଧରି ଲେଖିଦେଲା ଭଳି ତାଙ୍କୁ ନୋଟିଂ ଡ୍ରାଫ୍ଟିଂ ସବୁ ଶିଖାଇଥିଲେ ।

ଗୋଟିଏ କଥା ଏବେ ତାଙ୍କର ଭଲ ଭାବରେ ମନେ ଅଛି ଯେ ଥରେ କୋରାପୁଟରେ ବିଷାକ୍ତ ଛତୁ ଖାଇ କୋଡ଼ିଏ ଜଣ ଲୋକ ଅସୁସ୍ଥ ହୋଇପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଚାରିଜଣଙ୍କର ମୃତ୍ୟୁ ହୋଇଥିଲା ମଧ୍ୟ । ସେଇ ଘଟଣାରେ ବିଧାନସଭାରେ ଝଡ଼ ଉଠିଥିଲା ଓ ବିରୋଧୀମାନଙ୍କର ବାରମ୍ବାର ପ୍ରଶ୍ନ ଉଠିଥିଲା ଏପରି ଏକ ସମ୍ବେଦନଶୀଳ ଘଟଣାକୁ ନେଇ । ବିଧାନସଭାରେ ଏହିସବୁ ପ୍ରଶ୍ନର ଉତ୍ତର ରଖିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ହଟହଟା ହେବାକୁ ପଡ଼ିଥିଲା । ଏଇ ବନଶ୍ରୀ ସେହି ପ୍ରଶ୍ନ ଗୁଡ଼ିକର ଉତ୍ତର ପ୍ରସ୍ତୁତ କରିଥିଲେ । ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାପ ପଡ଼ିଥଲା ଉପରୁ । ସେତେବେଳେ ସେ ହିଁ ତାଙ୍କର ରକ୍ଷା କବଚ ସାଜି ବନଶ୍ରୀଙ୍କୁ ବଞ୍ଚାଇବାକୁ ବହୁତ କସରତ୍ କରିଥିଲେ । ଫଳ ସ୍ୱରୂପ ମନଶ୍ରୀ ମନ୍ତ୍ରୀଙ୍କ ରୋଷରୁ ବର୍ତ୍ତିଯାଇଥିଲେ ।

ଯା ପରଠୁ ବନଶ୍ରୀ ସୂର୍ଯ୍ୟକାନ୍ତବାବୁଙ୍କର ବଶମ୍ବଦ ପାଲଟି ଯାଇଥିଲେ । ସେ ଯାହା କହୁଥିଲେ ସେ ସବୁ ପାଳନ କରୁଥିଲେ ବନଶ୍ରୀ ବିନୀତ ଭାବରେ । କିଛିଦିନ ପରେ ପୁଣି ତାଙ୍କର ଅଣ୍ଡର ସେକ୍ରେଟାରୀ ଭାବେ ହୋଇଥିଲା ପ୍ରମୋଶନ ଓ ସେହି ବିଭାଗରେ ହୋଇଥିଲେ ଅବସ୍ଥାପିତ । ସେତେବେଳକୁ ବନଲକ୍ଷ୍ମୀ ହୋଇଯାଇଥିଲେ ଖୁବ୍ ନିକଟତର । ସେ ହିଁ ବୁଝୁଥିଲେ ତାଙ୍କର ସବୁ କାମ । ଏପରିକି ଅନେକ ବ୍ୟକ୍ତିଗତ କାର୍ଯ୍ୟରେ ବି ବନଶ୍ରୀଙ୍କର ଥିଲା ଅବାଧ ପ୍ରବେଶ । ସେହି ସବୁ କ୍ଷେତ୍ରରେ ବନଶ୍ରୀଙ୍କୁ ବାରଣ କରିବା ପରିବର୍ତ୍ତେ ଅଧିକ ପ୍ରଶ୍ରୟ ମଧ୍ୟ ଦେଇଥିଲେ । ଏହା ଫଳରେ ବନଶ୍ରୀ ତାଙ୍କ ନିଜର ପରିସୀମା ଠାରୁ ଭୋଗ କରୁଥିଲେ ଅଧିକ କ୍ଷମତା ଓ ସୁଯୋଗ ।

ଅବସର ଗ୍ରହଣର ପୂର୍ବ ବର୍ଷ ସୂର୍ଯ୍ୟକାନ୍ତବାବୁଙ୍କର ପ୍ରମୋଶନ ହୋଇଥିଲା ଜଏଣ୍ଟ ସେକ୍ରେଟାରୀ ପଦବୀକୁ । ସେତେବେଳେ ବନଶ୍ରୀ ମଧ୍ୟ ଅଧିକ ସୁଯୋଗ ଓ କ୍ଷମତା ଲାଭ କରିବାରେ ପଶ୍ଚାତପଦ ହୋଇ ନଥିଲେ । ଜଏଣ୍ଟ ସେକ୍ରେଟାରୀ ସୂର୍ଯ୍ୟକାନ୍ତବାବୁ ଓ ବନଶ୍ରୀଙ୍କୁ ନେଇ ସାରା ବିଭାଗରେ ସୃଷ୍ଟି ହୋଇଥିଲା ଚାପା ଗୁଞ୍ଜରଣ ଓ ଚା'ଖଟିରେ ଚର୍ଚ୍ଚା । ଏତେ ସବୁ ଭିତରେ କେହି ସମ୍ମୁଖ ଭାଗକୁ ଆସିବାରେ ସାହସ ଜୁଟାଇ ପାରି ନଥିଲେ ।

ଏହାର ବର୍ଷକ ପରେ ବନଶ୍ରୀ ଅନ୍ୟ ବିଭାଗକୁ ବଦଳି ହୋଇଯାଇଥିଲେ ଏବଂ ସୂର୍ଯ୍ୟକାନ୍ତବାବୁ ଅବସର ଗ୍ରହଣ କରିଥିଲେ । ଭୁବନେଶ୍ୱର ଫ୍ଲଟ କିଣି ଘର କରିଥିଲେ ହେଁ ସହରର କୋଳାହଳମୟ ଜୀବନ ତାଙ୍କୁ ଭଲ ଲାଗି ନଥିଲା । ସେଥିପାଇଁ ସେ ଆସି ରହୁଛନ୍ତି ନିଜ ଗାଆଁରେ ।

ସାର୍, ଆପଣ ଏବେ କୁଆଡ଼େ ଯିବେ ନା ଘରକୁ ଫେରିବେ ?

ବନଶ୍ରୀଙ୍କର ପ୍ରଶ୍ନରେ ପ୍ରକୃତିସ୍ଥ ହେଲେ ସୂର୍ଯ୍ୟକାନ୍ତବାବୁ । ଅପ୍ରସ୍ତୁତ ଭାବରେ ଉତ୍ତର ଦେଲେ - ନାହିଁ, ମୁଁ ଏବେ ଘରକୁ ଫେରିବି । ଚାଲ ସାଙ୍ଗ ହୋଇ ଗାଆଁ ଆଡ଼େ ଯିବା ।

ବନଶ୍ରୀ ଏବେ ପଦସ୍ଥ ଅଧିକାରୀ । ପାଦରେ ଚାଲି ଚାଲି ଯିବାଟା

ଶୋଭା ପାଇବ ନାହିଁ । ସେ ତାଙ୍କ ଡ୍ରାଇଭରକୁ ଫୋନ କଲେ କାର୍ ଆଣିବାକୁ । ଅଳ୍ପ ସମୟପରେ ଡ୍ରାଇଭର କାର୍ ନେଇ ଆସିଲା । ଉଭୟେ କାର୍‌ରେ ବସି ମୁହାଁଇଲେ ଉଦୟପୁର ଆଡ଼େ ।

ଘରେ ପହଞ୍ଚିଲା ପରେ ସୂର୍ଯ୍ୟକାନ୍ତବାବୁ ନିଜେ ବନଶ୍ରୀଙ୍କୁ ନେଇ ତାଙ୍କ ଘରର ସବୁ ରୁମ୍ ଗୋଟି ଗୋଟି କରି, ଡ୍ରଇଂ ରୁମ୍, ଲାଇବ୍ରେରୀ, କିଚେନ୍ ଓ ବାଥରୁମ୍ ଇତ୍ୟାଦି । ଉପର ମହଲାରେ ଫ୍ରେଶ୍ ହେବାକୁ କହି ତଳକୁ ଯାଇ ଡ୍ରଇଂରୁମ୍‌ରେ ବସିଲେ ସୂର୍ଯ୍ୟକାନ୍ତବାବୁ । ଖୁବ୍ ପ୍ରସନ୍ନ ଦେଖାଯାଉଥିଲେ ସେ ଏବେ । ଦୁଇଦିନ ଧରି ଯେଉଁ କଥାଟି ତାଙ୍କୁ ଆଚ୍ଛନ୍ନ କରି ରଖିଥିଲା ତାହା ଆଜି ତାଙ୍କ ମୁଣ୍ଡରୁ ଉତ୍ତୁରିଗଲା । ଖୁବ୍ ଶାନ୍ତ ଜଣା ପଡୁଥିଲେ ସେ । ଅପରିଚିତା ମହିଳା ବୋଲି ସେ ଯାହାକୁ ଭାବିଥିଲେ ଓ ଯାହା ପାଇଁ ଦୁଇଦିନ ହେଲା ବିନିଦ୍ର ରଜନୀ ବିତାଇଛନ୍ତି ସେ ସ୍ୱୟଂ ଆସି ତାଙ୍କ ଘରେ ।

ଦିନେ ସେ ଥିଲେ ତାଙ୍କ ସ୍ୱପ୍ନର ନାୟିକା ଆଜି ସେ ନିଜେ ଆସି ତାଙ୍କ ପାଖରେ । ହେଲେ ଏଇ ଅତିକ୍ରାନ୍ତ ବୟସରେ କି ପଦକ୍ଷେପ ନେଇ ପାରିବେ ସେ । ବୋଧହୁଏ ନୂଆ କିଛି ଚିନ୍ତା କରିବା ଉଦ୍ଦେଶ୍ୟରେ ଆଖିବୁଜି ଚେୟାର ବାଡ଼ାରେ ମୁଣ୍ଡ ଥାପି ଦେଲେ ।

ଉପର ମହଲାରେ ବନଶ୍ରୀ ଫ୍ରେଶ୍ ହୋଇ ବାଥରୁମ୍‌ରୁ ବାହାରି ଦେଖୁଥିଲେ ବୁଲି ବୁଲି ସବୁ ରୁମ୍ ଗୁଡ଼ାକୁ । ଡର୍ମିଟୋରିରେ କିଛି ସମୟ ପଦଚାରଣ କରି ଶେଷକୁ ଆସିଲେ ଲାଇବ୍ରେରୀ ରୁମ୍‌କୁ । ରୁମ୍ ତ ନୁହେଁ ଗୋଟାଏ ହଲ । ଚାରିପାଖରେ ଥାକ ଥାକ ହୋି ବହିଗୁଡ଼ାକ ସଜା ହୋଇ ରହିଛି ସେଲ୍‌ଫରେ ଯତ୍ନ ସହକାରେ । ସୂର୍ଯ୍ୟକାନ୍ତବାବୁ ଜଣେ ଭଲ ପ୍ରଶାସକ ବୋଲି ସେ ଜାଣିଥିଲେ ପୂର୍ବରୁ । ସେ ଯେ ଜଣେ ଭଲ ପାଠକ ଓ ସଂଗ୍ରାହକ ଏବେ ସେ ଜାଣିବାକୁ ପାଇଲେ ।

ମନ ଭିତରେ କୌତୂହଳ ବଢ଼ିବା ସହିତ ଏକ ଅପୂର୍ବ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠୁଥିଲେ ସେ । ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାର ବିଭିନ୍ନ ପୁସ୍ତକରେ ପୁରି ଉଠିଛି ସେଲ୍‌ଫ ଗୁଡ଼ିକ । ପ୍ରତି ଥାକରୁ ଖଣ୍ଡେ ଖଣ୍ଡେ ଆଣି ଖେଳାଉଥାନ୍ତି ଓ ସେଗୁଡ଼ିକୁ ଯଥା ସ୍ଥାନରେ ରଖିଦେଉଥାନ୍ତି । ଲାଇବ୍ରେରୀର ମଧ୍ୟସ୍ଥଳରେ ବଡ଼ ଟେବୁଲ ଓ ତା ଚାରିପାଖରେ କେତୋଟି ଚେୟାର । ଟେବୁଲ ଉପରେ ନୂଆ ପୁରୁଣା କେତେକ ଡାଏରୀ ରହିଛି । କୌତୁହଳବଶତଃ ଗୋଟାଏ ଡାଏରୀ ଟାଣିଆଣି ଖେଳାଉ ଖେଳାଉ ରଙ୍ଗିନ ଲଫାପାଟିଏ ଖସି ପଡ଼ିଲା ତା ମଧ୍ୟରୁ । ମୁଦା ହୋଇ ନଥିବା ଲଫାପାଟିକୁ ତଳୁ ଉଠାଇ ନେଇ ଦେଖିଲେ ସେଥିରେ ରହିଛି ଫଟୋଟିଏ ଆଉ ଚାରିଭାଙ୍ଗ ହୋଇ କାଗଜ ଖଣ୍ଡେ ।

ଫଟୋଟିକୁ ଦେଖିବାକ୍ଷଣି ଶିହରଣ ଖେଳିଗଲା ଆପାଦ ମସ୍ତକ । ଚମକି ପଡ଼ିଲେ ସେ । ସର୍‌ଙ୍କର ଡାଏରୀ ଭିତରେ ବନଶ୍ରୀଙ୍କର ଫଟୋ ଆଗ୍ରହର ଅତିଶଯ୍ୟରେ ତରତର ହୋଇ ଖୋଲି ପକାଇଲେ ଚାରି ଭାଙ୍ଗର କାଗଜଖଣ୍ଡିକୁ । ସେଇଟା ଗୋଟାଏ ସାଧାରଣ କାଗଜ ନଥିଲା, ଥିଲା ଚିଠିଟିଏ ତାଙ୍କରି ଉଦ୍ଦେଶ୍ୟରେ । ବହୁଦିନ ତଳର ଚିଠି । ସ୍ୱାସ୍ଥ୍ୟ ବିଭାଗରେ ଥିବା ସମୟର, ଚିଠିଟାକୁ ଥରଥର କରି ଚାରିଥର ପଢ଼ି ସାରିଲେଣି । ଯେତେ ଯେତେ ପଢୁଛନ୍ତି ମନ ଓ ପ୍ରାଣରେ ଅପୂର୍ବ ରୋମାଞ୍ଚ ଓ ଉଦ୍ଦିପନା ସେତେ ଜାଗି ଉଠୁଛି । "ତାହେଲେ ସୂର୍ଯ୍ୟକାନ୍ତ ସାର୍ ଭଲ ପାଉଥିଲେ ମତେ । ସେତେବେଳେ ସେ ମତେ ଖୋଲି କହିଲେନି କାହିଁକି ?" ଅସ୍ପଷ୍ଟ ଭାବରେ ଏକତ ବାହାରି ଆସିଲା ବନଶ୍ରୀଙ୍କ ମୁହଁରୁ । ହୃଦୟ ଭିତରେ ଶୁଖି କ୍ଷୀଣ ହୋଇ ପଡ଼ିଥିବା ଭଲ ପାଇବାର ସ୍ରୋତସ୍ୱିନୀକି ଏବେ ସ୍ଫୀତ ହେବାକୁ ଲାଗିଲା ।

ବନଶ୍ରୀ ଜାଣିଥିଲେ ସୂର୍ଯ୍ୟକାନ୍ତ ସାର୍ ଥିଲେ ବିପତ୍ନୀକ । ବନଶ୍ରୀ ମଧ୍ୟ ବିବାହ କରି ନଥିଲେ । ପାରିବାରିକ କାରଣରୁ । ବୟସ ଗଡ଼ିଗଲା ପରେ ସେ ଆଉ ବିବାହ କରିବାକୁ ରାଜି ହେଲେ ନାହିଁ । ଆଜିଯାଏ ରହି ଯାଇଛନ୍ତି ସେ ଅବିବାହିତା । ହେଲେ ତାଙ୍କ ମନରେ ଯେ ମିଳନର କାମନା ନଥିଲା ତାହା ନୁହେଁ । ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଉଥିବା ସମାଜର ରୂପକୁ ତାଙ୍କର ଥିଲା ଖୁବ୍ ଭୟ । ଅବସ୍ଥାଚକ୍ରରେ ପଡ଼ି ସେ ଚାପି ରଖିଥିଲେ ଦେହର କ୍ଷୁଧାକୁ ଓ ମନରୁ ଉଦ୍ଦିପନାକୁ । ଅବଶ୍ୟ ସ୍ୱାସ୍ଥ୍ୟ ବିଭାଗରେ ଥିଲାବେଳେ ତାଙ୍କ ମନରେ କେମିତି ଏକ ଦୁର୍ବଳତା ଆସିଯାଇଥିଲା ସୂର୍ଯ୍ୟକାନ୍ତ ସାର୍‌ଙ୍କ ପ୍ରତି । ସେ ବି ତାଙ୍କର ଅତି ନିକଟତର ହୋଇ ମଧ୍ୟ କିଛି କହିପାରି ନଥିଲେ ତାଙ୍କୁ । ହେଲେ ତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏଇ ପୁରୁଣା ଚିଠି ଓ ଫଟୋ ଆଜି ତାଙ୍କୁ କେମିତି ଆନମନା କରି ଦେଉଛି ।

ମନ ଭିତରେ ସେ ଅନୁଭବ କରୁଥିଲେ ଏକ ନୂତନ ସ୍ପର୍ଶ ଓ ନୂତନ ଅନୁଭବ । ଚିଠି ଓ ଫଟୋ ଡାଏରୀ ଭିତରେ ରଖି ଡାଡରୀଟିକୁ ଚାପି ଧରିଲେ ବକ୍ଷରେ । ମନ ଓ ହୃଦୟରେ ନୂଆ ଉନ୍ମାଦନାର ଜୁଆର । ଆଖିବୁଜି ହୃଦୟରେ ଅନୁଭବ କରୁଥିଲେ ସୂର୍ଯ୍ୟକାନ୍ତବାବୁଙ୍କ ସାନ୍ନିଧ୍ୟ । ଭାବ ପ୍ରବଣତାରେ ତଲ୍ଲୀନ ହୋଇ ସ୍ୱଗତୋକ୍ତି କଲେ, ମୁଁ ନାରୀଟିଏ ବୋଲି ସିନା କିଛି ପ୍ରକାଶ କରି ପାରିଲିନି, ହେଲେ ଆପଣ ତ ପୁରୁଷ । ପୌରୁଷର ସାହସରେ ଆପଣ ଆପଣଙ୍କ ମନର କଥା ତ ମତେ କହିପାରିଥାନ୍ତେ ।

କେମିତି କହି ପାରିଥାନ୍ତି ତୁମକୁ । ବିବେକର ଡାକ ମତେ ବାରମ୍ବାର ପଛକୁ ଫେରାଇ ନେଉଥିଲା । ପ୍ରତି ପଦକ୍ଷେପରେ ମୋର ଗତିରୋଧ ହେଉଥିଲା । ସୂର୍ଯ୍ୟକାନ୍ତବାବୁଙ୍କ ଏଇ କଣ୍ଠସ୍ୱର ହଠାତ୍ ଚମକାଇଦେଲା ବନଶ୍ରୀଙ୍କୁ । ସେ ବୁଲିପଡ଼ିଲେ ପଛକୁ । ପଛରେ ଠିଆ ହୋଇଥିଲେ ସ୍ୱୟଂ ସୂର୍ଯ୍ୟକାନ୍ତବାବୁ ।

ବକ୍ଷରେ ଚାପିଧରିଥିବା ଡାଏରୀଟି ଖସିପଡ଼ିଲା ତଳକୁ । ବିନା ବାକ୍ୟ ବ୍ୟୟରେ ସେ ଲୋଟି ପଡ଼ିଲେ ସୂର୍ଯ୍ୟକାନ୍ତବାବୁଙ୍କ ଛାତିରେ । ତାଙ୍କର ସୁପ୍ତ ପୌରୁଷ ଏବେ ଜାଗି ଉଠିଲା । ନବ ଉଦ୍ଦିପନାରୁ ସହ ସେ ଦୁଇହାତରେ ଜଡ଼ାଇ ଧରିଲେ ବନଶ୍ରୀଙ୍କୁ, ତାଙ୍କର ବହୁଦିନର ଇପ୍‌ସିତ ବସ୍ତୁକୁ । ଖୁବ୍ ନିବିଡ଼ ଭାବେ, ଖୁବ୍ ନିବିଡ଼ ଭାବେ ।

*ସା/ପୋ-ଜନକ, ଜିଲ୍ଲା : ଯାଜପୁର - ୭୫୫୦୦୫*
*ଦୂରଭାଷ: ୯୯୩୭୧୦୮୮୪୮*




# ଶୋଷ କେମିତି ଧରେ ପାଣିକୁ

**ଡଃ ଗୋପବନ୍ଧୁ ଦାଶ**

ନୂଆ ପାଦ ଥାପିଥାନ୍ତି ଯୌବନରେ
ବୟସ ଉପରେ ବିଶ୍ୱାସ ଅଖଣ୍ଡ
ବୋମାର ଗଡ଼ଖାଇରେ ଚାଲୁଥିଲେ
ଦିହେଁ ହାତ ଧରାଧରି ହୋଇ
ଝଟକୁ ଥିଲା ରାତିର କଳାଦନ୍ତ
ପ୍ରେମିକାର ମଉଳା ମଥାମଣି
ସିମନ୍ତରେ ଜଳନ୍ତା ଜହ୍ନପରି
ପାଳ ଦଉଡ଼ି ଭଳି ମୁଣ୍ଡବିହୀନ
ଝୁଲନ୍ତା ସାପ,
ଅନ୍ଧାର ଟୋପେ ଝରା ମହୁ
ସେମାନଙ୍କ ଛାଇ ମଝିରେ,
ପ୍ରେମିକାର ଧଳା ସୂତା ଶାଢ଼ୀ
ଟେକି ଆବିଷ୍କାର ହୁଏ
ନୂଆ ପଦାଂଶ,
ଝିଣ୍ଟିକା ବିଳାପରେ ପୃଥିବୀ
ଖଣ୍ଡ ଖଣ୍ଡ,
ପ୍ରେମିକାର ଦାବୀ - ଦେଖାଅ ମତେ
ଧ୍ୱଂସ କିମିତି ଘର ବନାଏ ମୋ ନିତମ୍ବ ହାଡ଼ରେ !
ଶିଖାଅ ମତେ, ପୁରୁଷକୁ କେମିତି ଧରିବାକୁ
ହୁଏ ଶୋଷ ଯେମିତି ଧରେ ପାଣିକୁ।
ସବୁ ନଈ କେମିତି ଈର୍ଷାନ୍ୱିତ ମୋ ଶୋଷରେ।
ପ୍ରତ୍ୟେକ ଚୁମ୍ବନ କେମିତି ହେବ
ବରଫ ବର୍ଷା ପରି ଘାତକ !!

# କେମିତି ଦୁନିଆ ଇଏ !

**ଚୈତନ୍ୟ ପ୍ରସାଦ ବେହେରା**

କେମିତି ଦୁନିଆ ଇଏ !ଦୁଃଖୀ ନିତି କାନ୍ଦୁଥାଏ
ବେଦରଦୀ ଏ ମଣିଷ ତା'ଦୁଃଖରେ ହସୁଥାଏ ॥

କାହାକୁ କହିବ ଏଠି କିଏବା ଶୁଣିବ ଦୁଃଖ
ଯା'ଆଗେ ଢାଳିବ ଲୁହ ବୁଲାଇ ଦିଏ ସେ ମୁଖ
ଅମଣିଷ ଏମଣିଷ କଥା ପଦକରେ ବିଷ
ଢାଳେ ସେ ପିୟୂଷ ଢାଳେ ଏଇ ମୋର ଅବସୋସ
ତଥାପି କାହାର ବାଟ
ଦୁଃଖୀ ସିନା ଚାହିଁଥାଏ
କେମିତି ଦୁନିଆ ଇଏ ଦୁଃଖୀ ନିତି କାନ୍ଦୁଥାଏ
ବେଦରଦୀ ଏ ମଣିଷ ତା'ଦୁଃଖରେ ହସୁଥାଏ ॥

ମରମ ତଳର କଥା ପରାଣେ ଲାଗଇ ବ୍ୟଥା
ସତ୍ୟପଥେ ଯାଏ ଯେତେ ସେତେ ବଢଇ ତା ଚିନ୍ତା
ପର ଦୁଃଖେ ଲୁହ ଝରେ ବଞ୍ଚି ଥାଉ ଥାଉ ମରେ
ମିଛର ଏ ଦୁନିଆରେ କାହା ପାଇଁ କିଏ ଝୁରେ
ଭାବିଛକି ଏ ମଣିଷ
କେମିତି ବଞ୍ଚିଛି ଇଏ
କେମିତି ଦୁନିଆ ଇଏ ଦୁଃଖୀ ନିତି କାନ୍ଦୁଥାଏ
ବେଦରଦୀ ଏ ମଣିଷ ତା'ଦୁଃଖରେ ହସୁଥାଏ ॥

ଶରୀରର ମାଟି ଦୀପେ ହୃଦୟଟା ଜଳୁଥାଏ
କେତେବେଳେ ବଞ୍ଚିରହେ କେତେବେଳେ ମରୁଥାଏ
କାହାକୁ କହିବ ଦୁଃଖ ମନର ମଣିଷ କିଏ !
ତଥାପି ନିଜର ଭାବି ଦୁଃଖ କାରେ କହିଦିଏ
ପରାଣେ ପରାଶ ଭରି
ଆଖି ଲୁହ ଝରିଯାଏ
କେମିତି ଦୁନିଆ ଇଏ ! ସୁଖୀ ନିତି କାନ୍ଦୁଥାଏ
ବେଦରଦୀ ଏ ମଣିଷ ତା'ଦୁଃଖରେ ହସୁଥାଏ ॥

*ଅଧ୍ୟକ୍ଷ, ଓଡିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ,*
*ଖୋର୍ଦ୍ଧା-୭୫୨୦୫୫*
*ଦୂରଭାଷ: ୯୪୩୭୭୩୭୩୭୪୧*



# ସର୍ପ ଜଣାଣ

**ନରହରି ମିଶ୍ର**

ତୁମ ସୁଖର ସିଂହଦ୍ୱାର ଠାରୁ
ମୋ ଦୁଃଖର ଦୁଆର ସୁନ୍ଦର
ତୁମ ସୁଉଚ୍ଚ ଶ୍ରୀମନ୍ଦିର ଠାରୁ
ଆହୁରି ଅନେକ ଉଚ୍ଚ ମୋ ମନ ମନ୍ଦିର।

ମୋ ମନର ମନ୍ଦିରରେ ପୂଜା ପାଆନ୍ତି
ବୁଦ୍ଧି, ବିବେକ ଓ ପ୍ରେମର ତ୍ରିମୂର୍ତ୍ତି
ଯେଉଁମାନେ ମୋତେ ବାଟ ଦେଖାନ୍ତି
ଅନ୍ଧାରର ଆଲୋକକୁ, ମିଥ୍ୟାରୁ ସତ୍ୟକୁ
ଆସକ୍ତିରୁ, ଅନ୍ଧବିଶ୍ୱାସରୁ
ବିଶ୍ୱାସର ବୈକୁଣ୍ଠପୁରକୁ।
ଭାଣ୍ଡମାନଙ୍କର ଭିଡ଼ ଭିତରେ
ଅହଂକାରର ବୃଥା ଆଟୋପରେ
ମୁଁ କାହିଁକି ଯିବି ତୁମ ଧାମ,
ତୁମ ମୁଖନିଃସୃତ ବାଣୀରେ
ତୁମେ ଦେଇଅଛ ଜ୍ଞାନ, କର୍ମ ମୋର ଭଗବାନ
ମଣିଷପଣିଆ ଅଟେ ସର୍ବଶ୍ରେଷ୍ଠ ଧର୍ମ।
ତୁମେ ଦାରୁରେ ନିର୍ମିତ ହୋଇ
ସାଜିଅଛ ଦାରୁଭୂତ ମୁରାରି
ଶୂନ୍ୟେ ଶୂନ୍ୟେ ଭୁଞ୍ଜୁଅଛ ଷାଠିଏ ପଉଟି
ଭୋଗ କରୁଅଛ ବାଉନ ଭଣ୍ଡାର
କର୍ଣ୍ଣକୁ ଶୁଭେନି କେବେ ଦୁଃଖୀଙ୍କ ଚିତ୍କାର।
ମୋ କଳ୍ପନାର କଳ୍ପବଟ ମୂଳେ
ମୁଁ ଛାର ମଣିଷଟିଏ ରକ୍ତ ମାଂସ ଧାରୀ
ଖଟି ଖାଏ ଦଣ୍ଡେ ଜୀଏଁ
ସଂସାରେ ସାଜିଛି ମୁଁ ସଫଳ ସଂସାରୀ
ମୁଁ କାହିଁକି ବଡ଼ଦାଣ୍ଡେ ସାଜିବି ଭିକାରୀ ?

*ଏଫ୍-୨୧୫, ସେକ୍ଟର-୮, ମର୍କତ ନଗର, କଟକ-୧୪*
*ଦୂରଭାଷ: ୯୭୭୮୮୬୯୬୮୧*

# ଅବୋଲକରା

**ସିଦ୍ଧେଶ୍ୱର ପଣ୍ଡା**

କାହାକୁ ଗ୍ରହଣ କରିପାରିନି
ଧର୍ମ, ଦର୍ଶନ, ତତ୍ତ୍ୱ
ଚତୁର୍ବର୍ଗ ମନ ଭରି ଭଲପାଇପାରୁନି
ନାରୀ, ଦେବୀ, ରାକ୍ଷସୀ
ଏଠି ଉଭା ଯେତେ ପୋତା ସେତେ
ନୀଡ଼ର ମାୟାଠୁ ଭିଡ଼ର ମୋହ
ବୈରାଗ୍ୟ ଠୁ ଶୃଙ୍ଗାର
ଦିନକୁ ଦିନ ବଳୁଛି !
କାହାକୁ ଖାତିର କରୁନଥିବା
ମୋର ସର୍ବସ୍ୱ ଅସ୍ତିତ୍ୱ ଏବେ
ସବୁ ଶକ୍ତିଠାରୁ ପୃଥକ୍
କେଉଁଠି ବି ଇଞ୍ଚେ ନଇଁନି ମୁଣ୍ଡ
କାଉଁରିଆ କାଠି ଭଳି
ଭାଙ୍ଗିଯାଉଛି ବାରମ୍ବାର
ଥରୁଟେ ହେଲେବି ସାଲିସ କରିନି
ବସ୍ତୁ ଭଳି ପଡ଼ି ରହିଛି କେବଳ।
ମୁଁ ଜାଣେ, ମୂଳତଃ ମୁଁ ଯାହା
ମୋତେ ବସ୍ତୁତ୍ୱରେ ଦିନେ ପାଲଟିବାକୁ
ହେବ
ଆଜି କାହା ପ୍ରତି
ଅନୁରାଗ ବା ଅନୁତାପ ନାହିଁ
ମୁଁ ଡେଇଁ ଯାଇଛି ସକଳ ବ୍ୟବସ୍ଥାରୁ
ରାଜାଙ୍କ ରାଜାଦେଶରୁ
ଏପରିକି ମୋ ଅନ୍ତିମ ଇଚ୍ଛାରୁ !

*ଇଂରାଜୀ ବିଭାଗ, ଶୂଳିଆପଦା, ମୟୂରଭଞ୍ଜ*
*ଦୂରଭାଷ: ୯୧୭୮୧୫୩୯୬୨*



# କିଏ ଜାଣେ କାହା କଥା

କୌଶିକ ନାୟକ

ଦେଖ ! ଖାଣ୍ଟି ନୀରବତା
ଏଠି ବହୁତ ମହର୍ଗ
ଏଇ ଆମ ଜନବସତିରେ
ଏଠି ଶବ୍ଦମାନେ ଭାରି ଶସ୍ତା
କଥା କୁହା ମଣିଷ ମାନଙ୍କ ପାଇଁ
ଭାଷଣରେ ପୁରିଉଠୁଛି ଗାଁରୁ ସହର ।

ନୀରବତା ଲୁଚିଗଲାଣି
ଅଜଣା ଅନ୍ଧାର ଭିତରେ
ସତ୍ୟ ଲୁଚିଯିବା ପରି ଛଳନା ଜାଲରେ
ରାତି ନିଅଣ୍ଟ ଶବ୍ଦକୁ
ମନ୍ଦିର ନିଅଣ୍ଟ ଭକ୍ତଙ୍କ ଭିଡ଼ରେ ।

ଆକାଶରେ ଆକାଶଭର୍ତ୍ତି ତାରା
ମେଘ ଆଣେ ଝଡ଼
ପୁଣି ଚାଲିଯାଏ ନିଜ ବାଟରେ
ଅଜଣା ବାଟୋଇ ପରି
ଋଷିମାନଙ୍କ ପରି ହିମାଳୟରେ
ତପସ୍ୟାରତ ସମୟ
ନୂତନ ଉଷାର ଉନ୍ମେଷ ପାଇଁ
କିଏ ଜାଣେ କାହା କଥା
ନା, ସମୟ, ନା, ସକାଳ !

ଆକାଶ ଜାଣେନା ତାରାମାନଙ୍କ କଥା
ସାଗର ଜାଣେନା ଢେଉର ଗତି
ହିମାଳୟ ଖୋଜୁଚି ତପସ୍ୱୀର ତପସ୍ୟା
କବି ଖୋଜିବା ପରି ଶବ୍ଦଙ୍କୁ
ନୀରବ ନିସ୍ତବ୍ଧ ଆବେଗ ଭିତରେ
କେଜାଣି କିଏ କ'ଣ ଜାଣେ !

ଖୋଜାଲୋଡ଼ା ଚାଲିଚି
ନିରବତାରୁ ଯେତେସବୁ ଅଭିସାର
ଅସୀମଙ୍କ ଆହ୍ୱାନ ପାଇଁ
ଉଚ୍ଚାରଣ ହେଉଛି ସୃଜନୀର ମହାମନ୍ତ୍ର
ନୂତନ ସୃଷ୍ଟିର ॥

*ବାଙ୍କୀ, କଟକ*
*ଦୂରଭାଷ: ୯୩୪୮୨୪୨୨୦୧*

# ଛାଇ

ଡଃ ସଞ୍ଜୟ କୁମାର ତ୍ରିପାଠୀ

ଦର୍ପଣ ସାମ୍ନାରେ ଠିଆ ହେଲେ
ମୋ ଦେହରୁ ଖସିପଡ଼େ ଛାଇ
ଦୂର ଜଂଗଲରେ ବାଘର ହେଂଟାଳରେ
ଚିତ୍ରାୟିତ ଦିଗ୍‌ବଳୟ ସ୍ପର୍ଶ କରେ ନଈ ।
ମୁଁ, ତମେ ଓ ସେମାନେ
ଗୋଟିଏ ଗୋଟିଏ ଅବୋଲକରା କାହାଣୀ
ଦଶ ଦିଗପାଳଂକ ସୁରକ୍ଷା ବଳୟରେ
ଫାଶୀ ଖୁଂଟକୁ ଚଢ଼ିଯାଉଥିବା ଶୂନ୍ୟ ଦେହୀ ।
ଏବେ ପିଲାମାନେ ଭୟଭୀତ - ରମଣ ନିବୃତ୍ତ
ଅଥବା ନୀଳତୃଷ୍ଣା ନିର୍ବାପିତ ବ୍ୟକ୍ତିତ୍ୱ
ଅନ୍ୟପଟେ ନାବାଳିକା ଗଣଧର୍ଷଣରେ
ମୁଖରିତ ମୁହୂର୍ତ୍ତର ମୂକ ସାକ୍ଷୀ ଏ ସମାଜ ।
ବ୍ୟବସ୍ଥାର ଅଭ୍ୟସ୍ତ ଛଂଦପତନରେ
କଲବଲ୍ ହୋଇଯାଉଥିବା ବଡ଼ପଣ୍ଡାମାନେ
କେବେ ବଜାଇବ ମାତୃବଂଦନର ଶଂଖଧ୍ୱନି
ସଂପର୍କର ସୁରମ୍ୟ ସୃଜନଶୀଳତାରେ
କେବେ ଆସିବ ନାରୀ ସୁରକ୍ଷାର ଜୁଆର ?

*ସଂତୋଷ ବିହାର, ଗୋପାଳମାଳ, ବୁଢ଼ାରଜା, ସଂବଲପୁର-୪*
*ଦୂରଭାଷ: ୯୯୩୮୧୪୨୯୦୭*

# ଚିତ୍ର ପ୍ରତିମା

ପଲ୍ଲବୀ ଦାସ

ସକାଳ ଉଦୟ ଅବା ସଂଧ୍ୟା ଆସନ୍ନ ଅସ୍ତଲଗ୍ନ
ସବୁ ତ ରକ୍ତିମ ଆଭା
କୋଉଠି ବହ୍ନି ତ କୋଉଠି ବଳୟ
ମଝିରେ ମୁଁ ଅବୁଝା ଝିଅ ।

ମଳୟକୁ ପଚାରେନା କିଛି
ଓଦାସର କାନ୍ଥରେ ତୋଳିଲି ଚିତ୍ର

ଉଠି ଧାଇଁଲା ସାଗର ମୋହରେ
ମୁଁ ନିରେଖୁଛି ତା'କୁ
ସେ ଆଗକୁ ଆଗକୁ ସଂଗମ ଲକ୍ଷରେ।

ମୁଁ ନୀରବ ତ ସମ୍ମତି ଦେଲି
ତୁମେ ଭିଡ଼ି ଧରିଲ, ମୁଁ ଆଖି ମୁଦିଲି
ପ୍ରସରିଗଲା ଶ୍ରାବଣ ଶିଉଳିପରି
ଭୂମିରୁ ଭୂମା ଦିଗନ୍ତ ଉଡ଼ାଣ,
କାହିଁ, ମୁଁ ଖୋଜି ପାଇଲିନି ତ ପ୍ରଣୟର ସୂତାଖିଅ ?
କାହିଁ ଶୃଙ୍ଗାର ଖର ?

ତୁମ ଅପେକ୍ଷାରେ ମୁଁ
ତୋଳିଧରି ମୋର ସର୍ବାଙ୍ଗ ଅତୀତ
ଓଠରୁ ଅଧର, ଚରିତ୍ରରୁ ଚଇତାଳି ଯାଏଁ
ଆବୋରି ନିଅ ମୋର ସମଗ୍ର ସତ୍ତା
ମିଛର ଆବରଣ ତଳେ
ଢାଙ୍କିଦିଅ ସଜସଜ ପ୍ରେମ
ମୋ ପଲ୍ଲବିତ ପଣତ କାନିରେ
ବାନ୍ଧିରଖ କୋଟିଏ ଜନ୍ମର ପୁଣ୍ୟ।

ତମ ପୁଣ୍ୟ ମୋ ପାଇଁ ପୁଲକ
ହଁ, ମୋର ଚଗଲାଚଇତି କଥା
ତମକୁ ଯଦି ମିଛ-
ତେବେ ମୁଁ ନିରୁପାୟ
ଋତୁ ଫେରିଲେ ସବୁ ବୁଝିଯିବ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ: ୮୬୫୮୭୪୦୨୯୧*

# କୁହୁଡ଼ି

**ବି. ସତ୍ୟମ୍ ଆଚାରୀ**

ଜୀବନଟା କୁହୁଡ଼ିର
ଚାଦର ତଳେ...
କେବେ ଦୃଶ୍ୟ ତ
ଆଉ କେବେ ଅଦୃଶ୍ୟ
ହେଲେ ଠିକଣା ହଜାଇ
ଖୋଜୁଥାଏ ଆପଣାର
ଭଙ୍ଗା କୁଡ଼ିଆକୁ...।

ଟିକେ ଖୋଲିଦିଅ ତୁମର
ପଣତ କାନି
ଜହ୍ନର ସେହି ମଳିନ
ଜ୍ୟୋତ୍ସ୍ନାରେ ପାଇ ଯାଆନ୍ତି
ହଜି ଯାଇଥିବା ମୋର
ମନର ମଣିଷ...
କିନ୍ତୁ, ତୁମର ସେହି
କୁହୁଡ଼ିର ଚାଦର ତଳେ
ମୁରୁକି ମୁରୁକି ହସୁଥିଲା
ଅଭାଗିନୀ ଫୁଲଗଛଟା...

କହିଲା, ହେ..ଏ..ଇ ଦେଖ,
ମୋ ରୂପ ପସରାର
ସୌନ୍ଦର୍ଯ୍ୟର ଲାଲ୍ ପାଖୁଡ଼ା
ଗୁଡ଼ିକ କେମିତି କାକରଭିଜା
କୁହୁଡ଼ିରେ ଗୋଟି ଗୋଟି ହୋଇ
ଝଡ଼ିଯାଇ ମାଟିରେ ମିଶିଯାଉଛି..
ଆମ୍ବ ଗଛର ବଉଳକୁ
ବୃନ୍ତଚ୍ୟୁତ କରି ମୁରୁକି
ମୁରୁକି ହସୁଥାଏ ନିର୍ଦ୍ଦୟୀ
କୁହୁଡ଼ିଟା.....।

ଏଠି କିଏ ନିଜର ନା ପର ?
ଶୁନ୍ ଶାନ୍ ସହରର
ରାଜପଥ ପାର୍ଶ୍ୱରେ
ବିଦ୍ୟୁତ୍ ଖୁଣ୍ଟର ଝାପ୍ସା
ଆଲୁଅ.....ମାନେ
କାକର କୁହୁଡ଼ିର
ଓଢ଼ଣୀ ତଳେ ମୁହଁ ଲୁଚାଇ
ହସୁଛନ୍ତି.......।
ତଥାପି ଧୈର୍ଯ୍ୟର ସହ
ଶେଷ ବିନ୍ଦୁ ପର୍ଯ୍ୟନ୍ତ
ଅପେକ୍ଷାରେ।

ନୀରବ ନିର୍ଜନ ନିଃଶାର୍ଦ୍ଦ
ପଥରେ ଦ୍ରୁତ ଯାନର
ଗତିକୁ ବେଳେ ବେଳେ
ରହସ୍ୟମୟୀ କୁହୁଡ଼ିର
କରାଳରେ ଶକ୍ତି ହୀନ
ହୋଇ ଲୋଟି ଯାଆନ୍ତି

ରାଜରାସ୍ତାରେ....

ସତରେ ତୁମେ କେତେ
ଭୟଙ୍କର..... ?
ତୁମେ କାହାର ନିଜର
ନା ହୋଇଯାଇଛ ସଭିଙ୍କ ପର ?
ଥରୁଟିଏ ଦିଅ ଉତ୍ତର
ଥରୁଟିଏ ଦିଅ ଉତ୍ତର ।

*ସମ୍ପାଦକ (ବ୍ରହ୍ମପୁର ସାହିତ୍ୟ ପରିଷଦ),*
*ଲାଞ୍ଜିପଲ୍ଲୀ, ବ୍ରହ୍ମପୁର-୮*
*ଦୂରଭାଷ: ୯୭୭୮୭୭୫୨୨୬*

# ଦୁଇ ବାତାୟନ

**ମନ୍ମଥ କୁମାର ସାହୁ**

ଖୋଲିଦିଅ ଥରେ ମନ ବାତାୟନ
ମନ-ଅଳିନ୍ଦକୁ ପ୍ରବେଶୁ ଶାନ୍ତିର ଶୀତଳ ପବନ
ସେଇ ବାତାୟନ ଦେଇ
ଥରେ ଚାହିଁଦେଖ ବାହାରକୁ
ଯେଉଁଠାରେ ଫୁଟିଛନ୍ତି ରଙ୍ଗୀନ ସୁମନମାନ ।

ତହୁଁ ଦୂରକୁ ନିରେଖି ଦେଖ
ସେଠାରେ ଦଣ୍ଡାୟମାନ ସବୁଜ ପାଦପମାନ
ବିତରି ଦେବାକୁ ଅକାତରେ
ରହିଛନ୍ତି ଅପେକ୍ଷମାଣ
ଫୁଲ, ଫଳର ସମ୍ଭାର ସହ ଅମ୍ଳଜାନ ।

ଆକାଶକୁ ଚାହିଁ ଦେଖ ଥରେ
ନୀଳ ନଭରେ ଭାସମାନ ଧବଳ ବାଦଲମାନ
ଉଡ଼ନ୍ତି ସେଠାରେ ବିହଙ୍ଗମ ପଙ୍କ୍ତିମାନ
କେଡ଼େ ମନମୋହକ, ଆନନ୍ଦଦାୟକ
କୁହତ, ସେହିସବୁ ପ୍ରାକୃତିକ ଦୃଶ୍ୟମାନ ?

ଖୋଲିଦିଅ ଥରେ ହୃଦ-ବାତାୟନ
ପ୍ରବେଶ କରୁ ସେଥିରେ ଭ୍ରାତୃତ୍ୱ-ପବନ
ବୁଝିବାକୁ ଥରେ ଚେଷ୍ଟାକର
ଅସହାୟ ଜନଙ୍କର ମନ
କିପରି ଦୁଃଖରେ କଟେ ତାଙ୍କ ଦିନ ।

ଦିଅ ଥରେ ନିଜ ମନେ ଧ୍ୟାନ
କରିବାକୁ ସେପରି
ଜନମାନଙ୍କ ସଙ୍କଟମୋଚନ
କ୍ଷୁଧାର୍ତ୍ତ, ତୃଷାର୍ତ୍ତ, ଉପଦ୍ରୁତ
ନ ରହୁ କେଉଁ ଜନ ।
ତ୍ରସ୍ତା କିଶୋରୀ ଅବା ନାରୀଟିଏ
କେଉଁଠାରେ ନ ହେଉ ଧର୍ଷିତା ଆଉ
କାନ୍ଦି କାନ୍ଦି ନ ବିତୁ ତାହାର ଜୀବନ ।

ପଶୁପକ୍ଷୀଙ୍କର ହୃଦୟକୁ ଚିହ୍ନ
ହୋଇଯାଅ ତାଙ୍କର ହୃଦର ଚନ୍ଦନ
ତରୁଲତାମାନେ ପାଆନ୍ତୁ ନୂତନ ଜୀବନ
ନିଜ ମନେ ହେଜ ଥରେ
ତୁମେ ପରା ଅଟ 'ଅମୃତ-ସନ୍ତାନ'
ସଦାକାଳେ ରହୁ ଅମ୍ଳାନ
ସେଇ ଦୁଇ ବାତାୟନ ।

*ମାନସିଂହପାଟଣା, ତୁଳସୀପୁର*
*କଟକ - ୭୫୩ ୦୦୮*
*ଦୂରଭାଷ : ୯୮୬୧୪୪୨୨୯୭*

# ଦୌଡ଼

**ଡ. ଦୀପକ କୁମାର ମିଶ୍ର**

ବହୁତ ଧାଇଁବାକୁ ପଡ଼େ ଜୀବନରେ
ପଡ଼ି ଉଠି, ଖଣ୍ଡିଆ ଖାବରା ହୋଇ
ଛୁଇଁବାକୁ ଶେଷ ସୀମାରେ ଟଙ୍ଗା ହେଇଥିବା
ନାଲି ରଙ୍ଗର ଫିତାଟିକୁ ।

ଚାହେଁ ଆଗରେ କେତେ, ପଛରେ କେତେ
ଭାବେ ଆଉ କେତେ ଦୂରତ୍ୱ ଭେଦେଇ ପାରିବ ପାଦ
କେତେ ପବନ ଭିଡ଼ିପାରିବ ନାକ
କେତେ କଷ୍ଟ ସହିପାରିବ
ଧଡ଼ପଡ଼ ହେଉଥିବା ପୀଡ଼ିତ ହୃଦୟ ।

ହାରଜିତ୍ କଥା ଛାଡ଼ ହୋ
ବଞ୍ଚିବାର ସର୍ବନିମ୍ନ ମାପକାଠିରେ
ମାନ, ସମ୍ମାନ ନିର୍ଦ୍ଧାରଣର ଦୌଡ଼ ଏଇଟା
ସୂର୍ଯ୍ୟାସ୍ତ ପୂର୍ବରୁ ପୁଣି ଫେରିବାକୁ ପଡ଼ିବ
କୁମ୍ଭୀର ପାଟିରେ ।

ଘୋଡ଼ାକୁ ଦାନା ଦିଅ କି ଦଣ୍ଡ

ଖୁରାକୁ କ'ଣ ଫରକ ପଡ଼େ ଯେ
ସେ ତ କଣ୍ଟାକୁ କୋଳେଇ
ଚିହିଁକି ଉଠୁଥାଏ
ଚାବୁକର ତତଲା ଚୁମ୍ବନରେ
ଗଢ଼ା ହେଇଥିବା
କାରୁକାର୍ଯ୍ୟପୂର୍ଣ୍ଣ ଫଡ଼ାଫଡ଼ା ଚିତ୍ରଗୁଡ଼ିକୁ ସଜେଇ।

ତମେ ଯେଉଁ ଘୋଡ଼ାନାଲକୁ
ଘୋରି ଘୋରି ନାଇଚ ନା ବିଷି ଆଙ୍ଗୁଠିରେ
ଦୁର୍ଭାଗ୍ୟକୁ ଗେଲ କରିବାକୁ
ସେଇଠି ବି ଲୁଚିରହିଚି ଗୁପଚୁପ
ବିକଳ ଦୌଡ଼ର ଦୀର୍ଘ ମାନଚିତ୍ରଟିଏ।

ଚାଲୁଥାଉ ଗତି, ଅଗତି, ଦୁର୍ଗତିର ଦୌଡ଼
କେବେ ସିନ୍ଦୂରା ଫାଟିବ
ଉଇଁବ ସୂର୍ଯ୍ୟ
ଜୀବନକୁ ତଥାସ୍ତୁ କହି
କଟେଇଦେବା ନାଁ ଦୌଡ଼ ଖାତାରୁ।

*ଭୁବନେଶ୍ୱର*
*ଦୂରଭାଷ: ୮୨୮୦୨୧୧୦୦୦*

# ଆମେରେ ଶାନ୍ତିପ୍ରିୟ

**ବାବାଜୀ ଚରଣ ଜେନା**

ଭାରତୀୟ ଆମେ ଭାରତୀୟ
ଆମେରେ ଶାନ୍ତିପ୍ରିୟ
ଶାନ୍ତି, ମୈତ୍ରୀ, ସ୍ନେହ ବିତରୁ ବିଶ୍ୱରେ
ଏଇ ଆମ ପରିଚୟ
ଆମେରେ ଶାନ୍ତି ପ୍ରିୟ ॥

ହିଂସା ଦ୍ୱେଷ ଆମେ ପ୍ରଶୟ ଦେଉନା
ପ୍ରେମ ଅହିଂସାର ପୂଜାରୀ
ସବୁରି ଦୁଃଖରେ ଠିଆ ହେଉ ଆମେ
କେହି ନୁହେଁ ଆମ ବଇରୀ
ଆମ ସଙ୍ଗେ ଯିଏ ଖେଳିବରେ ଖେଳ
ହେବରେ ତା ପରାଜୟ
ଆମେରେ ଶାନ୍ତି ପ୍ରିୟ ॥

ଶିକ୍ଷା, ବିଜ୍ଞାନ, ଅର୍ଥ ନୀତିରେ
କରି ଅଛୁ ଆଜି ପ୍ରଗତି
କାହା ସ୍ୱାଧୀନତା ନେଇ ଯାଇ ଆମେ
ଦେଖାଉନା କେବେ ବଡ଼ତି
ତ୍ରିରଙ୍ଗା ଆମର ଉଡ଼େ ଆକାଶରେ
ବିଶ୍ୱେ ଦେଇ ବରାଭୟ
ଆମେରେ ଶାନ୍ତିପ୍ରିୟ ॥

*ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର,*
*କଟକ-୭୫୩୦୦୪*
*ଦୂରଭାଷ: ୯୪୩୭୮୩୪୭୧୯*

# ପ୍ରିୟ ମାତୃଭାଷା

**ସୌଦାମିନୀ ମିଶ୍ର**

ଆମ ମାତୃଭାଷା ପ୍ରିୟ ଓଡ଼ିଆ
ଆମ ସଭିଙ୍କୁ ଲାଗେ ଭାରି ବଢ଼ିଆ
ଆମେ ଓଡ଼ିଆ..... ଆମେ ଓଡ଼ିଆ.....
ଆମେ ଓଡ଼ିଆ..... ଆମେ ଓଡ଼ିଆ..... ॥

ଏ ଓଡ଼ିଆ ଭାଷା ଭାରି ସୁନ୍ଦର
ଶୁଣିବାକୁ ଲାଗେ ବଡ଼ ମଧୁର
ଛନ୍ଦ ରସ ଅଳଙ୍କାରେ ପରିପୂର୍ଣ୍ଣ
ତା'ର ଉଚ୍ଚାରଣ ଭାରି ବଢ଼ିଆ।

ଏଇ ମାଟି ବାଲି ପାଣି ପବନ
ଲାଗେ ସତେକି କର୍ପୂର ଚନ୍ଦନ
ଯା'ର ମଳୟ ତୋଳଇ ବଂଶୀସ୍ୱନ
ମହକାଇ ବିଲବଣ ଗାଡ଼ିଆ।

ମଧୁ ଝଙ୍କାର ତୋଳଇ ତଟିନୀ
ମହାନଦୀ ହୁଅଇ ମନ୍ଦାକିନୀ
ଏଠି ରଜନୀରେ ଫୁଟେ ତାରାଫୁଲ
ଜହ୍ନ ଦିଶୁଥାଏ ଭାରି ବଢ଼ିଆ।
ତା'ର ଭାବରେ ଶବ୍ଦରେ ସଂଗୀତ
ତା'ର ସକାଳ ମୁରୁଜେ ମଣ୍ଡିତ
ଏଠି ନେତା କହିଲେ ଶ୍ରୀଜଗନ୍ନାଥ
ଯା'ର ସରାଗ ଭକତ ନଡ଼ିଆ।

କଳା ସଂସ୍କୃତି ଆଧାର ଉତ୍କଳ
ସ୍ୱର୍ଗୀୟ ସମ୍ପଦ ବଡ଼ ଦେଉଳ
ରତ୍ନ ଭଣ୍ଡାର ଯାହାର ମହୋଦଧି
ତା'ର ବଡ଼ଦାଣ୍ଡେ ଟିକେ ଗଡ଼ିଆ।

ଯେତେ ଭାଷାପ୍ରେମୀ ସିଦ୍ଧ ସାଧକ
ରଚିଗଲେ ଭାଷାର କୋଣାରକ
ଜାତି ପ୍ରାଣେ ସିଞ୍ଚିଦେଲେ ସ୍ୱାଭିମାନ
ଶାସ୍ତ୍ରୀୟ ଭାଷା ହୋଇଲା ଓଡ଼ିଆ।
ଆମେ ଓଡ଼ିଆ... ଆମେ ଓଡ଼ିଆ

*ସମ୍ପାଦିକା- ନିର୍ଝରିଣୀ ସାହିତ୍ୟ ଓ*
*ଶ୍ୱେତପଦ୍ମା ସାହିତ୍ୟ ସଂସଦ, ବ୍ରହ୍ମପୁର*
*ଦୂରଭାଷ: ୭୯୭୮୬୧୧୮୦୧*

# ଆସିଲା ଶ୍ରାବଣ

**ଦିଲ୍ଲୀପ ଶତପଥୀ**

ଦେଖି କଳାମେଘ ପକ୍ଷ ଖୋଲି ପିକ
ନୃତ୍ୟରେ ଦେଖାଏ ଠାଣୀ,
ଦେଖି ଘଡ଼ ଘଡ଼ି ତାଳି ଦିଏ ଝାଡ଼ି
ଆନନ୍ଦିତ ବର୍ଷା ରାଣୀ।

ଆସିଲା ମୌସୁମୀ ନେଇ ବର୍ଷା ପାଣି
କମିଗଲା ରୌଦ୍ର ତାପ,
କେତେବେଳେ ଧୀର କେବେ ସେ ଅଧୀର
ଭିନ୍ନ ଭିନ୍ନ ତାର ରୂପ।

ସବୁଜ ଶାଢ଼ୀରେ ଆମ ମନ ହରେ
ଧରଣୀ ମା ପଲ୍ଲବିତା,
ସୁନୀଳ ଚାଦର ପକାଇ ଉପର
ତଳେ ବୃକ୍ଷ ତରୁ ଲତା।

ଚାଷୀ ମନ ଖୁସି ହିଡ଼ ପାଖେ ବସି
ଦେଖି ତା ସବୁଜ କ୍ଷେତ,
ଏବର୍ଷ ଫସଲ ହୋଇଲେ ସଫଳ
ଜଗତ ପାଇଁକି ହିତ।

ବହେ ବାରିଧାରା ପୂର୍ଣ୍ଣ ହୁଏ ଧରା
ନଦୀ କୂପ ପୁଷ୍କରଣୀ,
ଧୀବର ନାୟିକା ନଉକାରେ ବସି
ଯାଏ ପୁଣି ମାଛ ଆଣି।

ଆସିଲେ ଶ୍ରାବଣ ଭିଜେ କବିପ୍ରାଣ
ଛୁଇଁ ବରଷାର ଛିଟା
ଧବଳ ଆକାଶେ କବିଟି ପରଶେ
କଳାମେଘ କଳାପଟା।

ପହିଲି ବରଷା ମାଟି ମାଆ ପୂଜା
ଭିଜା ମାଟିର ବାସନା,
ପୁରିଲା ହୃଦୟ ହୁଏ ଭାବ ମୟ
ଲେଖେ କିଛି ଅନାବନା।

ଭରି ଯାଏ ମନ ଅସୁମାରୀ ସ୍ୱପ୍ନ
ଭୁଲିଯାଏ ସବୁ ବ୍ୟଥା,
ପ୍ରେମିକା ଲଳନା କରେ ଆନମନା
କାହୁଁ ଲେଖେ କେତେ କଥା।

ଗୁଣ୍ଡିଚା ଯାତରେ ଭିଜିଲେ ରଥରେ
ପ୍ରଭୁ ଜଗତ ଗୋସାଇଁ,
ବାଡ଼ି ଓ ବଢ଼ିକୁ ହୁରୁଡ଼ି ଟେ ଦେବ
ଗୁହାରି କରଇ ମୁହିଁ।

*ମାତୃ ପିତୃ କୃପା, ୫୦୮, ନୂଆସାହି,*
*ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨*
*ଦୂରଭାଷ: ୯୪୩୭୧୭୫୭୬୪*

# ମଣିଷ ପଣିଆ

**ସନ୍ତୋଷିନୀ ଦାଶ (ଗିରି)**

ଜୀବନ ଖେଳୁଛି ଏଠି ଚକାଭଉଁରୀ
ଗୋଟିଏ ତୁଠରେ ବାଘ ଆଉ ଛେଳି
ମଣିଷ ଜୀବନ ପାଣିଫୋଟକା
ନିମିଷକେ ଲିଭିଯିବ
ଆଜି ଯେ ବୋଲାଏ ଭାଗ୍ୟବିଧାତା
କାଲି ତା ଚିହ୍ନ ନଥିବ
କାହା ମନେ କେବେ ଦୁଃଖ ଦେବାନାହିଁ
ଲୁହ ଟୋପେ ଦେବା ପାଇଁ
ଆପଣାପଣର ଛଳଛଳ ଭାବ
ଭରିଦେବା ଆସ ଭାଇ
ସ୍ନେହ ମମତାର ଅତୁଟ ବନ୍ଧନ
ଆହୁରି ସୁଦୃଢ଼ ହେବ
ମଣିଷ ପଣିଆ ଶ୍ରେଷ୍ଠ ଧର୍ମ ହେଉ
ଏଇ ବାର୍ତ୍ତା ଦେଉଥିବ।

*ଗୋପାଳପୁର, ବଡ଼ପଶି, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

ତନ୍ମାତ୍ର




# ବୋଉ ବୁଟୁ ଭୂତ

ନିଜ ଧର୍ମପତ୍ନୀ ତୃପ୍ତି ଶତପଥୀ ପ୍ରଯୋଜନା କରିଥିବା ଏଇ ଚିତ୍ରଟିରେ ବାବୁଶାନ୍ ଏକ ଦମ୍‌ଦାର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଚିରାଚରିତ ଚରିତ୍ରରୁ ଦୂରେଇ ନୂଆ କିଛି କରିବାର ଲକ୍ଷ୍ୟରେ ଥିବା ବାବୁଙ୍କୁ ଏହି ଚିତ୍ରର ଚରିତ୍ର ବେଶ୍ ଆତ୍ମସନ୍ତୋଷ ଦେଇଛି । ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଚ୍ଚିତା ସାହୁ । ଚିତ୍ରରେ ନିଜ ମା' ଭୂମିକାରେ ଅଭିନୟ କରୁଛନ୍ତି ଅପରାଜିତା ମହାନ୍ତି । ଅପରାଜିତା ମଧ୍ୟ ପ୍ରଥମକରି ଏହି ଚିତ୍ରର 'ଜୀବନ କେବେ ଭିଡ଼ କେବେ ନିଛାଟିଆ' ଗୀତରେ କଣ୍ଠଦାନ କରିଛନ୍ତି । କିଛି ସତ୍ୟ ଘଟଣା ଦ୍ୱାରା ଅନୁପ୍ରାଣିତ ହୋଇ ବାବୁଶାନ୍ ଏହି ଚିତ୍ରଟିକୁ ନିଜ ହୋମ୍ ପ୍ରଡ଼କ୍‌ସନରେ ନିର୍ମାଣ କରିଛନ୍ତି ।

ଚଳଚ୍ଚିତ୍ରଟିର କାହାଣୀ ଏହିପରି । ବୁଟୁ (ବାବୁଶାନ୍) ଓ ତା'ର ମାଆ (ଅପରାଜିତା) ଏକ ଛୋଟ ଗ୍ରାମରେ ବସବାସ କରନ୍ତି, ଯେଉଁଠି ସେମାନଙ୍କର ଏକ ପୋଖରୀ ଅଛି, ସେଥିରେ ମାଛ ଚାଷ କରନ୍ତି । ଏହି ପୋଖରୀରୁ ପ୍ରାପ୍ତ ଆୟ ତାଙ୍କ ଜୀବନ ବଞ୍ଚିବାରେ ପର୍ଯ୍ୟାପ୍ତ ନଥିଲା । ନିଜ ଦୁଃଖଦ ଅବସ୍ଥାରେ ବିରକ୍ତ ହୋଇ, ବୁଟୁ ଗ୍ରାମ ଛାଡ଼ି ବିଦେଶକୁ ଚାଲିଯିବାର ସ୍ୱପ୍ନ ଦେଖେ; କିନ୍ତୁ ତା'ର ମାଆ ଯିଏ ଐତିହ୍ୟ ଓ ପରମ୍ପରାରେ ଗଭୀର ଭାବରେ ଆସକ୍ତ, ବୁଟୁର ଏହି ସିଦ୍ଧାନ୍ତକୁ ବିରୋଧ କରନ୍ତି । ସେହି ଗ୍ରାମର ହୋମିଓପାଥି ଡାକ୍ତର (ଚୌଧୁରୀ ଜୟପ୍ରକାଶ ଦାଶ) ତାଙ୍କ ଝିଅ ରିଙ୍କି (ଅର୍ଚ୍ଚିତା) ଉଚ୍ଚଶିକ୍ଷିତା ହୋଇ ମଧ୍ୟ ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଛତୁ ଚାଷ କରନ୍ତି । ରିଙ୍କି ବୁଟୁକୁ ଭଲପାଏ; କିନ୍ତୁ ବୁଟୁର ମାଛ ଚାଷରେ ଭଲ ରୋଜଗାର ହେଉନଥିବାରୁ ରିଙ୍କିଠାରୁ ଦୂରେଇ ଦୂରେଇ ରୁହେ ।

ଗୋଟିଏ ଦିନ, ବୁଟୁ ଏକ ଅପଶକ୍ତି ଦ୍ୱାରା ଅଧିକୃତ ହୋଇଯାଏ, ଯାହାର ଏକ ଅତୀତ ଭୟଙ୍କର ଓ ଅନ୍ଧକାରମୟ ଥିଲା । ସେହି ଗ୍ରାମରେ ଏକ ପିଲା ଅମରୀ ପିଲାବେଳୁ ମା' ଛେଉଣ୍ଡ ହୋଇ ଦୁଃଖରେ ଜୀବନ କାଟୁଥିଲା । ଅମରୀ ଯୁବକାବସ୍ଥାରେ ଗାଁରୁ ଛେଳି ଚୋରିକରି ଗାଁ ବାହାରେ ଏକ କୁଡ଼ିଆରେ ରହୁଥିଲା । ସେହି ଗ୍ରାମର ଏକ ଯୁବତୀ ସହ ତା'ର ପ୍ରେମ ସମ୍ପର୍କ ଥିଲା । ଏ କଥା ଯୁବତୀର ବାପା ଜାଣିବା ପରେ ଗାଁ ଲୋକଙ୍କୁ ମେଳକରି ଅମରୀକୁ ପିଟି ପିଟି ମାରିଦେଇଥିଲେ । ତା'ର ଆତ୍ମା ବୁଟୁ ମଧ୍ୟରେ ପ୍ରବେଶ କରି ପୁଣି ସେ ଗାଁରୁ ଛେଳି ଚୋରିକରି ଖାଉଛି । ବୁଟୁ ପୋଖରୀରେ ବହୁତ ମାଛ ହୁଏ, ତା' ପାଖରେ ସବୁବେଳେ ପଇସା ରହିଲା । ତା'ର ଚାଲିଚଳଣୀରେ ମା'ର ସନ୍ଦେହ ହେବାରୁ ଜାଣିବାକୁ ପାଇଲା ଯେ ତା' ମଧ୍ୟରେ କୌଣସି ଏକ ଆତ୍ମା ପ୍ରବେଶ କରି ଏସବୁ କାର୍ଯ୍ୟ କରୁଛି । ପ୍ରଥମେ ଏହି ଶକ୍ତି ତାଙ୍କ ଉପରେ ନିୟନ୍ତ୍ରଣ ନେବାକୁ ଆରମ୍ଭ କରିବା ପରେ, ବୁଟୁର ମାଆ ନିଜର ଗୁପ୍ତ ପରିଚୟ ଖୋଲାସା କରନ୍ତି । ସେ ଏକ ତାନ୍ତ୍ରିକ । ଅତୀତରେ ଏହି ତାନ୍ତ୍ରିକ ବିଦ୍ୟା ପାଇଁ ନିଜ ପୁଅର ଜୀବନ ବଞ୍ଚାଇବାକୁ ଯାଇ ସ୍ୱାମୀକୁ ମାରି ଗଛରେ ଟାଙ୍ଗି ଦେଇଥିଲା । ଗାଁରେ ଛୋଟ ମୋଟ ଝଡ଼ାଫୁଙ୍କା କାମ କରି ବୁଟୁର ମା' ବି କିଛି ରୋଜଗାର କରୁଥାଏ । ବୁଟୁ ମଧ୍ୟରେ ପ୍ରବେଶ କରିଥିବା ଆତ୍ମାକୁ ନିଜର ତାନ୍ତ୍ରିକ ବିଦ୍ୟାରେ ବାହାର କରିବାକୁ ଅସମର୍ଥ ହେବାରୁ ସେ ଲିଙ୍ଗରାଜ ନାମକ ତାନ୍ତ୍ରିକର ସାହାରା ନିଅନ୍ତି । ମା' ତା'ର ଏକମାତ୍ର ପୁଅକୁ ବଞ୍ଚାଇବା ପାଇଁ ସେହି ଶକ୍ତିଶାଳୀ ଅପଶକ୍ତି ସହିତ ମୁକାବିଲା କରିବାକୁ ବାଧ୍ୟ ହୁଏ । ବୁଟୁକୁ ତା' ମାଆ ସେହି ଅପଶକ୍ତିରୁ ମୁକ୍ତ କରିପାରିବ କି ବୁଟୁ ସବୁଦିନ ସେହି ଅନ୍ଧକାରରେ ରହିଯିବ ? ଏଇ ପ୍ରଶ୍ନର ଉତ୍ତର 'ବୋଉ ବୁଟୁ ଭୂତ' ଚିତ୍ରରୁ ମିଳିବ ।

ବ୍ୟାନର- ବାବୁଶାନ୍ ମହାନ୍ତି, କାହାଣୀ ଓ ଚିତ୍ରନାଟ୍ୟ- ମହମ୍ମଦ ଇମ୍ରାନ, ନିର୍ଦ୍ଦେଶନା- ଜଗଦୀଶ ମିଶ୍ର । ଅର୍ଚ୍ଚିତା ସାହୁ, ଅପରାଜିତା ମହାନ୍ତି, ବର୍ଣ୍ଣି ଅନୁଗୁଳିଆ, କ୍ରିଷ୍ଣା କର, ଉଦିତ ଗୁରୁ, ରବି ମିଶ୍ର, ଚୌଧୁରୀ ଜୟପ୍ରକାଶ ଦାଶ, ବାଳକୃଷ୍ଣ ନାୟକ, ଆଦ୍ୟାଶା, ଧରିତ୍ରୀ, ହିମାଂଶୁ କୁମାର, ଡମ୍ବରୁ, ନବୀନ ପ୍ରମୁଖ ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ



# ଭାରତୀୟ ଫୁଟବଲର କାଲି, ଆଜି ଓ ଆସନ୍ତାକାଲି

୧୯୬୨ ଏସିଆନ ଗେମ୍‌ସର ସଫଳତା ସହିତ ଭାରତୀୟ ଫୁଟବଲର ସୁବର୍ଣ୍ଣ ଯୁଗର ପ୍ରାୟତଃ ସମାପ୍ତି ଘଟିଥିଲା । ଅଳ୍ପ କେଇଦିନ ପରେ ୧୯୬୩ ରେ ଯାଦୁକରୀ କୋଚ ରହିମଙ୍କ ମୃତ୍ୟୁପରେ ଭାରତୀୟ ଫୁଟବଲରେ ଏକ ବିରାଟ ଦିଗ ପରିବର୍ତ୍ତନ ଘଟିଥିଲା । ଚୁନି ଗୋସ୍ୱାମୀ ଓ ବଳରାମଙ୍କ ଭଳି ପ୍ରତିଭାବାନ ସଫଳ ଖେଳାଳୀ ମଧ୍ୟ ଅଳ୍ପ କେଇଦିନ ଖେଳିବା ପରେ ଆଗୁଆ ଅବସର ନେଇଯାଇଥିଲେ । ଅବକ୍ଷୟଗାମୀ ଭାରତୀୟ ଫୁଟବଲ ତଥାପି କିଛି ସଫଳତାର ସ୍ୱାଦ ପାଇଥିଲା ୧୯୬୪ ରେ ଅନୁଷ୍ଠିତ ଏ.ଏଫ୍.ସି. ଏସିୟ କପ୍ ଫୁଟବଲ ପ୍ରତିଯୋଗିତାରେ । ଏଥିରେ ଫାଇନାଲରେ ଇସ୍ରାଏଲଠାରୁ ପରାସ୍ତ ହୋଇ ଭାରତ ରନର୍ସ ଟ୍ରଫି ପାଇଲା ଏବଂ ତାହାହିଁ ଥିଲା ଭାରତୀୟ ଫୁଟବଲ୍‌ର ସୁବର୍ଣ୍ଣଯୁଗର ଶେଷ ଛାପ । ଚୁନି ଗୋସ୍ୱାମୀଙ୍କ ଅଧିନାୟକତ୍ୱରେ ଖେଳିଥିବା ଦଳରେ ପିଟର ଥଙ୍ଗରାଜ, ଇନ୍ଦର ସିଂହ, ନଇମୁଦ୍ଦିନ ଓ ୟୁସୁଫ ଖାନ୍ ଙ୍କ ଭଳି କିଛି ଭଲ ଖେଳାଳୀ ଥିବା ହେତୁ ଦଳ ଫାଇନାଲ ପର୍ଯ୍ୟନ୍ତ ପହଂଚି ଇସ୍ରାଏଲ୍‌ଠାରୁ ପରାସ୍ତ ହୋଇଥିଲା । ରହିମଙ୍କର ମୃତ୍ୟୁପରେ ହ୍ୟାରି ରାଇଟ ରହିଥିଲେ ଭାରତୀୟ ଦଳର କୋଚ ଦାୟିତ୍ୱରେ ।

୧୯୬୨ ର ଏସୀୟ ଚାଂପିୟାନ ଦଳ ଭାବରେ ଭାରତ ଅବତୀର୍ଣ୍ଣ ହୋଇଥିଲା ୧୯୬୬ ଏସିୟ ଫୁଟବଲ ପ୍ରତିଯୋଗିତାରେ । ପୂର୍ବ ଥରର ଚାଂପିୟାନ ହୋଇଥିଲେ ମଧ୍ୟ ଏଥର ଭାରତକୁ ସମ୍ଭାବ୍ୟ ଚାଂପିୟାନ ଭଳି କେହି ବିଚାର କରୁନଥିଲେ । ଏବେ ରହିମ ଆଉ କୋଚ ନଥିଲେ କିମ୍ବା ଚୁନି ଗୋସ୍ୱାମୀ ଓ ବଳରାମଙ୍କ ଭଳି ଚମତ୍କାର ଆଗଧାଡ଼ିର ଖେଳାଳୀ ଦଳରେ ନଥିଲେ । ଏଥର ମହମ୍ମଦ ହୁସେନଙ୍କ କୋଚିଂରେ ଜର୍ଣ୍ଣଲ ସିଂହଙ୍କ ଅଧିନାୟକତ୍ୱରେ ଖେଳୁଥିବା ଭାରତୀୟ ଦଳ କିନ୍ତୁ ଗୋଟିଏ ଟାଣୁଆ ଗ୍ରୁପରେ ସ୍ଥାନୀତ ହୋଇଥିଲା । ଯେଉଁଥିରେ ଥିଲେ ଇରାନ୍, ଜାପାନ ଓ ମାଲେସିଆ । ଗ୍ରୁପ ସ୍ତରରେ ମାଲେସିଆକୁ ୨-୧ ରେ ହରାଇଥିଲେ ମଧ୍ୟ ଜାପାନ ଠାରୁ ୨-୧ ଗୋଲରେ ଏବଂ ଇରାନ ଠାରୁ ୪-୧ ଗୋଲରେ ପରାସ୍ତ ହୋଇ ଭାରତୀୟ ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିନଥିଲା । ଏଇ ପ୍ରତିଯୋଗିତାରେ ଇରାନକୁ ପରାସ୍ତ କରି ବର୍ମା ଚାଂପିୟାନ ହୋଇଥିଲା । ପ୍ରତିଯୋଗିତାରେ ପୂର୍ବତନ ଚାଂପିୟାନ ଭାରତ ପାଇଥିଲା ଅଷ୍ଟମ ସ୍ଥାନ ।

ଭାରତୀୟ ଫୁଟବଲର ଶକ୍ତି ଧିରେ ଧିରେ ମଳିନ ପଡ଼ି ଆସୁଥିଲା ଏବଂ ୧୯୭୦ ରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଗେମ୍‌ସରେ ଭାରତ କିଛିଟା ଗୌରବ ଧରି ରଖିପାରିଥିଲା ଏବଂ ଏହା ଥିଲା ସମ୍ଭବତଃ ଭାରତୀୟ ଫୁଟବଲର ଶେଷ ଭଲ ପ୍ରଦର୍ଶନ । ଗ୍ରୁପ୍ ସ୍ତରରେ ଶୀର୍ଷରେ ରହି ଭାରତ ସେମିଫାଇନାଲରେ ୨-୦ ଗୋଲରେ ପରାସ୍ତ ହୋଇଥିଲା ବର୍ମାଠାରୁ ଏବଂ ବ୍ରୋଞ୍ଜ ପଦକ ପାଇଁ ତୃତୀୟ ସ୍ଥାନ ପାଇବାକୁ ଜାପାନକୁ ପରାସ୍ତ କରିଥିଲା ୧-୦ ଗୋଲରେ । ଏଇ ଦଳରେ ସେଇ ସମୟର ଯେଉଁ ବିଖ୍ୟାତ ଖେଳାଳୀମାନେ ଅନ୍ତର୍ଭୁକ୍ତ ଥିଲେ ସେମାନେ ଥିଲେ ଶ୍ୟାମ୍ ଥାପ୍‌ପା, ନଇମୁଦ୍ଦିନ, ସୁଧୀର କର୍ମକାର, ସୁବାସ ଭୌମିକ, ମଗନ ସିଂହ ଓ ମହମ୍ମଦ ହବିବ । ଖେଳାଳୀ ଭାବରେ ପ୍ରତ୍ୟେକ ପ୍ରତିଭାଶାଳୀ ଥିଲେ ମଧ୍ୟ ଉପଯୁକ୍ତ କୋଚିଂ ଅଭାବରୁ ଯଥାର୍ଥ ସମନ୍ୱୟର ଅଭାବ ଘଟିଥିଲା ଏବଂ ଦଳ ଲଢୁଆ ମନୋବୃତ୍ତି ଦେଖାଇପାରିନଥିଲା ।

ଏହାପରେ ଭାରତୀୟ ଫୁଟବଲର ସଂପୂର୍ଣ୍ଣ ଅବକ୍ଷୟର ସ୍ପଷ୍ଟ ଚିତ୍ର ମିଳିଗଲା ୧୯୭୪ ଏସିଆନ ଗେମସ ପ୍ରତିଯୋଗିତାରେ । ଏଥିରେ ଚୀନ୍, ଉତ୍ତରକୋରିଆ ଓ ଇରାକ୍ ଭଳି ୩ଟି ଶକ୍ତିଶାଳୀ ଦଳ ସହ ସ୍ଥାନୀତ ହୋଇଥିଲା ଭାରତ ଗୋଟିଏ ଗ୍ରୁପରେ । ଚୀନ ଠାରୁ ୭-୧ ରେ, ଉତ୍ତର କୋରିଆ ଠାରୁ ୪-୧ ରେ ଓ ଇରାକ୍‌ଠାରୁ ୩-୦ ରେ ପରାସ୍ତ ହୋଇ ବିନା ପଏଣ୍ଟରେ ଗ୍ରୁପରେ ଭାରତ ଶେଷ ସ୍ଥାନରେ ରହିଥିଲା ଏବଂ ପ୍ରତିଯୋଗିତାରୁ ବିଦାୟ ନେଇଥିଲା । ଏହା ଫଳରେ ଭାରତ ପରବର୍ତ୍ତୀ ପର୍ଯ୍ୟାୟରେ ମାନ୍ୟତା ପାଇବା ପାଇଁ ଅଯୋଗ୍ୟ ହୋଇଯାଇଥିଲା । ୧୯୭୪ ର ଏହି ପ୍ରଦର୍ଶନ ହିଁ ଭାରତୀୟ ଦଳର ଭବିଷ୍ୟତ ବିପର୍ଯ୍ୟୟର ଅଘମାରମ୍ଭ ଥିଲା ଏବଂ ସେବେଠାରୁ ଭାରତ ଏସୀୟ ଦେଶ ଭାବରେ ଆଉ ଥରେ ନିଜର ଗୌରବ ଫେରି ପାଇନାହିଁ । ୧୯୭୮ ଏସିଆନ୍

ଗେମ୍ସରେ ମଧ୍ୟ ଭାରତ କେବଳ ବାଂଲାଦେଶ ବିପକ୍ଷରେ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଜିତିବା ପରେ ପରବର୍ତ୍ତୀ ରାଉଣ୍ଡରେ ଦକ୍ଷିଣ କୋରିଆ, ଇରାକ୍, କ୍ୱେଟ ଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରେ ଅଷ୍ଟମ ସ୍ଥାନ ପାଇଥିଲା। ଦଳରେ ସେତେବେଳର ବିଶିଷ୍ଟ ଷ୍ଟ୍ରାଇକର ସୁରଜିତ ସେନଗୁପ୍ତ, ବିଦେଶ ବୋଷ, ପ୍ରସୂନ ବାନାର୍ଜୀ ପ୍ରମୁଖ ଖେଳୁଥିଲେ ମଧ୍ୟ ସେମାନଙ୍କର ପ୍ରଦର୍ଶନ ପୂର୍ବ ସୁରୀମାନଙ୍କର ପ୍ରଦର୍ଶନ ତୁଳନାରେ ନଗଣ୍ୟ ଥିଲା। ମୋଟାମୋଟି ଭାବରେ କହିବାକୁ ଗଲେ ଆନ୍ତର୍ଜାତିକ ସ୍ତରରେ ଭାରତୀୟ ଫୁଟବଲ ଲୁପ୍ତପ୍ରାୟ ହୋଇସାରିଥିଲା ବେଳେ ନିଜ ଦେଶରେ ମଧ୍ୟ ଫୁଟବଲର ଆଦର କ୍ରମ ହ୍ରାସମାନ ହୋଇସାରିଥିଲା। ସତୁରି ଓ ଅଶୀ ଦଶକରେ ଭାରତରେ କ୍ରୀକେଟ୍‌ର ଅଭ୍ୟୁଦୟ ଏବଂ ଗାଭାସ୍କର କପିଳଦେବ, ବେଦୀ, ଚନ୍ଦ୍ରଶେଖରଙ୍କ ଭଳି ତାରକା ସୃଷ୍ଟି କ୍ରୀକେଟର ସମ୍ମାନ ବୃଦ୍ଧି କରିବା ସହିତ ଫୁଟବଲର ଲୋକପ୍ରିୟତାକୁ ହଜାଇଦେଇଥିଲା। ପରେ ପରେ କ୍ରୀକେଟ୍‌ରେ ପର୍ଯ୍ୟାପ୍ତ ଆର୍ଥିକ ନିବେଶ ଖେଳାଳୀମାନଙ୍କ ସ୍ୱଚ୍ଛଳତା ବୃଦ୍ଧି କରିବା ସହିତ ଫୁଟବଲ ଖେଳାଳୀମାନଙ୍କୁ ତୁଳନାତ୍ମକ ଭାବରେ ଦାରିଦ୍ର୍ୟ ମଧ୍ୟକୁ ଠେଲିନେଇଥିଲା। ଏହି କାରଣରୁ ପ୍ରୋତ୍ସାହନର ଘଟିଥିଲା ପ୍ରଚୁର ଅଭାବ ଏବଂ ଯୁବ ଖେଳାଳୀମାନେ ଫୁଟବଲ ପ୍ରତି ବିମୁଖ ହୋଇ କ୍ରୀକେଟ ପାଇଁ ବେଶୀ ମନବଳାଇବା ଆରମ୍ଭ କରିଦେଇଥିଲେ। ଭାରତୀୟ ହକିରେ ମଧ୍ୟ ଘଟିଥିଲା ଅନୁରୂପ ଅବସ୍ଥା। ଏହା ବ୍ୟତୀତ ଫୁଟବଲ ଖେଳର ପରିଚାଳନାରେ ବ୍ୟାପକ ରାଜନୀତି ଓ ମନମୁଖୀ ଭାବ ମଧ୍ୟ ଖେଳାଳୀମାନଙ୍କୁ ହତୋତ୍ସାହିତ କରିଚାଲିଥିଲା।

ପରିସ୍ଥିତିରେ ଆଜି କିଛିଟା ପରିବର୍ତ୍ତନ ହୋଇଛି। ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଲାଗି ସରକାରୀ ଓ କର୍ପୋରେଟ୍ ସ୍ତରରେ ବ୍ୟାପକ ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବରେ ଜାରି ରହିଲେ ସମୟ ଲାଗିଲେ ମଧ୍ୟ ଗୋଟିଏ ଦିନ ଆସିବ ଯେତେବେଳେ ଭାରତୀୟ ଫୁଟବଲ ତା'ର ଗୌରବଜ୍ଜ୍ୱଳ ଅଧ୍ୟାୟର ପୁନଃପ୍ରବର୍ତ୍ତନ କରିବ।

## ଭାରତୀୟ କ୍ରୀକେଟ୍ ଦଳର ଆଗାମୀ ଖେଳସୂଚୀ

| | | |
|---|---|---|
| ୧୦ ସେପ୍ଟେମ୍ବର | - | ଭାରତ ବନାମ ୟୁ.ଏ.ଇ. (ଏସିଆ କପ୍) |
| ୧୪ ସେପ୍ଟେମ୍ବର | - | ଭାରତ ବନାମ ପାକିସ୍ତାନ (ଏସିଆ କପ୍) |
| ୧୯ ସେପ୍ଟେମ୍ବର | - | ଭାରତ ବନାମ ଓମାନ (ଏସିଆ କପ୍) |
| ୨-୬ ଅକ୍ଟୋବର | - | ଭାରତ-ଇଣ୍ଡିଜ (ପ୍ରଥମ ଟେଷ୍ଟ) |
| ୧୦-୧୪ ଅକ୍ଟୋବର | - | ଭାରତ-ଇଣ୍ଡିଜ (ଦ୍ୱିତୀୟ ଟେଷ୍ଟ) |
| ୧୯ ଅକ୍ଟୋବର | - | ଅଷ୍ଟ୍ରେଲିଆ-ଭାରତ (ପ୍ରଥମ ଏକଦିବସୀୟ) |
| ୨୩ ଅକ୍ଟୋବର | - | ଅଷ୍ଟ୍ରେଲିଆ-ଭାରତ (ଦ୍ୱିତୀୟ ଏକଦିବସୀୟ) |
| ୨୫ ଅକ୍ଟୋବର | - | ଅଷ୍ଟ୍ରେଲିଆ-ଭାରତ (ତୃତୀୟ ଏକଦିବସୀୟ) |
| ୨୯ ଅକ୍ଟୋବର | - | ଅଷ୍ଟ୍ରେଲିଆ-ଭାରତ (ପ୍ରଥମ ଟି-ଟ୍ୱେଣ୍ଟି) |
| ୩୧ ଅକ୍ଟୋବର | - | ଅଷ୍ଟ୍ରେଲିଆ-ଭାରତ (ଦ୍ୱିତୀୟ ଟି-ଟ୍ୱେଣ୍ଟି) |
| ୨ ନଭେମ୍ବର | - | ଅଷ୍ଟ୍ରେଲିଆ-ଭାରତ (ତୃତୀୟ ଟି-ଟ୍ୱେଣ୍ଟି) |
| ୬ ନଭେମ୍ବର | - | ଅଷ୍ଟ୍ରେଲିଆ-ଭାରତ (ଚତୁର୍ଥ ଟି-ଟ୍ୱେଣ୍ଟି) |
| ୮ ନଭେମ୍ବର | - | ଅଷ୍ଟ୍ରେଲିଆ-ଭାରତ (ପଞ୍ଚମ ଟି-ଟ୍ୱେଣ୍ଟି) |
| ୧୪-୧୮ ନଭେମ୍ବର | - | ଭାରତ-ଦ. ଆଫ୍ରିକା (ପ୍ରଥମ ଟେଷ୍ଟ) |
| ୨୨-୨୬ ନଭେମ୍ବର | - | ଭାରତ-ଦ. ଆଫ୍ରିକା (ଦ୍ୱିତୀୟ ଟେଷ୍ଟ) |
| ୩୦ ନଭେମ୍ବର | - | ଭାରତ-ଦ. ଆଫ୍ରିକା (ପ୍ରଥମ ଏକଦିବସୀୟ) |
| ୩ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ଦ୍ୱିତୀୟ ଏକଦିବସୀୟ) |
| ୬ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ତୃତୀୟ ଏକଦିବସୀୟ) |
| ୯ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ପ୍ରଥମ ଟି-ଟ୍ୱେଣ୍ଟି) |
| ୧୧ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ଦ୍ୱିତୀୟ ଟି-ଟ୍ୱେଣ୍ଟି) |
| ୧୪ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ତୃତୀୟ ଟି-ଟ୍ୱେଣ୍ଟି) |
| ୧୭ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ଚତୁର୍ଥ ଟି-ଟ୍ୱେଣ୍ଟି) |
| ୧୯ ଡିସେମ୍ବର | - | ଭାରତ-ଦ. ଆଫ୍ରିକା (ପଞ୍ଚମ ଟି-ଟ୍ୱେଣ୍ଟି) |
| ୧୧ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ପ୍ରଥମ ଏକଦିବସୀୟ) |
| ୧୪ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ଦ୍ୱିତୀୟ ଏକଦିବସୀୟ) |
| ୧୮ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ତୃତୀୟ ଏକଦିବସୀୟ) |
| ୨୧ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ପ୍ରଥମ ଟି-ଟ୍ୱେଣ୍ଟି) |
| ୨୩ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ଦ୍ୱିତୀୟ ଟି-ଟ୍ୱେଣ୍ଟି) |
| ୨୫ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ତୃତୀୟ ଟି-ଟ୍ୱେଣ୍ଟି) |
| ୨୮ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ଚତୁର୍ଥ ଟି-ଟ୍ୱେଣ୍ଟି) |
| ୩୧ ଜାନୁୟାରୀ ୨୦୨୬ | - | ଭାରତ-ନ୍ୟୁଜିଲାଣ୍ଡ (ପଞ୍ଚମ ଟି-ଟ୍ୱେଣ୍ଟି) |
| ୧ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ପ୍ରଥମ ଟି-ଟ୍ୱେଣ୍ଟି) |
| ୪ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ଦ୍ୱିତୀୟ ଟି-ଟ୍ୱେଣ୍ଟି) |
| ୭ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ତୃତୀୟ ଟି-ଟ୍ୱେଣ୍ଟି) |
| ୯ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ଚତୁର୍ଥ ଟି-ଟ୍ୱେଣ୍ଟି) |
| ୧୧ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ପଞ୍ଚମ ଟି-ଟ୍ୱେଣ୍ଟି) |
| ୧୪ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ପ୍ରଥମ ଏକଦିବସୀୟ) |
| ୧୬ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ଦ୍ୱିତୀୟ ଏକଦିବସୀୟ) |
| ୧୯ ଜୁଲାଇ ୨୦୨୬ | - | ଭାରତ-ଇଂଲଣ୍ଡ (ତୃତୀୟ ଏକଦିବସୀୟ) |

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୦୮/୨୦୨୫ ରୁ ତା: ୧୪/୦୯/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




ମେଷ:- ଅତୀର ଦୁଃଖକୁ ଭୁଲି ଆନନ୍ଦ ଉତ୍ସାହର ସହିତ ମାସଟି ବିତାଇପାରନ୍ତି। ମାସର ପ୍ରଥମାର୍ଦ୍ଧ କେତେକ ଶୁଭ କାର୍ଯ୍ୟର ଅନୁକୂଳ କରି ଯଥେଷ୍ଟ ଭାବେ କର୍ମପଥରେ ଆଗେଇପାରିବେ। କିଛି ସମସ୍ୟା ଦେଖାଦେଲେବି ତାହା ଗତିରୋଧ କରାଇବ ନାହିଁ। ବୈଷୟିକ କ୍ଷତିର ଆଶଙ୍କା ନାହିଁ। ବେଳେବେଳେ ନିଜର ଭାବପ୍ରବଣତାରୁ ମନରେ ଅନେକ ଆତଙ୍କ ସୃଷ୍ଟି କରିପାରନ୍ତି। ସତ୍ୟ ଉଦ୍ୟମ, ନିଷ୍ଠାପରତା ଓ କର୍ତ୍ତବ୍ୟ ପରାୟଣତା କାର୍ଯ୍ୟ ସାଧନର ମୂଳଉତ୍ସ ହେବ। ଉତ୍ତମ ବୈଭବର ଉପଭୋକ୍ତା ହେବାରେ ବାଧା ନାହିଁ। ବୃଥା ଭ୍ରମଣ ତଥା ଅନାବଶ୍ୟକ ଚିନ୍ତନ ଗ୍ରହଣୀୟ ନୁହେଁ। ଉପରିସ୍ଥ ମାନଙ୍କଠାରୁ ସ୍ନେହ ସହାନୁଭୂତି ମିଳିବ। ବେପାର ବାଣିଜ୍ୟରେ ନୂତନ ଚିନ୍ତାଧାରା ପ୍ରୟୋଗ କରି ଫଳଭୋକ୍ତା ହେବେ। ସାମାଜିକ ସ୍ତରରେ ମୂଲ୍ୟବୋଧ ବୃଦ୍ଧି ପାଇବ। ବ୍ୟବହାର କୁଶଳତା ଏବଂ ନୀତିନିୟମକୁ ପାଳନ କରି ଆଦୃତି ଲାଭ କରିବେ। ବ୍ୟକ୍ତିଗତ ସ୍ୱାଧୀନତା ଓ ପତିଆରା ଅତୁଟ ରହିବ। ଭ୍ରମଣ ଯୋଗର ସୂଚନା ଅଛି। ଆର୍ଥିକ ଦିଗରୁ ଚିନ୍ତିତ ହେବାର ନାହିଁ। ସୌଖୀନ ଦ୍ରବ୍ୟ କ୍ରୟ କରିବେ। ସଂପର୍କୀୟ ମାନଙ୍କର ବ୍ୟବହାର ଦଳିତଚିତ୍ତ କରାଇବ। ଉଦରପୀଡ଼ା ଓ ଖାଦ୍ୟ ଯୋଗେ ପିତ୍ତ ପ୍ରକୋପ ବୃଦ୍ଧି ପାଇବ। ପାରିବାରିକ ଜୀବନରେ ସହନଶୀଳତା ଅବଲମ୍ବନ କଲେ ଚିନ୍ତିତ ହେବେ ନାହିଁ। ମହିଳାମାନେ ଘରେ ରହିଲେବି ଭୋଗ ବିଳାସରୁ ବଞ୍ଚିତ ହେବେନାହିଁ। ସେବା ମନୋବୃତ୍ତି ଯୋଗେ ଆଦର ପାଇବେ। ବିଦ୍ୟାର୍ଥୀମାନେ ସୁଯୋଗର ସଦୁପଯୋଗ କରିବେ।

ଅଶୁଭ ଦିବସ:- ୧୭, ୧୮, ୨୩, ୨୪, ୨୫ ଅଷ୍ଟମଚନ୍ଦ୍ର:- ୩୧, ୧ ଘାତଚନ୍ଦ୍ର:- ୧୫, ୧୬, ୧୧, ୧୨ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କୁ ଶୁଭଫଳ ପ୍ରଦାନ କରି ଉତ୍ସାହିତ କରିବ। କର୍ମକ୍ଷେତ୍ରରେ ଶତ୍ରୁ ଓ ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ପ୍ରତିହତ କରି ଆଗକୁ ମାଡ଼ିଚାଲିବେ। ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେବାର ନାହିଁ। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜସାଧ୍ୟ ହେବ। ନୂତନ ଉଦ୍ୟମରେ ସିଦ୍ଧିଲାଭ କରିବାର ସମ୍ଭାବନା ଅଧିକ। ଅନ୍ୟମାନଙ୍କର ଉପକାର କରି ଆତ୍ମ ସନ୍ତୋଷ ପ୍ରାପ୍ତ ହେବେ। କ୍ଷମତା ଓ ସମ୍ମାନର ଅଧିକାରରୁ ବଞ୍ଚିତ ହେବେନାହିଁ। ପ୍ରତିଦ୍ୱନ୍ଦିତା କ୍ଷେତ୍ରରେ ଭାବମୂର୍ତ୍ତି ଅକ୍ଷୁର୍ଣ୍ଣ ରଖି ପ୍ରତିଷ୍ଠା ଅଭିବୃଦ୍ଧି ଘଟାଇବାର ମଉକା କରଗତ ହେବ। ବେଳେବେଳେ ମନରେ ଅବସାଦ ଘୋଟିପାରେ। ସାମାଜିକ ସ୍ତର ପ୍ରଶଂସା ମୁଖର ହୋଇପାରେ। ବେପାର ବାଣିଜ୍ୟରୁ ଓ ସରକାରୀ ସ୍ତରରୁ ଲାଭବାନ ହେବାର ଯୋଗ ଅଛି। ବିବାଦୀୟ କ୍ଷେତ୍ରରେ ବିପଦ ନାହିଁ। ଆର୍ଥୀକ ଦିଗର ଚିନ୍ତା ଦୂରେଇଯିବ। ଗୃହ ଉପକରଣ କ୍ରୟ କରି ଗୃହକୁ ସଜାଇ ପାରନ୍ତି। ବିଦ୍ୟା ଅର୍ଜନରେ ଆଗ୍ରହ ସୃଷ୍ଟି ହେବ। ବେଳେବେଳେ ଶାନ୍ତି ପାଇବେ। ଅହେତୁକ ଅର୍ଥ ଲାଭର ଯୋଗ ଅଛି। ଆନ୍ତରୀଣ ଥଣ୍ଡା ଦୋଷ ସହିତ ଖାଦ୍ୟପେୟରେ ଅନିୟମିତତା ଦେଖାଦେବ। ବାୟୁ ବିକାର ଦେଖାଦେଇପାରେ। ପାରିବାରିକ ସ୍ଥିତିରେ ବିଭ୍ରାଟ ଉପୁଜିବ ନାହିଁ। ମହିଳାମାନେ ଆନନ୍ଦ ମୁଖରିତ ପରିବେଶରେ ସମୟ ବିତାଇବେ। ପୋଷାକ ଓ ପରିଧାନ ପ୍ରତି ରୁଚି ବଢ଼ିବ। ବିଦ୍ୟାର୍ଥୀମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ନିମିତ୍ତ ଆପ୍ରାଣ ଚେଷ୍ଟା ଜାରିରଖିବେ।

ଅଶୁଭ ଦିବସ:- ୧୯, ୨୦ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୨୬, ୨୭ ବାକିଦିନ ଶୁଭ।



**ମିଥୁନ:-** ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତି ମାଧମରେ ମାସଟି ଅତିବାହିତ କରିବେ। କର୍ମକ୍ଷେତ୍ରର ପରିସର ସଙ୍କୁଚିତ ହେବାର ନାହିଁ। କର୍ମ ପଥରେ କିଛି ବାଧାବିଘ୍ନ ଉପଗତ ହେଲେବି ତାହାକୁ ଦୃଢ଼ ମୁକାବିଲା କରି ଆଗେଇବେ। ଉପରିସ୍ଥ ମାନଙ୍କଠାରୁ ସାହାଯ୍ୟ ସହଯୋଗ ଆଶା କରିହେବ। ଶତ୍ରୁମାନଙ୍କୁ ଶ୍ରେୟ ମନେ କରିବା ଉଚିତ ହେବନାହିଁ। ଧୈର୍ଯ୍ୟ ଓ କୌଶଳ ଅବଲମ୍ବନ କରି ନିଜକୁ ସୁରକ୍ଷିତ ରଖିପାରିବେ। ସାମାଜିକ ସ୍ତର ଆପଣଙ୍କ ନିମିତ୍ତ ଉତ୍ସାହପ୍ରଦ ହେବ। ପାଖ ଲୋକମାନେ ବେଳେବେଳେ ସମସ୍ୟାର କାରଣ

ବନିପାରନ୍ତି । ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସୁଧାର ହେବ । ଲୋକ ହିତକର କାର୍ଯ୍ୟ ଓ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ । ନେତୃତ୍ୱ ବହନ କରିବାର ଅଛି । ବିବାଦୀୟ କ୍ଷେତ୍ରରୁ ଲାଭବାନ ହେବେ । ଦେବ କର୍ମରେ ଶ୍ରଦ୍ଧା ବଢ଼ିବ । କିଛି ଲୋକ ପରଶ୍ରୀ କାତରତା ଦର୍ଶାଇ ପାରନ୍ତି । ସୌଖୀନ ଦ୍ରବ୍ୟ କ୍ରୟ ସାଙ୍ଗକୁ ଖାଦ୍ୟ ଓ ପୋଷାକର ରୁଚି ବଢ଼ିବ । ଆର୍ଥିକ ଦିଗରୁ ନିଶ୍ଚିନ୍ତ ହେବେ । ଗୁରୁଜନ ମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇବ । ଉଦରପୀଡ଼ା ଓ ଚକ୍ଷୁପୀଡ଼ାର ଶିକାର ହୋଇପାରନ୍ତି । ଗଣ୍ଠିବାତ ରୋଗ ଦେଖାଦେବ । ପାରିବାରିକ ସ୍ଥିତି ମଧ୍ୟମ ଧରଣର ହେବ । ମହିଳାମାନେ ସ୍ୱାର୍ଥପରତା ଗୁଣ ଆପଣେଇବେ । ହାତରେ ଦୁଇପଇସା ପୈଠ କରିବେ । ପରିବାରର ମଙ୍ଗଳ ସାଧନ କରିବେ । ବିଦ୍ୟାର୍ଥୀମାନେ ଅସଫଳ ହେବେ ନାହିଁ ।

ଅଶୁଭ ଦିବସ:- ୨୧, ୨୨, ୨୬, ୨୭ ଅଷ୍ଟମଚନ୍ଦ୍ର:- ୪, ୫, ୬ ଘାତଚନ୍ଦ୍ର:- ୭, ୮ ଅନ୍ୟ ଦିନ ଶୁଭ ।



**କର୍କଟ:-** ଚଳିତ ମାସଟି ଆପଣଙ୍କୁ ପୂର୍ବ ତୁଳନାରେ ଅପେକ୍ଷାକୃତ ଭାବେ ଶୁଭଫଳ ପ୍ରଦାନକରି ଆଶ୍ୱସ୍ତ କରାଇବ । କର୍ମର ଗତିପଥ ସାବଲୀଳ ହେବା ଯୋଗେ ମନରେ ସାହସ ଓ ଉତ୍ସାହ ଭରିଯିବ । ଅହେତୁକ ବାଧା ବିଘ୍ନ, ସମସ୍ୟା ଓ ଶତ୍ରୁପୀଡ଼ାରୁ ଉଦ୍ଧାର ମିଳିବ । ଯୋଜନାବଦ୍ଧ କାର୍ଯ୍ୟକୁ ରୂପାୟନ କରି ଅନ୍ୟମାନଙ୍କର ଶ୍ରଦ୍ଧାର ପାତ୍ର ହେବେ । ନିଜର ଉଦ୍ୟମ ଓ ଈଶ୍ୱରାଭିମୁଖି ହେବା ଫଳରେ କର୍ମସାଧନ କଷ୍ଟକର ହେବନାହିଁ । ସାମାଜିକ ସ୍ତରରେ ଭାବମୂର୍ତ୍ତିର ଔଜ୍ଜଲ୍ୟତା ପରିପ୍ରକାଶ ଘଟିବ । ବିବାଦୀୟ କ୍ଷେତ୍ରରେ ମନସ୍ତାପ କରିବାର ନାହିଁ । ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ପ୍ରକାଶ ପାଇବ । ନିର୍ମାଣ କାର୍ଯ୍ୟରେ ପୂର୍ଣ୍ଣ ମନୋଯୋଗ କରିବେ । ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି । ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ରହିବନାହିଁ । ଆୟ ତୁଳନାରେ ବ୍ୟୟଭାର ଅଧିକ ହେବା ଯୋଗେ ଧାର ଉଧାର କରିପାରନ୍ତି । ଖର୍ଚ୍ଚ ତୁଲାଇବାର ପନ୍ଥା ମିଳିଯିବ । ଶୁଭ କାର୍ଯ୍ୟରେ କିଛି ଖଳ ଲୋକ ବିଭ୍ରାଟ ଘଟାଇବାକୁ ଚେଷ୍ଟା କଲେବି ତାହା ଫଳବତୀ ହେବନାହିଁ । ମାନସିକ ଉଦ୍‌ବେଗ ହ୍ରାସପାଇ ଇଚ୍ଛାଶକ୍ତିର ଅଭିବୃଦ୍ଧି ପରିଲକ୍ଷିତ ହେବ । ଅବୟବରେ ଆଘାତ ଆଣିପାରେ । ପାରିବାରିକ ସମସ୍ୟା ଉପୁଜିବ ନାହିଁ । ମହିଳାମାନେ କର୍ମ ତତ୍ପରତା ପ୍ରଦର୍ଶାଇବେ । ପରିବାର ପ୍ରତି ଉତ୍ସର୍ଗୀକୃତ ଚିନ୍ତାଧାରା ଦେଖାଦେବ । ବିଦ୍ୟାର୍ଥୀମାନେ ଉଚ୍ଚାଭିଳାଷକୁ ପୂରଣ କରିବାରେ ଯତ୍ନବାନ ହେବେ ।

ଅଶୁଭ ଦିବସ:- ୨୮, ୨୯, ୩୦, ୯, ୧୦ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୨୩, ୨୪, ୨୫ ଅନ୍ୟଦିନ ଶୁଭ ।



**ସିଂହ:-** ଶୁଭାଶୁଭ ମିଶ୍ରିତଫଳ ଚଳିତ ମାସରେ ପ୍ରାପ୍ତହେବ । ବହୁ ସମୟରେ କର୍ମାନୁସାରି ଫଳର ଉପଭୋକ୍ତା ହେବେ । ପ୍ରକୃତିସ୍ଥ ହୋଇ ବିଚାର ବୃଦ୍ଧି ପ୍ରୟୋଗ କରି ନିଷ୍ପତ୍ତି ଗ୍ରହଣ କରିବାର ଆବଶ୍ୟକତା ଅଛି । ନିର୍ଦ୍ଧାରିତ କର୍ତ୍ତବ୍ୟ ସଂପାଦନରେ କିଛିଟା ସମୟ ଅତିବାହିତ ହୋଇପାରେ । କର୍ମ ଅଟକିବ ନାହିଁ । ବାଧା ବିଘ୍ନର ଦାପଟକୁ ଏଡ଼ାଇ ଆଗେଇବାର ପ୍ରଚେଷ୍ଟା ଜାରି ରହିବ । ଶତ୍ରୁ ଓ ନକାରାତ୍ମକ ଶକ୍ତି ମୁଣ୍ଡ ଟେକିବାରୁ ଚିନ୍ତିତ ହେଲେବି ସେ ସମସ୍ତ ସମସ୍ୟାକୁ ସମାଧାନ କରିବାରେ ସମର୍ଥ ହେବେ । କାହାରିଠାରୁ ସାମାନ୍ୟ ସହଯୋଗ ଉପଯୁକ୍ତ ସମୟରେ ନ ମିଳିବାରୁ ନିଜ ଉଦ୍ୟମ ପ୍ରାଥମିକତା ପାଇବ । ସାମାଜିକ ସ୍ତରରେ ଭାବମୂର୍ତ୍ତିରେ ମଇଳା ଲାଗିବାର ନାହିଁ । ବିବାଦୀୟ କ୍ଷେତ୍ରରୁ ଆଶ୍ୱସ୍ତ ମିଳିବ । ବେପାର ବାଣିଜ୍ୟରେ ଉତ୍ତମ ମନୋନିବେଶ କରିବେ । ଦେବ କର୍ମରେ ନିଜକୁ ସାମିଲ କରିବେ । ତୀର୍ଥ ଭ୍ରମଣର ଯୋଗ ରହିଛି । ମାଙ୍ଗଳିକ କର୍ମ ନିମିତ୍ତ ତତ୍ପରତା ପ୍ରକାଶ ପାଇବ । ଜମିବାଡ଼ି କାରବାରରେ ଯଥେଷ୍ଟ ଆଗେଇବେ । କେତେକ ସମସ୍ୟାର ସମାଧାନ ଯୋଗେ ସନ୍ତୋଷ ଲାଭ କରିବେ । ଧନର ଅଭାବ ରହିବ ନାହିଁ । କର୍ତ୍ତବ୍ୟ ପାଳନ ସତ୍ତ୍ୱେ ଆଶାଜନକ ସଫଳତା ପ୍ରାପ୍ତି ବିଳମ୍ବ ହୋଇପାରେ । ଥଣ୍ଡା ଓ ଅତ୍ୟଧିକ ଚିନ୍ତା କାରଣରୁ ରକ୍ତଚାପ ଓ ମୁଣ୍ଡବଥା ଦେଖାଦେବ । ପାରିବାରିକ ପରିବେଶ ଆୟତ୍ତାଧୀନ ହେବ । ଲୋକମାନେ ସମସ୍ତ ପରିବେଶକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ । ପତିଙ୍କର ପରାମର୍ଶ କାରିଣୀ ହେବେ । ବିଦ୍ୟାର୍ଥୀମାନେ ନିଜକୁ ସଜାଡ଼ିବାକୁ ଯତ୍ନବାନ ହେବେ ।

ଅଶୁଭ ଦିବସ:- ୧୫, ୧୬, ୩୧, ୧, ୧୧, ୧୨ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୪, ୫, ୬ ଅନ୍ୟଦିନ ଶୁଭ ।




**କନ୍ୟା:-** ମାସଟିରେ ଆପଣଙ୍କ ନିମନ୍ତେ ଶୁଭାଶୁଭ ମିଶ୍ରିତଫଳ ଅବଧାରିତ । କର୍ମକ୍ଷେତ୍ରରେ ବାଧାବିଘ୍ନ ଓ ଅଶାନ୍ତି ଦେଖାଦେଲେବି ପରିସ୍ଥିତି ସହିତ ଲଢ଼େଇକରି ଆଗକୁ ମାଡ଼ି ଚାଲିବେ । କର୍ମର ଗତି ସାମାନ୍ୟ ବିଳମ୍ବିତ ହେବ । ନାନା ଦୁଶ୍ଚିନ୍ତା ପୀଡ଼ିତ ହେବାଫଳରେ ନାନା ପ୍ରକାର ସନ୍ଦେହ ଜାତ ହୋଇପାରେ । ଦୃଢ଼ ମନୋବଳ ଓ ଆଚାର ବ୍ୟବହାରକୁ ସୁସଂଯତ କରିପାରିଲେ ବିପର୍ଯ୍ୟସ୍ତ ପରିବେଶକୁ ଅନେକାଂଶରେ ସଜାଡ଼ି ଦେଇହେବ । ଦୈବୀକୃପା ଯୋଗେ କେତେକ ମାରାତ୍ମକ ଅପଶକ୍ତି ଅପସରି ଯାଇପାରେ । ସାମାଜିକ ମୂଲ୍ୟବୋଧରେ ଉନ୍ନତି ପରିଲକ୍ଷିତ ହେବ । ଆପଣାରମାନେ ଖରାପ ପରିସ୍ଥିତିରେ ଦୂରେଇଯାଇ ପାରନ୍ତି । ନିଜର ବ୍ୟକ୍ତିତ୍ୱକୁ ଆଧାର କରି ଅନେକ କ୍ଷେତ୍ରରେ ପରାକ୍ରମକୁ ଅକ୍ଷୁର୍ଣ୍ଣ ରଖିବେ । ବେପାର ବାଣିଜ୍ୟରେ ନିଜ ବୁଦ୍ଧି ବଳରେ କାରବାର ଚାଲୁରଖିବେ । ଆର୍ଥିକ ଦିଗରୁ ଚିନ୍ତିତ ହେବାର ନାହିଁ । ଅହେତୁକ ଖର୍ଚ୍ଚ ବୃଦ୍ଧିପାଇବ । ଐଶ୍ୱରୀୟ ଚିନ୍ତାଧାରାକୁ ପ୍ରାଧାନ୍ୟ ଦେବେ । ବିବାଦୀୟ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଳମ୍ବ ହେବ । ସାମୟିକ ଶରୀର ଅସୁସ୍ଥି ସହିତ ପୁରାତନ ବ୍ୟାଧି ଦେଖାଯାଇପାରେ । ପାରିବାରିକ ଜୀବନରେ ବିଶୃଙ୍ଖଳା ଘଟିବାର ନାହିଁ । ମହିଳାମାନେ ବହୁ ଚିନ୍ତାକୁ ବହନ କରି କର୍ତ୍ତବ୍ୟରେ ଆଗେଇବେ । ଅସମ୍ଭବରେ ମଧ୍ୟ ସମ୍ଭାବନା ସୃଷ୍ଟି କରିବେ । ବିଦ୍ୟାର୍ଥୀମାନେ ଚଞ୍ଚଳ ମନା ହେବେ ।

ଅଶୁଭ ଦିବସ:- ୧୭, ୧୮, ୨, ୩, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧, ୧୨ ଘାତଚନ୍ଦ୍ର:- ୧୯, ୨୦ ଅନ୍ୟଦିନ ଶୁଭ।



**ତୁଳା:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ପ୍ରଦାନ କରିବାର ସମ୍ଭାବନା ଅଧିକ। କର୍ମକ୍ଷେତ୍ରର ଗତି ଅବ୍ୟାହତ ରହିବା ଯୋଗେ ଦୁଶ୍ଚିନ୍ତା ଅଥବା ଅବସାଦ ଗ୍ରସ୍ତ ହେବେନାହିଁ। କର୍ତ୍ତବ୍ୟ ପରାୟଣତା ଯୋଗେ ମର୍ଯ୍ୟାଦାବନ୍ତ ହେବାର ସୂଚନା ମିଳୁଛି। ସାମାଜିକ ତଥା ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧିପାଇବ। ସହଯୋଗୀମାନଙ୍କ ହାତ ଲମ୍ବି ଆସିପାରେ। ବୈଷୟିକ ଅଭିବୃଦ୍ଧି ପରିଲକ୍ଷିତ ହେବ। ନୂତନ କୌଶଳ ଅବଲମ୍ବନ କରି କାର୍ଯ୍ୟ ସଂପାଦନ କରିବେ। ଉଚ୍ଚାଶା ପରିପୂର୍ତ୍ତି ନିମନ୍ତେ ଉଦ୍ୟମଶୀଳ ହେଲେ ନିରାଶ ହେବାକୁ ପଡ଼ିବ ନାହିଁ। ଅଳ୍ପ ତ୍ୟାଗ କରି ଅନେକ କିଛି ପାଇବାର ମଉକା ମିଳିବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ବ୍ୟବହାର କୁଶଳତା ତଥା ମଧୁର ବଚନଦ୍ୱାରା ଶତୃଜିତ୍ ହେବେ। ବେପାର ବାଣିଜ୍ୟର ଧାରା ପ୍ରସାରିତ ହେବ। କଠିନ ପରିଶ୍ରମର ବୋଝ ମୁଣ୍ଡାଇ ଭୋଗ ବିଳାସରୁ ବଞ୍ଚିତ ହୋଇପାରନ୍ତି। ଲୋକ ସଂପର୍କରୁ ନିଜର ଇଷ୍ଟ ସାଧନ ସହଜ ସରଳ ହେବ। ମାଙ୍ଗଳିକ ତଥା ଭବିଷ୍ୟତ କର୍ମ ଯୋଜନାରେ ଅଗ୍ରଣୀ ହେବେ। ଆଶାର ପରିସୀମା ବୃଦ୍ଧି ପାଇବ। ଥଣ୍ଡା, ଚକ୍ଷୁରୋଗ ଓ ରକ୍ତଶର୍କରା ଦେଖାଦେବ। ପାରିବାରିକ ଜୀବନ ସୁଖକର ହେବ। ମହିଳାମାନେ ନିଜ କର୍ମରେ ମଗ୍ନ ରହି ପରିବେଶକୁ କରାୟତ୍ତ କରିବେ। ଅଭିଳାଷ ପୂରଣରେ ବ୍ରତୀ ହେବେ। ବିଦ୍ୟାର୍ଥୀମାନେ ପଛେଇ ଯିବାର ଆଶଙ୍କା ନାହିଁ।

ଅଶୁଭ ଦିବସ:- ୧୯, ୨୦, ୨୬, ୨୭, ୪, ୫, ୬ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୨, ୩ ବାକିଦିନ ଶୁଭ।



**ବିଛା:-** ମାସଟି ଆପଣଙ୍କ ନିମିତ୍ତ ବହୁଧା ସୁଖ ପ୍ରଦାନ କରିବାର ଇଙ୍ଗିତ ପ୍ରଦାନ କରୁଛି। କର୍ମକ୍ଷେତ୍ରରେ ବିନାବାଧାରେ ବିନା କାହାରି ସାହଯ୍ୟ ସହଯୋଗ ବିନା ନିଜ ଗୋଡ଼ରେ ବାଟଚାଲି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇପାରନ୍ତି। ଶତୃମାନଙ୍କ ପତନ ଯୋଗୁ କର୍ମପଥ ନିରଙ୍କୁଶ ହେବ। ପ୍ରତିରୋଧ ଓ ସହଯୋଗର ମିଶ୍ରଣ ଘଟିବା ଯୋଗେ ନିଜର ସାହାସ ଓ ମନୋବଳ ଖଟାଇ ଭାବମୂର୍ତ୍ତି ବୃଦ୍ଧି କରିବେ। କଠିନ ପରିଶ୍ରମ ଦ୍ୱାରା ଅସମ୍ଭବକୁ ସମ୍ଭବରେ ପରିଣତ କରି ଆତ୍ମସନ୍ତୋଷ ପ୍ରାପ୍ତ ହେବେ। ସେବା ଓ ଦାନ ଦକ୍ଷିଣା ପ୍ରତି ଆଗ୍ରହ ବୃଦ୍ଧିହେବ। ସାମାଜିକ କ୍ଷେତ୍ରରୁ ପ୍ରୋତ୍ସାହନ ପ୍ରାପ୍ତ ହେବେ। ବେପାର ବାଣିଜ୍ୟର ଧାରା ଅବାରିତ ରହିବ। ମହଜୁଦ ପଦାର୍ଥର ପରିମାଣ ବୃଦ୍ଧିପାଇବ। ପ୍ରତିଦ୍ୱନ୍ଦିତା କ୍ଷେତ୍ରରେ ମୁଣ୍ଡ ଉଚ୍ଚ ରଖିଲେବି, ଆର୍ଥୀକ ଦିଗ ସଙ୍କୁଚିତ ହେବାର ନାହିଁ। କ୍ଳାନ୍ତି ଓ ଅବସନ୍ନତାର ଦାପଟ ଲାଗିପାରେ। ଗୃହ ମରାମତି ଓ ସୌଖୀନ ଦ୍ରବ୍ୟ ଦ୍ୱାରା ଗୃହକୁ ସଜାଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ଛାମୁଆ ଭୂମିକା ନିର୍ବାହ କରିବେ। ସ୍ନାୟବିକ ଓ ବାତ ବିକାର ରୋଗ ଦେଖାଦେବ। ଭ୍ରମଣ ଏକାନ୍ତ ଆବଶ୍ୟକ। ପାରିବାରିକ ଜୀବନ ଶାନ୍ତିପ୍ରଦ ହେବ। ମହିଳାମାନେ ଧନବଳ, ମନୋବଳ ଓ ଦେହ ବଳରେ ବଳୀୟାନ ହେବେ। କଷ୍ଟକର ପରିବେଶକୁ ସହଜରେ ପରିଣତ କରିବେ। ବିଦ୍ୟାର୍ଥୀମାନେ ଉତ୍ତମ ପଥ ନିର୍ଦ୍ଧାରଣ କରିବେ।

ଅଶୁଭ ଦିବସ:- ୨୧, ୨୨, ୨୮, ୨୯, ୭, ୮, ୯, ୧୦ ଅଷ୍ଟମଚନ୍ଦ୍ର:- ୧୯, ୨୦ ଘାତଚନ୍ଦ୍ର:- ୧୭, ୧୮, ୧୩, ୧୪ ଅନ୍ୟ ଦିନ ଶୁଭ।



**ଧନୁ:-** ଚଳିତ ମାସଟିରେ ଆପଣଙ୍କ ପକ୍ଷେ ପୂର୍ବ ମାସ ତୁଳନାରେ ଅଧିକ ଶୁଭଫଳ ମିଳିବ। କ୍ଳାନ୍ତ, ଅବସନ୍ନତା ଓ ଏକଲାବୋଧକୁ ଦୃଢ଼ତାର ସହିତ ଏଡ଼ାଇଦେଇ କର୍ମମୁଖର ହେବେ। ନିରୁପଦ୍ରବ ଜୀବନ ଚର୍ଯ୍ୟା ଅତୁଟ ରଖି ଭବିଷ୍ୟତ ନିର୍ମାଣରେ ଯତ୍‌ପରୋନାସ୍ତି ଚେଷ୍ଟା ଜାରିରଖିବେ। ପୂର୍ବର କିଛି ଅଶାନ୍ତି ଦୂରେଇଯିବା କାରଣରୁ କର୍ମ ସଂପାଦନ ନିମିତ୍ତ ଆଗ୍ରହ ସୃଷ୍ଟିହେବ। ଶତୃମାନଙ୍କ ମୁଖ ମନେ ପଡ଼ିବା ସହିତ ଉପରିସ୍ଥ ମାନଙ୍କଠାରୁ ଆଦର ଓ ପ୍ରୋତ୍ସାହନ ମିଳିବ। କର୍ମକ୍ଷେତ୍ରରେ ନୂତନ ମାର୍ଗର ଆବିଷ୍କାର କରିପାରନ୍ତି। ସାମାଜିକ ସ୍ତରରେ ଉଚ୍ଚମନ୍ୟତା ପ୍ରାପ୍ତି ଘଟିବ। କେତେକ ଖଳ ଲୋକ ଫାଇଦା ଉଠାଇବା ନିମିତ୍ତ ଜାଲ ବିଛାଇଲେବି ସେଥିରେ ଛନ୍ଦି ହେବାର ନାହିଁ। ଆର୍ଥିକ ଦିଗ ସବଳ ରହିବ। ପରିବାରରେ ଅନ୍ୟମାନଙ୍କ ଚାହିଦା ବଢ଼ିପାରେ। ବେପାର ବାଣିଜ୍ୟ ଉନ୍ନତିର ମାର୍ଗରେ ଧାବିତ ହେବ। ବିବାଦୀୟ କ୍ଷେତ୍ର ନିମିତ୍ତ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ଇଷ୍ଟକର୍ମ ଓ ଦେବକର୍ମରେ ଶ୍ରଦ୍ଧା ବଳିବ। ପତିତ ଧନ ହାତକୁ ଆସିବ ଓ ବନ୍ଧୁ ମିଳନର ଯୋଗ ଅଛି। ସୃଜନଶୀଳ ଚିନ୍ତାଧାରା ବୃଦ୍ଧିପାଇବ। ମାନସିକ ଓ ସ୍ନାୟବିକ ଦୁର୍ବଳତା ଶିଥିଳ କରିପାରେ। ପାରିବାରିକ ଜୀବନରେ ଅଶାନ୍ତି ବୋଧ କରିବାର ନାହିଁ। ମହିଳାମାନେ ଆନନ୍ଦର ସହିତ ସମୟ କଟାଇବେ। ବନ୍ଧୁ ମିଳନ ଓ ବନ୍ଧୁଚର୍ଚ୍ଚାର ଯୋଗ ଅଛି। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ଦିଗରେ ଆଗେଇବେ।

ଅଶୁଭ ଦିବସ:- ୧୫, ୧୬, ୨୩, ୨୪, ୨୫, ୩୧, ୧, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୧, ୨୨ ଘାତଚନ୍ଦ୍ର:- ୯, ୧୦ ଅନ୍ୟଦିନ ଶୁଭ।



**ମକର:-** ମାସଟିରେ ଆପଣଙ୍କୁ ଶୁଭା ଶୁଭ ମିଶ୍ରିତ ଫଳ ପ୍ରାପ୍ତହେବ। କର୍ମକ୍ଷେତ୍ରରେ ଅକ୍ଳାନ୍ତ ପରିଶ୍ରମ ତଥା ଅଦମ୍ୟ ଉଦ୍ୟମ ଦ୍ୱାରା ସଫଳତା ପ୍ରାପ୍ତ କରିବେ। ପ୍ରତ୍ୟକ୍ଷ ଓ ପରୋକ୍ଷ ଶତୃମାନେ ପଥ ଓଗାଳିବାକୁ ଚେଷ୍ଟା କଲେବି ସେ ସବୁକୁ ହଜମ କରି ନିଜ ବାଟରେ ଚାଲିବେ। ଆତ୍ମୀୟମାନେ ଅଡୁଆରେ ପକାଇପାରନ୍ତି। କେତେକ ପରିବେଶରେ ଧର୍ମ ସଙ୍କଟ ଆଡ଼କୁ ଟାଣିହୋଇପାରନ୍ତି। ଆନୁଷ୍ଠାନିକ କର୍ମରେ ସାମାନ୍ୟ ଶିଥିଳତା ପରିଲକ୍ଷିତ ହେବ। ପରିଶ୍ରମ ଯୋଗେ ତଥା କର୍ତ୍ତବ୍ୟରେ ବୁଡି ରହିବା ଯୋଗେ ଅଏସ ଆରାମ ନିମିତ୍ତ ସମୟର ଅଭାବ ଘଟିବ। ପରିବାର ଓ ସମାଜ ପାଇଁ କିଛି କରିବାକୁ ଚେଷ୍ଟିତ ହେବେ। ଆର୍ଥିକ ଦିଗ ସବଳ ରହିବ

ତେବେ ଅନାବଶ୍ୟକ ଦିଗରେ କିଛି ଅର୍ଥ ଶ୍ରାଦ୍ଧ ହେବାର ଅଛି । ଭୋଗ ଓ ଆସକ୍ତି ବଢ଼ିବା ଯୋଗେ ଅବଶୋଷଯୁକ୍ତ ହେବେ । ସାମାଜିକ ସ୍ତରରେ ସମ୍ମାନରେ ବଢ଼ତି ହେବ । ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ । ଆକସ୍ମିକ ଅର୍ଥଲାଭ ହେବ । ବେପାର ବାଣିଜ୍ୟରେ ଖଟଣୀ ଅଧିକ ହେଲେବି ଲାଭବାନ ହେବେ । ବାତ ପିତ୍ତ ପ୍ରକୋପ ସାଙ୍ଗକୁ ଚକ୍ଷୁ ଓ ଚର୍ମରୋଗ ଦେଖାଦେବ । ପାରିବାରିକ ଜୀବନରେ ଅଶାନ୍ତି ଭୋଗିବାର ନାହିଁ । ମହିଳାମାନେ ନେତୃତ୍ୱ ବହନ କରି ନିଜକୁ ପ୍ରତିଷ୍ଠିତ କରାଇବେ । ଲୋକ ସଂପର୍କରେ ଅଭିବୃଦ୍ଧି ଘଟିବା ଭୋଗ ବିଳାସର ଇଚ୍ଛା ବଢ଼ିବ । ମାଙ୍ଗଳିକ କାର୍ଯ୍ୟରେ ଆଗୁଆ ହେବେ । ବିଦ୍ୟାର୍ଥୀମାନେ ଭୋଗ ବିଳାସ ପ୍ରତି ଆଗ୍ରହ ପ୍ରକାଶ କରିବେ ।

ଅଶୁଭ ଦିବସ:- ୧୭, ୧୮, ୨, ୩, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୪, ୨୫ ଅନ୍ୟଦିନ ଶୁଭ ।



**କୁମ୍ଭ:-** ମାସଟି ମିଶ୍ରଫଳ ଦାୟକ ହେଲେବି ଅଶୁଭ ଅପେକ୍ଷା ଶୁଭଫଳର ପରିମାଣ ଅଧିକ ହେବାର ସୂଚନା ମିଳୁଛି । ପୂର୍ବ ତୁଳନାରେ ଉଦ୍‌ବେଗ ଓ ଅସ୍ଥିରତାର ହ୍ରାସ ଘଟିବା ଯୋଗେ ମନୋବଳ ଓ ଶାରିରୀକ ଦୁର୍ବଳତା ଦୂରହେବ । ପାଖ ଲୋକମାନେ ଉପଯୁକ୍ତ ସମୟରେ ସାହାରା ଦେଇନପାରନ୍ତି । କର୍ମକ୍ଷେତ୍ରରେ ସଂଘର୍ଷ କରି ଆଗେଇବା ଯୋଗେ କାର୍ଯ୍ୟସାଧନ ସାମାନ୍ୟ ବିଳମ୍ବିତ ହୋଇପାରେ । ଦୂର ସଂପର୍କୀୟମାନେ ସାହାଯ୍ୟର ହାତ ବଢ଼ାଇବେ । ନିଜକୁ ଶାନ୍ତ ରଖି ଚଳିଲେ ବିଶେଷ ଦୂରାବସ୍ଥା ଉପୁଜିବ ନାହିଁ । ସାମାଜିକ ସ୍ତରରେ ଲୋକାଦୃତିର ବୃଦ୍ଧି ଘଟିବ । ବିବାଦୀୟ କ୍ଷେତ୍ର ସହଜ ସରଳ ହେବ । ଆର୍ଥୀକ ଦିଗ ଚଳନୀୟ ହେବ । ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ । ମୋହ ଆସକ୍ତିରୁ ଯଥା ସମ୍ଭବ ଦୂରେଇ ପାରିଲେ ଜଂଜାଳରୁ ମୁକ୍ତି ମିଳିବ । ବେପାର ବାଣିଜ୍ୟକୁ ପରିଚାଳନା ନିମିତ୍ତ କଠୋର ପରିଶ୍ରମର ଆବଶ୍ୟକତା ଅଛି । ଶରୀର ପୀଡ଼ା ଅପେକ୍ଷା ମନର ଦୁର୍ବଳତା ଅସୁସ୍ଥିବୋଧ କାରକ ହେବ ।  ପାରିବାରିକ ସ୍ତରରେ ସନ୍ତୁଳନ ରକ୍ଷା କଲେ ଶାନ୍ତି ପାଇବେ । ମହିଳାମାନେ ଭୋଗ ବିଳାସରୁ ବଞ୍ଚିତ ହୋଇପାରନ୍ତି । ପରିବାର ପ୍ରତି କର୍ତ୍ତବ୍ୟ ନିର୍ବାହ କରୁ କରୁ ନିଜେ ଅସୁସ୍ଥ ହୋଇପାରନ୍ତି । ଖାଦ୍ୟପେୟ ଓ ବିଶ୍ରାମ ପ୍ରତି ଧ୍ୟାନଦେବା ଆବଶ୍ୟକ । ବିଦ୍ୟାର୍ଥୀମାନେ ବିରକ୍ତିଭାବ ପୋଷଣ କରିବା ଫଳରେ ଉଚିତ୍ ପଥକୁ ଅବହେଳା କରିବେ ।

ଅଶୁଭ ଦିବସ:- ୧୯, ୨୮, ୪, ୫, ୬, ୯, ୧୦ ଅଷ୍ଟମଚନ୍ଦ୍ର:- ୨୬, ୨୭ ଘାତଚନ୍ଦ୍ର:- ୨, ୩



**ମୀନ:-** ମାସଟି ଆପଣଙ୍କୁ ଶୁଭଫଳ ଦେବାର ସମ୍ଭାବନା ଅଧିକ । କର୍ମକ୍ଷେତ୍ରର ଗତି ଆଖିଦୃଶିଆ ହେବ । ଶତୃମାନେ ହୀନବଳ ହୋଇ ପଡ଼ିବା କାରଣରୁ ନିରୁପଦ୍ରବ ଜୀବନଚର୍ଯ୍ୟାର ଅବସର ମିଳିବ । ଗଠନମୂଳକ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାରେ ଆଗୁଆ ହେବେ । ମନର ବିଭ୍ରାନ୍ତି ଦୂର ହେବ । ସାମାଜିକ ସ୍ତରରେ ଅନ୍ୟମାନଙ୍କ ବିଶ୍ୱାସ ଭାଜନ ହେବେ । ଆନୁଷ୍ଠାନିକ କର୍ମକୁଶଳତା ଆଖି ଦୃଶିଆ ହେବ । ବିବାଦୀୟ କ୍ଷେତ୍ରରେ ନିଜର ବଡ଼ପଣିଆ ବଜାୟ ରହିବ । ବେପାର ବାଣିଜ୍ୟରେ ଅର୍ଥ ବଳ ଓ ବୁଦ୍ଧି ଖଟାଇ ଲାଭବାନ ହେବେ । ଆର୍ଥିକ ଦିଗ ଦୁର୍ବଳ ହେବାର ନାହିଁ । ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ । ଭ୍ରମଣ ଯୋଗେ ଆତ୍ମ ସନ୍ତୋଷ ମିଳିବ । ଅକସ୍ମାତ୍ ଧନଲାଭର ଯୋଗ ଅଛି । ଦାନ ଧର୍ମ ଓ ଦେବକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଲୋକ ସଂପର୍କ ଓ ବିଶ୍ୱସ୍ତତା ଯୋଗେ ଅନେକ କାର୍ଯ୍ୟ ସାଧନ କରିପାରନ୍ତି । ବଡ଼ ଧରଣର ଅସୁସ୍ଥିପୀଡ଼ାର କବଳିତ ନହେଲେବି ପୁରାତନ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବ । ପାରିବାରିକ ଜୀବନ କଷ୍ଟକର ହେବନାହିଁ । ପରସ୍ପର ସହଯୋଗରେ ସୁଖଶାନ୍ତି କାଏମ ରହିବ । ମହିଳାମାନେ ପରିବାର, ବନ୍ଧୁବାନ୍ଧବ ଓ ସମାଜ ସ୍ତରରେ ପ୍ରମୁଖ ଭୂମିକା ନିର୍ବାହ କରିବେ । ବନ୍ଧୁମିଳନ ଜନିତ ଖର୍ଚ୍ଚାନ୍ତ ହୋଇପାରନ୍ତି । ବିଦ୍ୟାର୍ଥୀମାନେ ସ୍ଥାନ ମାନ ବଜାୟ ରଖିବାରେ ସମର୍ଥ ହେବେ ।

ଅଶୁଭ ଦିବସ:- ୧୫, ୧୬, ୨୧, ୨୨, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୮, ୨୯, ୩୦ ଘାତଚନ୍ଦ୍ର:- ୭, ୮ ଅନ୍ୟଦିନ ଶୁଭ ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*